
ଅଭିଷେକଙ୍କ ଛକା ବର୍ଷାରେ ମୁଁ ଚକିତ
ପୃଷ୍ଠା ୭

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 32 | ISSUE 311 | ଭାଗ ୩୨ | ସଂଖ୍ୟା ୩୧୧ | Bhubaneswar | Tuesday 4 February 2025 | Page 8 Rs. 4.00 | ଭୁବନେଶ୍ୱର ମଙ୍ଗଳବାର ୪ ଫେବୃଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

## ଅନ୍ ଦି ସ୍ପଟ୍ ଆକ୍ସନ



● ଆଲୋକଙ୍କୁ ଚିକିତ୍ସା, ପ୍ରତ୍ୟୁଷାଙ୍କୁ ୫ ଲକ୍ଷ
● ୭ ପାଳିରେ ୮୧% ମାମଲାର ସମାଧାନ

**ଭୁବନେଶ୍ୱର,୩।୨(ସଂଚାର ବ୍ୟୁରୋ):** ଲୋକଙ୍କ ମୁଖ୍ୟମନ୍ତ୍ରୀଙ୍କ ଲୋକଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଆଜି ଥିଲା ଅଷ୍ଟମ ପାଳି। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଦାୟିତ୍ୱ ନେବା ପରଠାରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଅଧିକ କ୍ରିୟାଶୀଳ ହୋଇଛି। ମୁଖ୍ୟମନ୍ତ୍ରୀ, ସାଧାରଣ ଲୋକଙ୍କ ସୁଖଦୁଃଖ ଶୁଣିବା ଓ ସମସ୍ୟାର ସମାଧାନ ଉପରେ ସବୁବେଳେ ଗୁରୁତ୍ୱ ଦେଇଆସିଛନ୍ତି। ଏହି କ୍ରମରେ ଆଜି ବୌଦ୍ଧ ଜିଲ୍ଲାର ହେରମ୍ବ ଗିରି ତାଙ୍କ ୭ ବର୍ଷର ଝିଅ ପ୍ରତ୍ୟୁଷାଙ୍କୁ ନେଇ ଅଭିଯୋଗ ପ୍ରକୋଷ୍ଠକୁ ଆସିଥିଲେ। ଝିଅଟି ଜେରୋଡର୍ମା ନାମକ ଏକ ଜଟିଳ ରୋଗରେ ପୀଡ଼ିତ ହୋଇଥିବା ବେଳେ ଏହାର ଚିକିତ୍ସା ବେଶ୍ ବ୍ୟୟସାପେକ୍ଷ। ଗତ ଡିସେମ୍ବର ୩୦ ତାରିଖରେ ମଧ ସେ ମୁଖ୍ୟମନ୍ତ୍ରୀଙ୍କୁ ଆସି ଦେଖା କରିଥିଲେ। ମୁଖ୍ୟମନ୍ତ୍ରୀ ପ୍ରତ୍ୟୁଷାଙ୍କ ଅବସ୍ଥା ଦେଖି ତାଙ୍କୁ ତୁରନ୍ତ କ୍ୟାପିଟାଲ ହସ୍ପିଟାଲ ଓ ପରବର୍ତ୍ତୀ ପର୍ଯ୍ୟାୟରେ କଟକ ବଡ଼ ମେଡିକାଲକୁ ପଠାଇ ଚିକିତ୍ସା ବ୍ୟବସ୍ଥା କରିଥିଲେ। ମାସାଧିକ କାଳ ଚିକିତ୍ସା ହୋଇ ଫେରିବା ପରେ ସେ ଆଜି ପୁଣି ମୁଖ୍ୟମନ୍ତ୍ରୀଙ୍କୁ ଆସି ସହାୟତା ପାଇଁ ଦେଖା କଲେ। ମୁଖ୍ୟମନ୍ତ୍ରୀ ତାଙ୍କ କଷ୍ଟ ଓ ବାପା-ମା'ଙ୍କ ଅସହାୟତାକୁ ହୃଦୟଙ୍ଗମ କରି ଅଭିଯୋଗ ପ୍ରକୋଷ୍ଠରେ ସିଙ୍ଗଲ ୱିଣ୍ଡୋ ସିଷ୍ଟମ୍‌ରେ ଚିକିତ୍ସା ବାବଦକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ➩ପୃଷ୍ଠା-୬

ଓଡ଼ିଶା ପାଇଁ ଐତିହାସିକ ରେଳ ବଜେଟ୍

# ରେକର୍ଡ ଅନୁଦାନ ଓ ଅଭୂତପୂର୍ବ ଭିତ୍ତିଭୂମିର ବିକାଶ

ପୂର୍ବବର୍ଷ ତୁଳନାରେ ୧୨.୫ ପ୍ରତିଶତ ଅଧିକ



**କେଉଁ ବର୍ଷ କେତେ ଅନୁଦାନ**
- ୨୦୧୯-୨୦: ୪,୫୬୮ କୋଟି
- ୨୦୨୦-୨୧: ୫,୨୯୬ କୋଟି
- ୨୦୨୧-୨୨: ୬,୪୭୧ କୋଟି
- ୨୦୨୨-୨୩: ୯,୭୩୪ କୋଟି
- ୨୦୨୩-୨୪: ୧୦,୦୧୨ କୋଟି
- ୨୦୨୪-୨୫: ୧୦,୫୩୬ କୋଟି
- ୨୦୨୫-୨୬: ୧୦,୫୯୯ କୋଟି

**ଭୁବନେଶ୍ୱର,୩।୨(ସଂଚାର ବ୍ୟୁରୋ):** ରେଳ ବଜେଟ ୨୦୨୫-୨୬ରେ ଓଡ଼ିଶାକୁ ସ୍ୱତନ୍ତ୍ର ଫୋକସ୍‌ରେ ରଖିଛନ୍ତି କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ରେଳବାଇ କ୍ଷେତ୍ରରେ ଚଳିତ ବଜେଟରେ ରାଜ୍ୟ ପାଇଁ ୧୦ ହଜାର ୫୯୯ କୋଟି ଟଙ୍କାର ରେକର୍ଡ ଅନୁଦାନ ଘୋଷଣା କରିଛନ୍ତି। ପୂର୍ବ ବର୍ଷ ତୁଳନାରେ ଏହା ସାଢ଼େ ୧୨ ପ୍ରତିଶତ ଅଧିକ ହୋଇଥିବା ବେଳେ ରେଳ ବଜେଟ୍ ଇତିହାସରେ ଏହା ରାଜ୍ୟ ପାଇଁ ସର୍ବାଧିକ ଅନୁଦାନ ବୋଲି ବୈଷ୍ଣବ କହିଛନ୍ତି। ତାଙ୍କ କହିବାନୁସାରେ, ଓଡ଼ିଶାକୁ ରେଳବାଇ କ୍ଷେତ୍ରରେ ୧୦ ହଜାର ୫୯୯ କୋଟି ଟଙ୍କା ମିଳିଛି। ଗତ ୩ ବର୍ଷ ହେଲା ଓଡ଼ିଶାକୁ ରେଳ କ୍ଷେତ୍ରରେ ୧୦ ହଜାର କୋଟି ଉପରେ ମିଳିଆସୁଛି। ଗତ ୧୦ ବର୍ଷ ମଧ୍ୟରେ ଓଡ଼ିଶାରେ ୨ ହଜାର ୪୬ କିମି ନୂଆ ରେଳ ଧାରଣା ତିଆରି ହୋଇଛି। ଓଡ଼ିଶାରେ ଏବେ ୧୮୯୮ କିମିର କବଚ କାମ ସରିଛି। ଆଗାମୀ ୬ ବର୍ଷ ମଧ୍ୟରେ ପୂରା ଦେଶରେ କବଚ କାର୍ଯ୍ୟ ଶେଷ ହେବା ନେଇ ଲକ୍ଷ୍ୟ ରହିଛି। ଏହାଛଡ଼ା ରାଜ୍ୟରେ ଅମୃତ ଭାରତ ଯୋଜନାରେ ୫୯ଟି ନୂଆ ଷ୍ଟେସନ ନିର୍ମାଣାଧୀନ ରହିଛି। ଓଡ଼ିଶାରେ ୭୮ ହଜାର କୋଟି ମୂଲ୍ୟର ପ୍ରକଳ୍ପ କାର୍ଯ୍ୟ ବି ଜାରି ରହିଛି। ଗତବର୍ଷ ଜୁଲାଇରୁ ଅଦ୍ୟାବଧି ମୋଟ ୨୦ ହଜାର କୋଟି ଟଙ୍କାର ପ୍ରୋଜେକ୍ଟକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନୁମୋଦନ ଦେଇସାରିଛନ୍ତି। ଏବେ ରାଜ୍ୟରେ ୬ଟି ବନ୍ଦେ ଭାରତ ଟ୍ରେନ ଚାଲିଥିବା ବେଳେ ଖୁବଶୀଘ୍ର ନୂଆ ଟ୍ରେନ ଚାଲିବ। ଆନ୍ଧ୍ର, ପଶ୍ଚିମବଙ୍ଗ ଓ ଛତିଶଗଡ଼କୁ ଏହିସବୁ ଟ୍ରେନ ଚଳାଚଳ କରୁଛି। ଏହାଛଡ଼ା କୋଲକାତାରୁ ଚେନ୍ନାଇ ରେଳପଥକୁ ସମ୍ପୂର୍ଣ୍ଣ ଭାବେ ୪ ଲେନ୍ ବିଶିଷ୍ଟ କରାଯିବ। ଏବେ ବିଶାଖାପାଟଣା ପର୍ଯ୍ୟନ୍ତ ୩ ଲେନ୍ ପାଇଁ କାମ ଚାଲିଛି, ଯେଉଁଥିରେ କୋଲକାତାରୁ ଭଦ୍ରକ କାମ ଖୁବଶୀଘ୍ର ସମାପ୍ତ ହେବ ବୋଲି କେନ୍ଦ୍ର ରେଳ ମନ୍ତ୍ରୀ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ଓଡ଼ିଶାରେ ୧,୮୯୮ କିମି ରେଳ ଧାରଣାରେ କବଚ ଇନଷ୍ଟଲେସନ କାର୍ଯ୍ୟ ଜାରି ରହିଛି। ଚଳିତ ବର୍ଷ ବଜେଟରେ ୧ ଲକ୍ଷ ୧୪ ହଜାର କୋଟି ଟଙ୍କା କେବଳ ରେଳବାଇ କ୍ଷେତ୍ରରେ ସୁରକ୍ଷା ପାଇଁ ବ୍ୟୟବରାଦ କରାଯାଇଛି। ରାଜ୍ୟରେ ଶତ ପ୍ରତିଶତ ବୈଦ୍ୟୁତିକୀକରଣ କାମ ବି ସମାପ୍ତ ହୋଇଛି। ଏଥିସହ ରେଳୱେ ସୁରକ୍ଷା ପାଇଁ ୧.୪୧ ଲକ୍ଷ କୋଟି ଟଙ୍କାର ବ୍ୟବସ୍ଥା ବଜେଟ୍‌ରେ ହୋଇଛି। ଗତ ୨୦୦୯-୧୪ ଆର୍ଥିକ ବର୍ଷରେ ୮ ଶହ କୋଟି ଟଙ୍କା ମଞ୍ଜୁର୍ ହୋଇଥିବା ବେଳେ ୨୦୨୪-୨୫ ଆର୍ଥିକ ବର୍ଷରେ ଏହା ୧୦ ହଜାର କୋଟି ଟଙ୍କାରୁ ଅଧିକ ହୋଇଛି। ସେହିପରି ନୂଆ ଟ୍ରେନ ଲାଇନ ମାମଲାରେ ୨୦୦୯-୧୪ରେ ମାତ୍ର ୫୩ କିମି ଥିବା ବେଳେ ୨୦୨୪-୨୫ରେ ଏହା ସାଢ଼େ ୩ ଗୁଣ ଅଧିକ ହୋଇ ୧୮୬ କିମିରେ ପହଞ୍ଚିଛି। ଏଥିସହ ରାଜ୍ୟରେ ବୈଦ୍ୟୁତିକୀକରଣ ପାଇଁ ୨୦୧୪-୨୫ରେ ୧୩୮ କିମି କାମ ସରିଥିବା ବେଳେ ୨୦୦୯-୧୪ରେ ଏହା ମାତ୍ର ୨୯ କିମି ଥିଲା। ଏଥିସହ ୨୦୨୪-୨୫ ଆର୍ଥିକ ବର୍ଷରେ ପୂର୍ବତଟ ରେଳପଥକୁ ୮୧% ପ୍ରତିଶତ ଖର୍ଚ୍ଚ ହୋଇଛି। ସେହିପରି ୨୦୧୪ରୁ ଆଜି ➩ପୃଷ୍ଠା-୬

## ରାଜ୍ୟରେ ରେଳବାଇ ବିକାଶକୁ ଗତି ମିଳିବ



୩୪୮ କୋଟି ଟଙ୍କା ବ୍ୟୟରେ ସମ୍ବଲପୁର ଷ୍ଟେସନର ପୁନଃବିକାଶ ପାଇଁ ଦେଲେ ଧନ୍ୟବାଦ

**ନୂଆଦିଲ୍ଲୀ / ଭୁବନେଶ୍ୱର, (ସଂଚାର ବ୍ୟୁରୋ):** ମୋଦି ସରକାରଙ୍କ ତୃତୀୟ ପାଳିରେ ଆର୍ଥିକ ବର୍ଷ ୨୦୨୫-୨୬ ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟରେ ଓଡ଼ିଶାକୁ ରେଳ କ୍ଷେତ୍ରରେ ୧୦ ହଜାର ୫୯୯ କୋଟି ଟଙ୍କାର ରେକର୍ଡ ଅନୁଦାନ ଦେଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଓ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଧନ୍ୟବାଦ ଦେବା ସହ ଏହା ରାଜ୍ୟରେ ରେଳବାଇ ବିକାଶକୁ ଗତିଶୀଳ କରିବ। ଶ୍ରୀ ପ୍ରଧାନ କହିଛନ୍ତି ଯେ ବିକଶିତ ଭାରତ ବଜେଟରେ ଓଡ଼ିଶାକୁ ଅଗ୍ରାଧିକାର ଦେଇ ରେଳ ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ମୋଦି ସରକାର ଗୁରୁତ୍ୱ ➩ପୃଷ୍ଠା-୬

ଘର ଢିଙ୍କି କୁମ୍ଭୀର

## ସନ୍ୟାସୀଙ୍କ ଶିଷ୍ୟ ସାଇଲେଣ୍ଟ କିଲର୍




● ବଦନାମ ମୁଣ୍ଡାଉଛି କମିଶନରେଟ୍ ପୁଲିସ
● ମଜା ଦେଖୁଛନ୍ତି ଶଙ୍ଖ ମାର୍କା ଅଫିସର



**ଭୁବନେଶ୍ୱର,୩।୨(ସଂଚାର ବ୍ୟୁରୋ):** ଭୁବନେଶ୍ୱରରେ ଅପରାଧିକ କାର୍ଯ୍ୟକଳାପ ହୁହୁ ହୋଇ ବଢୁଛି। ଥଳକୂଳ ଦେଉନାହାନ୍ତି ଲୁଟେରା ଓ ଚୋର। ଧରାପଡୁନାହାନ୍ତି ହତ୍ୟା ଅଭିଯୁକ୍ତ ଓ ଦୁଷ୍କର୍ମକାରୀ। କିନ୍ତୁ ଅପରାଧ ବଢ଼ିବା ପଛରେ ବି ରହିଛି କିଛି ପୁଲିସ ବଡ଼ ବାବୁଙ୍କ ହାତ। ଏକଥା ଶୁଣିଲେ ଆପଣଙ୍କୁ ଆଶ୍ଚର୍ଯ୍ୟ ଚକିତ ଲାଗୁଥିବ। କିନ୍ତୁ ଏହା ସତ। କମିଶନରେଟ ପୁଲିସକୁ ବଦନାମ କରିବାକୁ ଚାଲିଛି ସରେ ଆମ୍ ଉଦ୍ୟମ। ପୁଲିସ କମିଶନର, ଅତିରିକ୍ତ କମିଶନର ଓ ଡିସିପିଙ୍କୁ ବଦନାମ କରିବାକୁ ଚାଲିଛି କସରତ। ଆଉ ଏହି କସରତ ଚଳାଇଛନ୍ତି ସନ୍ୟାସୀଙ୍କ ସହଯୋଗୀ। ଲୋକସେବା ଭବନରେ ବସି ରିମୋଟ ଦ୍ୱାରା ସହରରେ ସୃଷ୍ଟି କରୁଛନ୍ତି ବିଶୃଙ୍ଖଳା। ନିଜର କିଛି ହାତଗଣତି ବିଜେଡି ମାର୍କା ଅଫିସରଙ୍କ ଦ୍ୱାରା ମିଡିଆକୁ ପ୍ରଭାବିତ କରିବା ସହ ସିପି, ଡିସିପିଙ୍କ ଦୋଷ ଦୁର୍ବଳତା ପଦାକୁ ଆଣୁଛନ୍ତି।

ସହଦେବ ନାୟକ ହତ୍ୟା ଘଟଣା ଏହାର ଜ୍ୱଳନ୍ତ ଉଦାହରଣ। ସହଦେବଙ୍କ ମୃତ୍ୟୁ ଘଟଣାରେ ତୁରନ୍ତ ୫ ଜଣଙ୍କୁ ଗିରଫ କରିଛି କମିଶନରେଟ ପୁଲିସ। ସ୍ପେଶାଲ ଟିମ ସ୍ପେଶାଲ ଅପରେସନ ଜରିଆରେ ସେମାନଙ୍କୁ ଧରିବା ସହ କ୍ରାଇମ ସିନ୍‌ର ରିକ୍ରିଏସନ କରିଛି। କିନ୍ତୁ କିଛି ଅଫିସରଙ୍କ ପାଇଁ ଏବେ ଏହି କେସରେ ନୂଆ ନୂଆ ଟୁଇଷ୍ଟ ସାମ୍ନାକୁ ଆସୁଛି। ମୁଖ୍ୟ ଅଭିଯୁକ୍ତ କୁଆଡ଼େ ଏଯାଏଁ ଗିରଫ ହୋଇନାହାନ୍ତି। ତାଙ୍କୁ ତୁରନ୍ତ ଗିରଫ କରାନଗଲେ ସହଦେବଙ୍କ ପତ୍ନୀ ବିଧାନସଭା ଆଗରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। କିଛି ପୁଲିସ ଅଧିକାରୀ ସହଦେବଙ୍କ ପତ୍ନୀଙ୍କୁ ଭେଟିବା ସହ ଗଣମାଧ୍ୟମ ଆଗରେ ଏଭଳି ବୟାନ ଦେବାକୁ କୁଆଡ଼େ କହିଛନ୍ତି। କେବଳ ସେତିକି ନୁହେଁ, ଧଉଳିରୁ ଅଚିହ୍ନା ମୃତଦେହ ମିଳିବା, ସାମନ୍ତରାପୁର ଏଟିଏମ ଲୁଟ୍, ଧଉଳି ଓ ବାଲିଅନ୍ତା ଅଞ୍ଚଳରୁ ମାରାଥନ ଲୁଟ୍, ନିରଞ୍ଜନଙ୍କ ଘରୁ ଚୋରି ଭଳି ସମ୍ବେଦନଶୀଳ ଘଟଣାରେ ଅପରାଧୀଙ୍କୁ ଧରିବାରେ ସମର୍ଥ ହୋଇପାରିନାହିଁ ପୁଲିସ। ଆଉ ଏସବୁ ପଛରେ ମଧ ରହିଛି ସେହି ସନ୍ୟାସୀଙ୍କ ଶିଷ୍ୟମାନଙ୍କ ରୋଲ। ଡିସିପିଙ୍କୁ ବଦନାମ ପାଇଁ ବିଛାଯାଇଛି ଜାଲ। ପିନାକ ମିଶ୍ର ଡିସିପି ଭାବେ କାର୍ଯ୍ୟରେ ଯୋଗଦେବା ପରଠାରୁ ଆଇଆଇସି ସ୍ତରରେ ବଡ଼ ଧରଣର ବଦଳି ହୋଇନାହିଁ। ➩ପୃଷ୍ଠା-୬

## ବନ୍ୟପ୍ରାଣୀ ଚାଲାଣ ଗ୍ୟାଙ୍ଗର ପର୍ଦ୍ଦାଫାସ କଲା ସିବିଆଇ



**ଭୁବନେଶ୍ୱର,୩।୨(ସଂଚାର ବ୍ୟୁରୋ):** ବନ୍ୟପ୍ରାଣୀ ଶିକାର ଏବଂ ଚୋରା ଚାଲାଣ ବିରୋଧରେ ସିବିଆଇର ବନ୍ୟପ୍ରାଣୀ ଅପରାଧ ୟୁନିଟ୍ ଆଜି ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛି। ଏହି ଅଭିଯାନ ଆଧାରରେ ସିବିଆଇକୁ ବଡ଼ ସଫଳତା ମିଳିଛି। ବନ୍ୟପ୍ରାଣୀ ଅପରାଧ ନିୟନ୍ତ୍ରଣ ବ୍ୟୁରୋର ଅଧିକାରୀମାନଙ୍କ ସହିତ ସିବିଆଇ ଟିମ୍ ହରିୟାଣାର ପିଞ୍ଜୋରରେ ଏକ ଗାଡ଼ିକୁ ଅଟକାଇ ତଲାସୀ କରାଯାଇଥିଲା। ଏହି ସମୟରେ ଦୁଇଟି ଚିତାବାଘ ଚମଡ଼ା, ୯ଟି ଦାନ୍ତ, ୨୫ଟି ନଖ, ୩ଟି ପାଟି ଖଣ୍ଡ, ୩ଟି ଓଟର ଚମଡ଼ା ଓ ଗୋଟିଏ ବଜ୍ରକାପ୍ତା କାତି ଜବତ କରିଛି। ଘଟଣାସ୍ଥଳରୁ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅନ୍ୟ ଜଣେ ସଦସ୍ୟକୁ କାଲକା ରେଳ ଷ୍ଟେସନରୁ ଗିରଫ କରାଯାଇଛି। ସେମାନଙ୍କ ସମସ୍ତଙ୍କ ବିରୁଦ୍ଧରେ ଭାରତୀୟ ଦଣ୍ଡ ସଂହିତାର ଧାରା ୬୧(୨) ଏବଂ ବନ୍ୟପ୍ରାଣୀ ସୁରକ୍ଷା ଆଇନ, ୧୯୭୨ର ଧାରା ୪୦, ୪୯, ୪୯(ବି) ଏବଂ ୫୧ ଅନୁଯାୟୀ ମାମଲା ରୁଜୁ କରାଯାଇଛି।

ତଦନ୍ତରୁ ଜଣାପଡିଛି ଯେ ଅଭିଯୁକ୍ତମାନଙ୍କ ମଧ୍ୟରୁ ଜଣଙ୍କ ବିରୋଧରେ ପୂର୍ବରୁ ବନ୍ୟପ୍ରାଣୀ ଅପରାଧ ମାମଲାରେ ନେପାଳ ପୋଲିସ ଦ୍ୱାରା ଚାର୍ଜସିଟ୍ ଦାଖଲ କରାଯାଇଥିଲା। ଗିରଫ ହୋଇଥିବା ସମସ୍ତ ➩ପୃଷ୍ଠା-୬

## ଏସ୍‌ସିବିରେ ୫୦୦ ଶଯ୍ୟା ବିଶିଷ୍ଟ ଟ୍ରମା ସେଣ୍ଟର୍

● ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନାରେ ପ୍ରତିଷ୍ଠା ହେବ
● କେନ୍ଦ୍ର ସରକାରଙ୍କ ଅନୁମତି ପରେ ମୁଖ୍ୟମନ୍ତ୍ରୀ ଦେଲେ ଅନୁମୋଦନ




**ଭୁବନେଶ୍ୱର,୩।୨(ସଂଚାର ବ୍ୟୁରୋ):** କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ପ୍ରତିଷ୍ଠା ହେବ ଏକ ୫୦୦ ଶଯ୍ୟା ବିଶିଷ୍ଟ ଟ୍ରମା ସେଣ୍ଟର୍। ଏହାଦ୍ୱାରା ବିଭିନ୍ନ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ତୁରନ୍ତ ଉନ୍ନତ ମାନର ଚିକିତ୍ସା ସେବା ମିଳିପାରିବ। ଆଜି ଏ ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ ଦେଇଛନ୍ତି। ଏହି ଟ୍ରମା ସେଣ୍ଟର୍‌ଟି କେନ୍ଦ୍ର ସରକାରଙ୍କ 'ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା'ରେ କାର୍ଯ୍ୟକାରୀ କରାଯିବ। ଏଥିପାଇଁ କେନ୍ଦ୍ର ସରକାର ୬୦ ପ୍ରତିଶତ ଅର୍ଥ ବିନିଯୋଗ କରିବା ବେଳେ ରାଜ୍ୟ ➩ପୃଷ୍ଠା-୬

## ଘରୁ ମିଳିଲା ଦମ୍ପତିଙ୍କ ଝୁଲନ୍ତା ଶବ

ସୁଇସାଇଡାଲ୍ ନୋଟ୍‌ରେ ତିନି ଭଉଣୀଙ୍କୁ ଦୋଷ

**ଯାଜପୁର,୩।୨(ସଂଚାର ବ୍ୟୁରୋ):** ବେକରେ ରଶି ଲଗାଇ ପତି-ପତ୍ନୀ ଫ୍ୟାନରେ ଝୁଲି ପଡ଼ିବା ଭଳି ଏକ ଅଭାବନୀୟ ଘଟଣା ଘଟିଛି ଯାଜପୁରର ବ୍ରହ୍ମବରଦା ଥାନା ଅନ୍ତର୍ଗତ ଅର୍ଥଙ୍ଗା ପଞ୍ଚାୟତ କୋଠା ସାହି ଗ୍ରାମରେ। ମୃତକଦ୍ୱୟ ବିଜୟ ରାଉତ (୬୦) ଓ ତାଙ୍କ ସ୍ତ୍ରୀ ପଦ୍ମିନୀ (୫୫) ବୋଲି ଜଣାପଡ଼ିଛି। ତେବେ ସେମାନଙ୍କ ମୃତ୍ୟୁ ପାଇଁ ଉଭୟ ତିନି ଭଉଣୀଙ୍କୁ ଦୋଷ ଦେଇଛନ୍ତି। ଏ ସଂକ୍ରାନ୍ତରେ ସେମାନେ କାଗଜରେ ଲେଖିଥିବା ମଧ ଦେଖିବାକୁ ମିଳିଛି। ମିଳିଥିବା ସୂଚନାନୁସାରେ, ବାଙ୍ଗାଲୋରରେ ରହୁଥିବା ବିଜୟଙ୍କ ପୁଅ ଆଜି ସକାଳେ ଘରକୁ ଫୋନ କରିଥିଲେ। କିନ୍ତୁ କେହି ବି ଫୋନ ➩ପୃଷ୍ଠା-୬

# ବିଜେବି କଲେଜ ଜମିରେ କ୍ରିକେଟ ବେପାର

● ଜମି ପାଇବାକୁ କଲେଜର ସଜବାଜ
● ବିଧାୟକଙ୍କ ଶରଣରେ କ୍ରିକେଟ କ୍ଲବ୍



**ଭୁବନେଶ୍ୱର,୩।୨(ସଂଚାର ବ୍ୟୁରୋ):** ରାଜ୍ୟର ଅଗ୍ରଣୀ ଉଚ୍ଚ ଶିକ୍ଷାନୁଷ୍ଠାନ ବିଜେବି କଲେଜ ଜମିରେ ଚାଲିଛି କ୍ରିକେଟ ବେପାର। ବର୍ଷ ବର୍ଷ ଧରି କଲେଜର ପ୍ରାୟ ୨ଏକର ଜମିକୁ ମାଡ଼ିବସି କ୍ରିକେଟ ତାଲିମ ଦିଆଚାଲିଥିବାବେଳେ ରାଜନୈତିକ ନେତାଙ୍କଠାରୁ ଆରମ୍ଭ କରି ସରକାରୀ ସଂସ୍ଥା ପର୍ଯ୍ୟନ୍ତ ସମସ୍ତେ ଜବରଦଖଲକୁ ସୁରକ୍ଷା ଯୋଗାଇ ଦେଉଛନ୍ତି। ଏବେ ଏହି ଜମିକୁ ନିଜ ଅକ୍ତିଆରକୁ ଆଣି ପିଲାଙ୍କ ପାଇଁ ସେଠାରେ ଶ୍ରେଣୀଗୃହ ନିର୍ମାଣ ପାଇଁ କଲେଜ କର୍ତ୍ତୃପକ୍ଷ ପ୍ରସ୍ତୁତ ହେଉଥିବାବେଳେ କ୍ରିକେଟ୍ ବେପାରୀଙ୍କ ନିଦ ହଜିଯାଇଛି।

ବିଜେବି କଲେଜରେ ଯୁକ୍ତ ଦୁଇ ଓ ଯୁକ୍ତ ତିନି ପୃଥକ ହେବା ପରେ ଏବେ ଅଧିକ ଶ୍ରେଣୀ ନିର୍ମାଣ ଆବଶ୍ୟକ ପଡୁଛି। ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଜେବି କଲେଜ କର୍ତ୍ତୃପକ୍ଷ ସରକାରଙ୍କୁ ଅଧିକ ଜମି ଯୋଗାଇ ଦେବା ପାଇଁ ପତ୍ର ଲେଖିଥିଲେ। ହେଲେ ସରକାର ସଫା ସଫା ଜଣାଇଥିଲେ ଯେ କଲେଜ ପାଇଁ ୨୭ ଏକର ଜମି ଯୋଗାଇ ଦିଆଯାଇଛି। କୋଠାବାଡି ନିର୍ମାଣ ପରେ ବି ବହୁତ ଜମି ପଡ଼ିଆ ପଡ଼ିଛି। ଉକ୍ତ ଜମିରେ ନିର୍ମାଣ କାର୍ଯ୍ୟ କରିବାକୁ ବିଭାଗ କହିଥିଲା।

ସରକାରଙ୍କଠାରୁ ଏଭଳି ଉତ୍ତର ପାଇଲା ପରେ କଲେଜ କର୍ତ୍ତୃପକ୍ଷ ନିଜର ଜମି ଖୋଜିବା ଆରମ୍ଭ କରିଛନ୍ତି। ଏବେ ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ପ୍ରଥମ ଦଫାରେ ନିଜ ଜମିରେ ପାରାମାଉଣ୍ଟ କ୍ରିକେଟ କ୍ଲବ୍ ଗଢ଼ି ଉଠିଥିବା ଦେଖିବାକୁ ପାଇଛନ୍ତି। କିଛି ଛାତ୍ରନେତାଙ୍କ ମତରେ ଏଠାରେ ଚାଲିଛି କ୍ରିକେଟ ବେପାର। କଲେଜ ଜମିକୁ ମାଡ଼ିବସି ଦୀର୍ଘଦିନରୁ ➩ପୃଷ୍ଠା-୬



**କାନ ଡେରିଥା**

ଖଣି ଖାଦାନ ଲୁଟ୍ ହେଉଛି
ରାଜସ୍ୱ ବିଭାଗ ଦେଖୁଛି
ମସଲା କାଜୁକୁ ରୋକଡା ପଇସା
କଣ୍ଟ୍ରାକ୍ଟର ପରା ଦେଉଛି
ଦରମାକୁ କିଏ ଦେଖୁଛି...
ଅର୍ଥ ପାଇଁ ପରା ଖଣି
ବିକିଦେବେ
ଦେଖୁଥିବା ଲୋକ କହୁଛି।

■ ଦେବାଶିଷ

# ସନ୍ୟାସୀଙ୍କ ପାଇଁ ଛାତି ଦେଖାଇଥିଲେ ସରୋଜ




● ପୁରସ୍କାରରେ ମିଳିଥିଲା ଯୋଗାଣ ନିଗମ ଏମ୍‌ଡି ପଦ
● ପ୍ରଶାସନିକ ଇତିହାସରେ ରେକର୍ଡ

**ଭୁବନେଶ୍ୱର,୩।୨ (ସଂଚାର ବ୍ୟୁରୋ):** ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭିକେ ପାଣ୍ଡିଆନ (ବର୍ତ୍ତମାନ ସନ୍ୟାସୀ)ଙ୍କ ସରକାରୀ ବଙ୍ଗଳା ଉପରେ ବିଜେପିର ଯୁବମୋର୍ଚ୍ଚା କର୍ମୀମାନେ ଗୋବର ମାଡ଼ କରିବା ସମୟରେ ଘଟଣାକୁ ନିନ୍ଦା କରିବାକୁ ଆଇଏଏସ୍ ଅଫିସର ସଂଘ ଆଗପଛ ହେଉଥିବାବେଳେ ସେତେବେଳେ ଛାତି ଦେଖାଇଦେଇଥିଲେ ଓଏଏସ୍ ସଂଘର ହର୍ତ୍ତାକର୍ତ୍ତା ଥିବା ବର୍ତ୍ତମାନର ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ ସାମଲ। ଅବଶ୍ୟ ଏଥିପାଇଁ ପରବର୍ତ୍ତୀ ସମୟରେ ତାଙ୍କୁ ଯୋଗାଣ ନିଗମର ପରିଚାଳନା ପଦବୀରେ ବସାଇଥିଲେ ତତ୍କାଳୀନ ସରକାର।

୨୦୧୯ ନିର୍ବାଚନର ଅବ୍ୟବହିତ ପୂର୍ବରୁ ରାଜ୍ୟ ରାଜନୀତି ସରଗରମ ଥିବାବେଳେ ବିଜେପି ପକ୍ଷରୁ ସରକାରଙ୍କ ଉପରେ ଘନ ଘନ ଶବ୍ଦବାଣ ପ୍ରୟୋଗ ହେଉଥାଏ। ବିଶେଷକରି ପାଣ୍ଡିଆନ କିଭଳି ବିଜେପି ଦମନ ପାଇଁ ପ୍ରଶାସନ କଳକୁ ବ୍ୟବହାର କରୁଛନ୍ତି, ତାକୁ ନେଇ ଚର୍ଚ୍ଚା ଜୋର୍ ହେଉଥାଏ। ତେବେ ଏହାରି ଭିତରେ ବିଜେପି ଯୁବମୋର୍ଚ୍ଚାର କିଛି କର୍ମୀ ପାଣ୍ଡିଆନଙ୍କ ସରକାରୀ ବଙ୍ଗଳା ଉପରକୁ ଗୋବର ମାଡ଼ କରିଥିଲେ। ଘଟଣାଟି ଘଟିଥିଲା ୨୦୧୮ ଫେବୃଆରୀ ମାସରେ। ସେତେବେଳେ ଏହା ରାଜ୍ୟ ତଥା ଦେଶରେ ହଇଚଇ ସୃଷ୍ଟି କରିଥିଲା। ମଉକାର ଫାଇଦା ଉଠାଇ ବିଜେପିକୁ କାଠଗଡ଼ାରେ ଛିଡ଼ା କରିଥିଲା ବିଜେପି।

ତେବେ ଜଣେ ଆଇଏଏସ୍ ଅଫିସରଙ୍କ ଉପରେ ଆକ୍ରମଣକୁ ସେତେବେଳେ ନିନ୍ଦା କରିବା ପାଇଁ ଆଇଏଏସ୍ ଅଫିସର ସଂଘ ଆଗପଛ ହୋଇଥିଲା। ହେଲେ ଓଏଏସ୍ ସଂଘ କିନ୍ତୁ କାଳବିଳମ୍ବ ନକରି ବିଜେପିର ଏହି କାର୍ଯ୍ୟକୁ କଡ଼ା ସମାଲୋଚନା କରିଥିଲା। ସେତେବେଳେ ସଂଘର ହର୍ତ୍ତାକର୍ତ୍ତା ଥିବା ଶ୍ରୀ ସାମଲ ପାଣ୍ଡିଆନଙ୍କ ପାଇଁ ଛାତି ଦେଖାଇ ଦେଇଥିଲେ। ସେତେବେଳେ ସରୋଜଙ୍କ ପଛରେ ବିଜେଡିର ସାଙ୍ଗଠନିକ ସମ୍ପାଦକ ଚଟାଣ ଭଳି ଛିଡ଼ା ହୋଇଥିଲେ। ତେଣୁ ଶ୍ରୀ ସାମଲ ବିଜେପିକୁ କାଠଗଡ଼ାରେ ଛିଡ଼ା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଓଏଏସ୍ ସଂଘ ନିନ୍ଦା କରିବା ପରେ ଅନ୍ୟ ସରକାରୀ ସଂଘଗୁଡ଼ିକ ପଛକୁ ପଛ ବିଜେପିକୁ ଗାଳିରେ ପୋତି ପକାଇଥିଲେ। ଶ୍ରୀ ସାମଲଙ୍କର ଏଭଳି ବିଜେପି ମାରଣ କାର୍ଯ୍ୟକଳାପ ଯୋଗୁଁ ତାଙ୍କୁ ପରବର୍ତ୍ତୀ ସମୟରେ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ ପଦବୀ ମିଳିଥିଲା। ଏହା ଥିଲା ଓଡ଼ିଶା ପ୍ରଶାସନିକ ଇତିହାସରେ ଏକ ରେକର୍ଡ। କାରଣ ପୂର୍ବରୁ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀରେ କେବଳ ଆଇଏଏସ୍ ➩ପୃଷ୍ଠା-୬

## ହସ୍ପିଟାଲରେ ସୁଶାନ୍ତ ସିଂ



**ବରଗଡ଼,୩।୨(ସଂଚାର ବ୍ୟୁରୋ):** ପୂର୍ବତନ ମନ୍ତ୍ରୀ ତଥା ବରଗଡ଼ ଜିଲା ଭଟଲି ବିଧାନସଭାନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ସୁଶାନ୍ତ ସିଂ ଅସୁସ୍ଥ ହୋଇପଡ଼ିଛନ୍ତି। ଅଧିକ ଚିକିତ୍ସା ପାଇଁ ତାଙ୍କୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୁଶାନ୍ତ ଗତ କିଛିଦିନ ହେଲା ସେ ରାୟପୁରର ଏକ ଡାକ୍ତରଖାନାରେ ଚିକିତ୍ସିତ ହେବା ପରେ ସୋହେଲାସ୍ଥିତ ବାସଭବନକୁ ଫେରିଥିଲେ। ମାତ୍ର ପୁଣି ସେ ଅସୁସ୍ଥତା ଅନୁଭବ କରିବାରୁ ଦୁଇ ଦିନ ତଳେ ତାଙ୍କୁ ବରଗଡ଼ର ଏକ ଘରୋଇ ନର୍ସିଂହୋମରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ସୁଧାର ନ ଆସିବାରୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏସମ୍ପର୍କରେ ସୂଚନା ପାଇ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁଶାନ୍ତଙ୍କୁ ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତରଙ୍କ ସହ କଥା ହୋଇଛନ୍ତି। ଏଥିସହ ସୁଶାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝି ସେ ତାଙ୍କର ଆଶୁ ଆରୋଗ୍ୟ ମଧ କାମନା କରିଛନ୍ତି।

# ଅଧାରେ ଆଣ୍ଟେଇଛି ଅଙ୍ଗନବାଡ଼ି ଘର କାମ

**ମହାକାଳପଡ଼ା,୩।୨ (ସଂଚାର ବ୍ୟୁରୋ):** ଗ୍ରାମରେ ଅଙ୍ଗନବାଡି ଗୃହ ନାହିଁ। ଅଙ୍ଗନବାଡି ଗୃହ ନଥିବାରୁ କୁନି କୁନି ପିଲାମାନେ ବ୍ୟକ୍ତିଗତ ଲୋକଙ୍କ ଘରେ ପାଠ ପଢୁଛନ୍ତି। କେତେବେଳେ ଘର ବାରଣ୍ଡାରେ ତ ଆଉ କେତେବେଳେ ଅଗଣାରେ। ଯେଉଁଠି ବସିଲେ ସେଇଠି ଅଙ୍ଗନବାଡି କେନ୍ଦ୍ର ଚାଲୁଛି। ଯାହାକୁ ନେଇ ପ୍ରବଳ ଅସନ୍ତୋଷ ଛାଡିଛନ୍ତି ଅଭିଭାବକ ଓ ଗ୍ରାମବାସୀ।

ଏମିତି ଏକ ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସିଛି କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକରୁ। ମହାକାଳପଡ଼ା ବ୍ଲକ ଅଧିନ ବଡକୂଳ ଗ୍ରାମ ପଞ୍ଚାୟତର ଦହି ମାଛ ଗ୍ରାମରେ କୁନି କୁନି ପିଲାମାନଙ୍କ ପାଠ ପଢ଼ିବା ପାଇଁ କୌଣସି ସ୍ୱତନ୍ତ୍ର ଗୃହ ନାହିଁ। ସ୍ୱତନ୍ତ୍ର ଗୃହ ନଥିବାରୁ ଏଣେତେଣେ ବସି ପାଠ ପଢୁଛନ୍ତି ପିଲା। କି ବର୍ଷା କି ଖରା ସବୁ ଯେମିତି ସେମାନଙ୍କ ପାଇଁ ସମାନ। ନା ପ୍ରଶାସନ ନା ବିଭାଗୀୟ ଅଧିକାରୀ ଏଥିପାଇଁ ସମସ୍ତେ ଯେପରି ନିରବଦ୍ରଷ୍ଟା ସାଜିଛନ୍ତି। ଗ୍ରାମରେ ଦୁଇଟି ଅଙ୍ଗନବାଡି ଗୃହ ପାଇଁ ପ୍ରସ୍ତାବିତ ହୋଇଥିଲା। ପ୍ରଥମଟି ୨୦୦୧ ରେ ଓ ଦ୍ୱିତୀୟଟି ୨୦୦୪ ରେ ସ୍ଥାପିତ ହୋଇଥିଲା। ପ୍ରଥମ ଅଙ୍ଗନବାଡି ଗୃହର ନିର୍ମାଣ ପାଇଁ ଆର୍ଥିକ ବର୍ଷ ୨୦୨୧-୨୨ ରେ ୭,୫୦,୦୦୦ ଟଙ୍କା ଅନୁମୋଦିତ ହୋଇଥିଲା। ହେଲେ ଦୁଇ ବର୍ଷ ବିତିଯାଇଥିଲେ ମଧ୍ୟ ଗୃହ ନିର୍ମାଣ



**ଅନ୍ଧାରରେ କୁନି କୁନି ପିଲାଙ୍କ ଭବିଷ୍ୟତ**

**ପ୍ରଶାସନ ଉପରେ ବର୍ଷିଲେ ଅଭିଭାବକ**

କାର୍ଯ୍ୟ ଅଧାରେ ଆଣ୍ଟେଇଛି। ଯେତିକି ନିର୍ମାଣ କାର୍ଯ୍ୟ ହୋଇଥିଲା ସେଥିରେ ଏବେ ଅନାବନା ଗଛ ମାଡ଼ି ଗଲାଣି।

ଠିକା କାମ ନେଇ ଘର କରୁଥିବା ସେହି ଗ୍ରାମର ଶିଶିର ରାଉତ କୁହନ୍ତି ଝରକା ପର୍ଯ୍ୟନ୍ତ କାନ୍ଥ ଯୋଡେଇ କାମ କରିଥିଲୁ। ଯେଉଁଥିରେ ୨,୫୩,୦୦୦ ଟଙ୍କା ଖର୍ଚ୍ଚ ହୋଇଥିଲା। ହେଲେ ୧,୮୦,୦୦୦ ଟଙ୍କା ବିଲ୍ ପାଇଲୁ। ଆଉ ଅବଶିଷ୍ଟ ଟଙ୍କା ପ୍ରଶାସନ ବିଲ୍ ନଦେବାରୁ କାମ ଅଧାରେ ଅଟକିଲା। ଗ୍ରାମର ଜଣେ ସଚେତନ ନାଗରିକ ତଥା ମହାକାଳପଡ଼ା ୟୁଥ୍ ଗ୍ରୁପ୍ ସଦସ୍ୟ ସୁଧାଂଶୁ ରାଉତ କହିଛନ୍ତି ସ୍ୱାଧୀନତାର ୭୭ ବର୍ଷ ପରେ ମଧ୍ୟ ଗ୍ରାମର କୁନି କୁନି ପିଲାମାନଙ୍କ ପାଇଁ ଅଙ୍ଗନବାଡି ଗୃହ ନାହିଁ। ପିଲାମାନେ ଲୋକଙ୍କ ବାରଣ୍ଡାରେ ବସୁଛନ୍ତି। ଏହା ସରକାରଙ୍କ ବ୍ୟବସ୍ଥା ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରୁଛି। ସେହିପରି ସୁବାଷ ଚନ୍ଦ୍ର ରାଉତ କହିଛନ୍ତି ସ୍ୱତନ୍ତ୍ର ଗୃହ ନାହିଁ ବୋଲି ପିଲାମାନଙ୍କ ଭବିଷ୍ୟତ ଏବେ ଅନ୍ଧକାର ଭିତରେ। ପର ବାରଣ୍ଡାରେ ପାଠ ପଢ଼ିବାକୁ କିଏ ଆସୁଛି ତ ଆଉ କିଏ ଘରେ ବୁଲୁଛନ୍ତି। ସରକାରଙ୍କ ଯୋଜନା ଓ ଲକ୍ଷ ଆମ ଗ୍ରାମବାସୀଙ୍କ ପାଇଁ କେବଳ ଧୂଆଁ ବାଣ ପାଲଟିଛି। ମନହେଲେ ଦିଦି ପିଲାଙ୍କୁ ବସାଉଛନ୍ତି ନହେଲେ ନାହିଁ। ନା ପ୍ରଶାସନ ଦୃଷ୍ଟି ଦେଉଛି ନା ବିଭାଗୀୟ କର୍ତ୍ତୃପକ୍ଷ।

ଏଠି ପ୍ରଶ୍ନ ଉଠୁଛି ସରକାର କୋମଳମତି ଶିଶୁ ମାନଙ୍କ ସୁରକ୍ଷା ଓ ଅଭିବୃଦ୍ଧି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଦହି ମାଛ ଗ୍ରାମରେ ଦେଖାଦେଇଥିବା ଅବ୍ୟବସ୍ଥା କ'ଣ ପାଇଁ? ମହାକାଳପଡ଼ା ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ଏ ବିଷୟରେ ଅବଗତ ଅଛନ୍ତି ତ? ମହାକାଳପଡ଼ା ବ୍ଲକ ପ୍ରଶାସନ ଏ ଘଟଣାରେ କାହିଁକି ନିରବ? ଯଥାଶୀଘ୍ର ଏ ଘଟଣାରେ ପ୍ରଶାସନିକ ଅଧିକାରୀ ଦୃଷ୍ଟି ଦେଇ ପିଲାମାନଙ୍କ ସୁରକ୍ଷା, ଅଭିବୃଦ୍ଧି ଓ ବ୍ୟକ୍ତିଗତ ମର୍ଯ୍ୟାଦା ପାଇଁ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଗ୍ରାମବାସୀ ଓ ଅଭିଭାବକ ଦାବି କରିଛନ୍ତି। କେବେ ଅଧାଗଢ଼ା ଘର କାମକୁ ସମ୍ପୂର୍ଣ୍ଣ କରୁଛି ପ୍ରଶାସନ ଓ ବିଭାଗୀୟ କାର୍ଯ୍ୟାଳୟ ତାହା ଦେଖିବାକୁ ବାକି ରହିଲା।

## ଅଶ୍ଳୀଳ ଫଟୋ ଭାଇରାଲ ଅଭିଯୋଗ, ଅଭିଯୁକ୍ତ ଗିରଫ

**କୁଜଙ୍ଗ,୩।୨ (ସଂଚାର ବ୍ୟୁରୋ):** କୁଜଙ୍ଗ ଥାନା ଅନ୍ତର୍ଗତ ଜଣେ ନାବାଳିକା ଝିଅର ନଗ୍ନ ଫଟୋ ହ୍ୱାଟ୍ସଆପ୍ ମାଧ୍ୟମରେ ଭାଇରାଲ୍ ହେବା ସମ୍ପର୍କରେ କୁଜଙ୍ଗ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ୪୫/୨୫ ସଙ୍ଖ୍ୟାରେ ମାମଲା ରୁଜୁ କରାଯାଇଛି। ଘଟଣାରୁ ପ୍ରକାଶଯେ, ଗତ ୪ ବର୍ଷ ତଳେ ଅଭିଯୁକ୍ତ ଅଭୟଚାନ୍ଦ ପୁର ଥାନା ନୂଆଗାଁ ଗ୍ରାମର ନଟବର ସ୍ୱାଇଁଙ୍କ ପୁତ୍ର ସୌରଭ ସ୍ୱାଇଁ (୪୪) ଫୋନ୍ ମାଧ୍ୟମରେ ନାବାଳିକା ଝିଅ ସହିତ ପରିଚୟ ଓ ପରେ ପ୍ରେମ ସମ୍ପର୍କ ଗଢ଼ିଥିଲେ । ଏବଂ କହିଥିଲେ ଯେ ସେ ଜଣେ ଛାତ୍ର ଏବଂ ତାଙ୍କ ବାପା ପାରାଦୀପରେ ଠିକାଦାରୀ କାମ କରନ୍ତି। ପରେ ଅଭିଯୁକ୍ତ ଫୋନ୍ ମାଧ୍ୟମରେ ଭିଡିଓ କଲ୍ କରି ନାବାଳିକା ଝିଅର କିଛି ନଗ୍ନ ଫଟୋ ଉଠାଇଥିଲେ। ଏହା ପରେ ଅଭିଯୁକ୍ତ ଅଭିଯୁକ୍ତଙ୍କ ସହିତ ଶାରୀରିକ ସମ୍ପର୍କ ରଖିବା ପାଇଁ ତାଙ୍କୁ ବ୍ଲାକମେଲ୍ କରିଥିଲେ। ସେ ନଗ୍ନ ଫଟୋ ଡିଲିଟ କରିବା ପାଇଁ ନାବାଳିକା ଝିଅକୁ ୫ ଲକ୍ଷ ଟଙ୍କା ମଧ୍ୟ ଦାବି କରିଥିଲେ। ଯେତେବେଳେ ନାବାଳିକା ଝିଅଟି ମନା କରିଦେଲା ଏବଂ ଅଭିଯୁକ୍ତଙ୍କ ସହିତ କୌଣସି ସମ୍ପର୍କ ରଖିଲା ନାହିଁ। ଅଭିଯୁକ୍ତ ସୌରଭ ସ୍ୱାଇଁ ହ୍ୱାଟ୍ସଆପ୍ ମାଧ୍ୟମରେ ନଗ୍ନ ଫଟୋ ପୀଡିତାଙ୍କ କିଛି ସମ୍ପର୍କୀୟଙ୍କୁ ସେୟାର କରିଥିଲେ। ତେଣୁ ଅଭିଯୁକ୍ତ ସୌରଭ ସ୍ୱାଇଁଙ୍କୁ ପୁଲିସ ଗତକାଲି ଗିରଫ କରିଛି । ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ମାନ୍ୟବର ପକ୍ସୋ କୋର୍ଟ, ଜଗତସିଂପୁରକୁ ପଠାଯାଇଛି।

## ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅଞ୍ଚଳରୁ ବ୍ରାଉନସୁଗର ଜବତ, ୩ ଗିରଫ

**ଖୋର୍ଦ୍ଧା,୩।୨ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଅଞ୍ଚଳରୁ ପୁଣି ବ୍ରାଉନସୁଗାର ଜବତ। ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ଟାଟା ମୋଟର୍ସ ନିକଟ ୧୬ ନଂ ଜାତୀୟ ରାଜପଥ ନୂତନ ବାଇପାସ ରାସ୍ତା ଠାରୁ ୨୫ ଗ୍ରାମ ବ୍ରାଉନସୁଗାର ଜବତ କରିଛି ଶିଳ୍ପାଞ୍ଚଳ ପୁଲିସ। ବ୍ରାଉନସୁଗାର କାରବାର ଅଭିଯୋଗରେ ତିନି



ବେପାରୀଙ୍କୁ ଆଜି ଅପରାହ୍ନ ୨ ଘଟିକା ସମୟରେ ଗିରଫ କରିଛି ପୁଲିସ। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୨ ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ବିଭାଗୀୟ ସୂଚନା ମିଳିଛି। ଏଥି ସହିତ ନଗଦ ୭୫୦୦ ଟଙ୍କା, ଗୋଟିଏ ମୋବାଇଲ ଫୋନ ସହ ଏକ ପଲସର ବାଇକ ଜବତ କରିଛି ଶିଳ୍ପାଞ୍ଚଳ ପୁଲିସ। ଗିରଫ ତିନି ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ମୁକୁନ୍ଦ ପ୍ରସାଦ ମୁସିଲିମ ସାହିର ଏସପି ମାରିତ, ମୁକୁନ୍ଦପ୍ରସାଦ ବରୁଣେଇ ସାହିର ଅବଦୁଲ ମୁବାରକ , ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ଗୁରୁଜଙ୍ଗ ଭୋଇ ସାହିର କାହ୍ନା ନାଏକ ବୋଲି ପୁଲିସ ସୂଚନା ଦେଇଛି।

## ଘରୁ ସୁନା ଅଳଙ୍କାର ଲୁଟ

**ରାଜନଗର, ୩।୨ (ସଂଚାର ବ୍ୟୁରୋ):** ରାଜନଗର ଥାନା ଅନର୍ଗତ ନଗଡ ଗାଁରେ ସନ୍ଧ୍ୟା ସମୟରେ ଘର ଭିତରୁ ସୁନା ଅଳଙ୍କାର ଲୁଟ ହୋଇଛି। ପରିବାର ପଡୋଶିଙ୍କ ଘରେ ସରସ୍ୱତୀ ପୂଜା ପାଇଁ ଯାଇଥିବା ବେଳେ ବାରିପଟ କବାଟ ଓ ଗଡରେଜ ଖୋଲି ସୁନା ଅଳଙ୍କାର ଲୁଟ ହୋଇଛି। ଚୋରୀ ହୋଇଥିବା ସୁନା ନିକଟରେ ଅନ୍ୟ ସୁନା ଅଳଙ୍କାର ଓ ଟଙ୍କା ଥିବାରୁ ଘରର କେହି ସଦସ୍ୟ ଚୋରୀ କରିଥିବା ନେଇ ସନ୍ଦେହ ପୋଲିସ କରୁଛି। ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ମାଧ୍ୟମରେ ପୋଲିସ ଚୋରକୁ ଧରିବାକୁ ଉଦ୍ୟମ ଜାରି ରଖିଛି। ଅଭିଯୋଗ ମୁତାବକ ଓସ୍ତିଆ ପଞ୍ଚାୟତ ନଗଡ ଗାଁର ମଳୟ ରଞ୍ଜନ ସାହୁଙ୍କ ପରିବାର ସଦସ୍ୟ ଘର ନିକଟରେ ହେଉଥିବା ସରସ୍ୱତୀ ପୂଜା ଦେଖିବାକୁ ଯାଇଥିଲେ। ଘରର ମୁଖ୍ୟ ଦ୍ୱାର ସମୁଖରେ ସେହି ଗାଁର ସ୍ୱର୍ଣ୍ଣଲତା ରାଉତ ବସିଥିଲେ। ମଳୟଙ୍କ ମାଆ ସ୍ୱର୍ଣ୍ଣଲତାଙ୍କୁ ପୂଜା ନିକଟକୁ ଯିବାକୁ ଡ଼ାକିଥିଲେ। ମାତ୍ର ସେ ଯିବେ ନାହି କହି ସେଠାରେ ବସି ରହିଥିଲେ। ସରସ୍ୱତୀ ପୂଜା ନିକଟରୁ ଫେରି ଦେଖିଲା ବେଳକୁ ଘରର ବାଡିପଟ କବାଟ ଓ ମଳୟ ବେଡ ରୁମର କବାଟ ଖୋଲା ଅଛି। ବେଡ ରୁମ ଭିତରେ ଥିବା ଗଡରେଜ ମଧ୍ୟ ଖୋଲା ଅଛି। ଗଡରେଜ ଭିତରେ ଥିବା ୩ ଟି ହାର, ଗୋଟିଏ ହଳ ଚୂଡ ଓ ଗୋଟିଏ ହଳ କାନଫୁଲ ନାହିଁ। ଚୋରି ହୋଇଥିବା ସୁନାର ଓଜନ ୧୨୬ ଗ୍ରାମ ବୋଲି ମଳୟ ଥାନାରେ କରିଥିବା ଅଭିଯୋଗ ରେ ଦର୍ଶାଇଛନ୍ତି।

## ପାଣି ପାଇଁ ଦୁର୍ଗାଙ୍କ ଉପରେ ବର୍ଷିଲେ ସୌଭାଗ୍ୟ

- ସାତ ଦିନ ହେବ ଲୋକଙ୍କୁ ମିଳୁନି ପାଣି
- ପୂର୍ବତନ ବିଧାୟକଙ୍କୁ ଲୋକେ କରିଥିଲେ ଗାଦିଚ୍ୟୁତ
- ସମସ୍ତଙ୍କୁ ବିଚାର କରିବାକୁ କଲେ ଆହ୍ୱାନ



**ମହାକାଳପଡ଼ା, ୩।୨ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବିଧାୟକ ଡଃ ଦୁର୍ଗା ପ୍ରସନ୍ନ ନାୟକଙ୍କ ଉପରେ ପୁଣି ବର୍ଷିଛନ୍ତି ବିଜେପି ନେତା ଡଃ ସୌଭାଗ୍ୟ ପରିଡ଼ା। ଏଥର ପାଣି ସମସ୍ୟା ନେଇ ବିଧାୟକଙ୍କୁ ନିଶାନା କରିଛନ୍ତି ସୌଭାଗ୍ୟ। ସୋସିଆଲ ମିଡିଆରେ ଭିଡିଓ ଜାରି କରି ସେ ଏମିତି ଅଭିଯୋଗ ଆଣିଛନ୍ତି। ଯାହାକୁ ନେଇ ମହାକାଳପଡ଼ା ରାଜନୀତି ପାଣିପାଗ ପୁଣି ସରଗରମ ହୋଇଛି।

ରାଜ୍ୟ ରାଜନୀତିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନ ମଣ୍ଡଳୀ କୁହାଯାଉଥିବା ମହାକାଳପଡାକୁ ନେଇ ସବୁବେଳେ ଚର୍ଚ୍ଚା ଜୋର୍ ଧରେ। କେତେବେଳେ ରାଜନେତାଙ୍କ ମିଥ୍ୟା ପ୍ରତିଶ୍ରୁତି ତ ଆଉ କେତେବେଳେ ରଙ୍ଗୀନ ସପନର ନକ୍ସା। ସବୁ ସମୟରେ ଚର୍ଚ୍ଚାର ଖୋରାକ୍ ପାଲଟେ ମହାକାଳପଡ଼ା। ଯାହା ଆଜି ସୌଭାଗ୍ୟ ଙ୍କ ବାଣ ପୁଣି ଚର୍ଚ୍ଚାର ଖୋରାକ ଯୋଗାଇଛି ରାଜନୀତି ଖଟିକୁ। ସୌଭାଗ୍ୟ କହିଛନ୍ତି ମହାକାଳପଡ଼ା ନିର୍ବାଚନ ମଣ୍ଡଳୀର ଯଦୁପୁର ପଞ୍ଚାୟତ କଳାଗଡରୁ ଆସୁଥିବା ପାଣି ଦୀର୍ଘ ୭ ଦିନରୁ ଅଧିକ ଦିନ ହେଲାଣି ଆସୁନାହିଁ। ମହାକାଳପଡ଼ା ନିର୍ବାଚନ ମଣ୍ଡଳୀର ୨୦, ୨୧ ଓ ୨୫ ନମ୍ବର ଜୋନ୍‌ର ତାଳସଙ୍ଗା, ଯଦୁପୁର, ଜୟଚନ୍ଦ୍ରପୁର, ଟିକରପଙ୍ଗା, ରୋମିତ, ପାଟଳିପଙ୍କ, ତେର ଗାଁ, ତିଖିରି ଓ ଅମେଇପାଳର ଲୋକମାନେ ୭ ଦିନରୁ ଉର୍ଦ୍ଧ୍ୱ ହେଲାଣି ପିଇବା ପାଣିରୁ ବଞ୍ଚିତ ଅଛନ୍ତି। ହେଲେ ବିଧାୟକ ମହୋଦୟ ଲୋକଙ୍କ ପାଖରେ ପାଣି ପହଞ୍ଚାଇବା ଛାଡ଼ି ହେଲିକେପ୍ଟରରେ ଘୁରି ବୁଲୁଛନ୍ତି। ଯେଉଁ ପାଣି ସମସ୍ୟା ପାଇଁ ମହାକାଳପଡ଼ା ବାସୀ ଦୀର୍ଘ ବର୍ଷର ବିଧାୟକ ତଥା ତତ୍କାଳୀନ ମନ୍ତ୍ରୀଙ୍କୁ ହଟାଇଲେ ପୁଣି ଲୋକଙ୍କ ପାଖରେ ସେହି ସମସ୍ୟା ଉପୁଜୁଛି।

ପାଣି ପ୍ରତିଶ୍ରୁତି ପାଇଁ ଲୋକମାନେ ଭୋଟ୍ ଦେଇଥିଲେ ହେଲେ ସରକାରକୁ ୮ ମାସ ପରେ ବି ଲୋକଙ୍କ ପାଖରେ ସ୍ଥାୟୀ ପାଣି ସମସ୍ୟାର ସମାଧାନ ହେଲା ନାହିଁ। ନା ଏଥିପାଇଁ ବିଧାୟକ ମହୋଦୟ ଦୃଷ୍ଟି ଦେଉଛନ୍ତି ନା କିଛି ବିକଳ୍ପ ବ୍ୟବସ୍ଥା କରୁଛନ୍ତି। ଲୋକମାନେ ପାଣି ବିନା ଡହଳବିକଳ ହେଉଛନ୍ତି। ଏନେଇ ସେ ଅଧୀକ୍ଷଣ ଯନ୍ତ୍ରୀ ବସନ୍ତ ନାୟକଙ୍କୁ ଯୋଗାଯୋଗ କରିଥିଲେ ହେଲେ ଯୋଗାଯୋଗ ହୋଇ ପାରିଲା ନାହିଁ। କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ପାଇପ୍ ବଦଳାଯାଉଛି ବୋଲି ସେ କହିଥିଲେ। ପାଣି ପାଇଁ ଲୋକମାନେ ଜାଗ୍ରତ ହେବାକୁ ସେ ଆହ୍ୱାନ କରିଛନ୍ତି। ଲୋକମାନେ ଜାଗ୍ରତ ନହେଲେ ଏମିତି ଯେ କେତେଦିନ ଗଡ଼ି ଚାଲିବ ତାହା କିଏ କହିବ ବୋଲି ସୌଭାଗ୍ୟ ପରିଡ଼ା କହିଛନ୍ତି। ସୌଭାଗ୍ୟଙ୍କ ଏମିତି ଭିଡିଓ ବାର୍ତ୍ତା ପରେ ଏବେ ରାଜନୀତି ପାଣିପାଗ ପୁଣି ସରଗରମ ହୋଇଛି। ଶାସକ ଦଳର ବିଧାୟକଙ୍କୁ ଖୋଦ୍ ନିଜ ଦଳର ଜଣେ ନେତାଙ୍କ ଏମିତି ବାଣକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି।



## ନିର୍ମାଣ ଶ୍ରମିକମାନଙ୍କୁ ପରିଚୟପତ୍ର, ଆର୍ଥିକ ସହାୟତା ପ୍ରଦାନ

**କେନ୍ଦ୍ରାପଡା, ୩।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ଓ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ (ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା) ଅଧୀନରେ ହିତାଧିକାରୀ ମାନଙ୍କୁ ପରିଚୟ ପତ୍ର ଏବଂ ବିଭିନ୍ନ ଆର୍ଥିକ ସହାୟତା ବିତରଣ କାର୍ଯ୍ୟକ୍ରମ ସୋମବାର ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ, କେନ୍ଦ୍ରାପଡା ଠାରେ ଅନୁଷ୍ଠିତ ହୋଇଯାଇଅଛି।

ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କେନ୍ଦ୍ରାପଡା ଜିଲ୍ଲା ପରିଷଦର ଅଧ୍ୟକ୍ଷା ସୁଶ୍ରୀ ଲିଲିତା ଦାସ ଏବଂ ମହାକାଳପଡ଼ା ବିଧାୟକଙ୍କ ପ୍ରତିନିଧି ଅଭିମନ୍ୟୁ ଗୋଛାୟତ ଯୋଗଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ, କେନ୍ଦ୍ରାପଡା, ପ୍ରଦୀପ କୁମାର ମହାନ୍ତି ସଭା ପରିଚାଳନା କରିଥିବା ବେଳେ ଶ୍ରୀ ଅନନ୍ତ ପଦ୍ମନାଭ ମହାମାନସିଂହ, ଜିଲ୍ଲା ଶ୍ରମ ଅଧିକାରୀ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ଏବଂ କେନ୍ଦ୍ରାପଡା ଶ୍ରମିକ ଭାଇ ଓ ଭଉଣୀ ମାନଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୋଟ ୩୧୧ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ବିଭିନ୍ନ ସହାୟତା ରାଶି ବାବଦକୁ ଟ. ୨,୩୨,୫୩,୨୦୦ ଙ୍କା ଏବଂ ନୂତନ ଭାବରେ ପଞ୍ଜିକୃତ ହୋଇଥିବା ୫୦ ଜଣ ନିର୍ମାଣ ଶ୍ରମିକମାନଙ୍କୁ ପରିଚୟ ପତ୍ର ବିତରଣ କରାଯାଇଥିଲା ।

## ମିଲରଙ୍କ ଦେଖା ନାହିଁ, ମଣ୍ଡିରେ ପଡ଼ିଛି ଶହ ଶହ ବସ୍ତା ଧାନ

**ରାଜନଗର, ୩।୨ (ସଂଚାର ବ୍ୟୁରୋ):** ଜିଲ୍ଲା ପ୍ରଶାସନ ପକ୍ଷରୁ ଜାନୁଆରୀ ମାସ ୧୦ ତାରିଖରୁ ଖରିଫ ଧାନ ସଂଗ୍ରହ ପାଇଁ ମଣ୍ଡି ଖୋଲାଯାଇଛି । ଚାଷୀମାନେ ଖରିଫ ଧାନ ବିକ୍ରି ପାଇଁ ଧାନ ମଣ୍ଡିକୁ ଧାନ ଆଣିଛନ୍ତି। ମାତ୍ର ମିଲରମାନେ ନଆସିବାରୁ ଖରା କାକରରେ ମଣ୍ଡିରେ ଧାନ ଗୁଡିକ ଦୀର୍ଘ ଦିନ ହେବ ପଡି ରହିଛି। ଆଜି ଜିଲ୍ଲାପାଳଙ୍କୁ ଏନେଇ ତାଳଚୁଆ ପ୍ରାଥମିକ ସେବା ସମବାୟ ସମିତିର ପରିଚାଳନା କମିଟି ଓ ଚାଷୀମାନେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରଶାସନ ପଦକ୍ଷେପ ନନେଲେ ଚାଷୀ ସେବା ସମବାୟ ସମିତି ସମୁଖରେ ଅନଶନରେ ବସିବେ ବୋଲି ପ୍ରଶାସନକୁ କହିଛନ୍ତି।

ଅଭିଯୋଗ ମୁତବକ ଚଳିତ ବର୍ଷ ତାଳଚୁଆ ମଣ୍ଡିରେ ୨୬୨ ଜଣ ଓ ରଂଗଣୀ ମଣ୍ଡିରେ ୧୮୦ ଜଣ ଚାଷୀ ଚଳିତ ବର୍ଷ ଖରିଫ ଧାନ ବିକ୍ରି କରିବା ପାଇଁ ନାମ ପଞ୍ଜିକରଣ କରିଛନ୍ତି। ସେମାନଙ୍କ ବଳକା ଧାନ ପ୍ରାୟ ୩୧୦୦୦ କୁଇଣ୍ଟାଲ ହେବ। ଏହି ଦୁଇ ମଣ୍ଡିରୁ ଧାନ ସଂଗ୍ରହ କରିବା ପାଇଁ ସତ୍ୟନାରାୟଣ ରାଇସ ମିଲ, ହରଗୌରୀ ରାଇସ ମିଲ, ରାମଚଣ୍ଡୀ ରାଇସ ମିଲକୁ ନିଯୁକ୍ତି କରାଯାଇଛି। ୩୧



**ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ**

ଜାନୁଆରୀ ସୁଧା ୧୧୧୬ କୁଇଣ୍ଟାଲ ଧାନ କିଣା ହୋଇଛି, ସେଥି ମଧ୍ୟରୁ ମିଲର ୧୦୬୪ ନେଇଛନ୍ତି। ଏବେ ବି ଏହି ଦୁଇ ମଣ୍ଡିରେ ୧୨୦୦ କୁଇଣ୍ଟାଲରୁ ଅଧିକ ଧାନ ପଡି ରହିଛି। ଅଥଚ ମିଲରମାନେ ଧାନ ନେବାକୁ ଆସୁ ନାହାନ୍ତି। ଯାହାକୁ ନେଇ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଜାନୁଆରୀ ୧୦ ଓ ୧୨ ତାରିଖରେ ୧୨୦ ଜଣ ଚାଷୀଙ୍କ ଧାନ ବିକ୍ରି କରିବା ପାଇଁ ଟୋକନ ଆସିଥିବା ବେଳେ ୩୯ ଜଣ ଚାଷୀଙ୍କ ଠାରୁ ଧାନ କିଣା ଯାଇଛି। ବାକି ରହିଥିବା ୮୧ ଜଣ ଚାଷୀଙ୍କ ଟୋକନ ସମୟ ଫେବ୍ରୁଆରୀ ୮ ତାରିଖ ସୁଦ୍ଧା ଅବଧି ସରିଯିବ। ଏହା ବାଦ ଯେଉଁ ଚାଷୀ ମାନଙ୍କର ଟୋକନ ତାରିଖ ୧୪, ୧୭, ୧୯ ଥିଲା ସେମାନେ ମଣ୍ଡିରେ ଧାନ ଦେବା ପାଇଁ ବାରମ୍ବାର ସୋସାଇଟି ଅଫିସକୁ ଆସୁଛନ୍ତି। ଏପଟେ ମିଲର ଆସୁନଥିବାରୁ ମଣ୍ଡିରେ ଧାନ ପଡି ରହିଛି। ତୁରନ୍ତ ଏହି ଦୁଇ ମଣ୍ଡିରୁ ମିଲର ଯଦି ଧାନ ନ ନିଏ ଓ ବଳକା ଧାନ କିଣିବା ପାଇଁ ଟାର୍ଗେଟ ଦିଆନଯାଏ ତେବେ ଚାଷୀମାନେ ସମିତି ଆଗରେ ଧାରଣା ଦେବାକୁ ଧମକ ଦେଇଛନ୍ତି ।

## ଜଗଧାତ୍ରୀ ଉପ୍ରା ବିଦ୍ୟାଳୟରେ ଶିଶୁ ମେଳା ଉଦ୍‌ଯାପିତ

**ମାର୍ଶାଘାଇ, ୩।୨ (ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ପରକୁଳା ଜଗଦ୍ଧାତ୍ରୀ ଉପ୍ରା ବିଦ୍ୟାଳୟରେ ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ ଶିଶୁ ମେଳା ସୋମବାର ଉଦଯାପିତ ହୋଇଯାଇଛି । ପରକୁଳାର ଫ୍ରେଣ୍ଡ୍ସ ୟୁଥ କ୍ଲବର ସଭାପତି ଅନୁଜ କୁମାର ମହାପାତ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ପୂର୍ବାହ୍ନର ଉଦଘାଟନୀ କାର୍ଯ୍ୟକ୍ରମରେ ଜଗଦ୍ଧାତ୍ରୀ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ସେଠୀ ସଭାପତିତ୍ୱ କରିଥିଲେ। ପରକୁଳା ସରପଞ୍ଚ ଇଂ ଦୀପ୍ତି ରଞ୍ଜନ ମହାପାତ୍ର,ସିଆରସିସି ବିଭୁତି ଭୂଷଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଶିଶୁମାନଙ୍କ ଦ୍ୱାରା ସଂଗୀତ, ନୃତ୍ୟ, ସାଧାରଣଜ୍ଞାନ ଆଦି ବିଷୟରେ ପ୍ରତିଯୋଗିତା କରାଯାଇ କୃତୀଛାତ୍ର ଛାତ୍ରୀମାନଙ୍କୁ ଉଦଯାପନୀ ସଭାରେ ପୁରସ୍କୃତ କରାଯାଇଥିଲା। ଉଦଯାପନୀ ସଭାରେ ନାରାୟଣପୁର ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ କାନ୍ତ ନାୟକ ସଭାପତିତ୍ୱ କରିଥିବା ବେଳେ ମାର୍ଶାଘାଇ ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ବେଉରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପରକୁଳା ସମିତି ସଭ୍ୟ ସଞ୍ଜୟ କୁମାର ପାତ୍ର,ସତ୍ୟ ପ୍ରକାଶ ନାୟକ ଏବଂ ଡ. ରମେଶ ଚନ୍ଦ୍ର ନାୟକ ମୁଖ୍ୟବକ୍ତା ଭାବେ ଉଭୟ ସଭାରେ ବକ୍ତବ୍ୟ ରଖିଥିଲେ । ପରକୁଳା ଜଗଦ୍ଧାତ୍ରୀ ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନ ପରକୁଳା ଏବଂ ରାଘବପୁର ପଞ୍ଚାୟତର ସମସ୍ତ ଉପ୍ରା ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।

## କେନ୍ଦ୍ରାପଡ଼ାରେ ମିଳିତ ଅଭିଯୋଗ ଶୁଣାଣି ଶିବିର

**୧୮୦ ଅଭିଯୋଗରୁ ୧୭୫ ବ୍ୟକ୍ତିଗତ ଓ ୨୩ ସାମୁହିକ**

**କେନ୍ଦ୍ରାପଡ଼ା, ୩।୨ (ସଂଚାର ବ୍ୟୁରୋ):** ମିଳିତ ଅଭିଯୋଗ ଶୁଣାଣି ଶିବିର ସୋମବାର କେନ୍ଦ୍ରାପଡ଼ା ସଦର ମହକୁମାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୦ ଘଟିକା ଠାରୁ ଅପରାହ୍ନ ୧. ଘଣ୍ଟିକା ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ମୁନିସିପାଲିଟି ଟାଉନ୍‌ହଲ୍‌ଠାରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମିଳିତ ଅଭିଯୋଗ ଶୁଣାଣି ଶିବିରରେ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର, ଉପ-ଜିଲ୍ଲାପାଳ ଅରୁଣ କୁମାର ନାୟକ, ଡିଏସପି (ଡି. ଆଇ.ବି) ଲକ୍ଷ୍ମୀ ନାରାୟଣ ତିୱାରି, କେନ୍ଦ୍ରାପଡା ବିଡିଓ ଅଭିଷେକ ସ୍ୱାଇଁ, କେନ୍ଦ୍ରାପଡ଼ା ତହସିଲଦାର ତାପସ କୁମାର ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା ପ୍ରମୋଦ କୁମାର ପ୍ରହରାଜ, ଡେପୁଟି କଲେକ୍ଟର ପଲ୍ଲବୀ ପ୍ରିୟଦର୍ଶିନୀ, ଡେପୁଟି କଲେକ୍ଟର ପଲ୍ଲବୀ ପାତ୍ର, କେନ୍ଦ୍ରାପଡା ପୌରପରିଷଦର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି, ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଲାଇନ୍ ଡିପାର୍ଟମେଂଟ୍‌ର ନିର୍ବାହୀ ଯନ୍ତ୍ରୀ ପ୍ରମୂଖ ଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ ।

ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣିରେ ମୋଟ୍ ୧୮୦ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ବେଳେ ସେଥି ମଧ୍ୟରୁ ୨୩ ଗୋଟି ସାମୁହିକ ଏବଂ ୧୫୭ଗୋଟି ବ୍ୟକ୍ତିଗତ ଅଭିଯୋଗ ଥିଲା ।



ଚିକିତ୍ସା ସହାୟତା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ୧,୧୦,୦୦୦/- ଟଙ୍କା ୧୪ ଜଣ ଆବେଦନକାରୀଙ୍କୁ ଦେବା ପାଇଁ ଜିଲ୍ଲାପାଳ ମଞ୍ଜୁର କରିଥିବା ବେଳେ ରେଡ୍‌କ୍ରସ୍ ପାଣ୍ଠିରୁ ୫ ଜଣଙ୍କୁ ଚିକିତ୍ସା ସହାୟତା ବାବଦରେ ମୋଟ ଟ. ୨୮,୦୦୦/- ଟଙ୍କାର ଚେକ୍ ପ୍ରଦାନ ପାଇଁ ମଞ୍ଜୁର କରିଛନ୍ତି । ସମସ୍ତ ଅଭିଯୋଗର ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପାନୀୟ ଜଳ ଯୋଗାଣ, ବସୁନ୍ଧରା ଯୋଜନାରେ ଭୂମିହୀନଙ୍କୁ ଜାଗା ପ୍ରଦାନ, ଚିକିତ୍ସା ପାଇଁ ଆର୍ଥିକ ସହାୟତା, ନୂତନ ରାସନ୍‌କାର୍ଡ଼ ପ୍ରଦାନ, ଅନ୍ତୋଦୟ ଯୋଜନାରେ ନାମ ସାମିଲ କରିବା, ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ ନିୟମରେ ସଂଶୋଧନ, ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା, ଜମି ସମସ୍ୟା ଓ ପୋଲିସ ସମସ୍ୟା ଆବେଦନ ପତ୍ର ଆଦି ଦରଖାସ୍ତଗୁଡ଼ିକ ମୁଖ୍ୟ ସ୍ଥାନରେ ଥିଲା ।

## କୂଳ ଖାଉଛି ନଦୀ, ମାଡ଼ି ଆସୁଛି ବିପଦ

**ଜାମୁଦଣ୍ଡା ଗ୍ରାମବାସୀଙ୍କ ଦୁଃଖ ଖରସ୍ରୋତା ନଦୀ**

**ଆଳି, ୩।୨ (ସଂଚାର ବ୍ୟୁରୋ):** କୂଳ ଖାଉଛି ଖରସ୍ରୋତା ନଦୀ,ଗାଁ ଆଡ଼କୁ ମାଡ଼ିଆସୁଛି ବିପଦ । ଧୀରେ ଧୀରେ ନଦୀ ଆସି ଗାଁ ନିକଟରେ ପହଁଚିଲାଣି। ଏମିତି କି ଚାଷବାସ ସବୁକିଛି ନଦୀ ଗର୍ଭରେ ଲୀନ ହେବାକୁ ବସିଲାଣି। କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକ ଜାମୁଦଣ୍ଡା ଗ୍ରାମବାସୀଙ୍କ ପାଇଁ ଏବେ ବିପଦ ସାଜିଛି ଖରସ୍ରୋତା ନଦୀ। ନଦୀପାର୍ଶ୍ୱରେ ପଥର ପ୍ୟାକିଙ୍ଗ କରିବା ପାଇଁ ଜନ ପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀ ଯାଏଁ ସମସ୍ତଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ କିଛି ବି ସୁଫଳ ମିଳିନାହିଁ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

କୂଳ ଲଙ୍ଗୁଥିବାରୁ ଖରସ୍ରୋତା ନଦୀ ଆତଙ୍କିତ ଅବସ୍ଥାରେ ଜାମୁଦଣ୍ଡା ଗ୍ରାମବାସୀ । ନଦୀର ପ୍ରଖର ସ୍ରୋତରେ ଖସୁଛି ବଡ଼ ବଡ଼ ମାଟି ଅତଡା ଆଉ ଉଜୁଡି ଯାଉଛି ଚାଷବାସ। ଆଳି ବ୍ଲକ ଅନ୍ତର୍ଗତ ଜାମୁଦଣ୍ଡା ଗାଁ ଦେଇ ଯାଇଥିବା ଖରସ୍ରୋତା ନଦୀ ଗାଁ ମୁହାଁ ହେଉଥିବାରୁ ଲୋକମାନେ ଏବେ ଭୟଭୀତ ଅବସ୍ଥାରେ ଜୀବନ କାଟୁଛନ୍ତି। ପ୍ରତିବର୍ଷ ନଦୀ ଶଯ୍ୟାକୁ ୧୫ରୁ ୨୦ଫୁଟ ଯାଏଁ ଖାଇ ଖାଇ ଚାଲିଛି ଖରସ୍ରୋତା



ନଦୀ। ଏହାରି ଭିତରେ ୧୦/୧୨ଟି ଘର ମଧ୍ୟ ନଦୀ ଗର୍ଭରେ ଚାଲିଗଲାଣି। ଶହ ଶହ ଏକର ଚାଷ ଜମିବି ନଦୀରେ ଲୀନ ହୋଇଗଲାଣି। ଏମିତି କି ଅନେକ ଲୋକ ଗାଁ ଛାଡି ଅନ୍ୟତ୍ର ଚାଲିଗଲେଣି। ପଥର ପ୍ୟାକିଙ୍ଗ କରିବା ପାଇଁ ଗ୍ରାମବାସୀମାନେ ବହୁବର ଆଳିର ଜଳସମ୍ପଦ ବିଭାଗ ନିକଟରେ ଗୁହାରି କରି ଆସୁଥିଲେ ମଧ୍ୟ କିଛି ବି ସୁଫଳ ମିଳୁନଥିବା ଅଭିଯୋଗ ହୋଇଛି।

ଜାମୁଦଣ୍ଡା ଗାଁର ଏଭଳି ଅବସ୍ଥା ଆଜିର ନୁହେଁ କି କାଲିର ନୁହେଁ। ଗ୍ରାମବାସୀଙ୍କ କହିବା କଥା ଦୀର୍ଘ ୨୦ବର୍ଷ ହେବ କୂଳ ଖାଇଚାଲିଛି ଖରସ୍ରୋତା ନଦୀ। ଏନେଇ ଆଳିର ଜଳସମ୍ପଦ ବିଭାଗର ଅଧିକାରୀ ମୁହଁ ଖୋଲୁନଥିବା ବେଳେ, ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ସେମାନେ ଏଷ୍ଟିମେଣ୍ଟ କରିଛନ୍ତି ଡିଜାଇନ ଅପ୍ରୁଭ୍ ହୋଇକି ଆସିଲେ କାମ ଆରମ୍ଭ ହେବ ବୋଲି କେନ୍ଦ୍ରାପଡା ଜିଲ୍ଲାପାଳ କହିଛନ୍ତି। ବେଳ ଥାଉ ଥାଉ ପ୍ରତିକାର ବ୍ୟବସ୍ଥା କରାନଗଲେ ଆଗକୁ ଜାମୁଦଣ୍ଡା ଗ୍ରାମବାସୀଙ୍କ ପାଇଁ ବଡ଼ବିପଦ ଦେଖାଦେଇ ପାରେ। ସରୋଜ କୁମାର ବେହେରା, ପିତାମ୍ବର ନାୟକ,ସନ୍ତୋଷ ଦାସ ଏ ନେଇ ଅଭିଯୋଗ କରିଛନ୍ତି।

## ରାମଚଣ୍ଡୀ ହାଇସ୍କୁଲ ବାର୍ଷିକ ଉତ୍ସବ

**ପଟ୍ଟାମୁଣ୍ଡାଇ, ୩।୨ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ପଂଚାୟତ ରାମଚଣ୍ଡୀ ନୋଡାଲ ହାଇସ୍କୁଲର ୩୩ତମ ବାର୍ଷିକ ଉତ୍ସବ ପାଳିତ ହୋଇ ଯାଇଛି । ପ୍ରଧାନଶିକ୍ଷକ ଅଶୋକ ସାହୁଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନେ ପ୍ରତ୍ୟେକ କ୍ଷେତ୍ରରେ ଦୃଢ଼ମନା ହୋଇ ସବୁ ପରିସ୍ଥିତିର ମୁକାବିଲା କରିବାକୁ ପରାମର୍ଶ ଦେଇଥିଲେ। ପଟ୍ଟାମୁଣ୍ଡାଇ ବ୍ଲକର ଶିକ୍ଷା ଅଧିକାରୀ ହରିହର ଦଳାଇ ମୁଖ୍ୟବକ୍ତା, ସମାଜସେବୀ ତଥା ଜିଲ୍ଲା ପ୍ରତିଭା ସମ୍ମାନ ସଂଗଠନ ସଭାପତି ରଂଜନ ପ୍ରଧାନ ପ୍ରାକ୍ତନ ପ୍ରଧାନଶିକ୍ଷକ ହରିହର ପତି ଶ୍ରୀରାମପୁର ପଂଚାୟତ ସରପଞ୍ଚ ଶ୍ରୀମତୀ ସସ୍ମିତା ସେଠୀ, ରାଜନଗର ବ୍ଲକର ପ୍ରାକ୍ତନ ସହ ଶିକ୍ଷା ଅଧିକାରୀ ଉମାକାନ୍ତ ମହାନ୍ତି ଓ ସ୍କୁଲ ପରିଚାଳନା କମିଟି ସଭାପତି ମହେନ୍ଦ୍ର ସାହୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କାର ସହ ମାନପତ୍ର ପ୍ରଦାନ କରିଥିଲେ ।

## ଶିକ୍ଷକ ବଦଳିର ପ୍ରତିବାଦ

## ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**ରାଜନଗର, ୩।୨ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକର ଶିକ୍ଷକ ବଦଳି ପ୍ରତିବାଦରେ ଅଭିଭାବକମାନେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମୁଖରେ ଧାରଣାରେ ବସିଛନ୍ତି। ଏହି ବ୍ଲକର ବାଲିଚନ୍ଦ୍ରପୁର ପ୍ରାଥମିକ ବିଦ୍ୟାଳୟରେ ୫ଟି ଶ୍ରେଣୀରେ ୯୮ ଜଣ ଛାତ୍ର ଛାତ୍ରୀ ପାଠ ପଢନ୍ତି। ୫ ଟି ଶ୍ରେଣୀ ପାଇଁ ୨ ଜଣ ଶିକ୍ଷକ ଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକଙ୍କର ଅନ୍ୟ ବ୍ଲକକୁ ବଦଳି ହୋଇଛି। ଆମେ ବାରମ୍ବାର ଅଧିକ ଶିକ୍ଷକ ପାଇଁ ଦାବି କରି ଆସୁଥିବା ବେଳେ ଶିକ୍ଷକ ନିଯୁକ୍ତି ନଦେଇ ସହକାରୀ ଶିକ୍ଷକଙ୍କୁ ବଦଳି କରିବା ଘଟନା ଅଭିଭାବକଙ୍କ ମଧ୍ୟରେ ତୀବ୍ର ପତିକ୍ରିୟା ସୃଷ୍ଟି କରିଛି। ଆମ ବିଦ୍ୟାଳୟରେ ୩ ଜଣ ଶିକ୍ଷକ ଆବଶ୍ୟକ, ନିଯୁକ୍ତି ଦେବାକୁ ଦାବି କରି ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକ ମାନେ ବ୍ଲକ ଶିକ୍ଷାଧିକାରୀଙ୍କ ଅଫିସ ଆଗରେ ଧାରଣାରେ ବସିଥିଲେ। ସେହିପରି ବାଘମରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୮ଟି ଶ୍ରେଣୀରେ ୪୫୨ଜଣ ଛାତ୍ରଛାତ୍ରୀ ପାଠ ପଢନ୍ତି। ବିଦ୍ୟାଳୟରେ ୯ ଜଣ ଶିକ୍ଷକ ଥିଲେ। ଶିକ୍ଷକ ମାନସ ରଞ୍ଜନ ସାହୁଙ୍କୁ ଗରଦପୁର ବ୍ଲକକୁ ବଦଳି କରାଯାଇଛି। ଏହାର ପ୍ରତିବାଦରେ ଆଜି ଗ୍ରାମବାସୀମାନେ ରାଜନଗର ସ୍ଥିତ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମୁଖରେ ଧାରଣାରେ ବସିଥିଲେ।



# ଦୁଇଜଣଙ୍କୁ ମରଣାନ୍ତକ ଆକ୍ରମଣ

● ଗିରଫ ଦାବିରେ ଭରତପୁର ଛକ ରାସ୍ତା ଅବରୋଧ




**ଭୁବନେଶ୍ୱର,୩।୨(ସଂଚାର ବ୍ୟୁରୋ):** ଭରତପୁର ଥାନା ଅନ୍ତର୍ଗତ ପଣ୍ଡା କୁଦିଆ ଅଞ୍ଚଳରେ ଦୁଇଜଣଙ୍କୁ ମରଣାନ୍ତକ ଆକ୍ରମଣ । ଆକ୍ରମଣ କାରୀଙ୍କୁ ଗିରଫ ଦାବିରେ ଭରତ ପୁର ଛକ ରାସ୍ତା ଅବରୋଧ । ଯାହା ଫଳରେ ଏହି ରାସ୍ତା ଦେଇ ଆସୁଥିବା ଶହ ଶହ ଗାଡି ମଟର ଅଟକି ରହିଥିଲା ରାସ୍ତାରେ। ଆକ୍ରମଣର ଶିକାର ହୋଇଥିବା ଲୋକଙ୍କ ସମ୍ପର୍କୀୟଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ ମିଟୁ ରଞ୍ଜନ ନାମକ ଜଣେ ଯୁବକ ନିଜ ସ୍ତ୍ରୀ ପିଲା ଛୁଆଙ୍କୁ ନେଇ ଏକ ଘରୋଇ ହସ୍ପିଟାଲ ଯାଇଥିଲେ । ଚିକିତ୍ସା ସାରି ନିଜ କାର ଯୋଗେ ପ୍ରାୟ ଅପରାହ୍ନ ୪/୫ଟା ସମୟରେ ଘରକୁ ଫେରୁଥିବା ସମୟରେ ପଣ୍ଡାକୁଦିଆ ଅଂଚଳ ନିକଟରେ ରାସ୍ତାରେ ମଦ ପିଉଥିବା ତିନିଜଣ ଚାରିଜଣ ଯୁବଙ୍କୁ ହର୍ଣ୍ଣ ମାରିଥିଲେ । ତେବେ ହର୍ଣ୍ଣ କାହିଁକି ମାରିଲୁ କହି ମଦ ପିଉଥିବା ଯୁବକ ମାନେ ମିଟୁ ରଞ୍ଜନ ସ୍ୱାଇଁ ଓ ତାଙ୍କ ସହିତ ଥିବା ଭିଣୋଇଙ୍କୁ ମାରଣା ଅସ୍ତ୍ରରେ ଆକ୍ରମଣ କରି ଲହୁଲୁହାଣ କରିଥିଲେ ବୋଲି ପ୍ରକାଶ କରିଥିଲେ । ତେବେ ଏହି ଆକ୍ରମଣର ୩/୪ବିତି ଯାଇଥିଲେ ମଧ୍ୟ ଭରତପୁର ଥାନା ପୋଲିସ ଆକ୍ରମଣକାରିଙ୍କୁ ଧରିବାରେ ବିଫଳ ହୋଇଥିଲା। ତେଣୁ ଦୁର୍ବୃତ୍ତ ମାନଙ୍କୁ ତୁରନ୍ତ ଗିରଫ ଦାବିରେ ଭରତପୁର ଛକ ରାସ୍ତା ଅବରୋଧ କରିଥିଲେ ସ୍ମାର୍ଟ ସିଟି ଅଟୋ ଗ୍ରୁପର ଅଟୋ ଚାଳକ ମାନେ।

# କାରାଗାରରେ ଛାତ୍ରନେତାଙ୍କୁ ଭେଟିଲେ କଂଗ୍ରେସ ନେତୃବୃନ୍ଦ




**ଭୁବନେଶ୍ୱର,୩।୨ (ସଂଚାର ବ୍ୟୁରୋ):** ନିକଟରେ ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତଙ୍କ ଭୁବନେଶ୍ୱର ଗସ୍ତ ଅବସରରେ କଂଗ୍ରେସର କେତେକ ଛାତ୍ରନେତା କଳାପତାକା ଦେଖାଇ ଗିରଫ ହୋଇଥିଲେ। ସେମାନେ ଏବେ ଝାରପଡ଼ାର ସ୍ୱତନ୍ତ୍ର କାରାଗାରରେ ଥିବା ବେଳେ ଆଜି ସେମାନଙ୍କୁ ଭେଟିଛନ୍ତି ଦଳର ପ୍ରମୁଖ ନେତୃବୃନ୍ଦ। ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସହ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପୂର୍ବତନ ବିଧାୟକ ତଥା ପୂର୍ବତନ ଛାତ୍ର ସଭାପତି ଦେବାଶିଷ ପଟ୍ଟନାୟକ,ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ୍ ଦାଶ, ପୂର୍ବତନ ଛାତ୍ର ସଭାପତି ୟାସିର୍ ନୱାଜ, ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ପୂର୍ବତନ ପିସିସି ମୁଖପାତ୍ର ରଜନୀ ମହାନ୍ତି, ପୂର୍ବତନ ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ସୁବ୍ରତ ମହାପାତ୍ର ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ ଓ ଅନ୍ୟ ଛାତ୍ର ନେତାଙ୍କୁ ଭେଟିଛନ୍ତି। ଏହି ଅବସରରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ବିରୋଧୀ ଦଳର କଳା ପତାକା ପ୍ରଦର୍ଶନ କରିବାର ସମ୍ପୂର୍ଣ୍ଣ ଅଧିକାର ରହିଛି। କିନ୍ତୁ ରାଜ୍ୟରେ କ୍ଷମତାସୀନ ବିଜେପି ସରକାର ଏହାକୁ ଛଡ଼ାଇନେଇଛି। ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ବଳିଦାନ ଦିବସରେ ଯେପରି ଅଗଣତାନ୍ତ୍ରିକ ପଦ୍ଧତିରେ ଉଦିତ ଓ ଅନ୍ୟ ଛାତ୍ରମାନଙ୍କୁ ଗିରଫ କରାଯାଇଛି, ତାହା ବଡ଼ ନିନ୍ଦନୀୟ। ତୁରନ୍ତ ଏହି ଗିରଫ ଛାତ୍ର ନେତାମାନଙ୍କୁ ସରକାର ଜେଲରୁ ମୁକ୍ତ କରିବା ସକାଶେ ଶ୍ରୀ ପଟ୍ଟନାୟକ ଦାବି କରିଛନ୍ତି। ସେହିପରି ତୁରନ୍ତ ଏହି ଛାତ୍ରନେତାମାନଙ୍କୁ ମୁକ୍ତ କରାନଗଲେ ଆଗାମୀ ଦିନରେ କଂଗ୍ରେସ ତା'ର ଆନ୍ଦୋଳନକୁ ଜୋର୍‌ଦାର କରିବ ବୋଲି ଶ୍ରୀ ଜେନା ଚେତାବନୀ ଦେଇଛନ୍ତି।

● ଏମଏସଏମଇ ପାଇଁ ଗରିବଙ୍କୁ ହତାଦର

# ନ୍ୟାୟ ଦାବିରେ କଳିଙ୍ଗ ସେନାର ବିକ୍ଷୋଭ

**ଭୁବନେଶ୍ୱର,୩।୨(ସଂଚାର ବ୍ୟୁରୋ):** ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ)କୁ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି। ଏଥରର କେନ୍ଦ୍ର ବଜେଟ୍‌ରେ ଏଭଳି ଉଦ୍ୟୋଗମାନଙ୍କ ଲାଗି ଋଣ ଗ୍ୟାରିଣ୍ଟିକୁ ଦୁଇଗୁଣା କରାଯାଇଛି। ଷ୍ଟାର୍ଟଅପ୍‌ଗୁଡ଼ିକ ପାଇଁ ଋଣ ଗ୍ୟାରେଣ୍ଟିକୁ ମଧ୍ୟ ୧୦ କୋଟିରୁ ୨୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଓଡ଼ିଶା ସରକାର ମଧ୍ୟ ଏହି କ୍ଷେତ୍ରକୁ ଗୁରୁତ୍ୱ ଦେଉଛନ୍ତି। ମାତ୍ର ବାସ୍ତବ କ୍ଷେତ୍ରରେ ଏହା ପ୍ରତିଫଳିତ ହେଉନାହିଁ। ଫଳସ୍ୱରୂପ ଲଘୁ ଓ କ୍ଷୁଦ୍ର ଉଦ୍ୟୋଗ ଜରିଆରେ ଆତ୍ମନିର୍ଭର ହେବାକୁ ଇଚ୍ଛା ରଖିଥିବା ଗରିବ ଯୁବକମାନେ ବ୍ୟାଙ୍କ ଋଣରୁ ବଞ୍ଚିତ ହେଉଛନ୍ତି ବୋଲି କଳିଙ୍ଗ ସେନା ସୁପ୍ରିମୋ ହେମନ୍ତ ରଥ ଅଭିଯୋଗ କରିଛନ୍ତି। ଏନେଇ ଆଜି ସେନା ପକ୍ଷରୁ ଭୁବନେଶ୍ୱର ରେଳଷ୍ଟେସନରୁ ଏକ ଶୋଭାଯାତ୍ରା ବାହାରି ପିଏମଜି ଛକରେ ପହଞ୍ଚିଥିଲା। କ୍ଷୁଦ୍ର ବ୍ୟବସାୟୀ, ନୂତନ ଉଦ୍ୟୋଗୀ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀମାନଙ୍କୁ ଋଣ ନ ଦେବା ପ୍ରତିବାଦରେ ସେନାର ଶତାଧିକ କର୍ମୀ ଏହି ବିକ୍ଷୋଭରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଶ୍ରୀ ରଥ କହିଛନ୍ତି ଯେ କୃଷି ପରେ ଏମଏସଏମଇ ହେଉଛି ଦ୍ୱିତୀୟ ବୃହତ୍ତମ କର୍ମ ନିଯୁକ୍ତି କ୍ଷେତ୍ର। ଆତ୍ମନିର୍ଭରଶୀଳତା ପାଇଁ ଏଠାରେ ବ୍ୟାପକ ସୁଯୋଗ ରହିଛି। ଏସବୁ ଉଦ୍ୟୋଗ ପାଇଁ ବ୍ୟାଙ୍କମାନେ ବିନା ବନ୍ଧକରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ ପାଇଁ ରିଜର୍ଭ ବ୍ୟାଙ୍କର ଗାଇଡଲାଇନ୍ ରହିଛି। ମାତ୍ର ବ୍ୟାଙ୍କ ଏହି ଗାଇଡଲାଇନକୁ ମାନୁନାହାନ୍ତି। ବିନା ବନ୍ଧକରେ ଋଣ ଦେବାକୁ ବ୍ୟାଙ୍କ ସିଧା ସିଧା ମନା କରିଦେଉଛନ୍ତି।




## ଚାରିଦିନିଆ ଓଡ଼ିଶା ଗସ୍ତରେ ଦଳ

# ଡିଜିଙ୍କ ସହ ଏନ୍‌ଡିସିର ପ୍ରତିନିଧିମଣ୍ଡଳୀର ଆଲୋଚନା



**ଭୁବନେଶ୍ୱର,୩।୨(ସଂଚାର ବ୍ୟୁରୋ):** ଆଜି ନ୍ୟାସନାଲ ଡିଫେନ୍ସ କଲେଜ (ଏନ୍‌ଡିସି)ର ୧୭ଜଣିଆ ପ୍ରତିନିଧିମଣ୍ଡଳୀ ଶୈକ୍ଷିକ ଭାରତ ଭ୍ରମଣ ଅବସରରେ ଆଜି ଏଠାରେ ପହଞ୍ଚିଛନ୍ତି। ଏହି ଚାରିଦିନିଆ ଗସ୍ତ ଅବସରରେ ପ୍ରତିନିଧିମଣ୍ଡଳୀର ସଦସ୍ୟମାନେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି, ପୁଲିସ ବ୍ୟବସ୍ଥା ଓ ତଟ ସୁରକ୍ଷା ସମ୍ପର୍କରେ ବିଶଦ ଆଲୋଚନା କରିଛନ୍ତି। ବୈଠକରେ ଆରକ୍ଷୀ ମହାନିର୍ଦ୍ଦେଶକ ଖୁରାନିଆ ରାଜ୍ୟର ପୁଲିସ ବ୍ୟବସ୍ଥାରେ ଆଧୁନିକୀକରଣ, ମାଓ ସମସ୍ୟାର ମୁକାବିଲା, ସଂଗଠିତ ଅପରାଧର ନିରାକରଣ ଓ ରାଜ୍ୟର ତଟବର୍ତ୍ତୀ ସୁରକ୍ଷା ନିମନ୍ତେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଛନ୍ତି।
ମାଓବାଦୀ ବିରୋଧୀ ଅଭିଯାନଠାରୁ ଆରମ୍ଭ କରି କ୍ରମବର୍ଦ୍ଧିଷ୍ଣୁ ସାଇବର ଅପରାଧ, ମହିଳା ଓ ଶିଶୁମାନଙ୍କ ପ୍ରତି ହେଉଥିବା ନିର୍ଯାତନା ଏବଂ ପ୍ରତିକାର, ସଡ଼କ ଦୁର୍ଘଟଣା ଏବଂ ଏହାର ନିରାକରଣ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି। ୧୯୩୬ ମସିହା ଏପ୍ରିଲ୍ ୧ ତାରିଖରୁ ଓଡ଼ିଶା ପୁଲିସ ବାହିନୀ ଗଠନଠାରୁ ଆରମ୍ଭ କରି ସାମ୍ପ୍ରତିକ ପରିସ୍ଥିତିରେ ପୁଲିସର ଭୂମିକା ସମ୍ପର୍କରେ ପ୍ରତିନିଧିମଣ୍ଡଳୀଙ୍କୁ ଅବଗତ କରାଯାଇଥିଲା। ଆଗାମୀ ଦିନରେ ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ପୁଲିସ ପ୍ରତି ଆହ୍ୱାନ ଓ ଏହାର ମୁକାବିଲା ନିମନ୍ତେ ପ୍ରସ୍ତୁତି ସମ୍ପର୍କରେ ମଧ୍ୟ ଡିଜିପି ସୂଚନା ଦେଇଥିଲେ। ଏହାଛଡ଼ା ସଦ୍ୟ ସମାପ୍ତ ଡିଜିପି ସମ୍ମିଳନୀ, ପ୍ରବାସୀ ଭାରତୀୟ ଦିବସ, ଉତ୍କର୍ଷ ଓଡ଼ିଶା ଭଳି ମେଗା ଇଭେଣ୍ଟକୁ ଶୃଙ୍ଖଳିତ ଭାବେ ଆୟୋଜନ କରିବାରେ ଓଡ଼ିଶା ପୁଲିସ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। ପୁଲିସର ଭୂମିକାକୁ ପ୍ରତିନିଧିମଣ୍ଡଳୀ ସ୍ୱାଗତ କରିଥିଲେ। ସୂଚନାଯୋଗ୍ୟ ଯେ ଏହି ପ୍ରତିନିଧିମଣ୍ଡଳୀରେ ବ୍ରାଜିଲ, ଭୁଟାନ, ଦକ୍ଷିଣ ଆଫ୍ରିକା, ନେପାଳ, ବାଂଲାଦେଶ ଆଦି ଦେଶର ପ୍ରତିନିଧି ସାମିଲ ହୋଇଥିଲେ। ଏହାଛଡ଼ା ଭାରତୀୟ ନୌସେନା, ଭାରତୀୟ ବାୟୁସେନା ଓ ସ୍ଥଳ ବାହିନୀର ବରିଷ୍ଠ ପଦାଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ବୈଠକରେ ସ୍ୱତନ୍ତ୍ର ଡିଜିପି କ୍ରାଇମବ୍ରାଞ୍ଚ, ବିନୟତୋଷ ମିଶ୍ର, ଗୁଇନ୍ଦା ନିର୍ଦ୍ଦେଶକ ଆରପି କୋଚେ, ବିପିଏସପିଏ ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା, ଏସସିଆରବି ନିର୍ଦ୍ଦେଶକ ଡ. ସନ୍ତୋଷଓ୍ୱାଲା, ପୁଲିସ କମିଶନର ଡ. ଏସ. ଦେବଦତ୍ତ ସିଂ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସଏପି) ରାଜେଶ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ପ୍ରୋଭିଜନିଂ) ଯତୀନ୍ଦ୍ର କୋୟଲ, ଆଇଜି (କାର୍ମିକ) ଏସ. ପ୍ରବୀଣ କୁମାର, ଆଇଜି (ଅପରେସନ) ଜୟ ନାରାୟଣ ପଙ୍କଜଙ୍କ ସମେତ ଅନ୍ୟ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ।

# ଓଡ଼ିଆ ନୂଆବର୍ଷ ପୂର୍ବରୁ ସରିବ ବିଜେଡି ସାଙ୍ଗଠନିକ ନିର୍ବାଚନ



**ଭୁବନେଶ୍ୱର,୩।୨ (ସଂଚାର ବ୍ୟୁରୋ):** ବିଜୁ ଜନତା ଦଳର ସାଙ୍ଗଠନିକ ନିର୍ବାଚନ ଓଡ଼ିଆ ନବବର୍ଷ ପୂର୍ବରୁ ଶେଷ ହେବ ବୋଲି ଆଜି ଦଳ ତରଫରୁ କୁହାଯାଇଛି । ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଦଳର ସାଙ୍ଗଠନିକ ନିର୍ବାଚନ ସମ୍ବନ୍ଧରେ ଚୂଡାନ୍ତ ନିଷ୍ପତ୍ତି ନେବା ପାଇଁ ଆଜି ଶଙ୍ଖ ଭବନ ଠାରେ ଦଳର ସମନ୍ୱୟ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଦଳର ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀପ୍ରସାଦ ମିଶ୍ର ଅଧ୍ୟକ୍ଷତା କରିଥିଲେ । ସମନ୍ୱୟ କମିଟିର ଅନ୍ୟତମ ସଦସ୍ୟ ତଥା ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ବୈଠକ ଓ ଦଳର ସାଙ୍ଗଠନିକ ନିର୍ବାଚନ ସମ୍ବନ୍ଧରେ ସୂଚନା ଦେଇଥିଲେ । ଦଳର ସାଙ୍ଗଠନିକ ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତି ପାଇଥିବା ଦଳର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଦେବ ଏହି ବୈଠକରେ ଯୋଗଦେଇ ନିର୍ବାଚନର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ । ଫେବୃଆରୀ ମାସ ପ୍ରଥମ ସପ୍ତାହରେ ଜିଲ୍ଲା ନିର୍ବାଚନ ଅଧିକାରୀ ମାନଙ୍କୁ ନିଯୁକ୍ତି ଦିଆଯିବ । ନିର୍ବାଚନ ପ୍ରକ୍ରିୟା ଓଡ଼ିଆ ନବବର୍ଷ ପୂର୍ବରୁ ଶେଷ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି । ଏଥିରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ଷ୍ଟେଟ୍ କାଉନ୍‌ସିଲ ସଦସ୍ୟଙ୍କ ସହିତ ସଭାପତିଙ୍କ ନିର୍ବାଚନ ହେବ । ବରିଷ୍ଠ, ମହିଳା, ଯୁବ ଓ ଛାତ୍ର ସଂଗଠନର ସହଯୋଗରେ ଏହି ନିର୍ବାଚନ ହେବ ବୋଲି ଶ୍ରୀ ଅମାତ କହିଥିଲେ। ଏହି ବୈଠକରେ ଉପଦେଷ୍ଟା କମିଟି ଆବାହକ ପ୍ରସନ୍ନ ଆଚାର୍ଯ୍ୟ, ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିରୋଧୀ ଦଳ ଉପ ମୁଖ୍ୟ ସଚେତକ ପ୍ରତାପ କେଶରୀ ଦେବ, ବରିଷ୍ଠ ରାଜ୍ୟ ଗଣମାଧ୍ୟମ ସଂଯୋଜକ ପ୍ରତାପ ଜେନା, କାର୍ଯ୍ୟକ୍ରମ ରୂପାୟନ କମିଟି ଆବାହକ ସଞ୍ଜୟ ଦାସବର୍ମା, ସଭ୍ୟ ସଂଗ୍ରହ କମିଟି ଆବାହକ ଅତନୁ ସବ୍ୟସାଚୀ ନାୟକ, ବିଧାୟକ ଡ଼ ଅରୁଣ କୁମାର ସାହୁ, ବିଧାୟକ ନିରଞ୍ଜନ ପୂଜାରୀ, ବିଧାୟକ ଅଶ୍ୱିନୀ କୁମାର ପାତ୍ର, ବିଧାୟକ ସାରଦା ପ୍ରସାଦ ନାୟକ, ବିଧାୟକ ମନୋହର ରନ୍ଧାରୀ, ବରିଷ୍ଠ ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ବରିଷ୍ଠ ନେତା ବିକ୍ରମ କେଶରୀ ଆରୁଖ, ପ୍ରଦୀପ କୁମାର ଅମାତ, ସୁଦାମ ମାରାଣ୍ଡି, ମହେଶ ସାହୁ, ଦେବେଶ ଆଚାର୍ଯ୍ୟ, ବିଜୟ ନାୟକ ଓ ରାଜ୍ୟ ଗଣମାଧ୍ୟମ ସଂଯୋଜକ ଡ଼ ପ୍ରିୟବ୍ରତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

# ରେଳ ବଜେଟ୍‌ରେ ଦିଆଯାଇଛି ଓଡ଼ିଶାକୁ ଗୁରୁତ୍ୱ

● ଓଡ଼ିଶାରେ ଗତ ୧୦ ବର୍ଷ ଭିତରେ ୨୦୪୬ କିମି ନୂଆ ଟ୍ରାକ୍ ନିର୍ମାଣ ହୋଇଛି
● ୭୮ ହଜାର କୋଟିର ପ୍ରକଳ୍ପର ନିର୍ମାଣ ଚାଲିଛି
● ୫୯ଟି ଅମୃତ ଷ୍ଟେସନ ପାଇଁ ବ୍ୟୟବରାଦ



**ଭୁବନେଶ୍ୱର,୩।୨(ସଂଚାର ବ୍ୟୁରୋ):** ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାକୁ ସବୁବେଳେ ଗୁରୁତ୍ୱ ଦେଇଆସିଛନ୍ତି। ଆଜି ଆଗତ ହୋଇଥିବା ରେଳ ବଜେଟ୍‌ରେ ଓଡ଼ିଶା ପାଇଁ ୧୦, ୫୯୯ କୋଟି ଟଙ୍କା ଘୋଷଣା କରାଯାଇଛି। ବିକଶିତ ଭାରତର ଗଠନ ପାଇଁ ମୋଦିଜୀ ବଦ୍ଧ ପରିକର ବୋଲି ରାଜ୍ୟ କାର୍ଯ୍ୟାଳୟରେ ଶ୍ରୀ ମନମୋହନ ସାମଲ କହିଛନ୍ତି। ଶ୍ରୀ ସାମଲ କହିଛନ୍ତି, ବିକଶିତ ଓଡ଼ିଶା ଗଠନରେ ରେଳର ବିକାଶ ଗୁରୁତ୍ୱପୂର୍ଣ୍ଣ। ଏହାକୁ ଉପଲବ୍ଧି କରି ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ ଓଡ଼ିଶାରେ ରେଳର ଆଧୁନିକରଣ ଏହାର ଭିତିଭୂମି ସଜାଡ଼ିବା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ତାଙ୍କ ନେତୃତ୍ୱରେ ରେଳ ବଜେଟ ପ୍ରତିବର୍ଷ ଓଡ଼ିଶାର ରେଳ ବଜେଟ ବଢ଼ିଚାଲିଥିବାବେଳେ କିଛି ବର୍ଷ ହେବ ଏହା ୧୦ ହଜାର କୋଟି ଟଙ୍କା ପାର କରିଛି। ଓଡ଼ିଶାରେ ଗତ ୧୦ ବର୍ଷ ଭିତରେ ୨୦୪୬ କିମି ନୂଆ ଟ୍ରାକ୍ ନିର୍ମାଣ ହୋଇଛି। ଏହି ନବ ନିର୍ମିତ ଟ୍ରାକ୍ ମାଲେସିଆରେ ଥିବା ଟ୍ରାକଠାରୁ ଅଧିକ। ଏହାଛଡ଼ା ଓଡ଼ିଶାରେ ବର୍ତ୍ତମାନ ସୁଦ୍ଧା ୬ଟି ବନ୍ଦେ ଭାରତ ଟ୍ରେନ୍ ଚାଲୁଛି। ୭୮ ହଜାର କୋଟିର ପ୍ରକଳ୍ପର ନିର୍ମାଣ ଚାଲିଛି। ରାଜ୍ୟରେ ୧୯୦୦ କିମି ଟ୍ରାକରେ କବଚ ଲାଗିବା କାମ ସରିଛି। ଆସନ୍ତା ୬ ବର୍ଷରେ ଏହି କାମ ସରିବ। ଏହି କାର୍ଯ୍ୟ ଶେଷ ହେବା ପରେ ରେଳଯାତ୍ରା ଅଧିକ ସୁରକ୍ଷିତ ହୋଇପାରିବ ଓଡ଼ିଶାରେ ୫୯ଟି ଅମୃତ ଷ୍ଟେସନ ପାଇଁ ବ୍ୟୟବରାଦ କରାଯାଇଛି। ଏଥିପାଇଁ ୨ ହଜାର ୩୭୯ କୋଟି ଖର୍ଚ୍ଚ ହେବ। ଫଳରେ ଓଡ଼ିଶାର ସବୁ ଜିଲାକୁ ଓ ଅନ୍ୟାନ୍ୟ ରାଜ୍ୟକୁ ସଂଯୋଗକରଣ ଅଧିକ ସୁଦୃଢ଼ ହେବ। ଖୁବ୍‌ଶୀଘ୍ର କୋଲକାତା -ଚେନ୍ନାଇ ୪ ଲେନ କାମ ସରିବାକୁ ଥିବାବେଳେ କୋଲକାତା-ଭଦ୍ରକ କାମ ଜୋରସୋର ଚାଲିଛି। ଏହାଛଡ଼ା ଆଗକୁ ଅଧିକ ଟ୍ରେନ ଓଡ଼ିଶାରେ ଗଡ଼ିବାକୁ ଯାଉଛି। ଏହି ଐତିହାସିକ ଓ ଲୋକାଭିମୁଖୀ ରେଳ ବଜେଟ ପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ରମୋଦି ଏବଂ ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଶ୍ରୀ ସାମଲ ଧନ୍ୟବାଦ ଜ୍ଞାପନ କରିଛନ୍ତି।

# ଗୋଷ୍ଠୀ ଶୌଚାଳୟରେ ତାଲା



**ଦେବଗଡ଼,୩।୨(ସଂଚାର ବ୍ୟୁରୋ):** ପୌରାଞ୍ଚଳରେ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ୮ଟି ଗୌଷ୍ଠୀ ଶୌଚାଳୟ ନିର୍ମାଣ ହୋଇଥିଲା । ସେଥିପାଇଁ ୨୦୧୭-୧୮ ଆର୍ଥିକ ବର୍ଷରେ ୪୦ଲକ୍ଷ ଖର୍ଚ୍ଚ ହୋଇଛି। ହେଲେ ପୌର ପରିଷଦର ଅବହେଳା ପାଇଁ ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି । ମରାମତି କରାଯାଉନାହିଁ । ଫଳରେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି ଶୌଚାଳୟ। ଫଳରେ ଲୋକମାନେ ଶୌଚ ପାଇଁ ବାହାରକୁ ଯାଉଥିବା ଦେଖିବାକୁ ମିଳୁଛି। ୨୦୧୭ ଅଗଷ୍ଟ ୩ରେ ଦେବଗଡ଼କୁ ପ୍ରଥମ ବାହ୍ୟ ମଳମୁକ୍ତ ଜିଲ୍ଲା ଭାବେ ଘୋଷଣା କରିଥିଲେ କେନ୍ଦ୍ର ସରକାର। ଦେବଗଡ ପୌରାଞ୍ଚଳକୁ ୨୦୧୮ ଏପ୍ରିଲ ୩ରେ ବାହ୍ୟ ମଳମୁକ୍ତ ସହର ଭାବେ ଘୋଷଣା କରାଗଲା।

# ନବନିଯୁକ୍ତ ଅନୁଦାନପ୍ରାପ୍ତ ବେସରକାରୀ ସ୍ନାତକୋତ୍ତର ଶିକ୍ଷକଙ୍କ କର୍ମଶାଳା ଉଦଘାଟିତ



**ଭୁବନେଶ୍ୱର,୩।୨(ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ ଓଡ଼ିଶା ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପରିସରସ୍ଥିତ ଇମେଜ୍ ସଭାଗୃହରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା)ର ମିଳିତ ଉଦ୍ୟମରେ ନବନିଯୁକ୍ତ ଅନୁଦାନପ୍ରାପ୍ତ ବେସରକାରୀ ସ୍ନାତକୋତ୍ତର ଶିକ୍ଷକଶିକ୍ଷୟିତ୍ରୀଙ୍କ ଏକ ପାଞ୍ଚଦିନିଆ କର୍ମଶାଳା ଉଦ୍‌ଘାଟିତ ହୋଇଛି। ଏହି କର୍ମଶାଳା ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଚାଲିବ। କର୍ମଶାଳାର ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୧୦୦ ଜଣ ନବନିଯୁକ୍ତ ଅନୁଦାନପ୍ରାପ୍ତ ବେସରକାରୀ ସ୍ନାତକୋତ୍ତର ଶିକ୍ଷକଶିକ୍ଷୟିତ୍ରୀ ଏହି କର୍ମଶାଳାରେ ଭାଗନେଇଛନ୍ତି। ଉଦଘାଟନୀ ଅଧିବେଶନରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରଘୁରାମ୍ ଆର୍ ଆୟାର୍ ସମସ୍ତ ଅତିଥି ଓ କର୍ମଶାଳାର ସମସ୍ତ ଅଂଶଗ୍ରହଣକାରୀ ଓ ନିର୍ଦ୍ଦେଶାଳୟର ସମସ୍ତ ପଦାଧିକାରୀ ଏବଂ କର୍ମଚାରୀମାନଙ୍କୁ ସ୍ୱାଗତ କରିବା ସହ କର୍ମଶାଳାର ଉଦ୍ଦେଶ୍ୟ ଏବଂ ବିଭିନ୍ନ ଅଧିବେଶନ ବିଷୟରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ନିର୍ଦ୍ଦେଶକ ଶ୍ରୀ ଆୟାର୍ ଜାତୀୟ ଶିକ୍ଷାନୀତି-୨୦୨୦ ଅନ୍ତର୍ଗତ ଆବଶ୍ୟକୀୟ ପରିବର୍ତ୍ତନ ସମ୍ପର୍କରେ ଅବଗତ କରାଇବା ସହ ପରୀକ୍ଷା ସମ୍ପର୍କିତ ଦିଗଦର୍ଶନ ଦେଇଥିଲେ। ଏଥିସହ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରୀକ୍ଷା ସମ୍ପର୍କିତ ଏକ ବିଶେଷ ଅଧିବେଶନ ପରିଚାଳନା ପାଇଁ ମଧ୍ୟ ଶ୍ରୀ ଆୟର୍ ନିର୍ଦ୍ଦେଶ ଦେଇଥିଲେ। ସମ୍ବଲପୁର ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଆଞ୍ଚଳିକ ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ପ୍ରଧାନ ଅଂଶଗ୍ରହଣକାରୀମାନଙ୍କୁ ଶିକ୍ଷାଦାନ କ୍ଷେତ୍ରରେ ସେମାନଙ୍କର ଆଚରଣ, ଉଚ୍ଚାରଣ ଓ ପରିଚାଳନା କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ।

# ଲାଇଟ୍ ଆଣ୍ଡ୍ ସାଉଣ୍ଡ୍ ଗୋଦାମରେ ଭୟଙ୍କର ଅଗ୍ନିକାଣ୍ଡ

**ଭୁବନେଶ୍ୱର,୩।୨(ସଂଚାର ବ୍ୟୁରୋ):** ଆଇଗିଣିଆ ଆଳୁ ଗଦି ଠାରେ ଥିବା ଏକ ଲାଇଟ୍ ଆଣ୍ଡ୍ ସାଉଣ୍ଡ୍ ଗୋଦାମରେ ଭୟଙ୍କର ଅଗ୍ନିକାଣ୍ଡ। ନିଆଁକୁ ଆୟତ୍ତ କରାଯାଇଥିଲେବି ଗୋଦାମରେ ଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି। ସୂଚନା ଅନୁଯାୟୀ, ସୋମବାର ସନ୍ଧ୍ୟାରେ ଆଇଗିଣିଆ ସ୍ଥିତ ଆଳୁଗଦିଠାରେ ଥିବା ଏକ ଲାଇଟ୍ ଆଣ୍ଡ୍ ସାଉଣ୍ଡ୍ ଗୋଦାମରେ ଦୋକାନରେ ନିଆଁଲାଗିଯାଇଥିଲା। ଅଗ୍ନିକାଣ୍ଡ କାରଣରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜଳି ପୋଡ଼ି ନଷ୍ଟ ହୋଇଯାଇଛି। ତେବେ ଅଗ୍ନିକାଣ୍ଡର କାରଣ ପ୍ରକୃତ କାରଣ ଜଣାପଡ଼ିନଥିବାବେଳେ, ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଛି। ନିଆଁଲିଭା କାର୍ଯ୍ୟରେ ତମାଣ୍ଡୋ, ସଚିବାଳୟ, ଚନ୍ଦ୍ରଶେଖରପୁର, ଷ୍ଟ୍ରାଇକିଂ ଫୋର୍ସ ନିୟୋଜିତ ହୋଇଥିଲେ।



● ସମସ୍ତଙ୍କୁ 'ଉତ୍କର୍ଷର ଉପାସକ' ହେବାକୁ ସୌମ୍ୟଙ୍କ ପରାମର୍ଶ

# ବିନା ଭୟ, ପକ୍ଷପାତରେ ଗଠନମୂଳକ ସମାଲୋଚନା କରନ୍ତୁ ଗଣମାଧ୍ୟମ: ମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର,୩।୨(ସଂଚାର ବ୍ୟୁରୋ):** ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ। ଏହାର ଅଭିବ୍ୟକ୍ତିର ସ୍ୱତନ୍ତ୍ରତା ରହିଛି। ତେଣୁ, ଗଣମାଧ୍ୟମ ବିନା ଭୟ ଓ ପକ୍ଷପାତରେ ଗଠନମୂଳକ ସମାଲୋଚନା କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି। ଆଜି ସ୍ଥାନୀୟ ମେ ଫେୟାର'ରେ ସମ୍ବାଦ ଗ୍ରୁପ୍ ପକ୍ଷରୁ ଆୟୋଜିତ କର୍ପୋରେଟ ଏକସେଲନ୍‌ସ ଆୱାର୍ଡ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଲୋକଙ୍କ ସମସ୍ୟା ଓ ପ୍ରସଙ୍ଗକୁ ସରକାରଙ୍କ ନଜରକୁ ଆଣିଲେ, ସମାଧାନ କରିବା ପାଇଁ ସରକାରଙ୍କୁ ଏହା ସାହାଯ୍ୟ କରିବ। କିନ୍ତୁ ସମ୍ବାଦ ପରିବେଷଣ ଓ ଅଭିସନ୍ଧିମୂଳକ କୁତ୍ସାରଟନା ଭିତରେ ଯେଉଁ ସୂକ୍ଷ୍ମ ଲକ୍ଷ୍ମଣରେଖା ରହିଛି, ତାକୁ ମଧ୍ୟ ସମ୍ମାନ ଦେବା ଆବଶ୍ୟକ। ସାମ୍ବାଦିକତାର ମୂଳମନ୍ତ୍ର ହେଉଛି ସତ୍ୟର ଜୟ ହେଉ (ଖରବ୍ସ ଝକ୍ସଙ୍କସ୍ୱଷ ଚକ୍ସରଙ୍ଗବସକ୍ଷ) ବୋଲି ସେ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଯେଉଁ ମହାପରିବର୍ତ୍ତନର ଯାତ୍ରା ଆରମ୍ଭ ହୋଇଛି ସେଥିରେ ସମାଜର ସବୁ ବର୍ଗର ଲୋକଙ୍କ ସହଯୋଗ କାମନା କରିଥିଲେ। ଗଣମାଧ୍ୟମ ମଧ୍ୟ ଏ ଦିଗରେ ସହଯୋଗ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ।ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ଓ ୨୦୪୭ ସୁଦ୍ଧା ବିକଶିତ ଭାରତର ଗ୍ରୋଥ୍ ଇଞ୍ଜିନ୍ ହେବା ପାଇଁ ଯେଉଁ ଲକ୍ଷ୍ୟ ରଖାଯାଇଛି, ଏହି ସମୟ ଭିତରେ ଓଡ଼ିଶାର ସମ୍ପୂର୍ଣ୍ଣ କାୟାକଳ୍ପ ହେବ। ଗତ କିଛି ମାସ ମଧ୍ୟରେ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମର ସଫଳ ଆୟୋଜନ କରି ଓଡ଼ିଶା ଦେଶ ଓ ବିଶ୍ୱର ନଜରକୁ ଆସିପାରିଛି।

# ଶିକ୍ଷାନୁଷ୍ଠାନ ପରିସର ନିଶାଡ଼ିଙ୍କ ସୁରକ୍ଷିତ ସ୍ଥାନ

## ଗାଏବ ହୋଇଯାଉଛି ସିସିଟିଭି, ପିସିଆର୍ ନଜର ବି ପଡୁନି

**ଭୁବନେଶ୍ୱର,୩।୨(ତଥ୍ୟ):** ନିଶାଡିଙ୍କ ବିରୋଧରେ କମିଶନରେଟ ପୁଲିସ୍ ଅଭିଯାନ ଆରମ୍ଭ କରିଥିବାବେଳେ ରାଜଧାନୀରେ ଶିକ୍ଷାନୁଷ୍ଠାନ ପରିସର ଏବେ ନିଶା ସେବନର ପେଣ୍ଠସ୍ଥଳ ପାଲଟିଛି । ସଞ୍ଜ ନଇଁଲେ ପ୍ରାଥମିକ ବିଦ୍ୟାଳୟ ଠାରୁ ଆରମ୍ଭ କରି କଲେଜ ପରିସରକୁ ନିଶାଡିମାନେ ଛୁଟୁଛନ୍ତି ଓ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ସେଠାରେ ନିଶା ସେବନ କରୁଛନ୍ତି । ସହରର ଅଧିକାଂଶ ବିଦ୍ୟାଳୟରେ ରାତ୍ର ଜଗୁଆଳି ବ୍ୟବସ୍ଥା ନାହିଁ। ତେଣୁ ବିଦ୍ୟାଳୟ ଛୁଟି ପରେ ସେଠାକୁ କିଏ ଯା'ଆସ କରୁଛି, ତାହାର ହିସାବ କାହାରି ପାଖରେ ନାହିଁ । ପ୍ରାୟ ସମସ୍ତ ବିଦ୍ୟାଳୟ ପାଚେରୀ ଦ୍ୱାରା ଆବଦ୍ଧ ହୋଇଥିବାରୁ ନିଶାଡିମାନେ ତାହା ଭିତରକୁ ଯିବାପରେ ସେମାନଙ୍କୁ ଆଉ କେହି ଦେଖିପାରୁ ନାହାନ୍ତି। ତେଣୁ ନିଶାଖୋରମାନେ ସଞ୍ଜ ନଇଁଲେ ପାଚେରୀ ଡେଇଁ ହେଉ କିମ୍ବା ଯେଉଁଠାରେ ଫାଟକ ନାହିଁ ସେ ବାଟ ଦେଇ ସିଧାସଳଖ ପ୍ରବେଶ କରୁଛନ୍ତି। ନିଶା ସେବନ ସହିତ ଏଠାରେ ନିଶା ବେପାର ବି ବେଧଡ଼କ ଭାବେ ଚାଲୁଛି । ଯଦିଓ ସ୍ଥାନୀୟ ଲୋକେ ଏସବୁ ଦେଖୁଛନ୍ତି କିନ୍ତୁ ସେମାନଙ୍କୁ ରୋକିବାକୁ ସାହସ କୁଳାଇ ପାରୁନାହାନ୍ତି। କାରଣ ଏହି ନିଶାଡିମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଅପରାଧୀ ଶ୍ରେଣୀର। ତେଣୁ ଲୋକେ ସବୁ ଦେଖି ଏକପ୍ରକାର ନିରବ ରହିବାକୁ ଉଚିତ ମଣୁଛନ୍ତି। ତେବେ ସବୁଠାରୁ ବଡ଼ କଥା ହେଲା ସହରରେ ପଇଁତରା ମାରୁଥିବା ପିସିଆର ଗାଡ଼ି ରାତିରେ ସ୍କୁଲ ପରିସର ଭିତରକୁ ଦୃଷ୍ଟି ପକାଉନାହିଁ । କଲେଜ ପରିସରର ସ୍ଥିତି ଅତ୍ୟନ୍ତ ଜଟିଳ। ଏହାର ଏକ ଉଦାହରଣ ହେଉଛି ରାଜଧାନୀ ମହାବିଦ୍ୟାଳୟ। ସଞ୍ଜ ନଇଁଲେ କଲେଜ ପରିସରରେ ଥିବା ଦୁଇଚକିଆ ଯାନ ରହଣିସ୍ଥଳ ନିଶାଡ଼ିଙ୍କ ଆଡାସ୍ଥଳୀ ପାଲଟୁଛି। ମଦ, ଗଞ୍ଜେଇଠାରୁ ଆରମ୍ଭ କରି ବ୍ରାଉନସୁଗର ପର୍ଯ୍ୟନ୍ତ ସବୁକିଛି ସେବନ କରୁଛନ୍ତି। ଯଦିଓ କଲେଜ ଫାଟକରେ ସୁରକ୍ଷା ବ୍ୟବସ୍ଥା ରହିଛି, କିନ୍ତୁ ନିଶାଡିମାନେ ସେଠାରେ କିଛି ମାନିବାକୁ ପ୍ରସ୍ତୁତ ନୁହନ୍ତି। ନିଶାଡ଼ିଙ୍କୁ ଧରିବାକୁ କିଛିଦିନ ତଳେ କଲେଜ କର୍ତ୍ତୃପକ୍ଷ ଆଖପାଖରେ ସିସିଟିଭି ଲଗାଇଥିଲେ। ଏହାଦ୍ୱାରା ନିଶାଡ଼ିଙ୍କ ସହ ଅଣଛାତ୍ର ପ୍ରବେଶ ଉପରେ ରୋକ୍ ଲାଗିଥାନ୍ତା। ହେଲେ ନିଶାଡ଼ିମାନେ ଏହି ସିସିଟିଭିକୁ ଚୋରି କରିନେଇଗଲେ। କଲେଜ ପରିସରରେ ପଡୁଥିବା ମଦ ବୋତଲ ସହ ଅନ୍ୟାନ୍ୟ ନିଶା ସାମଗ୍ରୀର ପ୍ୟାକେଟ ଦର୍ଶାଉଛି ଯେ ଏହି ସରକାରୀ କଲେଜ ପରିସରରେ କିଭଳି ନିଶାଡ଼ିମାନେ ଆସ୍ଥାନ ଜମାଉଛନ୍ତି। କଲେଜ ପରିସରରେ ଛାତ୍ରଛାତ୍ରୀଙ୍କ ପାଇଁ ହଷ୍ଟେଲ ବ୍ୟବସ୍ଥା ରହିଥିବା ବେଳେ ନିଶାଡ଼ିଙ୍କ ଭୟରେ ସଞ୍ଜ ହେଲେ ପିଲାଏ ହଷ୍ଟେଲରୁ ବାହାରୁ ନାହାନ୍ତି। ନିକଟରେ ଖଣ୍ଡଗିରି ଥାନା ଥିଲେ ମଧ୍ୟ ସଞ୍ଜ କିମ୍ବା ରାତି ସମୟରେ ପିସିଆର ଏଠାକୁ ଆସୁନଥିବା ଅଭିଯୋଗ ହେଉଛି । ସେହିଭଳି ବିଜେବି କଲେଜ ପରିସରରେ ମଝିରେ ମଝିରେ ନିଶା ସେବନକୁ ନେଇ ଛାତ୍ର-ଅଣଛାତ୍ର ଗଣ୍ଡଗୋଳ ହେଉଛି। ତେଣୁ ରାଜଧାନୀରେ ଥିବା ସ୍କୁଲ, ହାଇସ୍କୁଲ, କଲେଜ ପରିସର ଉପରେ କମିଶନରେଟ ପୁଲିସ୍ ସ୍ୱତନ୍ତ୍ର ଭାବେ ନଜର ଦେବା ସହ ଏଠାରେ ନିୟମିତ ଧରପଗଡ଼ କଲେ ଶିକ୍ଷାନୁଷ୍ଠାନ ପରିସରରୁ କେବଳ ନିଶାଡି ହଟନ୍ତେ ନାହିଁ, ଅନେକ ଅପରାଧୀ ବି ଧରାପଡ଼ନ୍ତେ ବୋଲି କୁହାଯାଉଛି।

# ଅଶ୍ଳୀଳ ନୃତ୍ୟ କଲେ ପଡ଼ିବ ପାହାର



**ଭୁବନେଶ୍ୱର,୩।୨(ସଂଚାର ବ୍ୟୁରୋ):** ଯାତ୍ରା ଜଗିବ ଠେଙ୍ଗା। ଆସନ୍ତାକାଲିଠୁ ଆରମ୍ଭ ହେଉଛି ଖଣ୍ଡଗିରି ମେଳା । ଯାତ୍ରା ପେଣ୍ଡାଲରେ ଦେଖିବାକୁ ମିଳିବ ମହାସମର । କିନ୍ତୁ ତା ପୂର୍ବରୁ ଠେଙ୍ଗା ଧରି କଡ଼ା ଚେତାବନୀ ଦେଇଛନ୍ତି ଏକାମ୍ର ବିଧାୟକ ବାବୁ ସିଂ। ମାଆ ବାରଭୁଜାଙ୍କ ପାଖରେ ଶହେ ଠେଙ୍ଗା ପୂଜା କରାଇଛନ୍ତି । ଯାତ୍ରାରେ ଅଶ୍ଳୀଳତାକୁ ପ୍ରଶୟ ଦିଆଯିବନି । ସେପଟେ ବିଏମସି ମଧ୍ୟ ଏନେଇ ସଜାଗ ଥିବା କହିଛି । ସହଯୋଗୀଙ୍କ ସହ ବାରଭୁଜାଙ୍କ ପାଖରେ ଶହେ ଠେଙ୍ଗା ପୂଜା କରାଇଛନ୍ତି ବିଧାୟକ ବାବୁ ସିଂ। ଏବେ ଏହି ଠେଙ୍ଗା ଜଗିବ ଖଣ୍ଡଗିରି ଯାତ୍ରା। ଯାତ୍ରା ମଞ୍ଚରେ ବନ୍ଦ ହେବ ଅଶ୍ଳୀଳତା । ଅଶ୍ଳୀଳ ନାଚ ହେଲେ ପାହାର ପଡ଼ିବ। ଅଶ୍ଳୀଳ ନାଚକୁ ନେଇ ଅନେକ ହୋହାଲ୍ଲା ପରେ ଏଭଳି ଚେତାବନୀ ଦେଇଛନ୍ତି ଏକାମ୍ର ବିଧାୟକ ବାବୁ ସିଂ । ବିଧାୟକଙ୍କ ନେତୃତ୍ୱରେ ଗଠିତ ହୋଇଛି ସ୍ୱତନ୍ତ୍ର ଠେଙ୍ଗା ଟିମ୍ । ଆଉ ବାବୁ ସିଂଙ୍କ ସହଯୋଗୀ ମେଳାରେ ଖଣ୍ଡା ଧରି ଜଗିବେ । ବିଶୃଙ୍ଖଳା କଲେ, ଯାତ୍ରା ମଞ୍ଚରେ ନିୟମ ଉଲ୍ଲଂଘନ ହେଲେ, ଶହେ ଠେଙ୍ଗା କାମରେ ଲାଗିବ ବୋଲି ବିଧାୟକ ବାବୁ ସିଂ କହିଛନ୍ତି ।

ଜୀବନ ଅମୃତ ଅନୁଚିନ୍ତା

ଧର୍ମର ମୂଳତତ୍ତ୍ୱ-ବିଶ୍ୱର ସବୁ ଧର୍ମର ମୂଳତତ୍ତ୍ୱ ସମାନ। ସବୁ ଧର୍ମର ମୂଳ ତତ୍ତ୍ୱ ହେଲା ମାନବିକତା। ଈଶ୍ୱରଙ୍କୁ ଉପାସନାର ଢଙ୍ଗ ଭିନ୍ନ ହୋଇପାରେ, କିନ୍ତୁ ଉଦ୍ଦେଶ୍ୟ ସମାନ। ଅନ୍ୟାୟ, ଅନୀତିକୁ କୌଣସି ଧର୍ମ ସ୍ୱୀକୃତି ଦିଏନାହିଁ।

SANCHAR

ସଂଚାର




# ଜଳବାୟୁ ପରିବର୍ତ୍ତନର ପ୍ରଭାବ

ସମଗ୍ର ବିଶ୍ୱରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଏବେ ଅନୁଭବ କରାଯାଉଛି।ଜାତିସଂଘ ପକ୍ଷରୁ ଏଥିଲାଗି ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇ ଏହାର ମୁକାବିଲା ନିମନ୍ତେ ସଙ୍କଳ୍ପ ଗୃହୀତ ହୋଇଛି। ପ୍ୟାରିସ ଜଳବାୟୁ ପରିବର୍ତ୍ତନ ସଙ୍କଳ୍ପନାମା ବା ଘୋଷଣାନାମା ଏ ଦିଗରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ। କିନ୍ତୁ ଏହି ଘୋଷଣାନାମା କେବଳ କାଗଜପତ୍ରରେ ସୀମିତ ରହିଛି। ଅନେକ ଦେଶ ଏହାକୁ କାର୍ଯ୍ୟକାରୀ କରିବାରେ କୁଣ୍ଠାବୋଧ କରୁଛନ୍ତି, ପରିବେଶ ସୁରକ୍ଷା ଲାଗି କଠୋର ନୀତି ଅବଲମ୍ବନ କରିବା ପରିବର୍ତ୍ତେ କୋହଳ ଆଭିମୁଖ୍ୟ ଗ୍ରହଣ କରୁଛନ୍ତି। ନିକଟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ୟାରିସ ଚୁକ୍ତିରୁ ଆମେରିକା ଓହରିଯାଉଥିବା ଘୋଷଣା କରିଛନ୍ତି। ନିର୍ବାଚନ ପ୍ରଚାର ବେଳେ ସେ ଏହା କହିଥିଲେ। ତାଙ୍କ ଅଭିଯୋଗ ହେଲା ଜଳବାୟୁ ପରିବର୍ତ୍ତନ ଏବଂ ପରିବେଶ ସୁରକ୍ଷା ପାଇଁ ଆମେରିକା ସବୁ ଦାୟିତ୍ୱ ନିଜ ମୁଣ୍ଡକୁ ନେଇପାରିବ ନାହିଁ କିମ୍ବା ଆମେରିକା ଏକୋ ସବୁ ପ୍ରକାର ତ୍ୟାଗ ସ୍ୱୀକାର କରିପାରିବ ନାହିଁ। ପ୍ୟାରିସ ଚୁକ୍ତି ଆମେରିକାର ସ୍ୱାର୍ଥ ବିରୋଧୀ ଏବଂ ଏହା ଦ୍ୱାରା ଆମେରିକାର ସ୍ୱାର୍ଥ ହାନି ହେଉଛି ବୋଲି ସେ ଯୁକ୍ତି କରୁଛନ୍ତି। ଏହା ତାଙ୍କର ସଂକୀର୍ଣ୍ଣ ମାନସିକତାକୁ ପ୍ରମାଣିତ କରୁଛି। ପ୍ୟାରିସ ଚୁକ୍ତିରୁ ଆମେରିକା ଓହରିଯିବା ଅତ୍ୟନ୍ତ ନୈରାଶ୍ୟଜନକ। ଆମେରିକା ବିଶ୍ୱର ସର୍ବଶ୍ରେଷ୍ଠ ଏବଂ ସବୁଠାରୁ ଶକ୍ତିଶାଳୀ ଦେଶ ଯଦି ଏପରି ମାନସିକତା ରଖିବ, ତେବେ ଛୋଟ ଦେଶକୁ କିପରି ଦୋଷ ଦିଆଯାଇପାରିବ? ଏ କ୍ଷେତ୍ରରେ ଭାରତ ତାର କର୍ତ୍ତବ୍ୟ ପାଳନ କରୁଛି। ୨୦୭୦ ସୁଦ୍ଧା ଭାରତ ଜିରୋ କାର୍ବନ ଏମିଶନ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏଥିଲାଗି ଫସିଲ ଫୁଏଲର ବ୍ୟବହାରକୁ କମାଇବା ଏବଂ ଅଧିକରୁ ଅଧିକ ଗ୍ରୀନ ଏନର୍ଜୀ ବ୍ୟବହାର କରିବା ଉପରେ ଭାରତ ସରକାର ଗୁରୁତ୍ୱାରୋପକ କରୁଛନ୍ତି। ଏଥିପାଇଁ ଏବେ ଭାରତରେ ଅକ୍ଷୟ ଶକ୍ତି ଉତ୍ପାଦନ ବୃଦ୍ଧି ଏବଂ ବ୍ୟବହାରକୁ ପ୍ରାଥମିକତା ଦିଆଯାଉଛି। ବଜେଟରେ ଏଥିପାଇଁ ଇଭି ଉପରେ ଟିକସ ହ୍ରାସ କରାଯାଇଛି। ଏହା ସ୍ୱାଗତଯୋଗ୍ୟ, କିନ୍ତୁ ପର୍ଯ୍ୟାପ୍ତ ନୁହେଁ। ଏଥିପାଇଁ ଆହୁରି ଅନେକ ପଦକ୍ଷେପର ଆବଶ୍ୟକତା ରହିଛି। ଏଥିପାଇଁ ବ୍ୟାପକ ବୃକ୍ଷରୋପଣ ଏବଂ ଖଣି ଭିତ୍ତିକ ଶିଳ୍ପ ପ୍ରତିଷ୍ଠାକୁ କମ ଗୁରୁତ୍ୱ ଦିଆଯିବା ଉଚିତ। ଏହା ଉପରେ ଏବେ ସାରା ବିଶ୍ୱରେ ଅନେକ ଚର୍ଚ୍ଚା, ବିତର୍କ ଏବଂ ଗବେଷଣା ମଧ ଚାଲିଛି। ଜଳବାୟୁରେ ଅସ୍ୱାଭାବିକତା ଯୋଗୁ ଋତୁ ପରିବର୍ତ୍ତନଠାରୁ ଆରମ୍ଭ କରି ଅନେକ କିଛି ପ୍ରଭାବିତ ହେଉଛି। ଅନେକ ସମୟରେ ଅଦିନିଆ ବର୍ଷା, ବାତ୍ୟା, ତାପମାତ୍ରା ବୃଦ୍ଧି ଦେଖିବାକୁ ମିଳୁଛି। ମରୁଭୂମିରେ ବନ୍ୟା ଦେଖିବାକୁ ମିଳୁଛି। ବର୍ଷ ବର୍ଷ ଧରି ଯେଉଁଠି ବରଫ ଜମି ରହିଥିଲା ତାହା ତରଳିବା ଦେଖାଯାଉଛି। ଯେଉଁଠି ଦିନର ସର୍ବାଧିକ ତାପମାତ୍ରା ୩୫/୩୬ ଡିଗ୍ରୀରୁ ଅଧିକ ହୁଏନି, ସେଠାରେ ଏବେ ତାପମାତ୍ରା ୪୨ରୁ ୪୫ ଡିଗ୍ରୀ ରେକର୍ଡ କରାଯାଉଛି। ବର୍ଷ ତମାମ ବିଶ୍ୱବ୍ୟାପି ଅନେକ ସ୍ଥାନରେ ବଡ଼ ବାତ୍ୟା ଦେଖିବାକୁ ମିଳୁଛି। ଅନେକ ସ୍ଥାନରେ ପବନର ବେଗ ୨୦୦ କିମିରୁ ଅଧିକ ରହୁଛି। ଏସବୁକୁ ପ୍ରାକୃତିକ ବିପର୍ଯ୍ୟୟ ବୋଲି କୁହାଯାଇପାରେ। ପରିବେଶ ପ୍ରଦୂଷଣ ଯୋଗୁ ତାପମାତ୍ରା ବୃଦ୍ଧି, ଅବିଚାରିତ ଭାବେ ଜଙ୍ଗଲ ଧ୍ୱଂସ ଏହାର ପ୍ରମୁଖ କାରଣ। ଜନସଂଖ୍ୟା ବୃଦ୍ଧି ସହ ତାଳ ଦେଇ କଙ୍କ୍ରିଟ ଜଙ୍ଗଲ, ଗାଡ଼ି ମୋଟର ସଂଖ୍ୟା ବୃଦ୍ଧି ପାଉଛି। ଏହା ଫଳରେ ବାୟୁରେ ଅଙ୍ଗାରକାମ୍ଳ ଗ୍ୟାସ ପରିମାଣ ବୃଦ୍ଧି ପାଉଛି। ଏହା ଫଳରେ ପାଣିପାଗରେ ଅସ୍ୱାଭାବିକ ପରିବର୍ତ୍ତନ ଦେଖିବାକୁ ମିଳୁଛି। ଦୁବାଇରେ ବନ୍ୟା, ନ୍ୟୁୟର୍କ ଜଳମଗ୍ନ ହେବା ଆମକୁ ଭବିଷ୍ୟତ ପାଇଁ ସତର୍କ ଘଣ୍ଟି ବୋଲି କହିଲେ ଭୁଲ ହେବ ନାହିଁ। ବାୟୁଭଣ୍ଡଳରେ ଉତ୍ତାପ ବୃଦ୍ଧି ଯୋଗୁ ବିଶ୍ୱର ବିଭିନ୍ନ ସ୍ଥାନରେ ବର୍ଷ ବର୍ଷ ଧରି ଜମାଟ ବାନ୍ଧିଥିବା ବରଫ ତରଳୁଛି। ଫଳରେ ସମୁଦ୍ରର ଜଳସ୍ତର ବଢ଼ୁଛି। ଏହା ଯଦି ଜାରି ରହେ ତେବେ ଆଗମୀ ୧୦୦ ବର୍ଷ ଭିରେ ସମୁଦ୍ରକୂଳରେଥିବା ଶହେରୁ ଅଧିକ ସହର ସମୁଦ୍ର ଗର୍ଭରେ ଲୀନ ହୋଇଯିବ। ଏହା ମଧରେ ନ୍ୟୁୟର୍କ,ମୁମ୍ବାଇ ଓ ସାଂଘାଇ ଭଳି ମହାନଗରୀ ରହିଛି। ଏହାଠାରୁ ବଳି ବଡ଼ ବିପତ୍ତି ଆଉ କ'ଣ ଥାଇପାରେ? ଏଥର ଓଡ଼ିଶାରେ ଜାନୁଆରୀ ମାସରେ ଗ୍ରୀଷ୍ମପ୍ରବାହ ଅନୁଭୂତ ହେଉଛି। ଶୀତ ଋତୁ ବିଳମ୍ବରେ ଆସିଲା। ଡିସେମ୍ବର ଅଧା ପର୍ଯ୍ୟନ୍ତ ସେଭଳି ଶୀତ ଅନୁଭୂତ ହେଲା ନାହିଁ। କିଛି ଦିନ ପରେ ଶୀତ ଟିକେ ଲାଗିଲା। କିନ୍ତୁ ତାହା କ୍ଷଣସ୍ଥାୟୀ ବା ଅତି ଅଳ୍ପ ଦିନ ଅନୁଭୂତ ହେଲା। ଜାନୁଆରୀଅଧାରେ ଶୀତ ପୁରା ଗାଏବ ହୋଇଗଲା। ଅନେକ ସମୟରେ ଏଭଳି ସ୍ଥିତି ଅନୁଭବ କରାଯାଏ। କିନ୍ତୁ ପୁଣି ଶୀତ ପ୍ରବାହ ଫେରିଥାଏ। କିନ୍ତୁ ଚଳିତ ବର୍ଷ ଜାନୁଆରୀ ୧୫ ପରେ ଶୀତ ଗାଏବ ହୋଇଗଲା। ଆଭ୍ୟନ୍ତରୀଣ ବା ପାହାଡ଼ିଆ ଅଞ୍ଚଳରେ କିଛିଟା ଶୀତ ଅନୁଭବ କରାଯାଉଛି। କିନ୍ତୁ ଉପକୂଳ ଓଡ଼ିଶାରେ ଶୀତ ସମ୍ପୂର୍ଣ୍ଣ ଗାଏବ ହୋଇଯାଇଛି। ସାଧାରଣତଃ ଓଡ଼ିଶାରେ ଶୀତ ଋତୁ ବା ଥଣ୍ଡା ସମୟ କହିଲେ ନଭେମ୍ବର ୧୫ରୁ ଫେବୃଆରୀ ୧୫ ପର୍ଯ୍ୟନ୍ତ ସମୟକୁ ବୁଝାଏ। କିନ୍ତୁ ଏବେ ଡିସେମ୍ବର ପର୍ଯ୍ୟନ୍ତ ଶୀତ ଆସୁନି, ଆଉ ଜାନୁଆରୀ ୧୫ରୁ ଶତ ଚାଲିଯାଉଛି। ଏଥର ଫେବୃଆରୀ ୧୫ ପର୍ଯ୍ୟନ୍ତ ଆଉ ଅପେକ୍ଷା କରିବକୁ ପଡ଼ିବନି। ଏହାର ଯଥେଷ୍ଟ ପୂର୍ବରୁ ଓଡ଼ିଶାରେ ବସନ୍ତ ଆସିଗଲାଣି। ଦିନର ତାପମାତ୍ରା ସ୍ୱାଭାବିକ ସ୍ତରଠାରୁ ପ୍ରାୟ ୫ ଡିଗ୍ରୀ ଅଧିକ ରହିଛି। ରାତିରେ ସର୍ବନିମ୍ନ ତାପମାତ୍ରା ମଧ ଯଥେଷ୍ଟ ଅଧିକ ରହୁଛି। ଦିନ ଓ ରାତିର ତାପମାତ୍ରାରେ ବଡ଼ ପାର୍ଥକ୍ୟ ଯୋଗୁ ଘନ କୁହୁଡ଼ି ଦେଖିବାକୁ ମିଳୁଛି। ଏଥର ରାଜ୍ୟରେ ଗ୍ରୀଷ୍ମପ୍ରବାହରେ ମଧ ଅସ୍ୱାଭାବିକତା ଦେଖାଯିବ ବୋଲି ପାଣିପାଗ ବିଶେଷଜ୍ଞମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଅନେକ ସ୍ଥାନରେ ତାପମାତ୍ରା ୪୫ ଡିଗ୍ରୀ ଟପିଯାଇପାରେ। ପଶ୍ଚିମ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ସର୍ବଦା ତାପମାତ୍ରା ଅଧିକ ରହିଥାଏ। କିନ୍ତୁ ଗତ କିଛି ବର୍ଷ ଭିତରେ ଉପକୂଳ ଓଡ଼ିଶା ବିଶେଷ କରି ରାଜଧାନୀ ଭୁବନେଶ୍ୱରରେ ତାପମାତ୍ରା ସାରା ଦେଶରେ ସର୍ବାଧିକ ରହୁଛି। ପୂର୍ବରୁ ଭୁବନେଶ୍ୱର ଏକ ପ୍ରକାର ଶୈଳ ନିବାସ ଭଳି ଥିଲା। କିନ୍ତୁ ଏବେ ଭୁବନେଶ୍ୱର ଏକ ପ୍ରକାର ପ୍ରେସର କୁକରରେ ପରିଣତ ହୋଇଛି। ଭୟଙ୍କର ଗ୍ରୀଷ୍ମପ୍ରବାହ ସହିତ ଅସହ୍ୟ ଗୁଳିଗୁଳିରେ ଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଏଥର ପରିସ୍ଥିତି ଆହୁରି ଅସହ୍ୟ ହୋଇପାରେ। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ପରେ ଅନେକ ସମୟରେ ବଡ଼ ବାତ୍ୟା ଦେଖିବାକୁ ମିଳୁଛି। ଏପରିକି ଗୋଟିଏ ବର୍ଷରେ ଉପକୂଳ ଓଡ଼ିଶାରେ ତିନିଟି ବାତ୍ୟା ଦେଖିବାକୁ ମିଳୁଛି। ଅଦିନିଆ ବର୍ଷା ଏବଂ ପବନ ଯୋଗୁ ଫସଲ ହାନି ହେଉଛି। ପରିବେଶ ନଷ୍ଟ ହେବା ସହିତ ଜଳବାୟୁ ପରିବର୍ତ୍ତନ ଯୋଗୁ ଏଭଳି ବିପର୍ଯ୍ୟୟ ସୃଷ୍ଟି ହେଉଛି। ଏଥିଲାଗି ଆମେ ଦାୟୀ। ପ୍ରକୃତି ସହ ଖେଳ ଆମ ପାଇଁ ମହଙ୍ଗା ପଡୁଛି। ଏଥିଲାଗି କେବଳ ସରକାର ନୁହେଁ, ସାଧାରଣ ଜନତା ସଚେତନ ହେବା ଉଚିତ ଏବଂ ପରିବେଶ ସୁରକ୍ଷା ଲାଗି ପ୍ରୟାସ କରିବା ଉଚିତ। ଆଜି ପାଣିପାଗରେ ଯେଉଁ ଅସ୍ୱାଭାବିକତା ଅନୁଭବ କରାଯାଉଛି, ଏହା ଦିନକରେ ନୁହେଁ, ବର୍ଷ ବର୍ଷର ତ୍ରୁଟି ଯୋଗୁ ଅନୁଭବ କରାଯାଉଛି। ଆଉ ଏହାର ନିରାକରଣ ଦିଗରେ ପଦକ୍ଷେପ ନିଆଗଲେ, ଏହା ସଫଳ ହେବାକୁ ମଧ ଅନେକ ବର୍ଷ ଲାଗିଯିବ। କିନ୍ତୁ ଏହା ବ୍ୟତିତ ଅନ୍ୟ ଉପାୟ ନାହିଁ।

## ସମ୍ପାଦକଙ୍କୁ ପତ୍ର

### ଓଡ଼ିଶାରେ କୃଷି ବିକାଶକୁ ଅଣଦେଖା

**ମହାଶୟ,**

ଚଳିତ କେନ୍ଦ୍ରୀୟ ବଜେଟରେ ବିହାରକୁ ଯେପରି ଗୁରୁତ୍ୱ ପ୍ରଦାନ କରାଯାଇଛି ଏଷବଂ ବିହାରରେ କୃଷି ବିକାଶ ଲାଗି ଯେପରି ବ୍ୟବସ୍ଥା ରହିଛି ତାହା ଓଡ଼ିଶା ପାଇଁ ନାହିଁ। ବଜେଟରେ ଓଡ଼ିଶାକୁ ଅଣଦେଖା କରାଯାଇଛି ବୋଲି ସ୍ୱୀକାର କରିବାକୁ ପଡ଼ିବ। ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ଏବଂ ଏହାର ଅର୍ଥନୀତି କଅଷି ଉପରେ ପର୍ଯ୍ୟବେସିତ। ଓଡ଼ିଶାର ସର୍ବାଧିକ ବ୍ୟକ୍ତି କଅଷି ଉପରେ ନିର୍ଭର କରି ଚଳନ୍ତି। କିନ୍ତୁ ଓଡ଼ିଶାରେ କୃଷି ଉତ୍ପାଦନ ବୃଦ୍ଧି ପାଇଁ ନା ଜଳସେଚନ ବ୍ୟବସ୍ଥା ଉନ୍ନତ ହୋଇଛି ନା ଏଠାରେ ପର୍ଯ୍ୟାପ୍ତ ସଂଖ୍ୟାରେ ଶୀତଳ ଭଣ୍ଡାର ରହିଛି। ତେଣୁ ଚାଷୀମାନେ ଅଭାବିବିକ୍ରୀର ଶିକାର ହେଉଛନ୍ତି। ସବୁଠାରୁ ବଡ଼ କଥା ହେଲା ଓଡ଼ିଶା ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ। ତେଣୁ ପ୍ରତି ବର୍ଷ ଏଠାରେ ଫସଲ ହାନୀ ହୋଇଥାଏ। କିନ୍ତୁ କେନ୍ଦ୍ରୀୟ ବଜେଟରେ ଏଥିଲାଗି କିଛି ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ। ଏହା ଦୁର୍ଭାଗ୍ୟଜନକ ଏବଂ ପରିତାପର ବିଷୟ। ଓଡ଼ିଶାର ୩୧ ସାଂସଦ ଦଳମତ ନିର୍ବିଶେଷରେ ଏଥିପାଇଁ ସଂସଦରେ ମିଳିତ ସ୍ୱର ଉତ୍ତୋଳନ କରିବା ଉଚିତ।

**ସୁଧାଂଶୁ ଶେଖର ମହାପାତ୍ର, ଚନ୍ଦ୍ରଶେଖରପୁର,ଭୁବନେଶ୍ୱର**

# ଭାରତର ସ୍ୱାଧୀନତାକୁ ନେଇ ବିଭ୍ରାନ୍ତିକର ବୟାନ ଠିକ୍ କି?



**ଗୋପାଳ ମହାପାତ୍ର**

ଦେଶର କୋଟି କୋଟି ଲୋକ ଯେଉଁମାନେ ୪୦ ଦଶକ ଠାରୁ ଜନ୍ମ ନେଇ ଗ୍ରାମାଞ୍ଚଳରେ ବଢ଼ିଛନ୍ତି, ପାଠପଢ଼ିଛନ୍ତି ସେମାନଙ୍କ ପାଇଁ ଭାରତ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ସ୍ୱାଧିନ ହୋଇଥିଲା। ସହରର ଧନୀ, ଗରିବ, ଶ୍ରମିକ ଏବଂ ଅନ୍ୟ ପଛୁଆ ବର୍ଗର ଲୋକଙ୍କ ପାଇଁ ମଧ ଭାରତ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ସ୍ୱାଧିନ ହୋଇଥିଲା। ଅର୍ଥାତ୍ ସାଧାରଣ ଲୋକ ମାନଙ୍କ ପାଇଁ ଭାରତ ଅଗଷ୍ଟ ୧୫ ତାରିଖ ୧୯୪୭ ମସିହାରେ ସ୍ୱାଧିନତା ପାଇଥିଲା ଓ ଭାରତର ଶାସନର ଡ଼ୋର ସ୍ୱାଧିନତା ସଂଗ୍ରାମର ସେନାନୀଙ୍କ ହାତକୁ ଆସିଥିଲା। କିନ୍ତୁ କିଛି ହାତଗଣତି ତଥାକଥିତ ପ୍ରଖ୍ୟାତ (ସେଲିବ୍ରିଟି) ବା ବ୍ୟକ୍ତିବିଶେଷ ଭାରତର ସ୍ୱାଧିନତା ୧୯୪୭ରେ ନୁହେଁ ୨୦୧୪ରେ ମିଳିଲା ବୋଲି କହୁଛନ୍ତି। ଏଭଳି ପ୍ରଖ୍ୟାତମାନଙ୍କ ବାବଦରେ କ'ଣ ବା କୁହାଯାଇପାରେ। ଦେଶର ପ୍ରମୁଖ ଗଣମାଧମମାନେ ଏହି ପ୍ରଖ୍ୟାତ ମାନଙ୍କ କଥାକୁ ବିନା ବିମର୍ଷ ଓ ବିଶ୍ଳେଷଣ ନକରି ଲୋକଙ୍କ ପାଖରେ ପହଞ୍ଚାଇ ଦେଉଛନ୍ତି। କିଛି ଦିନ ପୁର୍ବେ ଇନ୍ଦୋରଠାରେ ଏକ ବୃହତ୍ ସ୍ୱଘୋଷିତ ରାଷ୍ଟ୍ରବାଦୀ ସାଂସ୍କୃତିକ ସାମାଜିକ ସଂଗଠନର ବରିଷ୍ଠ ପଦାଧିକାରୀ ମଧ ଏମିତି କିଛି ବକ୍ତବ୍ୟ ଦେଇଥିଲେ ଓ କହିଥିଲେ ଯେ ପ୍ରକୃତ ସ୍ୱାଧିନତା ଦେଶକୁ ୨୦୨୪ ମସିହା ଜାନୁୟାରୀ ୧୨ ତାରିଖରେ ମିଳିଥିଲା, ଯେତେବେଳେ ଆଯୋଧାରେ ନବ ନିର୍ମିତ ରାମ ମନ୍ଦିରରେ ପ୍ରଭୁ ଶ୍ରୀରାମଙ୍କ ମୂର୍ତ୍ତୀର ପ୍ରାଣ ପ୍ରତିଷ୍ଠା କରାଗଲା। ମୂର୍ତ୍ତୀ ତ ମୂର୍ତ୍ତୀ, ଏଥିରେ ପ୍ରାଣର କଥାତ କିଛି ମହାପଣ୍ଡିତ ଲୋକ ହିଁ ବୁଝିପାରିବେ।

ସଂପୃକ୍ତ ରାଷ୍ଟ୍ରବାଦୀ ସଂଗଠନର ମୁଖ୍ୟଙ୍କ ବକ୍ତବ୍ୟପରେ ସେଇ ସଂଗଠନର ଅନେକ ପଦାଧିକାରୀଙ୍କ ବକ୍ତବ୍ୟ ମଧ ଗଣମାଧମରେ ଆସିଲା ଓ ସେମାନେ ମତ ଦେଇଥିଲେ ଯେ ଦେଶକୁ ସାଂସ୍କୃତିକ ସ୍ୱାଧିନତା ଅଯୋଧାରେ ନିର୍ମିତ ମନ୍ଦିରରେ ଶ୍ରୀରାମଙ୍କ ମୂର୍ତ୍ତୀର ପ୍ରାଣ ପ୍ରତିଷ୍ଠା ପରେ ହିଁ ମିଳିଲା। ସଂଗଠନର ପଦାଧିକାରୀ ମାନଙ୍କ ମତରେ ବିଦେଶୀ ଆକ୍ରମଣକାରୀମାନେ ରାମମନ୍ଦିରକୁ ଓ ଦେଶର ଅନ୍ୟ କେତେକ ସ୍ଥାନରେ ଥିବା ମନ୍ଦିରକୁ ନଷ୍ଟ ଭ୍ରଷ୍ଟ କରି ଦେଇଥିଲେ। ବିଦେଶୀ ଆକ୍ରମଣକାରୀଙ୍କ ଏହି କାର୍ଯ୍ୟ ଭାରତର ଆତ୍ମା, ଅସ୍ମିତା ଉପରେ ଆଘାତ ଥିଲା। ଦେଶର ଲୋକେ ସେମାନଙ୍କର ଏହି କୁକୃତ୍ୟ ଭୁଲିନାହାଁନ୍ତି।



ଅଯୋଧାର ରାମ ମନ୍ଦିରକୁ ଭଙ୍ଗାଯାଇଥିଲା ଏକଥା ଠିକ୍। କୌଣସି ଧର୍ମରେ ଅନ୍ୟଧର୍ମର ପୂଜା-ଆସ୍ଥାର ସ୍ଥଳକୁ ଭାଙ୍ଗିବା ଓ ପୂଜା ସ୍ଥଳର ପବିତ୍ରତାକୁ ଭାଙ୍ଗିବାର ଅନୁମତି ଦିଆ ଯାଇନାହିଁ। ବସ୍ତୁତଃ ଏଭଳି କାର୍ଯ୍ୟ ପୂର୍ବକାଳରେ ରାଜ୍ୟର ରାଜା ବା ନୂଆ ରାଜ୍ୟ ସୃଷ୍ଟି କରିବାର ଇଛା ରଖିଥିବା ଲୋକେ ଜନତାଙ୍କ ମନରେ ଭୟ ଉତ୍ପନ୍ନ କରିବା ପାଇଁ ଏକଥା କରିଥିବେ। ଧର୍ମର ବ୍ୟାଖ୍ୟା କରୁଥବା ବଡ ବଡ ବ୍ୟକ୍ତି ବିଶେଷ ହିଁ ଏଭଳି କୁ କାର୍ଯ୍ୟରେ ଏଭଳି ଲୋକଙ୍କୁ ସହାୟତା କରୁଥିଲେ। ଏବେବି କ୍ଷୁଦ୍ର ମାନସିକତାର ଧର୍ମାଚାର୍ଯ୍ୟ ଓ ନିମ୍ନସ୍ତରର ମାନସିକତାର ରାଜନେତା ମାନେ ଏଭଳି କରୁଛନ୍ତି।

ରାମ, କୃଷ୍ଣ, ଶିବ ଓ ଅନ୍ୟ ଦେବୀ ଦେବତା ଭାରତୀୟ ଜନମାନସରୁ କେବେ ବିସ୍ମୃତ ହୋଇନଥିଲେ କି ହେବେନାହିଁ। ଯୁଗ ଯୁଗରୁ ଲୋକେ ପରସ୍ପରକୁ ରାମ-ରାମ, ସୀତା ରାମ, ରାଧେ-ରାଧେ, ଜୟ ଶିବ-ଶମ୍ଭୁ ଆଦିରେ ଅଭିବାଦନ କରି ଆସୁଛନ୍ତି। ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ରାମ, କୃଷ୍ଣ, ଶିବ ଓ ଅନ୍ୟ ଦେବ ଦେବୀଙ୍କ ମନ୍ଦିର ଭରି ରହିଛି। ଆଯୋଧାର ରାମ ଜନ୍ମଭୂମୀ ବିବାଦ ବାବଦରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ନିଷ୍ପତ୍ତି ଶୁଣାଇବା ପରେ ମନ୍ଦିର ନିର୍ମାଣ ହୋଇଥିଲା। ସର୍ବୋଚ୍ଚ ନ୍ୟାୟାଳୟ ପ୍ରତିପକ୍ଷଙ୍କୁ ମଧ ସେମାନଙ୍କର ଧର୍ମସ୍ଥଳ ପାଇଁ ବିକଳ୍ପ ଭୂମିର ବ୍ୟବସ୍ଥା କରିବାକୁ ସରକାରଙ୍କୁ ଆଦେଶ ଦେଇଥିଲେ। ଯେତେବେଳେ ଏହି ବିବାଦ ନ୍ୟାୟାଳୟରେ ବିଚାରାଧିନ ଥିଲା ସେତେବେଳେ ଲୋକଙ୍କୁ ପ୍ରୋତ୍ସାହିତ କରି ବଡ ବଡ ରାଜନେତା ମାନଙ୍କ ଉପସ୍ଥିତିରେ ବାବ୍ରୀ ମସଜିଦ୍‌କୁ ଭାଙ୍ଗି ଦିଆଯାଇଥିଲା। ଏବେ ସଂପୃକ୍ତ ରାଷ୍ଟ୍ରବାଦୀ ସଂଗଠନର ପଦାଧିକାରୀ ମାନଙ୍କ ମନ୍ତବ୍ୟ ଆଡ଼କୁ ଆସିବା ସେମାନଙ୍କ ବୟାନର ନିମ୍ନ ବିନ୍ଦୁକୁ ଧାନରେ ରଖି ପାଠକେ ସ୍ୱୟଂ ନିର୍ଣ୍ଣୟ କରିପାରିବେ ଯେ ସେମାନଙ୍କ କଥା ଅନୁସାରେ କ'ଣ ବାସ୍ତବରେ ୨୦୧୪ରେ ବା ଅଯୋଧାରେ ରାମମନ୍ଦିର ନିର୍ମାଣ ପରେ ଭାରତକୁ ସ୍ୱାଧିନତା ମିଳିଲା?

ଭାରତ ଭୂଭାଗରେ ଅନେକ ରାଜା ମହାରାଜାଙ୍କ ଶାସନ ଥିଲା ଓ ପରବର୍ତ୍ତୀ ସମୟରେ ଇଂରେଜମାନେ ଏହାର ଶାସନ କର୍ତ୍ତା ହୋଇଥିଲେ। ହିମାଳୟ ପର୍ବତ ଶ୍ରେଣୀ ଓ ହିନ୍ଦ ମହାସାଗରର ଜଳ ସୀମାରେ ଘେରି ହୋଇ ରହିଥିବା ଭୂଭାଗର କଳ୍ପନା ପୁରୁଣା ସାହିତ୍ୟରେ ରହିଛି କିନ୍ତୁ ସବୁ ରାଜ୍ୟ ମିଶ୍ରିତ ନଥିଲା। ଭୂତକାଳରେ କିଛି ବଡ଼ ବଡ଼ ସାମ୍ରାଜ୍ୟ ଥିଲା ଯାହାର ବିସ୍ତାର ଉତ୍ତରରୁ ଦକ୍ଷିଣ ଓ ପୂର୍ବରୁ ପଶ୍ଚିମରେ ବର୍ତ୍ତମାନର ଭାରତର ବଡ଼ ବଡ଼ ଭୂଭାଗ ପର୍ଯ୍ୟନ୍ତ ଲମ୍ବିଥିଲା କିନ୍ତୁ ଆଜି ଭାରତର ସୀମା ଯାହା ଅଛି ତାହା ନଥିଲା। ପ୍ରାଚୀନ ଭାରତରେ ଅନେକ ଛୋଟ ବଡ ରାଜ୍ୟ, ଅଧିକାଂଶ ନିଜର ସୀମାକୁ ବିସ୍ତାର ଓ ଅହଂକାରର ତୁଷ୍ଟି ପାଇଁ ସଂଘର୍ଷରତ ରହୁଥିଲେ। ଏହି ସଂଘର୍ଷର ସ୍ଥିତି ମୌର୍ଯ୍ୟକାଳ, ଗୁପ୍ତକାଳ, ଗୁଜୁରାଟର କିଛି ବଡ ବଡ ରାଜାଙ୍କ ସମୟ, ଦାକ୍ଷିଣାତ୍ୟର ବଡ଼ ବଡ଼ ସାମ୍ରାଜ୍ୟର ସମୟରେ, ହର୍ଷବର୍ଦ୍ଧନଙ୍କ ସମୟରେ, ରାଜପୁତ କାଳରେ, ଦିଲ୍ଲୀ ଶାସନ ଓ ମୋଗଲ କାଳରେ ତଥା ଇଂରେଜ ଶାସନ ପର୍ଯ୍ୟନ୍ତ ରହିଥିଲା। ଆଜିର ଭାରତର ଭୌଗୋଳିକ ସୀମା ଭଳି ଏକ ରାଷ୍ଟ୍ର କେବେ ନଥିଲା। ଆଉ ଟିକିଏ ଆଗକୁ ଦେଖିଲେ ସ୍ପଷ୍ଟ ଯେ ଆଜିର ଭାରତ ଭଳି ସାମ୍ବିଧାନିକ ବ୍ୟବସ୍ଥା ପୁର୍ବରୁ ନଥିଲା। କ'ଣ ଶାସ୍ତ୍ରରେ ଉଲ୍ଲିଖିତ କୌଣସି ରାଜ୍ୟରେ ବର୍ତ୍ତମାନର ଭାରତରେ ଥିବା ସାମ୍ବିଧାନିକ ବ୍ୟବସ୍ଥା ଥିଲା? ୧୯୪୭ ଅଗଷ୍ଟ ୧୫ ପୁର୍ବର ରାଜା ରାଜୁଡା ଶାସନରେ ଲୋକମାନଙ୍କର ଭାଗିଦାରୀ ଥିଲା? କ'ଣ ଅନୁସୂଚୀତ ଜାତି, ଜନଜାତି, ଦଳିତଙ୍କୁ ଓ ଅନ୍ୟ ପଛୁଆ ବର୍ଗଙ୍କୁ ସେଇ ଅଧିକାର ମିଳିଥିଲା ଯାହା ଏବେ ସମ୍ବିଧାନ ଦେଇଛି? ଅସ୍ପୃଷ୍ୟତା, ଛୁଆଁ, ଅଛୁଆଁ ବିରୁଦ୍ଧରେ ସାମ୍ବିଧାନିକ ବୈଧାନକ ଅଧିକାର ଥିଲା? କ'ଣ ମହିଳାଙ୍କୁ ସବୁକ୍ଷେତ୍ରରେ ସମାନ ଅଧିକାର ମିଳୁଥିଲା? ୧୯୪୭ରେ ଦେଶ ସ୍ୱାଧିନ ହେବା ପରେ ଶିକ୍ଷା ବ୍ୟବସ୍ଥା ମଧ ବିସ୍ତୃତ ହୋଇଛି। ୧୯୪୭ ଓ୧୯୫୦ ପୁର୍ବରୁ ସାର୍ବଜନିକ ସମାଲୋଚନା ପାଇଁ ଅନୁମତି ଥିଲା କି?

ଚତୁର୍ଦ୍ଦଶ, ପଞ୍ଚଦଶ, ଶୋଡ଼ଷ ଶତାଦ୍ଧୀରେ ଜ୍ଞାନ-ବିଜ୍ଞାନ, ତର୍କ ଆଧାରିତ ଶିକ୍ଷାର ବିସ୍ତାର କାରଣରୁ ୟୁରୋପ ଓ ଅନ୍ୟ ଦେଶରେ ଅନ୍ଧକାର ଯୁଗର ସମାପ୍ତି ଘଟିଥିଲା କିନ୍ତୁ ହିନ୍ଦୁସ୍ଥାନ(ଭାରତ)ରେ ସେପରି ହୋଇନଥିଲା। ରାଜା ରାଜୁଡାଙ୍କ ରାଜୁତି କାଳରେ ରାଜାଙ୍କ ମନ୍ତ୍ରୀପରିଷଦରେ ରାଜ ପୁରୋହିତ, ସାମନ୍ତ ବର୍ଗର ଲୋକେ ରହୁଥିଲେ। କେତେକ ରାଜାଙ୍କ ପାରିଷଦ ଭାବେ ଯଦିଓ କିଛି ସାଧାରଣ ଲୋକ ରହୁଥିଲେ କିନ୍ତୁ ଏମାନଙ୍କ ସଂଖ୍ୟା ସିମୀତ ଥିଲା। କୃଷକ, ଶ୍ରମିକ, ଦଳିତ, ପଛୁଆବର୍ଗଙ୍କ ଏକମାତ୍ର କାର୍ଯ୍ୟଥିଲା ସାମନ୍ତ ଓ ଅନ୍ୟ ତଥାକଥିତ ଶ୍ରେଷ୍ଠ ବର୍ଗଙ୍କ ସେବା କରିବା। ଆଜି ଆମେ ଯେଉଁ ପ୍ରଗତି ଦେଖୁଛେ ତାହା କ'ଣ ୧୯୪୭ର ରାଜନୈତିକ ସ୍ୱାଧିନତା ବିନା ସମ୍ଭବ ହୋଇ ପାରିଥାନ୍ତା କି? ଏ ପ୍ରସଙ୍ଗରେ ଅନେକ ପ୍ରଶ୍ନ ମନରେ ଉଙ୍କି ମାରେ। ବିଦେଶୀ ଆକ୍ରମଣକାରୀଙ୍କ ଶୀକାର ପ୍ରଥମେ କିଏ ହୋଇଥିଲେ? ଉତ୍ତର ହେଉଛି ପଞ୍ଜାବ, ସିନ୍ଧୁ, ଯମୁନା-ଗଙ୍ଗା କୂଳରେ ବସବାସ କରୁଥିବା ନିଃସହାୟ ଗ୍ରାମାଞ୍ଚଳର ଲୋକେ, କୃଷକ ଓ ଶ୍ରମିକ ହିଁ ଆକ୍ରମଣକାରୀଙ୍କ ଶୀକାର ହୋଇଥିଲେ। କ'ଣ ଭାରତର ସବୁ ରାଜା ଏକାଠି ହୋଇ ବିଦେଶୀ ଆକ୍ରମଣ କାରୀଙ୍କୁ ସାମନା କରୁଥିଲେ ଉତ୍ତର ହେଉଛି ନା। ଆଜିର ଅନେକ ସ୍ୱଘୋଷିତ ରାଷ୍ଟ୍ରବାଦୀ, ଭିନ୍ନ ଭିନ୍ନ ନାମଧାରୀ ସ୍ୱୟଂଭୁ ଧାର୍ମିକ ସାମାଜିକ ସାଂସ୍କୃତିକ ଠିକାଦାର(ନେତା) କେବେ ମହିଳାଙ୍କ ପ୍ରତି ଅତ୍ୟାଚାର-ଦୁର୍ବ୍ୟବହାର ଓ ମହିଳାଙ୍କ ସମାନତା ପାଇଁ ସ୍ୱର ଉତ୍ତୋଳନ କରିଛନ୍ତି? କ'ଣ କେବେ ଏହି ସଂଗଠନମାନେ ଜାତି ବିରୋଧି, ଛୁଆଁ ଅଛୁଆଁ ବିରୋଧି, ମହିଳା ଶସକ୍ତିକରଣ ପାଇଁ ଦେଶ ବ୍ୟାପି ଆନ୍ଦୋଳନ କରିଛନ୍ତି କି?

କୃତ କଥା ହେଉଛି ଏଭଳି ସଂଗଠନର ନେତାମାନେ ବୁଝି-ବିଚାରି, ସାମ୍ପ୍ରଦାୟିକ ଆଧାରରେ ରାଜନୈତିକ ଧୃବୀକରଣ ପାଇଁ ଏଭଳି ମନ୍ତବ୍ୟ ଦେଉଛନ୍ତି। ଅନ୍ୟ ପକ୍ଷରେ ଏମାନେ ନିଜକୁ ଆଣରାଜନୈତିକ ସଂଗଠନ ବୋଲି କହୁଛନ୍ତି। ଏସବୁ ସଂଗଠନ ମାନେ ଶତ ପ୍ରତିଶତ ରାଜନୀତିରେ ଭାଗିଦାର ହେଉଥିବା ବେଳେ ନିଜକୁ ଅଣ ରାଜନୈତିକ ବୋଲି ଦର୍ଶାଇବାକୁ ପ୍ରୟାସ କରୁଛନ୍ତି। ଏଭଳି ସଂଗଠନ ରାଜନୀତିର ବଡବଡ ଖେଳାଳୀ (ନେତା)ଙ୍କୁ ନିୟନ୍ତ୍ରିତ କରି ଉତ୍ତରଦାୟିତ୍ୱ ଶୁନ୍ୟ ଏଭଳି ରାଜନୀତି କରୁଛନ୍ତି ଯେଉଁଥିପାଇଁ ସରକାରୀ ସଂସ୍ଥାନ ଓ ନିଜର ରାଜନୈତିକ ଶାଖା ତାଙ୍କର ପୁର୍ଣ୍ଣ କବ୍‌ଜାରେ ରହୁଛି। ଏସବୁ ନିଜ ନିଜର କଥା, କିନ୍ତୁ ଦେଶର ସ୍ୱାଧିନତାକୁ ନେଇ ବିବାଦୀୟ ମନ୍ତବ୍ୟ ଠିକ୍ ନୁହେଁ ଓ ଏହା ରାଷ୍ଟ୍ରବିରୋଧି କାର୍ଯ୍ୟ ବୋଲି କୁହାଯାଇପାରେ। ନିଜକୁ ରାଷ୍ଟ୍ରବାଦୀ ବୋଲି ପରିଚୟ ଦେଇ ଏଭଳି ମନ୍ତବ୍ୟ ଦେବା ଉଚିତ୍ ନୁହେଁ।

**ରାମଚନ୍ଦ୍ରପୁର, ରଣପୁର**

**ମୋବାଇଲ୍: ୯୪୩୮୪୮୫୦୯୪**

# ଆଧ୍ୟାତ୍ମିକତା, ଜୀବନ ଓ କୁମ୍ଭ



**ତ୍ରିନାଥ ଓଝା**

ଆମେ ସମସ୍ତେ ମହାନ ଆର୍ଯ୍ୟ ସନାତନ ଧର୍ମ ଓ ହିନ୍ଦୁ ସଂସ୍କୃତିର ବିଶ୍ୱାସୀ। ବର୍ତ୍ତମାନ ଉତ୍ତରପ୍ରଦେଶର ପ୍ରୟାଗରାଜରେ ଚାଲିଛି ଆମ ଧର୍ମ ବିଶ୍ୱାସର ବଡ଼ ପର୍ବ ଯାହାକୁ ସମସ୍ତେ କୁମ୍ଭମେଳା ଭାବେ ଜାଣନ୍ତି। ଆମ ହିନ୍ଦୁ ବିଶ୍ୱାସ ଓ ଆଧାତ୍ମିକ ଭାବଧାରାରେ ଏହା ସମ୍ପୂର୍ଣ୍ଣ ଭାବେ ଜଡ଼ିତ। ପବିତ୍ର ତ୍ରିବେଣୀ ସଙ୍ଗମରେ ୨୦୨୫ ଫେବୃଆରୀ ୧୬ ତାରିଖରୁ ଆରମ୍ଭ ହେଉଛି ଏହି ବିଶ୍ୱ ପ୍ରସିଦ୍ଧ ତଥା ବିଶ୍ୱର ସବୁଠାରୁ ବଡ଼ ମେଳା। ଏହି ମହାକୁମ୍ଭ ମେଳାରେ ଚାଳିଶ କୋଟିରୁ ଉଦ୍ଧ୍ୱର୍ ସାଧୁସନ୍ଥ, ଯୋଗୀଋଷି, ତପସ୍ୱୀ ଭକ୍ତମଣ୍ଡଳୀ ବିଭିନ୍ନ ଆଧାତ୍ମିକ ଅନୁଷ୍ଠାନର ସିଦ୍ଧ ସାଧକ ଯୋଗ ଦେଉଛନ୍ତି। ପବିତ୍ର ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀର ତ୍ରିବେଣୀ ସଙ୍ଗମରେ ବିଶ୍ୱାସ ଅନୁଯାୟୀ ବୁଡ଼ ପକାଇବା ସହ ନିଜକୁ ଆଧାତ୍ମିକ ଭାବଧାରାରେ କିଛି କ୍ଷଣ ପାଇଁ ଅତିବାହିତ କରିବାକୁ ଏହି ସ୍ଥାନକୁ ଭିଡ଼ ଛୁଟୁଛି। ତେବେ ଏହି କୁମ୍ଭମେଳା ବା ଏତେ ବଡ଼ ଧାର୍ମିକ କାର୍ଯ୍ୟକ୍ରମର ଆୟୋଜନ ଓ ପରିଚାଳନା ମଧ ବହୁତ ବଡ଼। ଏହି କୁମ୍ଭମେଳାର ଆଧାତ୍ମିକ ଓ ଐତିହାସିକ ଗୁରୁତ୍ୱ ରହିଛି ଏବଂ ସଙ୍ଗମ ନଗରୀ ପ୍ରୟାଗରାଜରେ ମହାକୁମ୍ଭ ସ୍ନାନ ପାଇଁ କୋଟି କୋଟି ଭକ୍ତ ଆଧାତ୍ମିକ ଧର୍ମ ବିଶ୍ୱାସୀ ନିଜର ମନସ୍କାମନା ବା ଆଧାତ୍ମିକ ବିଶ୍ୱାସ ପାଇଁ ଏହି ସ୍ଥାନକୁ ଆସୁଛନ୍ତି। ଆମ ମାନଙ୍କର ଜୀବନରେ ସୁଖ ସହିତ ଦୁଃଖ, ଆନନ୍ଦ ସହିତ ଯନ୍ତ୍ରଣା, ପାପ ସହିତ ପୁଣ୍ୟ ଓ ଜୀବନ ଚକ୍ରରୁ ମୁକ୍ତି ପାଇବା ପାଇଁ ଅନେକଙ୍କ ଭିତରେ ଉତ୍ସୁକତା ଭରି ରହିଛି। ଏହି କୁମ୍ଭମେଳା ଆମ୍ଭ ମାନଙ୍କୁ ଶିକ୍ଷା ଦେଉଛି ଯେ ଏହା କେବଳ ଏକ ଧର୍ମୀୟ କାର୍ଯ୍ୟକ୍ରମ ବା ସଙ୍ଗମ ସ୍ଥଳୀରେ ବୁଡ଼ ପକାଇବା ପାଇଁ ନୁହଁ ଏଥିରେ ଆମ ପୁରୁଣା ସମୟର ବିଶ୍ୱାସ ରହିଛି, ଦୃଢ଼ ଆସ୍ଥା ରହିଛି ଏଥିରେ ପରମ୍ପରା ରହିଛି ଏବଂ ସଂସ୍କୃତି ସହିତ ବିଜ୍ଞାନ ଏବଂ ନକ୍ଷତ୍ର ବିଜ୍ଞାନ ବା ଜ୍ୟୋତିଷ୍କ ବିଜ୍ଞାନ ମଧ ରହିଛି।

କୁମ୍ଭମେଳାର ଆୟୋଜନ ଓ ଏ ନେଇ ଅନେକ କଥା ସୋସିଆଲ ମିଡ଼ିଆ, ଖବରକାଗଜ ଓ ପୁସ୍ତକ ଆଦିରେ ଆମେ ସବୁ ଦେଖିବାକୁ ପାଉଛୁ। ପୁରାଣର କାହାଣୀକୁ ଦେଖିଲେ ସ୍ପଷ୍ଟ ହୁଏଯେ ଜଗତର କଲ୍ୟାଣ ପାଇଁ ଯେଉଁ ସମୁଦ୍ର ମନ୍ଥନ ହୋଇଥିଲା ଏବଂ ସେଥି ମଧ୍ୟରୁ ଯେଉଁ ଅମୃତର ସୃଷ୍ଟି ହୋଇଥିଲା ତାହା କୁମ୍ଭମେଳାକୁ ଏକ ପ୍ରକାର ଜନ୍ମ ଦେଇଛି କହିଲେ ଅତ୍ୟୁକ୍ତି ହେବନାହିଁ ଏବଂ ସେହି ପବିତ୍ର କୁମ୍ଭରୁ ଯେଉଁ ଦିବ୍ୟ ଅମୃତର ଧାର ଉତ୍ପନ୍ନ ହୋଇଥିଲା ଏହା କୁମ୍ଭମେଳା ପାଇଁ ଦିଗଦର୍ଶନ ଦେଇଛି। ଏହା ଆମ ଜୀବନରେ ଶିକ୍ଷା ଦେଉଛି ଯେ ମଣିଷ ଭିତରେ ଭଗବାନଙ୍କ ପ୍ରତି ଦୃଢ଼ ବିଶ୍ୱାସ ଓ ବିଜ୍ଞାନ ଏ ଦୁଇଟି ଭିତରେ କୌଣସି ତଫାତ ନାହିଁ। ହିନ୍ଦୁ କ୍ୟାଲେଣ୍ଡର ଅନୁଯାୟୀ ଗତ ପୌଷ ପୂର୍ଣ୍ଣିମାରୁ ଏହି କୁମ୍ଭମେଳା ଆରମ୍ଭ ହୋଇ ଆଗାମୀ ମହାଶିବରାତ୍ରୀ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ବିଶାଳକାୟ ମେଳା ଆମ ଭାରତୀୟ ସଂସ୍କୃତି, ଜନଜୀବନ ଓ ଆଧାତ୍ମିକତାକୁ ଶିକ୍ଷା ଦିଏ ଯେ ଗ୍ରହ ନକ୍ଷତ୍ର ଅଧୀନରେ ପୃଥିବୀ ଆତଯାତ। ଆମ ପୂର୍ବ ପୁରୁଷମାନେ ମଧ ଏହାର ବିଶ୍ୱାସ କରୁଥିଲେ। ଆମ୍ଭମାନଙ୍କର ସାଧାରଣ ଜୀବନରେ ନଦୀ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବର୍ତ୍ତମାନ ମୁଁ ରହୁଥିବା ଧବଳେଶ୍ୱର ଗଡ଼ାର ଠିକ ତଳକୁ ଅର୍ଥାତ ପାଦ ଦେଶକୁ ବହି ଯାଇଛି ଓଡ଼ିଶାର ଅନ୍ୟତମ ବଡ଼ ନଦୀ ମହାନଦୀ ଏବଂ ଆମ କଟକର ଅନ୍ୟ ପଟେ ହେଉଛି କାଠଯୋଡ଼ି ନଦୀ। ମୋ ଜନ୍ମ ସ୍ଥାନ ଏରସମା ଅନ୍ତର୍ଗତ ତାଳଙ୍ଗ ଗ୍ରାମ। ଆମ ଗାଁ କୁ ଲାଗି ପ୍ରଖର ସ୍ରୋତର ହଂସୁଆ ନଦୀ ବହି ଯାଇଛି। ମହାନଦୀ, କାଠଯୋଡ଼ି ହେଉ ବା ହଂସୁଆ ମୋ ବ୍ୟକ୍ତିଗତ ଜୀବନରେ ମୁଁ ଅନୁଭବ କରିଛି ନଦୀର ଆବଶ୍ୟକତା ଆମ ନିତିଦିନିଆ ଜୀବନ ପାଇଁ। ଠିକ ନଦୀ ମାନଙ୍କର ସଙ୍ଗମ ସ୍ଥଳ ହେଉଛି ଏପରି ଏକ ପବିତ୍ର ଓ ଗ୍ରହ ନକ୍ଷତ୍ର ଦୃଷ୍ଟିକୋଣରୁ ଚୁମ୍ବକୀୟ କ୍ଷେତ୍ରର ସଂଯୋଗ ଯେଉଁଠି ସ୍ନାନ କରିବା ଦ୍ୱାରା ଆମ ଶରୀର ଭିତରେ ଏକ ଶକ୍ତି ଯାହାକୁ ଉର୍ଜ୍ଜା କହୁଛନ୍ତି ପ୍ରଭାହିତ ହୋଇ ଏହା ଆମ ମାନଙ୍କୁ ସତକର୍ମ, ସତକାର୍ଯ୍ୟ ଓ ସତଚିନ୍ତା ପାଇଁ ପ୍ରେରଣା ଶକ୍ତି ଦେଇଥାଏ।

କୁମ୍ଭମେଳା ଆଲୋଚନା ସମ୍ପର୍କରେ ଭାରତୀୟ ପୌରାଣିକ କାହାଣୀର ବିଷୟବସ୍ତୁକୁ ଆମ୍ଭେମାନେ ଧାନ ପୂର୍ବକ ସ୍ମରଣ କରିବା କଥା କାରଣ ଏହି ଅମୃତ କୁମ୍ଭ ସହିତ ସମୁଦ୍ର ମନ୍ଥନର ଘଟଣା ଆମ ମାନଙ୍କ ନିତିଦିନିଆ ଧର୍ମ ପୁସ୍ତକରେ ଲେଖା ହୋଇଅଛି। ଧର୍ମ ପୁସ୍ତକର ତଥ୍ୟ ଅନୁଯାୟୀ ଯେଉଁ କୁଣ୍ଡରୁ ଅମୃତ ବାହାରି ପୃଥିବୀର ଯେଉଁ ଯେଉଁ ପବିତ୍ର ସ୍ଥାନରେ ପଡ଼ିଥିଲା ସେହି ସ୍ଥାନରେ ପ୍ରତି ବାର ବର୍ଷରେ ଥରେ ପୂର୍ଣ୍ଣ କୁମ୍ଭମେଳା ଆୟୋଜିତ ହୋଇ ଆସୁଛି। ପୁରାଣ ପୁସ୍ତକ ଯଥା ଅଗ୍ନି ପୁରାଣ ଓ ମତ୍ସ୍ୟ ପୁରାଣରେ ସଙ୍ଗମ ସ୍ଥଳ ବିଶେଷକରି ପ୍ରୟାଗରାଜ ପରି ବଡ଼ ଆଧାତ୍ମିକ କ୍ଷେତ୍ରକୁ ତୀର୍ଥରାଜ ଭାବେ କୁହାଯାଇଛି। ଇତିହାସ ପୃଷ୍ଠାରେ ଏହା ମଧ ଲେଖା ଅଛି ଯେ ସମଗ୍ର ବିଶ୍ୱ ପରିଭ୍ରମଣ କରି ଜ୍ଞାନ ବାଣ୍ଟୁଥିବା ଚୀନର ପରିବ୍ରାଜକ ହୁଏନସାଂ ପ୍ରୟାଗରାଜର ଏହି କୁମ୍ଭମେଳା ସମ୍ପର୍କରେ ସପ୍ତମ ଶତାବ୍ଦୀରେ ଏ ସମ୍ପର୍କରେ ଲେଖି ଯାଇଛନ୍ତି। ଆମର ଇତିହାସର କଥାବସ୍ତୁ ଅନୁଯାୟୀ ଯୁଗ ଯୁଗ ଧରି ରହି ଆସିଥିବା ଅନେକ ପ୍ରାଚୀନ ଶିଳା ଲେଖାରେ ବିଶେଷ ଭାବେ ଲେଖା ହୋଇଛି ଯେ ଗୁପ୍ତ ଯୁଗ ଓ ବିଶେଷକରି ମୌର୍ଯ୍ୟ ଶାସନ ସମୟରେ ମଧ ଏହି କୁମ୍ଭମେଳା ଥିଲା। ଜଣେ ମୁସଲମାନ ହୋଇ ମଧ ମୋଗଲ ସମ୍ରାଟ ଆକବର ପ୍ରୟାଗରାଜର କୁମ୍ଭମେଳାକୁ କେବଳ ଅନୁମତି ପ୍ରଦାନ କରିନଥିଲେ ବରଂ ହିନ୍ଦୁ ସଂସ୍କୃତିର ଏପରି କାର୍ଯ୍ୟକ୍ରମକୁ ପରିଚାଳନା ପାଇଁ ସହାୟତା କରିଥିଲେ।



ଆମ ହିନ୍ଦୁ ବିଶ୍ୱାସର ବଡ଼ ତଥା ବିଶ୍ୱ ପ୍ରସିଦ୍ଧ ଏହି କୁମ୍ଭମେଳା ସର୍ବପ୍ରଥମେ କେବେ ଆୟୋଜନ ହୋଇଥିଲା ସେ ସମ୍ପର୍କରେ ଗଣମାଧମର ତଥ୍ୟ ଅନୁଯାୟୀ ଆମ ଭାରତ ୧୯୪୭ରେ ସ୍ୱାଧୀନ ହୋଇଥିଲେ ମଧ ସର୍ବପ୍ରଥମେ ୧୮୫୮ ମସିହାରେ ତତ୍କାଳୀନ ଗୋରା ଇଂରେଜ ସରକାର ଏହି ମେଳା ପାଇଁ ଅନୁମତି ପ୍ରଦାନ କରିଥିଲେ। କିନ୍ତୁ ଭାରତ ସ୍ୱାଧୀନ ଲାଭ କରିବା ପରେ ଅର୍ଥାତ୍ ୧୯୫୪ ମସିହାରେ ଏହା ପ୍ରସିଦ୍ଧ ଲାଭ କରି ବିଧିବଦ୍ଧ ଭାବେ ଆରମ୍ଭ ହୋଇଥିଲା। ଅନେକ ହୁଏତ ଜାଣି ନଥିବେ ୨୦୧୭ ମସିହାରେ ବିଶ୍ୱର ଅନ୍ୟତମ ବଡ଼ ସଂଗଠନ ୟୁନେସ୍କୋ ଏହି ବିଶ୍ୱାସ ଓ ଆନନ୍ଦ ତଥା ଆସ୍ଥାର ମେଳା କୁମ୍ଭମେଳାକୁ ଏକ ଐତିହ୍ୟପୂର୍ଣ୍ଣ ଅନନ୍ୟ ମାନବତାର ସାଂସ୍କୃତିକ କାର୍ଯ୍ୟକ୍ରମ ଭାବେ ମାନ୍ୟତା ଓ ସ୍ୱୀକୃତି ପ୍ରଦାନ କରିଥିଲା।

କୁମ୍ଭମେଳାରେ ସାମିଲ ହେବା, କୁମ୍ଭମେଳା ବିଷୟରେ ଜାଣିବା ପାଇଁ ଅନେକଙ୍କ ଭିତରେ ଉତ୍ସୁକତା ଓ ଆଗ୍ରହ ପ୍ରକାଶ ପାଉଛି। ଦୈନନ୍ଦିନ ଛପା ଖବରକାଗଜରେ ସ୍ୱତନ୍ତ୍ର ପୃଷ୍ଠାରେ ଫଟୋ ସହ ଖବର ପ୍ରକାଶ ପାଉଛି ସେହିପରି ବିଭିନ୍ନ ଟିଭି ଚ୍ୟାନେଲ ଓ ସୋସିଆଲ ମିଡ଼ିଆରେ କୁମ୍ଭମେଳାରେ ଘଟୁଥିବା ସମସ୍ତ ଘଟଣା ତତ୍‌କ୍ଷଣାତ ଲୋକମାନଙ୍କ ଜ୍ଞାତ ହେବା ନିମିତ୍ତ ଉଲ୍ଲେଖ ରହୁଛି। ଆସନ୍ତୁ କୁମ୍ଭମେଳାର ପ୍ରକାର ଭେଦ ଓ ବିଭିନ୍ନ ତଥ୍ୟ ସମ୍ପର୍କରେ ଜାଣିବା। ପ୍ରୟାଗରାଜର ଯେଉଁ ଭବ୍ୟ ଓ ବିଶ୍ୱସ୍ତରୀୟ କୁମ୍ଭମେଳା ଆୟୋଜନ ହେଉଛି ଏହା ଜାନୁଆରୀ ୧୩ (ପୌଷ ପୂର୍ଣ୍ଣିମା)ରୁ ଆରମ୍ଭ ହୋଇଛି। ମକର ସଂକ୍ରାନ୍ତିରେ ପ୍ରଥମ ଶାହୀ ସ୍ନାନ, ଜାନୁଆରୀ ୨୯ରେ ମୌନ ଅମାବାସ୍ୟା, ଫେବୃଆରୀ ୨ରେ ବସନ୍ତ ପଞ୍ଚମୀ ବା ସରସ୍ୱତୀ ପୂଜାରେ ଶେଷ ଶାହୀ ସ୍ନାନ ଅନୁଷ୍ଠିତ ହୋଇଯାଇଥିବାବେଳେ ଫେବୃଆରୀ ୧୨ ତାରିଖ ଅର୍ଥାତ୍ ମାଘ ପୂର୍ଣ୍ଣିମା ଓ ଫେବୃଆରୀ ୧୬ ତାରିଖ ମହାଶିବରାତ୍ରୀରେ ଶେଷ ଶାହୀ ସ୍ନାନ ସହ ମହାକୁମ୍ଭମେଳା ଆନୁଷ୍ଠାନିକ ଭାବେ ଶେଷ ହେବ। ଗଣମାଧମରେ ପ୍ରକାଶିତ ଖବର ଅନୁଯାୟୀ ଚଳିତ କୁମ୍ଭମେଳାରେ ଚାଳିଶ କୋଟି ଶ୍ରଦ୍ଧାଳୁ ଏଥିରେ ଯୋଗଦାନ କରିବା ସହ ଖର୍ଚ୍ଚ ବଜେଟ ରହିଛି ୬୩୮୨ କୋଟି ଟଙ୍କା। କୁମ୍ଭମେଳା ସମ୍ପର୍କିତ ସମସ୍ତ ଖର୍ଚ୍ଚବାର୍ଚ୍ଚକୁ ମିଶାଇଲେ ଉତ୍ତରପ୍ରଦେଶ ସରକାର ପାଖାପାଖି ୨ ଲକ୍ଷ କୋଟି ଟଙ୍କାର ବଜେଟ ରଖିଛନ୍ତି। କୁମ୍ଭମେଳା ଯେଉଁଠି ଆୟୋଜନ ହେଉଛି ଏହାର ସ୍ଥାନଟି ପାଖାପାଖି ୪ ହଜାର ହେକ୍ଟରରେ ରହିଛି ଏବଂ କୁମ୍ଭସ୍ନାନ ପାଇଁ ୧୭ କିଲୋମିଟର ବ୍ୟାପୀ ଘାଟ ତିଆରି ହେବା ସହ ସୁରକ୍ଷା ପାଇଁ ସ୍ଥାନୀୟ ଉତ୍ତରପ୍ରଦେଶ ପୋଲିସ ଓ କେନ୍ଦ୍ର ସରକାର ମଧ ସାହାଯ୍ୟ କରୁଛନ୍ତି।

କୁମ୍ଭମେଳାକୁ ନେଇ ଏବେ ଭାରତର ଚାରିଆଡ଼େ ଓଡ଼ିଶାର ସବୁଠି ଏପରିକି ଚା'ଖଟିରୁ ଠାକୁରଘର, ନିଜ କାର୍ଯ୍ୟାଳୟ ଠାରୁ ସର୍ବସାଧାରଣ କ୍ଷେତ୍ର ସବୁଠି କୁମ୍ଭମେଳାର ହିଁ ଆଲୋଚନା। ଏ ସବୁ ଭିତରେ କୁମ୍ଭମେଳାକୁ ନେଇ ଅନେକ ତର୍କବିତର୍କ, ବିଶ୍ୱାସ-ଅବିଶ୍ୱାସ ମଧ ରହିଛି। ଦଳାଚକଟା ଘଟଣା ହେଉ ବା ଡଙ୍ଗାବୁଡ଼ି, ଅଗ୍ନୀ କାଣ୍ଡ ହେଉ ବା ରାସ୍ତାରେ ହଇରାଣ। କୁମ୍ଭମେଳାର ବିଭିନ୍ନ ଦିଗକୁ ଦେଖିଲେ ଆଲୋଚନା ଓ ପର୍ଯ୍ୟାଲୋଚନା ଭିତରେ ବାସ୍ତବରେ କୁମ୍ଭମେଳା ଆମ ମାନଙ୍କୁ କେଉଁ ଶିକ୍ଷା ଦେଉଛି? ଏ ସମ୍ପର୍କରେ ଆଜିର ଆଲୋଚନାଟି ଶେଷ କଲାବେଳକୁ ଏହା ଉଲ୍ଲେଖ କରୁଛି ଯେ ଧର୍ମ, ଆସ୍ଥା, ବିଶ୍ୱାସ ଓ ହୃଦୟ ଚେତନାର ଏହି ମେଳାରେ ଅନେକ ସାମିଲ ହୋଇ ନିଜକୁ କେବଳ ଧର୍ମ ଭିତରେ ସୀମିତ ରଖିଲେ ଠିକ ହେବନାହିଁ। ଜୀବନକୁ ଏକ ଆନନ୍ଦମୟ ଏବଂ ସମାଜର କଲ୍ୟାଣ ପାଇଁ ଉତ୍ସର୍ଗୀକୃତ କରିବାର ଭାବନା ଆମ ମାନଙ୍କୁ କୁମ୍ଭମେଳା ଶିକ୍ଷା ଦେଉ।

**ଆବାହକ, ଚମ୍ପାନାରାୟଣ ଚାରିଟେବୁଲ ଟ୍ରଷ୍ଟ**

**ଧବଳେଶ୍ୱର ଗଡ଼ା, କଟକ**

**ମୋବାଇଲ୍: ୯୨୩୮୬୦୨୮୨୫**

# ଦିଲ୍ଲୀ ନିର୍ବାଚନ ଶେଷ ଦିନରେ: ପ୍ରଚାର ଜୋରଦାର

**ନୂଆଦିଲ୍ଲୀ,୩।୨:** କାହାର ହେବ ଦିଲ୍ଲୀ। କିଏ ମାରିବ ବାଜି କାହାର ହେବ ହାର୍। ଦିନକ ପରେ ଦିଲ୍ଲୀ ଫାଇଟ୍। ମଝିରେ ଆଉ ଗୋଟିଏ ଦିନ। ଆସନ୍ତା ୫ ତାରିଖରେ ଦିଲ୍ଲୀ ବିଧାନସଭା ନିର୍ବାଚନ ଭୋଟ ଗ୍ରହଣ ହେବ। ଆଜି କ୍ୟାମ୍ପେନ ଶେଷ ଦିନ ଥିବାରୁ କମ୍ପୁଛି ରାଜଧାନୀ ଦିଲ୍ଲୀ। ସବୁ ରାଜନୈତିକ ଦଳ ଦିନରାତି ଏକ କରି ଭୋଟରଙ୍କୁ ମନାଇବାକୁ ଲାଗିଛନ୍ତି। ପ୍ରଚାରର ଶେଷ ଦିନରେ ଜୋରଦାର ପ୍ରଚାର କରିଛନ୍ତି ସବୁ ରାଜନୈତିକ ଦଳ।

ବିଶେଷ କରି ଦିଲ୍ଲୀ ନିର୍ବାଚନରେ ଏକ ହାଇଭୋଲ୍ଟେଜ ତ୍ରିକୋଣୀୟ ଲଢେଇ ହେବ। ଶାସକ ଆପ୍, ବିଜେପ ଓ କଂଗ୍ରେସ ମଧ୍ୟରେ କଡ୍ଡା ଟକ୍କର ଦେଖିବାକୁ ମିଳିବ। ଆଜି ପ୍ରଚାର ଶେଷ ଦିନ ଥିବାକୁ ସବୁ ରାଜନୈତିକ ଦଳ ଜୋରଦାର କ୍ୟାମ୍ପେନ କରିଛନ୍ତି। ପରସ୍ପରକୁ ଟାର୍ଗେଟ କରିଛନ୍ତି। ଭୋଟରଙ୍କୁ ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ଦେଇଛନ୍ତି। ଭୋଟରଙ୍କୁ ମନେଇବାକୁ ସବୁ ବଳ ଲଗାଇ ଦେଇଛନ୍ତି।

ଗତକାଲି (ରବିବାର) ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦିଲ୍ଲୀ ଗସ୍ତ କରି ନିର୍ବାଚନ ରାଲିକୁ ସମ୍ବୋଧନ କରିବା ସହିତ ଶାସକ ଆପକୁ ଟାର୍ଗେଟ କରିଥିଲେ। ଆପ୍ ଗଡରେ ବିଜୟ ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଛି ଭାରତୀୟ ଜନତା ପାର୍ଟି। ନିର୍ବାଚନ ତାରିଖ ଘୋଷଣା ପରେ ଦିଲ୍ଲୀ ଗସ୍ତ କରି ନିର୍ବାଚନୀ ରାଲିକୁ ସମ୍ବୋଧନ କରିବା ସହ





ଆପକୁ ଟାର୍ଗେଟ କରିଥିଲେ। ଆପକୁ 'ଆପଦା' ନାମ ଦେଇଥିଲେ ପ୍ରଧାନମନ୍ତ୍ରୀ। ଦିଲ୍ଲୀରେ ଆପ୍ ଯିବ ବିଜେପି ଆସିବ ବୋଲି ରଣ ହୁଙ୍କାର ଦେଇଥିଲେ ପିଏମ ମୋଦି। ପିଇବା ପାଣି, ଶିକ୍ଷା, ସ୍ୱାସ୍ଥ୍ୟ ଓ ମଦ ଦୁର୍ନୀତିକୁ ମୁଦ୍ଦା କରିଛି ଭାରତୀୟ ଜନତା ପାର୍ଟି। ତୃତୀୟ ଥର ଦିଲ୍ଲୀବାସୀଙ୍କ ବିଶ୍ୱାସ ଜିତିବାକୁ ଜୋରଦାର ପ୍ରସ୍ତୁତି କରୁଛି ଆମ୍ ଆଦମୀ ପାର୍ଟି। ଲୋକଙ୍କୁ ମାଳମାଳ ପ୍ରତିଶ୍ରୁତି ଦେଇଛି ଦଳ। କ୍ୟାମ୍ପେନ ଶେଷ ଦିନରେ ଆପ୍ ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ ଛତରପୁର ଓ କାଲକାଜୀରେ ନର୍ବାଚନୀ ରାଲି କରିବେ। କାଲକାଜୀରୁ ମୁଖ୍ୟମନ୍ତ୍ରୀ ଆତିଶୀ ଦ୍ୱିତୀୟ ଥର ପାଇଁ ପ୍ରାର୍ଥୀ ହୋଇଛନ୍ତି। ସେପଟେ ଏଥିରୁ ବାଦ ପଡିନି ପ୍ରମୁଖ ରାଜନୈତିକ ଦଳ କଂଗ୍ରେସ। ଶିଲ୍ଲା ଦୀକ୍ଷିତଙ୍କ ପରେ ଆଉ ବିଜୟ ସ୍ୱାଦ ଚାଖିନାହିଁ କଂଗ୍ରେସ। ଏଥର କମବ୍ୟାକ କରିବ ବୋଲି ଆଶା ରଖିଛି କଂଗ୍ରେସ।

ଆସନ୍ତା ଫେବୃଆରୀ ୨୩ ତାରିଖରେ ଦିଲ୍ଲୀ ବିଧାନସଭା କାର୍ଯ୍ୟକାଳ ସରୁଛି। ୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭା ପାଇଁ ଆସନ୍ତା ଫେବୃଆରୀ ୫ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ୮ ତାରିଖରେ ଫଳାଫଳ ପ୍ରକାଶ ପାଇବ। ତୃତୀୟ ଥର ଦିଲ୍ଲୀବାସୀଙ୍କ ବିଶ୍ୱାସ ଜିତିବାକୁ କଳବଳ ଲଗାଇ ଦେଇଛି ଆମ୍ ଆଦମୀ ପାର୍ଟି। ମୋଟା ମୋଟି କହିବାକୁ ଗଲେ ଦିଲ୍ଲୀ ନିର୍ବାଚନ ପାଇଁ ଆପ୍, ବିଜେପି ଓ କଂଗ୍ରେସ ମଧ୍ୟରେ ଏକ ହାଇଭୋଲ୍ଟେଜ କ୍ୟାମ୍ପେନ ଦେଖିବାକୁ ମିଳିଛି। ଆଜି (ସୋମବାର) ସନ୍ଧ୍ୟା ୫ଟାରେ ପ୍ରଚାର ଶେଷ ହେବ। ଦିଲ୍ଲୀରେ ମୋଟ ୧.୫୫ କୋଟି ପଞ୍ଜୀକୃତ ଭୋଟର ରହିଛନ୍ତି। ସେମାନଙ୍କ ମଧ୍ୟରୁ ୮୩.୪୯ ଲକ୍ଷ ପୁରୁଷ ଭୋଟର ରହିଥିବା ବେଳେ ୭୧.୭୪ ଲକ୍ଷ ମହିଳା ଭୋଟର ରହିଛନ୍ତି। ପ୍ରଥମ କରି ୨.୦୮ ଲକ୍ଷ ଭୋଟର ମତଦାନ ସାବ୍ୟସ୍ତ କରିବେ। ୨୫.୮୯ ଲକ୍ଷ ଯୁବ ଭୋଟର ରହିଛନ୍ତି। ୧,୨୬୧ ତୃତୀୟ ଲିଙ୍ଗି ଭୋଟର ରହିଛନ୍ତି।

## ଦଳାଚକଟା ମାମଲାକୁ ଦୁର୍ଭାଗ୍ୟଜନକ କହି ଆବେଦନ ଖାରଜ କଲେ ସୁପ୍ରିମ୍‌କୋର୍ଟ

**ନୂଆଦିଲ୍ଲୀ, ୩।୨:** ସୋମବାର ଦିନ ସୁପ୍ରିମକୋର୍ଟ ମହାକୁମ୍ଭ ଦଳାଚକଟା ଘଟଣାକୁ ଏକ "ଦୁର୍ଭାଗ୍ୟଜନକ" ଘଟଣା ବୋଲି କହିଛନ୍ତି। ଜାନୁଆରି ୨୯ ତାରିଖରେ ପ୍ରୟାଗରାଜ ମହାକୁମ୍ଭରେ ଦଳାଚକଟାରେ ୩୦ ଜଣଙ୍କ ଜୀବନ ଯିବା ପରେ ଉତ୍ତର ପ୍ରଦେଶର ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ



ସୁପ୍ରିମ୍‌କୋର୍ଟରେ ଏକ ଆବେଦନ ହୋଇଥିଲା। ମାତ୍ର ସର୍ବୋଚ୍ଚ ଅଦାଲତ ଏବେ ସେ ଆବେଦନକୁ ଖାରଜ କରି ଦେଇଛନ୍ତି। କୋର୍ଟ ଆବେଦନକାରୀ ଆଡଭୋକେଟ୍ ବିଶାଳ ତିୱାରୀଙ୍କୁ ଆହ୍ଲାବାଦ ହାଇକୋର୍ଟକୁ ଯିବାକୁ କହିଛନ୍ତି। କୋର୍ଟ ତାଙ୍କର ଶୁଣାଣି କରି କହିଛନ୍ତି, "ଏହା ଏକ ଦୁର୍ଭାଗ୍ୟଜନକ ଘଟଣା ଏବଂ ଚିନ୍ତାର ବିଷୟ, କିନ୍ତୁ ହାଇକୋର୍ଟକୁ ଯାଆନ୍ତୁ। ଏନେଇ ଏକ ନ୍ୟାୟିକ କମିସନ ଗଠନ କରାଯାଇସାରିଛି,"। ଉଲ୍ଲେଖଯୋଗ୍ୟ, ମୌନୀ ଅମାବାସ୍ୟା ଦିନ ପ୍ରୟାଗରାଜ୍‌ରେ ବଡ଼ ଧରଣର ଦଳାଚକଟା ଘଟିଥିଲା। କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା, ଏହାର ଯାଞ୍ଚ କରିବ ଟିମ। ତେବେ ଏକମାସ ଭିତରେ ରିପୋର୍ଟ ପ୍ରଦାନ କରିବେ ଟିମ। ଅନ୍ୟପଟେ ମହାକୁମ୍ଭ ମେଳାରେ ପୁଣି ଥରେ ଯେପରି କୌଣସି ଅଘଟଣ ନଘଟେ ଏନେଇ ସତର୍କ ହୋଇଛନ୍ତି ଉତ୍ତରପ୍ରଦେଶ ସରକାର। ଏପରିକି ଭିଆଇପି ପ୍ରୋଟୋକଲକୁ ହଟାଇବା ସହ ଯାନବାହାନ ଚଳାଚଳ ଉପରେ ମଧ ନିୟମକୁ ଅଧିକ ଶକ୍ତ କରାଯାଇଛି।

## ଏଲଏସିକୁ ରାସ୍ତା ତିଆରିକଲା ଭାରତ: ଚିନ୍ତାରେ ଚୀନ

**ନୂଆଦିଲ୍ଲୀ, ୩।୨:** ଭାରତ-ଚୀନ ସମ୍ପର୍କ ସେମିତି ତାହା ପୁରା ବିଶ୍ୱ ଜାଣିଛି। ବର୍ଷବର୍ଷ ଧରି ସୀମାକୁ ନେଇ ଦୁଇ ଦେଶ ମଧ୍ୟରେ ତିକ୍ତତା ଲାଗିରହିଛି। ଅବଶ୍ୟ କୂଟନୈତିକ ଆଲୋଚନା ପରେ ଉଭୟ ଦେଶ ମଧ୍ୟରେ ସମ୍ପର୍କରେ ସୁଧାର ଆସିଛି। ହେଲେ ଚୀନକୁ କୌଣସି ଦେଶ ବିଶ୍ୱାସ କରିପାରୁନାହାନ୍ତି। କଥା ହେଲା, ଭାରତ ସୀମାର ହଜାର ହଜାର କିଲୋମିଟର ଚୀନ ସହ ଯୋଡି ହୋଇ ରହିଛି। ତେଣୁ ସୀମାକୁ ସୁରକ୍ଷା ଦେବା ଭାରତ ଲାଗି ଏକ ବଡ଼ ଚ୍ୟାଲେଞ୍ଜ। ଯେହେତୁ ଏଲଏସି ସମୁଦ୍ର ପତ୍ତନରୁ ବହୁ ଉଚ୍ଚରେ ରହିଛି, ତେଣୁ ସେଠାରେ ଭାରତୀୟ ଯବାନ ପ୍ରହାର ଦେବା ଆଦୌ ସହଜ ନୁହେଁ। ଖାଲି ଏତିକି ନୁହେଁ ବରଂ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ ସଙ୍ଗେ ସଙ୍ଗେ ଏଲଏସିରେ ପହଞ୍ଚିବା ସହଜ ନୁହେଁ। ତେଣୁ ଏଲଏସିକୁ ଯେଉଁ ପରି ଭାବରେ ରାସ୍ତା ତିଆରି କଲା ଇଣ୍ଡିଆ ଏବଂ ଏହାର ଟେର ପାଇଲା ନାହିଁ ଚୀନ ତାହାକୁ ନେଇ ଏବେ ଜୋରଦାର ଚର୍ଚ୍ଚା।



ଭାରତ ନିଜ ସୀମାରେ ରାସ୍ତା ନିର୍ମାଣ କରିବା ପରେ ଏବେ ଚୀନ ଓ ପାକିସ୍ତାନ ଚିନ୍ତାରେ ଅଛନ୍ତି। କାରଣ ବିଷମ ପରିସ୍ଥିତିର ମୁକାବିଲା କରିବା ଲାଗି ଭାରତ ନିଜ ସୀମାକୁ ସଶକ୍ତ କରିବାରେ ଲାଗିଛି। ଯାହାର ନେତୃତ୍ୱ ନେଉଛି ବିଆଇରଓ। ବିଗତ ୪ ବର୍ଷ ଭିତରେ ବିଆରଓ ୧୨ ରାଜ୍ୟ ଓ ୨ କେନ୍ଦ୍ରଶାସିତ ଅଂଚଳରେ ପାଖାପାଖି ୪୦୫ ଇନଫ୍ରାଷ୍ଟ୍ରକଚର ପ୍ରୋଜେକ୍ଟ ନିର୍ମାଣ କରିବାରେ ସଫଳ ହୋଇଛି। ଯାହା ମଧ୍ୟରେ ବ୍ରିଜ୍, ଟନେଲ୍ ଓ ହେଲିପ୍ୟାଡ ସାମିଲ ଅଛି। ସୂଚନା ଅନୁସାରେ, ସୀମାରେ ନିର୍ମାଣ କରାଯାଉଥିବା ବ୍ରିଜ୍ ଗୁଡ଼ିକ ଏମିତି ତିଆରି କରାଯାଉଛି ଯେମିତିକି ୭୦ ଟନ୍ ଟ୍ୟାଙ୍କର ଏଥିରେ ଗଲେ ବି କୌଣସି କ୍ଷତି ହେବ ନାହିଁ।

## ୟୁପିଏ ସରକାର ଅମଳରେ ବି ନିଯୁକ୍ତି ପ୍ରସଙ୍ଗରେ ପଦକ୍ଷେପ ନିଆଯାଇନଥିଲା: ରାହୁଲ୍

**ନୂଆଦିଲ୍ଲୀ, ୩।୨:** ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଆଲୋଚନାରେ ଭାଗ ନେଇ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି କହିଛନ୍ତି ଯେ ଯୁବ ନିଯୁକ୍ତି ପ୍ରସଙ୍ଗରେ ସରକାର ଗମ୍ଭୀର ନୁହଁନ୍ତି। ସେ କହିଛନ୍ତି ଯେ ପୂର୍ବ ୟୁପିଏ ସରକାର କିମ୍ବା ବର୍ତ୍ତମାନର ପ୍ରଧାନମନ୍ତ୍ରୀ ମୋଦୀଙ୍କ ସରକାର ଏହି ପ୍ରସଙ୍ଗରେ କୌଣସି ପଦକ୍ଷେପ ଦେଇନାହାଁନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମେକ୍ ଇନ୍ ଇଣ୍ଡିଆ ଅଭିଯାନ ଭଲ ଥିଲା, କିନ୍ତୁ ସତ କଥା ହେଉଛି ଏହି ପଦକ୍ଷେପ ସମ୍ପୂର୍ଣ୍ଣ ବିଫଳ ହୋଇଛି। ନିଯୁକ୍ତି ନେଇ ସରକାରଙ୍କ ଯୋଜନା ସ୍ପଷ୍ଟ ହୋଇନାହିଁ। ରାଷ୍ଟ୍ରପତିଙ୍କ ଅଭିଭାଷଣରେ କିଛି ନୂଆ ନାହିଁ ବୋଲି ସେ କହିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମେକ୍ ଇନ୍ ଇଣ୍ଡିଆ ଅଭିଯାନ ଭଲ ଥିଲା, କିନ୍ତୁ ସତ କଥା ହେଉଛି ଏହି ପଦକ୍ଷେପ ସମ୍ପୂର୍ଣ୍ଣ ବିଫଳ ହୋଇଛି। ନିଯୁକ୍ତି ନେଇ ସରକାରଙ୍କ ଯୋଜନା ସ୍ପଷ୍ଟ ହୋଇନାହିଁ। ରାଷ୍ଟ୍ରପତିଙ୍କ ଅଭିଭାଷଣରେ କିଛି ନୂଆ ନାହିଁ ବୋଲି ସେ କହିଛନ୍ତି। ସେ ଦର୍ଶାଇଛନ୍ତି ଯେ ଦେଶରେ ଉତ୍ପାଦନ କ୍ଷେତ୍ରରେ ହ୍ରାସ ଘଟିଛି। ସେ ମୋବାଇଲ ଫୋନର ଉଦାହରଣ ଦେଇ କହିଥିଲେ ଯେ ଭାରତରେ ମୋବାଇଲ ଫୋନ୍ ଉତ୍ପାଦନ ହେଉନାହିଁ। ସେମାନଙ୍କୁ ଏଠାରେ ଆସେମ୍ବଲ କରାଯାଉଛି। ମୋବାଇଲର ପ୍ରତ୍ୟେକ ଅଂଶ ଚାଇନାରୁ ଆସିଥାଏ ଏବଂ କେବଳ ଏଠାରେ ଆସେମ୍ବଲ ହୋଇଥାଏ। ସେ କହିଛନ୍ତି ଯେ ବିଶ୍ୱ ଦ୍ରୁତ ଗତିରେ ବଦଳୁଛି, କିନ୍ତୁ ଆମେ ଏହା ଉପରେ ଧ୍ୟାନ ଦେଉନାହୁଁ।

### 'ଆମକୁ ଦିଆଯାଉ ଭୋଟର ତାଲିକା'



**ନୂଆଦିଲ୍ଲୀ, ୩।୨:** ଆଜି ସଂସଦର ବଜେଟ ଅଧିବେଶନର ତୃତୀୟ ଦିନ। ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅଭିଭାଷଣ ଦେଇଥିଲେ, ଏହା ପରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦର ଉଭୟ ଗୃହରେ ଅର୍ଥନୈତିକ ସର୍ଭେ ଉପସ୍ଥାପନ କରିଥିଲେ। ଯେତେବେଳେ ଦ୍ୱିତୀୟ ଦିନ ଅର୍ଥାତ୍ ଫେବୃଆରୀ ୧ ତାରିଖରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୫-୨୬ ବର୍ଷ ପାଇଁ ଦେଶର ବଜେଟ୍ ଉପସ୍ଥାପନ କରିଥିଲେ। ବଜେଟ ଅଧିବେଶନର ତୃତୀୟ ଦିନରେ, ଅର୍ଥାତ୍ ଆଜି, ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ଚାଲିଛି। ତେବେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ମହାରାଷ୍ଟ୍ରର ଫଳାଫଳକୁ ଉଲ୍ଲେଖ କରି କହିଛନ୍ତି ଯେ ଇଣ୍ଡିଆ ମେଣ୍ଟ ଲୋକସଭା ନିର୍ବାଚନରେ ବିଜୟୀ ହୋଇଥିଲା, କିନ୍ତୁ ବିଧାନସଭା ନିର୍ବାଚନ ପୂର୍ବରୁ ହିମାଚଳ ପ୍ରଦେଶର ଜନସଂଖ୍ୟା ସହିତ ସମାନ ନୂତନ ଭୋଟର ତାଲିକାରେ ଯୋଡା ଯାଇଥିଲା। ଲୋକସଭା ଏବଂ ବିଧାନସଭା ନିର୍ବାଚନ ମଧ୍ୟରେ ୭୦ ଲକ୍ଷ ନୂତନ ଭୋଟର ଯୋଡା ହୋଇଛି। ଗତ ପାଞ୍ଚ ବର୍ଷରେ ଯେତିକି ସଂଖ୍ୟା ଯୋଡା ଯାଇଥିଲା, ତା'ଠାରୁ ଗତ ପାଞ୍ଚ ମାସରେ ମହାରାଷ୍ଟ୍ରରେ ଅଧିକ ସଂଖ୍ୟା ଯୋଡା ହୋଇଛି।

ଶିରିଡିର ଏକ ଅଫିସରେ ସାତ ହଜାର ନୂତନ ଭୋଟର ଯୋଡା ହୋଇଛି। ମୁଁ କୌଣସି ଅଭିଯୋଗ କରୁନାହିଁ। ମୁଁ କେବଳ ଏତିକି କହୁଛି ଯେ କିଛି ସମସ୍ୟା ଅଛି। ଆମେ ନିର୍ବାଚନ କମିଶନଙ୍କୁ ଲୋକସଭା ଭୋଟର ତାଲିକା, ନାମ ଏବଂ ଠିକଣା ପ୍ରଦାନ କରିବାକୁ ଦାବି କରିଥିଲୁ। ଯେଉଁ ବିଧାନସଭା ଆସନଗୁଡ଼ିକରେ ବିଜେପି ସମ୍ପୂର୍ଣ୍ଣ ପୋଛି ହୋଇଯାଇଥିଲା, ସେଠାରେ ନୂତନ ଭୋଟର ଯୋଡା ହୋଇଥିଲେ। ଆମ ପାଖରେ ଏହି ତଥ୍ୟ ଅଛି। ନିର୍ବାଚନ କମିଶନରଙ୍କ ଚୟନ ପ୍ରଧାନମନ୍ତ୍ରୀ, ବିରୋଧୀ ଦଳ ନେତା ଏବଂ ମୁଖ୍ୟ ବିଚାରପତିଙ୍କୁ ନେଇ ଗଠିତ ଏକ କମିଟି ଦ୍ୱାରା ଚୟନ କରାଯିବାର ଥିଲା। ଏଥିରୁ ମୁଖ୍ୟ ବିଚାରପତିଙ୍କୁ କାହିଁକି ହଟାଗଲା?

## କେଜ୍ରିୱାଲଙ୍କ ଆଶଙ୍କା ଇଭିଏମ୍ ଟ୍ୟାମ୍ପରିଂ କରିବ ବିଜେପି



**ନୂଆଦିଲ୍ଲୀ, ୩।୨:** ଆପ ରାଷ୍ଟ୍ରୀୟ ସଂଯୋଜକ ଅରବିନ୍ଦ କେଜରିୱାଲ କହିଛନ୍ତି ଯେ ନିର୍ବାଚନରେ ବାଧା ସୃଷ୍ଟି କରିବାକୁ ଯୋଜନା କରିଥିବା ବିଜେପିର ପ୍ରତ୍ୟେକ ଷଡ଼ଯନ୍ତ୍ରର ମୁକାବିଲା କରିବାକୁ ଆମ ଆଦମୀ ପାର୍ଟି ପ୍ରସ୍ତୁତ ହୋଇଛି। ସେ ଦିଲ୍ଲୀର ଲୋକମାନଙ୍କୁ ବିଜେପିର ଇଭିଏମ ଖେଳକୁ ପରାସ୍ତ କରିବା ପାଇଁ ଆମ ଆଦମୀ ପାର୍ଟିକୁ ବହୁ ସଂଖ୍ୟାରେ ଭୋଟ ଦେବାକୁ ନିବେଦନ କରିଥିଲେ। ସେ କହିଛନ୍ତି ଯେ ସୂତ୍ରରୁ ଜଣାପଡିଛି ଯେ ଏହି ଲୋକମାନେ ମେସିନରେ ଥିବା ୧୦ ପ୍ରତିଶତ ଭୋଟକୁ ହେରଫେର କରିପାରିବେ। ତେଣୁ, ଝାଡୁକୁ ଏପରି ଭୋଟ ଦିଅନ୍ତୁ ଯେପରି ଆମ ଆଦମୀ ପାର୍ଟି ୧୦ ପ୍ରତିଶତରୁ ଅଧିକ ଲିଡ୍ ପାଇବ। ଅରବିନ୍ଦ କେଜରିୱାଲ ଏକ ଭର୍ଚୁଆଲ୍ ପ୍ରେସ୍ କନଫରେନ୍ସରେ କହିଛନ୍ତି, "ମୁଁ ଯେଉଁଠାକୁ ଯାଇଛି, ଲୋକମାନେ ମୋତେ ସମାନ କଥା କହୁଛନ୍ତି ଯେ ଆମେ ତୁମକୁ ଭୋଟ ଦେଉଛୁ, କିନ୍ତୁ ଆମେ ଜାଣିନାହୁଁ ଭୋଟ କୁଆଡେ ଯାଉଛି।

ଏଠାରେ କିଛି ସନ୍ଦେହଜନକ କଥା ଅଛି। ଏହି ଲୋକମାନେ ଏହି ମେସିନଗୁଡ଼ିକରେ ବହୁତ ହେରଫେର କରିଛନ୍ତି। ମୁଁ ଦିଲ୍ଲୀର ଲୋକମାନଙ୍କୁ କହିବାକୁ ଚାହୁଁଛି ଯେ ସୂତ୍ରରୁ ଜଣାପଡିଛି ଯେ ସେମାନେ ୧୦% ଭୋଟ ଦ୍ୱାରା ମେସିନଗୁଡ଼ିକୁ ହେରଫେର କରିପାରିବେ। ଆପଣ ଏପରି ଉତ୍ସାହର ସହିତ ଭୋଟ ଦେବା ଉଚିତ, ଯାହା ଦ୍ୱାରା ଆମେ ୧୫% ଲିଡ୍ ପାଇଲେ, ଆମେ ୫% ରେ ଜିତିବୁ। ସବୁଠି ୧୦% ରୁ ଅଧିକ ଲିଡ୍ ଦିଅନ୍ତୁ। ଏତେ ଭୋଟ ଦିଅନ୍ତୁ ଯେ ଆମେ ସେମାନଙ୍କ ମେସିନ୍ ଉପରେ ବିଜୟୀ ହେବୁ। ଏକମାତ୍ର ଉପାୟ ହେଉଛି ଯେ ଆମକୁ ବହୁ ସଂଖ୍ୟାରେ ଭୋଟ ଦେବା ଆବଶ୍ୟକ।" ଆପଣଙ୍କୁ କହିରଖୁଛୁ ଯେ ଆଜି (୩ ଫେବୃଆରୀ) ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ପ୍ରଚାରର ଶେଷ ଦିନ। ଦିଲ୍ଲୀର ସମସ୍ତ ୭୦ଟି ବିଧାନସଭା ଆସନ ପାଇଁ ଫେବୃଆରୀ ୫ ତାରିଖରେ ଗୋଟିଏ ପର୍ଯ୍ୟାୟରେ ଭୋଟ୍ ଗ୍ରହଣ କରାଯିବ। ଫଳାଫଳ ଫେବୃଆରୀ ୮ ତାରିଖରେ ଘୋଷଣା କରାଯିବ।

## ପୁଣି ଅଶାନ୍ତ କାଶ୍ମୀର; ଆତଙ୍କୀଙ୍କ ଗୁଳିମାଡରେ ଅବସରପ୍ରାପ୍ତ ଯବାନଙ୍କ ମୃତ୍ୟୁ

**ନୂଆଦିଲ୍ଲୀ, ୩।୨:** ପୁଣି ଅଶାନ୍ତ ହୋଇଉଠିଛି କାଶ୍ମୀର ଅଞ୍ଚଳ। ସୋମବାର ଆତଙ୍କବାଦୀଙ୍କ ଗୁଳିମାଡରେ ଜଣେ ଅବସରପ୍ରାପ୍ତ ସୈନିକଙ୍କ ମୃତ୍ୟୁ ହୋଇଥିବା ନେଇ ସୂଚନା ମିଳିଛି। ଏହି ଆକ୍ରମଣରେ ଯବାନଙ୍କ ପତ୍ନୀ ଓ ଝିଅ ମଧ ଗୁରୁତର ଆହତ ହୋଇଥିବା ଜଣା ପଡିଛି। ସୂଚନା ମୁତାବକ, ଅବସର ପ୍ରାପ୍ତ ଯବାନଙ୍କ ନାମ ହେଉଛି ମଞ୍ଜୁର ଅହମ୍ମଦ। ସେ କାଶ୍ମୀରର କୁଲଗାମ ଅଞ୍ଚଳରେ ବାସ କରୁଥିବା ନେଇ ସୂଚନା ମିଳିଛି। ସେ ନିଜ ଘରେ ଥିବାବେଳେ କେତେକ ଆତଙ୍କବାଦୀ ତାଙ୍କ ଘର ଭିତରକୁ ଧସେଇ ପଶି ତାଙ୍କ ଉପରେ ବନ୍ଧୁକ ଦ୍ୱାରା ଆକ୍ରମଣ ଆରମ୍ଭ କରିଦେଇଥିଲେ। ଆତଙ୍କବାଦୀ ମାନଙ୍କ ଆକ୍ରମଣ ଏତେ ଭୟଙ୍କର ଥିଲା ଯେ ସେମାନେ ମଞ୍ଜୁରଙ୍କୁ ଗୁଳି କରିବା ପରେ ସେଠାରେ ଉପସ୍ଥିତ ଥିବା ତାଙ୍କ ପତ୍ନୀ ଓ ଝିଅକୁ ମଧ ଛାଡି ନଥିଲେ। ଏହି ଆକ୍ରମଣରେ ମଞ୍ଜୁରଙ୍କ ସହ ତାଙ୍କ ପତ୍ନୀ ଓ ଝିଅ ମଧ ଗୁରୁତର ଆହତ ହୋଇଥିଲେ। ଏ ସମ୍ପର୍କରେ ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରିବା ସହ ସମସ୍ତଙ୍କୁ ସ୍ଥାନିୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତରଖାନାରେ ପହଞ୍ଚିବା ପରେ ମଞ୍ଜୁର ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ବୋଲି କାଶ୍ମୀରର ଜଣେ ପୋଲିସ ଅଧିକାରୀ ନିଜ ନାମ ଗୋପନ ରଖି ସୂଚନା ପ୍ରଦାନ କରିଛନ୍ତି।

## ମହାକୁମ୍ଭରେ ସନ୍ୟାସ ଗ୍ରହଣ କଲେ ଶତାଧିକ ଲୋକ

**ପ୍ରୟାଗରାଜ, ୩।୨:** ମହାକୁମ୍ଭରେ ଶତାଧିକ ପୁରୁଷ ଓ ମହିଳା ଯୁବକଙ୍କ ସହ ସାଂସାରିକ ଜୀବନ ତ୍ୟାଗ କରି ସନ୍ୟାସ ଗ୍ରହଣ କରିଛନ୍ତି। ୧୪୪ ବର୍ଷ ପରେ ଆୟୋଜିତ ଏହି ମହାକୁମ୍ଭରେ ଏସବୁ ଲୋକ ସାଂସାରିକ ଓ ଅଶାନ୍ତ ଜୀବନକୁ ତ୍ୟାଗ କରି ସନ୍ୟାସୀ ଜୀବନକୁ ଗ୍ରହଣ କରିଛନ୍ତି। ସୂଚନା ଅନୁସାରେ ସନ୍ୟାସ ଗ୍ରହଣ କରିଥିବା ଲୋକମାନଙ୍କ ମଧ୍ୟରେ ସବୁ ବୟସ ବର୍ଗର ଲୋକ ଅଛନ୍ତି। ସେମାନେ ସଂସାର ତ୍ୟାଗ କରିବା ସହ ନିଜେ ନିଜର ଶ୍ରାଦ୍ଧକର୍ମ କରି ସନ୍ୟାସୀ ହୋଇଛନ୍ତି ଓ ବିଭିନ୍ନ ଅଖାଡ଼ାରେ ସାମିଲ ହୋଇଛନ୍ତି। ସନ୍ୟାସ ଗ୍ରହଣ କରିବା ପୂର୍ବରୁ ଅଖାଡ଼ା ପକ୍ଷରୁ ପ୍ରାର୍ଥୀଙ୍କ ବ୍ୟକ୍ତିଗତ, ଶିକ୍ଷାଗତ ତଥା ଅପରାଧିକ ରେକର୍ଡ ଭଲଭାବରେ ଯାଞ୍ଚ କରାଯାଏ। ସେହିପରି ମହାମଣ୍ଡଳେଶ୍ୱର ହେବା ପୂର୍ବରୁ ପ୍ରାର୍ଥୀଙ୍କ ପୂର୍ବ ରେକର୍ଡ ସହ ତାଙ୍କର ଶାସ୍ତ୍ରଜ୍ଞାନ ମଧ ପରଖାଯାଇଥାଏ। ସୂଚନା ଅନୁସାରେ ମହାକୁମ୍ଭ ଆରମ୍ଭ ହେବାପରଠାରୁ ଏପର୍ଯ୍ୟନ୍ତ ପ୍ରାୟ ୪ ହଜାରରୁ ଅଧିକ ଲୋକ ସନ୍ୟାସ ଗ୍ରହଣ କରି ବିଭିନ୍ନ ଅଖାଡ଼ାରେ ଯୋଗ ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ୩୦ ଜଣ ମହାମଣ୍ଡଳେଶ୍ୱର ଉପାଧି ମଧ ପାଇଛନ୍ତି। ସନ୍ୟାସ ଗ୍ରହଣ କରିବା ପୂର୍ବରୁ ପ୍ରାର୍ଥୀଙ୍କ ବ୍ୟକ୍ତିଗତ, ଶିକ୍ଷାଗତ ତଥା ଅପରାଧିକ ରେକର୍ଡ ଭଲଭାବରେ ଯାଞ୍ଚ କରାଯାଏ। ସେହିପରି ମହାମଣ୍ଡଳେଶ୍ୱର ହେବା ପୂର୍ବରୁ ପ୍ରାର୍ଥୀଙ୍କ ପୂର୍ବ ରେକର୍ଡ ସହ ତାଙ୍କର ଶାସ୍ତ୍ରଜ୍ଞାନ ମଧ ପରଖାଯାଇଥାଏ। ଯଦି କୌଣସି ପ୍ରାର୍ଥୀ ଏସବୁ ତଥ୍ୟ ଲୁଚାଇଥାନ୍ତି ସେମାନଙ୍କୁ ସନ୍ୟାସ ଦୀକ୍ଷା ଦିଆଯାଏ ନାହିଁ କିମ୍ବା ସନ୍ୟାସ ନେଇଥିଲେ ତାଙ୍କୁ ବହିଷ୍କାର କରାଯାଏ।



## ଅଯୋଧ୍ୟାର ଶ୍ରୀରାମ ଜନ୍ମଭୂମି ମନ୍ଦିରର ମୁଖ୍ୟ ପୂଜକଙ୍କ ବ୍ରେନ ହାମରେଜ

**ଲକ୍ଷ୍ନୌ, ୩।୨:** ଅଯୋଧ୍ୟାର ଶ୍ରୀରାମ ଜନ୍ମଭୂମି ମନ୍ଦିରର ମୁଖ୍ୟ ପୂଜକ ଆଚାର୍ଯ୍ୟ ସତ୍ୟେନ୍ଦ୍ର ଦାସଙ୍କ ବ୍ରେନ ହାମରେଜ ହୋଇଛି। ତାଙ୍କୁ ଉନ୍ନତ ଚିକିତ୍ସା ପାଇଁ ଲକ୍ଷ୍ନୌ ରେଫର କରି ଦିଆଯାଇଛି। ଆଚାର୍ଯ୍ୟ ସତ୍ୟେନ୍ଦ୍ର ଦାସଙ୍କ ରକ୍ତଚାପ ବଢ଼ି ଯାଇଥିଲା। ଯେଉଁ କାରଣରୁ ତାଙ୍କୁ ଚିକିତ୍ସା ପାଇଁ ଅଯୋଧ୍ୟାର ଶ୍ରୀରାମ ହସ୍ପିଟାଲକୁ ନିଆଯାଇଥିଲା। ଏଠାରୁ ତାଙ୍କୁ ଉନ୍ନତ ଚିକିତ୍ସା ପାଇଁ ଲକ୍ଷ୍ନୌର ଏକ ଘରୋଇ ହସ୍ପିଟାଲ ସିଟି ନ୍ୟୁରୋ କେୟାର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏଠାରେ ଆଚାର୍ଯ୍ୟ ସତ୍ୟେନ୍ଦ୍ର ଦାସଙ୍କ ସିଟି ସ୍କାନ କରାଯାଇଥିଲା। ଏହି ରିପୋର୍ଟରୁ ଆଚାର୍ଯ୍ୟ ସତ୍ୟେନ୍ଦ୍ର ଦାସଙ୍କ ଶରୀରରେ ପ୍ରାୟ ୧୭ଟି ସ୍ଥାନରେ ରକ୍ତ ଜମାଟ ବାନ୍ଧିଥିବା ସହିତ ବ୍ରେନ ହାମରେଜ ହୋଇଥିବା ଜଣାପଡ଼ିଛି। ଡାକ୍ତର ଅରୁଣ କୁମାର ସିଂହ କହିଛନ୍ତି, 'ଶ୍ରୀରାମ ମନ୍ଦିରର ମୁଖ୍ୟ ପୂଜକ ଆଚାର୍ଯ୍ୟ ସତ୍ୟେନ୍ଦ୍ର ଦାସଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ଅଣାଯାଇଛି। ସତ୍ୟେନ୍ଦ୍ର ଦାସଙ୍କ ଗୁରୁତର ଅବସ୍ଥାକୁ ଦେଖି ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଲକ୍ଷ୍ନୌକୁ ସ୍ଥାନାନ୍ତର କରାଯାଇଛି। ଅଯୋଧ୍ୟାର ସାଧୁସନ୍ଥମାନେ ମୁଖ୍ୟ ପୁରୋହିତ ଆଚାର୍ଯ୍ୟ ସତ୍ୟେନ୍ଦ୍ର ଦାସଙ୍କ ଉତ୍ତମସ୍ୱାସ୍ଥ୍ୟ ପାଇଁ ପ୍ରାର୍ଥନା କରିଛନ୍ତି। ସତ୍ୟେନ୍ଦ୍ର ଦାସ ଏପ୍ରିଲ ୧୯୯୨ରେ ଶ୍ରୀ ରାମ ଜନ୍ମଭୂମି ମନ୍ଦିରର ମୁଖ୍ୟ ପୂଜକ ହୋଇଥିଲେ। ୧୯୯୨ ଡିସେମ୍ବର୬ ରେ ବାବ୍ରି ମସଜିଦକୁ ଭାଙ୍ଗି ଦିଆଯାଇଥିଲା। ଏହାପରେ ସତ୍ୟେନ୍ଦ୍ର ଦାସ ତମ୍ବୁରେ ରାମଲାଲାଙ୍କ ପୂଜା କରିଥିଲେ।

## ଗଛରେ ପିଟି ହେଲା କାର୍, ୨ ଭାରତୀୟ ଛାତ୍ରଙ୍କ ମୃତ୍ୟୁ, ଦୁଇ ଗୁରୁତର



**ଆୟାର୍ଲାଣ୍ଡ, ୩।୨:** ଦକ୍ଷିଣ ଆୟରଲାଣ୍ଡର କାର୍ଲୋ କାଉଣ୍ଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ ଭାରତୀୟ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ କାର୍ ଏକ ଗଛରେ ପିଟି ହୋଇଯିବାରୁ ଦୁହିଁଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଏହି ଦୁର୍ଘଟଣାରେ ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ସ୍ଥାନୀୟ ପୋଲିସ ଏବଂ ଜରୁରୀକାଳୀନ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ଦୁର୍ଘଟଣାରେ ପ୍ରାଣ ହରାଇଥିବା ଦୁଇ ଭାରତୀୟ ଛାତ୍ର ହେଲେ ଚେରେକୁରୀ ସୁରେଶ ଚୌଧୁରୀ ଓ ଚିଥୁରୀ ଭାର୍ଗବ। ଆୟରଲାଣ୍ଡର ରାଜଧାନୀ ଡବଲିନରେ ଥିବା ଭାରତୀୟ ଦୂତାବାସ ରବିବାର ସୋସିଆଲ ମିଡିଆରେ ଏକ ଶୋକ ବାର୍ତ୍ତା ଜାରି କରିଛି। ଦୂତାବାସ କହିଛି ଯେ କାର୍ଲୋ କାଉଣ୍ଟରେ ଏକ କାର୍ ଦୁର୍ଘଟଣାରେ ୨ ଭାରତୀୟ ଛାତ୍ରଙ୍କ ମୃତ୍ୟୁକୁ ନେଇ ଭାରତର ଦୂତାବାସ ଗଭୀର ସମବେଦନା ଜଣାଇଛି। ଦୂତାବାସ ଟିମ୍ ମୃତକମାନଙ୍କ ପରିବାର ଏବଂ ସାଙ୍ଗମାନଙ୍କ ସହ ଯୋଗାଯୋଗରେ ଅଛି। ଏଥିସହ ଦୁର୍ଘଟଣାରେ ଆହତ ଦୁଇ ଭାରତୀୟ ନାଗରିକଙ୍କୁ ମଧ ସମସ୍ତ ସମ୍ଭାବ୍ୟ ସହାୟତା ପ୍ରଦାନ କରାଯାଉଛି। କାର୍ଲୋ ଗାର୍ଡା ଷ୍ଟେସନର ଅଧୀକ୍ଷକ ଆଣ୍ଟୋନି ଫାରେଲ୍ କହିଛନ୍ତି, ଏକ କଳା ରଙ୍ଗର କାର୍ କାର୍ଲୋ ସହର ଆଡକୁ ଯାଉଥିଲା। ଏହି ସମୟରେ ଏହା ରାସ୍ତା ଅତିକ୍ରମ କରିବା ବେଳେ ଏକ ଗଛ ସହ ମୁହାଁମୁହିଁ ଧକ୍କା ହୋଇଥିଲା। କାରରେ ଥିବା ଅନ୍ୟ ଦୁଇ ଯାତ୍ରୀ ୨୦ ବର୍ଷର ଯୁବକ ଓ ଯୁବତୀ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ କିଲକେନିର ସେଣ୍ଟ ଲ୍ୟୁକ୍ ଜେନେରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କିନ୍ତୁ ଉଭୟ ବର୍ତ୍ତମାନ ବିପଦମୁକ୍ତ ଅଛନ୍ତି। ସେପଟେ ଉତ୍ତର ପ୍ରଦେଶର ସୋନଭଦ୍ର ଜିଲ୍ଲାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଡିଭାଇଡର ପାର୍ ହେଉଥିବା ଟ୍ରକଟି ଏକ କାରକୁ ଧକ୍କା ଦେବା ଫଳରେ ୬ ଜଣଙ୍କର ମୃତ୍ୟୁ ହୋଇଛି। ଏଥିରେ ଅନ୍ୟ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବ୍ୟବଚ୍ଛେଦ ପରେ ମୃତଦେହଗୁଡ଼ିକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

## ଜଙ୍ଗପୁରା ରାଲିରେ କହିଲେ ଶାହ ଲୋକଙ୍କ ପାଇଁ ଖୋଲିବ କେଜ୍ରିୱାଲଙ୍କ 'ଶୀଶ୍‌ମହଲ୍'

**ନୂଆଦିଲ୍ଲୀ, ୩।୨:** ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ସୋମବାର କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଜଙ୍ଗପୁରାରେ ଆୟୋଜିତ ନିର୍ବାଚନୀ ରାଲିରେ 'ଶୀଶମହଲ'କୁ ନେଇ ଆମ ଆଦମୀ ପାର୍ଟି (ଆପ) ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କୁ ସମାଲୋଚନା କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ "ଶୀଶ୍‌ମହଲ ପାଇଁ ଖର୍ଚ୍ଚ ହୋଇଥିବା ୫୧,୦୦୦ କୋଟି ଟଙ୍କା ଦିଲ୍ଲୀବାସୀଙ୍କର। ୨୦୧୩ ମସିହାରେ କେଜ୍ରିୱାଲ କହିଥିଲେ ସେ ମୁଖ୍ୟମନ୍ତ୍ରୀ ହେବା ପରେ ଘର, ଗାଡ଼ି କିମ୍ବା ସୁରକ୍ଷା ନେବେ ନାହିଁ। କିନ୍ତୁ ସେ ଏକ ଗାଡ଼ି ଏବଂ ଏକ ବଙ୍ଗଳା ନେଇଥିଲେ। ସେ ଗୋଟିଏ ଘରରେ ସନ୍ତୁଷ୍ଟ ନଥିଲେ, ତେଣୁ ସେ 'ଶୀଶମହଲ' ନିର୍ମାଣ କରିଥିଲେ। ଏହି ୫୧,୦୦୦ କୋଟି ଟଙ୍କା କାହାର? ଏହା ଦିଲ୍ଲୀବାସୀଙ୍କର। ମୁଁ ପ୍ରତିଶ୍ରୁତି ଦେଉଛି ଯେ, ଆମେ ସାଧାରଣ ଲୋକଙ୍କ ଲାଗି 'ଶୀଶ୍‌ମହଲ' ଖୋଲିବୁ।"

ଆପ ନେତା ମନୀଷ ସିସୋଦିଆଙ୍କୁ ଟାର୍ଗେଟ କରି ଶାହ କହିଛନ୍ତି, ପୂର୍ବତନ ଉପମୁଖ୍ୟମନ୍ତ୍ରୀ ପାଟପରଗଞ୍ଜର ବାସିନ୍ଦାଙ୍କୁ ଠକିଛନ୍ତି। ମନୀଷ ସିସୋଦିଆ (ଜଙ୍ଗପୁରା ନିର୍ବାଚନମଣ୍ଡଳୀରୁ ଆପ ପ୍ରାର୍ଥୀ) ଏବେ ଏଠାକୁ ଆସିଛନ୍ତି। ଆପଣ ତାଙ୍କୁ ପଚାରିବା ଉଚିତ ଯେ, ସେ ଏପରି କ'ଣ କରିଥିଲେ ତାଙ୍କୁ ପାଟପରଗଞ୍ଜ (ନିର୍ବାଚନମଣ୍ଡଳୀ) ଛାଡିବାକୁ ପଡିଲା? ସେ ଭାବୁଛନ୍ତି ପାଟପରଗଞ୍ଜର ଲୋକମାନଙ୍କୁ ଠକିବା ପରେ ସେ ଏବେ ଜଙ୍ଗପୁରାରେ ମିଥ୍ୟା ପ୍ରତିଶ୍ରୁତି ଦେବେ। ବିଜେପି ନେତା ଆହୁରି କହିଛନ୍ତି ଯେ, ଉପମୁଖ୍ୟମନ୍ତ୍ରୀ ଭାବରେ, ସିସୋଦିଆ ସମସ୍ତ ମନ୍ଦିର, ସ୍କୁଲ ଏବଂ ଗୁରୁଦ୍ୱାର ନିକଟରେ ମଦ ଦୋକାନ ଖୋଲିଥିଲେ। ଦେଶରେ ଏଭଳି ଜଣେ ଶିକ୍ଷାମନ୍ତ୍ରୀ ଯିଏ ମଦ ଦୁର୍ନୀତିରେ ଜେଲ ଯାଇଥିଲେ ବୋଲି ସିସୋଦିଆଙ୍କୁ କଟାକ୍ଷ କରି କହିଛନ୍ତି ଶାହ। ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ଏବଂ ମନୀଷ ସିସୋଦିଆଙ୍କ ଟାର୍ଗେଟ କରି ଶାହ କହିଛନ୍ତି, "ବଡେ ମିଆଁ ଏବଂ ଛୋଟେ ମିଆଁ ଦିଲ୍ଲୀକୁ ଠକିଛନ୍ତି।" ଉଲ୍ଲେଖଯୋଗ୍ୟ, ବର୍ତ୍ତମାନର ପାଟପରଗଞ୍ଜ ବିଧାୟକ ମନୀଷ ସିସୋଦିଆ ଜଙ୍ଗପୁରା ବିଧାନସଭା ଆସନରୁ ବିଜେପିର ତରବିନ୍ଦର ସିଂହ ମାରୱାହ ଏବଂ କଂଗ୍ରେସର ଫରହାଦ ସୁରୀଙ୍କ ବିପକ୍ଷରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଉଛନ୍ତି। ଦିଲ୍ଲୀ ବିଧାନସଭା ନିର୍ବାଚନ ଲାଗି ପ୍ରଚାର ଶେଷ ହୋଇଛି। ଦିଲ୍ଲୀରେ ଫେବୃଆରୀ ୫ ରେ ନିର୍ବାଚନ ହେବ ଏବଂ ଫେବୃଆରୀ ୮ ରେ ଫଳାଫଳ ଘୋଷଣା କରାଯିବ। ନିର୍ବାଚନ ରେଜଲ୍ଟ ଆସିବା ପରେ କେଉଁ ଦଳ ଦିଲ୍ଲୀରେ ସରକାର ଗଢ଼ିବ ତାହା ସ୍ପଷ୍ଟ ହୋଇଯିବ। ଆଜି ପ୍ରଚାର ଶେଷ ହୋଇଥିବା ବେଳେ ବୁଧବାର ମତଦାନ ଏବଂ ଶନିବାର ଆସିବ ଦିଲ୍ଲୀ ରେଜଲ୍ଟ।

# ଦିନିକିଆ ସିରିଜ ପାଇଁ ନାଗପୁର ପହଞ୍ଚିଲା ଟିମ୍ ଇଣ୍ଡିଆ

## ବୁମରାଙ୍କ ବଦଳରେ ହର୍ଷିତ ରାଣାଙ୍କୁ ସୁଯୋଗ



**ଭାରତ ବନାମ ଇଂଲଣ୍ଡ ଦିନିକିଆ ସିରିଜ ଖେଳସୂଚୀ**

ଫେବୃଆରୀ ୬: ପ୍ରଥମ ଦିନିକିଆ ( ବିଦର୍ଭ କ୍ରିକେଟ ଷ୍ଟାଡିୟମ, ନାଗପୁର)
ଫେବୃଆରୀ ୯: ଦ୍ୱିତୀୟ ଦିନିକିଆ (ବାରବାଟୀ ଷ୍ଟାଡିୟମ, କଟକ)
ଫେବୃଆରୀ ୧୨: ତୃତୀୟ ଦିନିକିଆ ( ନରେନ୍ଦ୍ର ମୋଦି ଷ୍ଟାଡିୟମ, ଅହମଦାବାଦ)
ସମ୍ଭାବ୍ୟ ଟିମ୍ ଇଣ୍ଡିଆ: ରୋହିତ ଶର୍ମା(ଅଧିନାୟକ), ଶୁବମନ ଗିଲ (ଉପ-ଅଧିନାୟକ), ବିରାଟ କୋହଲି, ଶ୍ରେୟସ ଆୟର, କେଏଲ ରାହୁଲ, ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ହର୍ଷିତ ରାଣା, ମହମ୍ମଦ ଶାମି, ଅର୍ଶଦୀପ ସିଂ, ଯଶସ୍ୱୀ ଜୟସୱାଲ, ରିଷଭ ପନ୍ତ, ରବିନ୍ଦ୍ର ଜାଡେଜା।

**ନୂଆଦିଲ୍ଲୀ, ୩।୨:** ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଖେଳାଯିବ। ଏହାପୂର୍ବରୁ ଭାରତ ୫ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଜିତିସାରିଛି। ଭାରତ ଏହି ସିରିଜ ୪-୧ରେ ଜିତିଛି। ଏହାପରେ ଫେବୃଆରୀ ୬ରୁ ନାଗପୁରରେ ଦିନିକିଆ ସିରିଜର ପ୍ରଥମ ମ୍ୟାଚ ଖେଳାଯିବ। ଏଥିପାଇଁ ଟିମ୍ ନାଗପୁର ପହଞ୍ଚିସାରିଛି। ଗତକାଲି ରାତିରେ ନାଗପୁରରେ ପହଞ୍ଚିଛି ଟିମ୍ ଇଣ୍ଡିଆ। ଯାହାର ଭିଡିଓ ଭାଇରଲ ହେବାରେ ଲାଗିଛି। ଭାରତ ଓ ଇଂଲଣ୍ଡ ମଧ୍ୟରେ ହେବାକୁ ଥିବା ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ପୂର୍ବରୁ ଭାରତୀୟ କ୍ରିକେଟ ଟିମ୍ ନାଗପୁରରେ ପହଞ୍ଚିଛି। ରୋହିତ ଶର୍ମା, ବିରାଟ କୋହଲି, ରିଷଭ ପନ୍ତ, ଶ୍ରେୟସ ଆୟର, ଯଶସ୍ୱୀ ଜୟସୱାଲ, ଶୁବମନ ଗିଲ ସହିତ ଟିମର ଅନ୍ୟ ଖେଳାଳି ନାଗପୁର ଏୟାରପୋର୍ଟରେ ପହଞ୍ଚିଛନ୍ତି। ଏମାନଙ୍କୁ ଦେଖିବା ପାଇଁ ଫ୍ୟାନ୍ସଙ୍କ ଭିଡ଼ ଜମିଛି।

ନାଗପୁର ଏୟାରପୋର୍ଟରେ ଖେଳାଳିଙ୍କ ଝଲକ ପାଇବା ପାଇଁ ଫ୍ୟାନ୍ସଙ୍କ ମଧ୍ୟରେ ଜବରଦସ୍ତ ଉତ୍ସାହ ଦେଖିବାକୁ ମିଳିଛି। ଶ୍ରେୟସ ଆୟର ଏବଂ ଯଶସ୍ୱୀ ଜୟସୱାଲ କାଜୁଆଲ ଏବଂ କୁଲ୍ ଲୁକ୍ ରେ ନଜର ଆସିଛନ୍ତି। ଅଧିନାୟକ ରୋହିତ ଶର୍ମା ଏବଂ ବିରାଟ କୋହଲି ସବୁବେଳେ ଭଳି ଷ୍ଟାଇଲିଶ ଅନ୍ଦାଜରେ ନଜର ଆସିଛନ୍ତି। ଏମାନଙ୍କର ଭିଡିଓ ସୋସିଆଲ ମିଡିଆରେ ଭାଇରଲ ହେଉଛି। ଦିନିକିଆ ସିରିଜରେ ଭାରତୀୟ ଟିମରେ କେବଳ ଗୋଟିଏ ପରିବର୍ତ୍ତନ କରାଯାଉଛି। ଜସପ୍ରୀତ ବୁମରାଙ୍କ ସ୍ଥାନରେ ହର୍ଷିତ ରାଣାଙ୍କୁ ସାମିଲ କରାଯାଇଛି। ବାକି ଟିମ୍ ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫ ପାଇଁ ଯାହା ରହିଛି, ସେୟା ରହିଛି।

## ବାରବାଟୀ ଦିନିକିଆ ପାଇଁ ଅଫଲାଇନ୍ ଟିକେଟ୍ ବିକ୍ରି



**କଟକ ୩।୨(ସଂଚାର ବ୍ୟୁରୋ):** ସୋମବାରଠୁ ଆରମ୍ଭ ହେଲା ବାରବାଟୀ ଦିନିକିଆ ପାଇଁ ଅଫଲାଇନ ଟିକେଟ ବିକ୍ରି। ଆଜି ଓସିଏ ଅନୁବନ୍ଧିତ କ୍ଲବ, ସ୍କୁଲ, କଲେଜ, ସଙ୍ଗଠନ ସହ କିଛି ଖେଳାଳିଙ୍କ ପାଇଁ ଆଜି ଓସିଏ ତରଫରୁ ଟିକେଟ ବିକ୍ରି ଆରମ୍ଭ ହୋଇଛି। ପ୍ରାୟ ୭୩ଟି ଅନୁବନ୍ଧିତ ସଂସ୍ଥାକୁ ଆଠରୁ ଦଶ ହଜାର ଟିକେଟ ବିକ୍ରି ହେବ। ଦୁଇ ଦିନ ଧରି ଅନୁବନ୍ଧିତ ସଂସ୍ଥା ଗୁଡିକୁ ଏହି ଟିକେଟ ବିକ୍ରି ଚାଲିବ। ସେପଟେ ବାରବାଟୀ ଦିନିକିଆ ପାଇଁ ପିଚ୍ ଓ ଫିଲ୍ଡ ସମ୍ପୂର୍ଣ୍ଣ ପ୍ରସ୍ତୁତ ସରିଲାଣି। ଓସିଏ ପକ୍ଷରୁ ବାରବାଟୀରେ ଦୁଇଟି ପିଚ୍ ପ୍ରସ୍ତୁତ କରାଯାଇଛି। ଗୋଟିଏ ପିଚ୍ କଳାହାଣ୍ଡିର କଳାମାଟିରେ ତିଆରି ହୋଇଥିବା ବେଳେ ଅନ୍ୟ ପିଚ୍‌ଟି ମୁମ୍ବାଇରୁ ଅଣାଯାଇଥିବା ନାଲି ମାଟିରେ ପ୍ରସ୍ତୁତ କରାଯାଇଛି। ଆଜି ମୁମ୍ବାଇରୁ ଆସିଥିବା ସହକାରୀ ମୁଖ୍ୟ କ୍ୟୁରେଟର ବାରବାଟୀ ପିଚ୍ ନିରିକ୍ଷଣ କରିଛନ୍ତି। ତେବେ ୯ତାରିଖରେ ହେବାକୁ ଥିବା ଦିବାରାତ୍ର ଦିନିକିଆ କେଉଁ ପିଚରେ ଖେଳାଯିବ,ସେ ନେଇ ମ୍ୟାଚ ରେଫରୀ ହିଁ ଶେଷ ନିଷ୍ପତ୍ତି ନେବେ ବୋଲି ଓସିଏ ପକ୍ଷରୁ କୁହାଯାଇଛି। ରବିବାରଠୁ ସାଧାରଣ ଦର୍ଶକଙ୍କ ପାଇଁ ଆରମ୍ଭ ହୋଇଥିବା ଅନ୍ ଲାଇନ ଟିକେଟ ବିକ୍ରି ଆରମ୍ଭ ହୋଇଛି। ତେବେ ନ୍ୟୁ ପାଭିଲିୟନ ଟିକେଟ ବ୍ୟତୀତ ମାତ୍ର ଦୁଇ ଘଣ୍ଟା ଭିତରେ ସବୁ ଟିକେଟ ବିକ୍ରି ହୋଇଯାଇଥିଲା। ଆସନ୍ତା ୫ଓ ୬ ତାରିଖରେ ସାଧାରଣ ଦର୍ଶକଙ୍କ ପାଇଁ ଅଫଲାଇନ ଟିକେଟ ବିକ୍ରି କରାଯିବ।

## ଇଂଲଣ୍ଡର ପୂର୍ବତନ ଅଧିନାୟକ ଆଲାଷ୍ଟାର କୁକ୍‌ଙ୍କ ବୟାନ

# ଅଭିଷେକଙ୍କ ଛକାବର୍ଷା ଦେଖି ମୁଁ ଚକିତ





**ମୁମ୍ବାଇ,୩।୨:** ଅଭିଷେକ ଶର୍ମା। କ୍ରିକେଟରେ ଏବେ ଏହି ନାମକୁ ନେଇ ଚର୍ଚ୍ଚା। ଯେଉଁ ମୈଦାନରେ ଗାଭାସ୍କର, ସଚିନ, କୋହଲି, ରୋହିତଙ୍କ ପ୍ରଦର୍ଶନକୁ ନେଇ ନାରା ଦିଆଯାଉଥିଲା ସେଠି ଏବେ ନୂଆ ନାମ। ଇଂଲଣ୍ଡ ବିପକ୍ଷ ଟି-ଟ୍ୱେଣ୍ଟି ସିରିଜକୁ କବଜା କରି ନେଇଛି ଭାରତ। ସୂର୍ଯ୍ୟକୁମାରଙ୍କ ନେତୃତ୍ୱରେ ୪-୧ରେ ସିରିଜ ଜିତିଛି ଟିମ୍। ଗତକାଲି (ରବିବାର) ପଞ୍ଚମ ତଥା ଅନ୍ତିମ ଟି-ଟ୍ୱେଣ୍ଟି ମ୍ୟାଚ ଖେଳାଯାଇଥିଲା। ଏଥିରେ ଯୁବ ଖେଳାଳି ଅଭିଷେକ ଶର୍ମା ବିସ୍ଫୋରକ ଶତକ ହାସଲ କରିଥିଲେ। ଯାହାକୁ ନେଇ ଇଂଲଣ୍ଡର ପୂର୍ବତନ କ୍ରିକେଟ ଅଲାଷ୍ଟାର କୁକ୍ ମଧ ତାଙ୍କୁ ପ୍ରଶଂସାରେ ପୋତି ପକାଇଛନ୍ତି। ଅନ୍ତିମ ଟି-ଟ୍ୱେଣ୍ଟିରେ ଅଭିଷେକ ଶର୍ମା ଦମଦାର ବ୍ୟାଟିଂ କରିଥିଲେ। ମାତ୍ର ୩୪ଟି ବଲରେ ଶତକ ହାସଲ କରିଥିଲ। ଯାହା ତାଙ୍କୁ ଦ୍ୱିତୀୟ ଦ୍ରୁତତମ ଭାରତୀୟ ଖେଳାଳି କରିଛି। ମୋଟ ୫୪ଟି ବଲ ଖେଳି ସେ ୧୩୫ ରନ କରିଥିଲେ ଯେଉଁଥିରେ ୧୩ଟି ଛକା ଓ ୭ଟି ଚୌକା ରହିଛି। ଅଭିଷେକଙ୍କର ଏହି ବ୍ୟାଟିଂ ଇଂଲଣ୍ଡର ପୂର୍ବତନ ଖେଳାଳି ଅଲାଷ୍ଟାର କୁକଙ୍କ ହୋସ୍ ଉଡାଇ ଦେଇଛି। ସେ କହିଛନ୍ତି, ଅଭିଷେକଙ୍କର ଏହି ଦମଦାର ପାଳି ସବୁବେଳେ ମନେ ରହିବ। ସେ ଯେଉଁଭଳି ଛକା ବର୍ଷା କଲେ ତାହା ମୁଁ କ୍ୟାରିୟରରେ କେବେ ଦେଖିନାହିଁ। ୨ ଘଣ୍ଟାରେ ଅଭିଷେକ ମୋ କ୍ୟାରିୟରଠୁ ଅଧିକ ଛକା ମାରି ଦେଲେ।

କଣ କହିଲେ କୁକ୍- ୭ରୁ ୮ମାସ ହେବ ଡେବ୍ୟୁ କରିଥିବା ଅଭିଷେକ ଶର୍ମାଙ୍କ ବିସ୍ଫୋରକ ବ୍ୟାଟିଂ ଇଲଂଣ୍ଡର ପୂର୍ବତନ କ୍ରିକେଟରଙ୍କ ହୋସ୍ ଉଡାଇ ଦେଇଛି। ଅଭିଷେକ ଛକା ଦେଖି ଏକ ଶୋରେ କୁକ କହିଥିଲେ ୨ ଘଣ୍ଟାରେ ଅଭିଷେକ ଯେଉଁଭଳି ଛକା ମାରିଲେ ମୁଁ ମୋର ଜୀବନରେ କ୍ରିକେଟ କ୍ୟାରିୟରରେ ଏମିତି ମାରିନାହିଁ। ୩୭ବଲରୁ ଅଭିଷେକଙ୍କ ଶତକ ତାଙ୍କୁ ଦ୍ୱିତୀୟ ଦ୍ରୁତତମ ଭାରତୀୟ ଖେଳାଳି କରିଛି। ରୋହିତ ଶର୍ମାଙ୍କ ପରେ ଅଭିଷେକ ଟିଟ୍ୱେଣ୍ଟି ଅନ୍ତର୍ଜାତୀୟରେ ଦ୍ରୁତତମ ଶତକ ହାସଲ କରିଛନ୍ତି। ରୋହିତ ଶର୍ମା ୨୦୧୭ରେ ଶ୍ରୀଲଙ୍କା ବିପକ୍ଷରେ ଇନ୍ଦୋରରେ ୩୫ ବଲରେ ଶତକ ହାସଲ କରିଥିଲେ। ଏହି ରେକର୍ଡ ସହ ଅଭିଷେକ ଅନ୍ତର୍ଜାତୀୟ ଟିଟ୍ୱେଣ୍ଟିରେ ଦ୍ରୁତତମ ଶତକ ହାସଲ କରିବାରେ ଅଷ୍ଟମ ସ୍ଥାନରେ ରହିଛନ୍ତି।

## ପରାଜୟ ସହ ଓଡ଼ିଶା ଅଭିଯାନ ଶେଷ



**ଭୁବନେଶ୍ୱର, ୩।୨(ସଂଚାର ବ୍ୟୁରୋ):** ଏକ ଲଜ୍ଜାଜନକ ପରାଜୟ ସହ ଓଡ଼ିଶା ନିଜ ୨୦୨୪-୨୫ ରଣଜୀ ଋତୁକୁ ଶେଷ କରିଛି। ସର୍ଭିସେସ୍ ସମ୍ମୁଖରେ ୩୭୬ ରନ୍ ବିଜୟ ଲକ୍ଷ୍ୟ ଧାର୍ଯ୍ୟ ରହିଥିବା ବେଳେ ଭ୍ରମଣକାରୀ ଦଳ ଆଶ୍ଚର୍ଯ୍ୟଜନକ ଭାବେ କୌଣସି ୱିକେଟ୍ ନହରାଇ ଏହି ଲକ୍ଷ୍ୟରେ ପହଞ୍ଚିଯାଇଛି। କେବଳ ଶେଷ ଦିନରେ ଦଳକୁ ୩୩୦ ରନ୍ ଆବଶ୍ୟକ ଥିବାବେଳେ ପ୍ରାରମ୍ଭିକ ଯୋଡ଼ି ଶୁଭମ୍ ରୋହିଲା (୨୦୯* ରନ୍, ୨୭୦ ବଲ୍, ୩୦ ଚୌକା) ଏବଂ ସୂରଜ ବଶିଷ୍ଠ (୧୫୪* ରନ୍, ୨୪୬ ବଲ୍, ୧୫ ଚୌକା, ୧ ଛକା) ସମସ୍ତଙ୍କୁ ଚକିତ କରି ଦେଇଛନ୍ତି। ଏଥି ସହିତ ଓଡ଼ିଶା ଏକ ଆଲୋଡ଼ା ରେକର୍ଡ ବରଣ କରିଛି। ଗତ ମ୍ୟାଚ୍ ହିରୋ ଦ୍ରୁତ ବୋଲର ତାପସ ଦାସ ଆହତ (ହାର୍ମଷ୍ଟ୍ରିଙ୍ଗ୍) କାରଣରୁ ପଡ଼ିଆକୁ ଆଦୌ ଆସି ନପାରିବା ଓଡ଼ିଶାକୁ ଅଧିକ ଅଡୁଆରେ ପକାଇଥିଲା। ଡ୍ରିମ୍ସ ପିଚ୍ କ୍ରମେ ପଟ୍ଟା ହୋଇଯିବାରୁ ସର୍ଭିସେସ୍ ପ୍ରାରମ୍ଭିକ ଯୋଡ଼ିକୁ ଓଡ଼ିଶାର କୌଣସି ବୋଲର ଅସୁବିଧାରେ ପକାଇପାରି ନଥିଲେ। ଫଳରେ ପ୍ରଥମ ପାଳି ପଛରେ ପଡ଼ିଥିବାରୁ ଅନ୍ୟୁନ ଗୋଟିଏ ପଏଣ୍ଟ ପକେଟସ୍ଥ କରିବା ବି ଓଡ଼ିଶା ପାଇଁ ସମ୍ଭବ ହୋଇ ନଥିଲା। ଅନ୍ୟପକ୍ଷରେ ସର୍ଭିସେସ୍ ସମ୍ପୂର୍ଣ୍ଣ ୭ ପଏଣ୍ଟ ସହ ପଏଣ୍ଟ ଟେବୁଲ୍‌ର ଚତୁର୍ଥକୁ ଉଠି ଅଭିଯାନ ଶେଷ କରିଛନ୍ତି। ଓଡ଼ିଶା ବିପକ୍ଷରେ ଏହା ସର୍ଭିସେସ୍‌ର ପଞ୍ଚମ ମୁକାବିଲାରେ ପ୍ରଥମ ବିଜୟ। ନିଜ ପଞ୍ଚମ ଶତକକୁ ଶ୍ରେଷ୍ଠ ପାଳିରେ ପରିଣତ କରିଥିବା ଶୁଭମ ରୋହିଲା ମ୍ୟାଚ୍‌ର ଶ୍ରେଷ୍ଠ ପୁରସ୍କାର ମଧ ପାଇଥିଲେ। ଓଡ଼ିଶା ୭ ମ୍ୟାଚ୍‌ରୁ ୨ ବିଜୟ ସହ ୧୭ ପଏଣ୍ଟ ପାଇ ଏଲିଟ୍ ଗ୍ରୁପ୍-ଏ'ରେ ଷଷ୍ଠରେ ରହି ଅଭିଯାନ ଶେଷ କରିଛି। ସଂକ୍ଷିପ୍ତ ସ୍କୋର: ଓଡ଼ିଶା ପ୍ରଥମ ପାଳି: ୧୮୦ (ରାଜେଶ ମହାନ୍ତି-୬୦, ଆଶୀର୍ବାଦ ସ୍ୱାଇଁ-୨୮, ପୁନମ ପୁନିଆ-୪/୩୩, ଜୟନ୍ତ ଗୋୟତ-୩/୩୩)। ସର୍ଭିସେସ୍ ପ୍ରଥମ ପାଳି: ୫୪.୪ ଓଭରରେ ୧୯୯ (ରବି ଚୌହାନ-୧୨୦, ସୂରଜ ବଶିଷ୍ଠ-୨୪, ରାଜେଶ ମହାନ୍ତି-୫/୬୮, ତାପସ ଦାସ-୩/୫୭, ସୁନିଲ ରାଉଳ-୨/୫୭)। ଓଡ଼ିଶା ଦ୍ୱିତୀୟ ପାଳି: ୧୧୮.୩ ଓଭରରେ ୩୯୪/୧୦ (ଅନିଲ ପରିଡ଼ା-୯୯*, ଆଶୀର୍ବାଦ ସ୍ୱାଇଁ-୭୭, ରାଜେଶ ଧୁପର-୬୬, ରାଜେଶ ମହାନ୍ତି-୪୦, ଅମିତ ଶୁକ୍ଲା-୩/୬୦, ଜୟନ୍ତ ଗୋୟତ-୨/୭୬, ପୁଲକିତ ନାରଙ୍ଗ-୨/୧୦୫, ଅର୍ଜୁନ ଶର୍ମା-୧/୩୧, ବରୁଣ ଚୌଧୁରୀ-୧/୭୩)। ସର୍ଭିସେସ୍ ଦ୍ୱିତୀୟ ପାଳି (ଲକ୍ଷ୍ୟ ୩୭୬): ୮୫.୪ ଓଭରରେ ୩୭୬/୦ (ଶୁଭମ ରୋହିଲା-୨୦୯*, ସୂରଜ ବଶିଷ୍ଠ-୧୫୪*)।

## ଶ୍ରୀନିବାସ ଓ ସିମାଞ୍ଚଳ ଦ୍ୱିତୀୟ ମେମୋରିଆଲ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# କଳିଙ୍ଗା ମହାବିଦ୍ୟାଳୟ ଚାମ୍ପିଅନ



**ଘୁ ଉଦୟଗିରି, ୩।୨ (ସଂଚାର ବ୍ୟୁରୋ):** ଘୁ ଉଦୟଗିରି ବ୍ଲକ ଅନ୍ତର୍ଗତ କଳିଙ୍ଗା ପଞ୍ଚାୟତ ପକ୍ଷରୁ ଶ୍ରୀନିବାସ ଓ ସିମାଞ୍ଚଳ ଦ୍ୱିତୀୟ ମେମୋରିଆଲ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଏହି ପ୍ରତିଯୋଗିତା ୧୬ଟି ଦଳକୁ ନେଇ ଆୟୋଜିତ ହୋଇଥିବା ବେଳେ ଶେଷ ଦିବସରେ ଡେ ନାଇଟ୍ ଖେଳ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ କଳିଙ୍ଗା ମହାବିଦ୍ୟାଳୟ ସହିତ ରୁଦାଙ୍ଗିଆ ମଧ୍ୟରେ କଡ଼ା ମୁକାବିଲା ହୋଇଥିଲା ଓ ଶେଷରେ କଳିଙ୍ଗା ମହାବିଦ୍ୟାଳୟ ଦଳ ଚାମ୍ପିଅନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଘୁ.ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ଉପସ୍ଥିତ ରହିଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ଉପଧ୍ୟକ୍ଷା ସାଧବାଣୀ ନାୟକ,ସ୍ଥାନୀୟ ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନ, ଟିକାବାଲି ବ୍ଲକ ଅଧ୍ୟକ୍ଷ ଦିଲୀପ କହଁର, ଭାରତୀୟ ଜନତା ପାର୍ଟି ରାଜ୍ୟ ଅନୁସୂଚିତ ଜାତି ଉପସଭାପତି ରାମବିଶି ଦିଗାଲ, ଶିକ୍ଷକ ତଥା କ୍ରୀଡାବିତ୍ ରୁପେସ କୁମାର ନାୟକ, କଳିଙ୍ଗା ସରପଞ୍ଚ ବଙ୍କି ମଲ୍ଲିକ, ଜ୍ୟୋତି ମୋହନ ପ୍ରଧାନ , ସମାଜସେବୀ ପାପା ଭାଇ ଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଖେଳ କଳିଙ୍ଗାବାସୀଙ୍କ ଭାଇଚାରାର ଖେଳ ଯାହା କଳିଙ୍ଗା ଭଲିବଲ ଆସୋସିଏସନ୍ ପକ୍ଷରୁ ଆୟାଜନ କରାଯାଇଥିବା ବେଳେ ଅଞ୍ଚଳର ସହ ସହ ଖେଳପ୍ରେମୀ ଏହାକୁ ଦେଖି ଉପଭୋଗ କରିଥିଲେ। ଦୀର୍ଘ ୬ ଦିନ ଧରି ଖେଳ ଅନୁଷ୍ଠିତ ହୋଇଥିଲା। ଚମ୍ପିଅନ ଭାବରେ କଳିଙ୍ଗା ମହାବିଦ୍ୟାଳୟ ୧୫୦୦୧ ଟଙ୍କା ପୁରସ୍କାର ରାଶି ସହିତ ଟ୍ରଫି ଗ୍ରହଣ କରିଥିବା ବେଳେ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ରୁଦଙ୍ଗିଆ ଦଳ ୯୯୯୯ ଟଙ୍କା ଓ ଟ୍ରଫି ଗ୍ରହଣ କରିଥିଲା।

ଆୟୋଜକ ଦଳ ଅନେକଙ୍କୁ ସମ୍ମାନିତ କରି ଶାନ୍ତି ଶୃଙ୍ଖଳା ସହିତ ଖେଳକୁ ସୂଚାରୁ ରୂପେ ପରିଚାଳନା କରିଥିଲେ। ଆୟୋଜକ ଭାବରେ ଯୁବ ସମାଜସେବୀ ଆମନ୍ ଚନ୍ଦ୍ର ନାୟକ,ସଭାପତି ସୁବ୍ରତ ଆଚାର୍ଯ୍ୟ,ଉପ ସଭାପତି ଅରୁଣ କୁମାର୍ ସାହୁ, ସମ୍ପାଦକ ଶଙ୍କର କୁମାର୍ ସାହୁ, କୋଷାଧ୍ୟକ୍ଷ ବୁଦ୍ଧଦେବ ମହାରଣା ସମେତ କମିଟିର ଯୁବକମାନେ ଉପସ୍ଥିତ ରହି ଖେଳ ପରିଚାଳନା କରିଥିଲେ। ସ୍କୋରର୍ ଭାବରେ ତୁଷାର କୁମାର୍ କହଁର, କେଶବ ଦିଗାଲ ଓ ଆସିସ ନାୟକ ସୁନ୍ଦର୍ ଭାବରେ ପରିଚାଳିତ କରିଥିବା ବେଳେ ରେଫରି ଭାବରେ ଅସିତ୍ କୁମାର୍ ପ୍ରଧାନ(ଲାପୁ ଭାଇ) ଏବଂ ସ୍ମୃତି ନାୟକ (କାଳିଆ) ସୁଚାରୁ ରୂପେ ଖେଳକୁ ପରିଚାଳିତ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅନ୍ ଦି...

ପାଣ୍ଠିରୁ ୫ ଲକ୍ଷ ଟଙ୍କା ତ୍ୱରିତ ସହାୟତା ଅନୁମୋଦନ ସହ ତୁରନ୍ତ ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି। ଏଥିସହ ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ଗୋଟିଏ ଘର ଯୋଗାଇ ଦେବାକୁ ବି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏନେଇ ହେରମ୍ବ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯେଉଁସବୁ ଆଶା ନେଇ ଆସିଥିଲେ, ସେସବୁ ଅବିଳମ୍ବେ ପୂରଣ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଏହି ଋଣ ସେ ଜୀବନରେ କଦାପି ଶୁଝିପାରିବେ ନାହିଁ। ଏପରି ମୁଖ୍ୟମନ୍ତ୍ରୀ ବାସ୍ତବରେ ଲୋକଙ୍କ ମୁଖ୍ୟମନ୍ତ୍ରୀ ବୋଲି ହେରମ୍ବ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି।

ପ୍ରତ୍ୟୁଷାଙ୍କ ପରି ବଲାଙ୍ଗୀରର ରତନ କାଲଶେଙ୍କ ୧୬ ବର୍ଷୀୟ ଭିନ୍ନକ୍ଷମ ପୁଅ ଆଲୋକଙ୍କୁ ମଧ୍ୟ ତ୍ୱରିତ ସହାୟତା ମିଳିଛି। ଆଲୋକ ବସିପାରୁନାହାନ୍ତି କି ଚାଲିବୁଲି ବି ପାରୁନାହାନ୍ତି। ତେବେ ଆଲୋକଙ୍କ କଷ୍ଟ ଓ ତାଙ୍କ ବାପାଙ୍କ ଯନ୍ତ୍ରଣାକୁ ହୃଦ୍‌ବୋଧ କରି ମୁଖ୍ୟମନ୍ତ୍ରୀ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ହସପିଟାଲ ପଠାଇ ଆଲୋକଙ୍କ ଚିକିତ୍ସା ବ୍ୟବସ୍ଥା କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ସହାୟତା ଯୋଗାଇଦେବା ସକାଶେ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏପରି ଦୁଇ ଦୁଇ ଜଣଙ୍କ ସମସ୍ୟାର ତ୍ୱରିତ ସମାଧାନ କରି ମୁଖ୍ୟମନ୍ତ୍ରୀ ତାଙ୍କ ସହୃଦୟତାର ପରିଚୟ ଦେବା ସହ ତାଙ୍କ ସରକାର ଲୋକଙ୍କ ସରକାର ବୋଲି ପ୍ରମାଣିତ କରିଛନ୍ତି।

ଆଜି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିର ଅଷ୍ଟମ ପାଳି ଥିବା ବେଳେ ଏଥିରେ ପ୍ରଥମେ ବାହାରେ ଚେୟାରରେ ବସିଥିବା ପ୍ରାୟ ୩୦ ଜଣ ଭିନ୍ନକ୍ଷମଙ୍କୁ ଭେଟିଥିଲେ। ସେମାନଙ୍କ ସମସ୍ୟା ଓ ଅଭିଯୋଗ ଶୁଣିବା ପରେ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ଅଭିଯୋଗପତ୍ର ଧରାଇ ତୁରନ୍ତ ସମାଧାନ ଦିଗରେ ଯତ୍ନବାନ ହେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଆଜି ଶୁଣାଣି ପାଇଁ ପାଖାପାଖି ହଜାରେ ଜଣ ପଞ୍ଜୀକରଣ କରିଥିଲେ। ମୁଖ୍ୟମନ୍ତ୍ରୀ, ତାଙ୍କ ମନ୍ତ୍ରିମଣ୍ଡଳର ପ୍ରମୁଖ ସଦସ୍ୟମାନେ ସମସ୍ତଙ୍କ ଅଭିଯୋଗ ଗୁରୁତ୍ୱ ସହକାରେ ଶୁଣିବା ସହ ସମାଧାନ ପାଇଁ ଉପସ୍ଥିତ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଲୋକଙ୍କୁ ନ୍ୟାୟ ଦେବାରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଉଲ୍ଲେଖନୀୟ ସଫଳତା ପାଇଛି। ଗତବର୍ଷ ଜୁଲାଇ ପହିଲାରୁ ଆରମ୍ଭ ହୋଇଥିବା ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ସପ୍ତମ ପାଳି ସୁଦ୍ଧା ହସ୍ତଗତ ହୋଇଥିବା ଅଭିଯୋଗ ମଧ୍ୟରୁ ୮୧ ପ୍ରତିଶତର ସମାଧାନ ହୋଇସାରିଛି। ଗତ ୭ଟି ପାଳିରେ ମୋଟ ୮୦୩୧ଟି ଅଭିଯୋଗପତ୍ର ମିଳିଥିବା ବେଳେ ସେଥିମଧ୍ୟରୁ ୬୫୪୫ଟି ଅଭିଯୋଗର ସମାଧାନ ହୋଇସାରିଛି। ପ୍ରଥମ ପାଳିରେ ମିଳିଥିବା ଅଭିଯୋଗର ୯୦ ପ୍ରତିଶତ, ଦ୍ୱିତୀୟ ପାଳିର ୮୮, ତୃତୀୟ ପାଳିର ୮୬, ଚତୁର୍ଥ ପାଳିର ୮୪, ପଞ୍ଚମ ପାଳିର ୮୩, ଷଷ୍ଠ ପାଳିର ୫୪, ଓ ସପ୍ତମ ପାଳିର ୪୭ ପ୍ରତିଶତ ଅଭିଯୋଗର ସମାଧାନ କରାଯାଇଛି। ବକେୟା ଅଭିଯୋଗଗୁଡ଼ିକର ସମାଧାନ ମଧ୍ୟ ଖୁବ୍‌ଶୀଘ୍ର ହୋଇଯିବ। ସରକାରଙ୍କ ପାଖକୁ ଆଶା ଭରସା ନେଇ ଆସୁଥିବା ଲୋକମାନଙ୍କୁ କଦାପି ନିରାଶ କରିବୁ ନାହିଁ। ସମସ୍ତଙ୍କ ଅଭିଯୋଗ ଓ ସମସ୍ୟାକୁ ଗୁରୁତ୍ୱ ଦେଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହାଛଡ଼ା ମୁଖ୍ୟମନ୍ତ୍ରୀ ଦୂରଦୂରାନ୍ତ ଲୋକଙ୍କୁ ଖର୍ଚ୍ଚାନ୍ତ ହୋଇ ଭୁବନେଶ୍ୱର ନ ଆସି ସେମାନଙ୍କ ଅଞ୍ଚଳର ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ପ୍ରଥମେ ଅଭିଯୋଗ କରିବାକୁ ନିବେଦନ କରିଛନ୍ତି। କେବଳ ଜଟିଳ ସମସ୍ୟା ପାଇଁ ହିଁ ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସିବା ଦରକାର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅଭିଯୋଗ ଶୁଣାଣି ସମୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ ଓ ଅନ୍ୟ ବିଭାଗଗୁଡ଼ିକର ସଚିବସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ରାଜ୍ୟରେ...

ଦେଇଛନ୍ତି। ପୂର୍ବ କଂଗ୍ରେସ ସରକାର ଶେଷ ୫ ବର୍ଷରେ ହାରାହାରି ରାଜ୍ୟକୁ ବାର୍ଷିକ ୮୩୮ କୋଟି ଟଙ୍କା ଅନୁଦାନ ମିଳୁଥିଲା। ମାତ୍ର ମୋଦି ସରକାରରେ ଚଳିତ ରେଳ ବଜେଟରେ ଓଡ଼ିଶାର ରେଳ କ୍ଷେତ୍ର ପାଇଁ ଯେଉଁ ଅନୁଦାନ ମିଳିଛି, ତାହା କଂଗ୍ରେସ ସରକାର ତୁଳନାରେ ହାରାହାରି ୧୨.୫ ଗୁଣ ଅଧିକ। ପୂର୍ବୋଦୟ ମିଶନରେ ଏହି ରେକର୍ଡସଂଖ୍ୟକ ରେଳ ଅନୁଦାନ ଓଡ଼ିଶାରେ ରେଳ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ସହ ଯାତ୍ରୀ ସୁବିଧାକୁ ଅଧିକ ସୁଗମ କରିବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ଏଥିସହ ୩୪୮ କୋଟି ଟଙ୍କା ବ୍ୟୟରେ ସମ୍ବଲପୁର ଷ୍ଟେସନ, ୩୦୮ କୋଟି ବ୍ୟୟରେ ଭୁବନେଶ୍ୱର, ୩୦୩ କୋଟି ବ୍ୟୟରେ କଟକ, ୧୬୨ କୋଟି ବ୍ୟୟରେ ପୁରୀ, ୧୯୭ କୋଟି ବ୍ୟୟରେ ବାଲେଶ୍ୱର, ୪୧ କୋଟି ବ୍ୟୟରେ ରାୟଗଡ଼ା ଓ ୪୩ କୋଟି ବ୍ୟୟରେ ଭଦ୍ରକ ରେଳ ଷ୍ଟେସନର ପୁନଃବିକାଶ ହେଉଛି। ଏହାଦ୍ୱାରା ବିକଶିତ ଓଡ଼ିଶାର ଲକ୍ଷ୍ୟ ପୂରଣ ହେବା ସହ ଓଡ଼ିଶାର ସାମାଜିକ, ଆର୍ଥିକ ଓ ପର୍ଯ୍ୟଟନ କ୍ଷେତ୍ରରେ ପ୍ରଗତି ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

### ବିଜେବି କଲେଜ...

ଖେଳ ଚାଲିଥିଲେ ବି ଆବଶ୍ୟତା ନ ଥିବାରୁ କଲେଜ କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେଇନଥିଲେ। ହେଲେ ଏବେ ଛାତ୍ରଛାତ୍ରୀଙ୍କ ପାଇଁ କଲେଜର କଳେବର ବଢ଼ାଇବା ଆବଶ୍ୟକ ହେଉଥିବାରୁ ଅଧିକ ଜମି ଦରକାର ପଡ଼ିଲା ଓ କଥା ପଦାକୁ ଆସିବାରେ ଲାଗିଛି। ତେବେ କ୍ରିକେଟ ଖେଳ ଚଳାଉଥିବା କିଛି ବ୍ୟକ୍ତି ଏଭଳି ସୂଚନା ପାଇଲା ପରେ ଏବେ କ'ଣ କରିବେ ସେନେଇ ଚିନ୍ତାରେ ପଡ଼ିବା ସହିତ ସ୍ଥାନୀୟ ବିଧାୟକଙ୍କ ଶରଣ ପଶିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। କୌଣସି ପ୍ରକାରେ ଏହି ଜମିକୁ କ୍ରିକେଟ କ୍ଲବ ନାମରେ କରିବା ପାଇଁ ବିଧାୟକଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ତେବେ ଯାହା ସୂଚନା ମିଳୁଛି ବିଜେବି କଲେଜ ଭଳି ଶିକ୍ଷାନୁଷ୍ଠାନର ଜମିକୁ ଜବରଦଖଲ କରିବା ସପକ୍ଷରେ ବିଧାୟକ କିମ୍ବା ତାଙ୍କ ସମର୍ଥକମାନେ ନାହାନ୍ତି। ତେଣୁ ଏବେ କ୍ରିକେଟ କ୍ଲବ ଏଠାରେ ରହିବ କି ଉଠିବ, ତାହା ବଡ଼ ପ୍ରଶ୍ନବାଚୀ ହୋଇଛି। କେବଳ ଏହି କ୍ରିକେଟ କ୍ଲବ୍ ନୁହେଁ, ବିଜେବି କଲେଜର ମୋଟ ୨୭ଏକର ଜମିରୁ ଅନେକ ଜମିକୁ ଏଠାରେ କିଛି ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ମାଡ଼ି ବସିଥିବା ନେଇ ଖୋଳତାଡ଼ ଚାଲିଛି। ଜବରଦଖଲକାରୀ କିଏ ଓ ସେମାନଙ୍କ ଅକ୍ତିଆରରେ କେତେ ଜମି ରହିଛି, କଲେଜ କର୍ତ୍ତୃପକ୍ଷ ଏବେ ତାହାର ହିସାବ ଚଳାଇଥିବାବେଳେ ଆଗାମୀ ଦିନରେ କଲେଜ ଜମି ହଡ଼ପ ନେଇ ବହୁ ରୋଚକ ଖବର ପଦାକୁ ଆସିବ ବୋଲି କୁହାଯାଉଛି।

### ଘରୁ ମିଳିଲା...

ନ ଉଠାଇବାରୁ ସେ ତାଙ୍କ ସାଙ୍ଗ ସୋମନାଥଙ୍କୁ ଘରେ ଯାଇ ଦେଖିବା ସକାଶେ କହିଥିଲେ। ତେବେ ସୋମନାଥ ଘରେ ପହଞ୍ଚି ଠାକୁର ଘରେ ଉଭୟଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ଖବର ପ୍ରଚାରିତ ହେବା ପରେ ଗାଁଲୋକେ ରୁଣ୍ଡ ହୋଇଯାଇଥିଲେ। ଖବର ପାଇ ବ୍ରହ୍ମବରଦା ପୁଲିସ ସାଇଣ୍ଟିଫିକ ଟିମ ସହାୟତାର ତଦନ୍ତ ଆରମ୍ଭ କରିଥିଲା। ତେବେ ଘରର କାନ୍ଥରେ ତିନି ଭଉଣୀଙ୍କ ପାଇଁ ସେମାନେ ଜୀବନ ହାରିଲେ ବୋଲି ଲେଖାଯାଇଥିବା ଦେଖିବାକୁ ମିଳିଥିଲା। କୌଣସି ଚାପ ଯୋଗୁଁ କିମ୍ବା ମାନସିକ ଭାରସାମ୍ୟ ହରାଇ ଦୁହେଁ ଏଭଳି ପଦକ୍ଷେପ ନେଇଥିବା ଅନୁମାନ କରାଯାଉଛି। ପୁଲିସ୍ ଉଭୟ ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଦେଇଛି। ତେବେ ଏପରି ଏକ ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ଖେଳାଇ ଦେଇଥିବା ବେଳେ କାନ୍ଥରେ ଥିବା ଲେଖାକୁ ନେଇ ଲୋକଙ୍କ ମନରେ ନାନାଦି ଉତ୍କଣ୍ଠା ପ୍ରକାଶ ପାଇଛି। ମାମଲାର ସଠିକ୍ ତଦନ୍ତ କରି ପୁଲିସ୍ ଦମ୍ପତିଙ୍କ ଆତ୍ମହତ୍ୟାର କାରଣ ଖୋଜିବା ସକାଶେ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି।

### ରେକର୍ଡ...

ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ୨୦୪୬ କିମିରୁ ଅଧିକ ନୂତନ ଟ୍ରାକ ମାଲେସିଆର ସମଗ୍ର ରେଳ ନେଟୱାର୍କକୁ ଅତିକ୍ରମ କରିଛି। ଏହାଛଡ଼ା ଅମୃତ ଷ୍ଟେସନ ବାବଦରେ ବଜେଟରେ ୨୩୭୯ କୋଟି ଟଙ୍କା ରହିଛି। ଭୁବନେଶ୍ୱର, କଟକ, ପୁରୀ, ସମ୍ବଲପୁର ଏବଂ ରାଉରକେଲା ଭଳି ପ୍ରମୁଖ ଷ୍ଟେସନ ସମେତ ସାରା ରାଜ୍ୟରେ ୫୯ଟି ଷ୍ଟେସନର ବିକାଶ କାର୍ଯ୍ୟ ଚାଲିଛି। ଯାତ୍ରୀ ସୁବିଧା ଓ ଭିତ୍ତିଭୂମି ଉନ୍ନତିକରଣରେ ୨୦୧୪ରୁ ୫୨୨ଟି ରେଳ ଫ୍ଲାଏଓଭର ଓ ଅଣ୍ଡର-ବ୍ରିଜ୍ ନିର୍ମାଣ କରାଯାଇଥିବା ବେଳେ ୨୩୪ଟି ଷ୍ଟେସନରେ ୱାଇ-ଫାଇ, ୪୩ଟି ଲିଫ୍ଟ, ୧୮ଟି ଏସ୍କେଲେଟର ସ୍ଥାପନ କରାଯାଇଛି। ଆହୁରି ୬ଟି ବନ୍ଦେ ଭାରତ ଟ୍ରେନ୍ ଏବେ ରାଜ୍ୟରେ ଚଳାଚଳ କରୁଥିବା ବେଳେ ଏହା ୧୭ଟି ଜିଲ୍ଲା ଓ 25ଟି ଅନନ୍ୟ ଷ୍ଟପେଜକୁ ସଂଯୋଗ କରୁଛି। ଆହୁରି ଅମୃତ ଭାରତ ଏକ୍ସପ୍ରେସ୍ ମାଲଦା ଟାଉନ୍ ଓ ବେଙ୍ଗାଲୁରୁ ମଧ୍ୟରେ ଚାଲୁଥିବା ବେଳେ ଏହା ୫ଟି ରାଜ୍ୟକୁ ସଂଯୋଗ କରୁଛି ବୋଲି ରେଳ ମନ୍ତ୍ରୀ କହିଛନ୍ତି।

### ବନ୍ୟପ୍ରାଣୀ...

ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ। ବନ୍ୟପ୍ରାଣୀ ଚୋରା ଚାଲାଣର ଉତ୍ସ, ଏହି ଗ୍ୟାଙ୍ଗର ଅନ୍ୟାନ୍ୟ ନେଟୱାର୍କ ଏବଂ ଟଙ୍କା କାରବାରର ଲିଙ୍କ୍ ଅଛି ନା ନାହିଁ, ସେନେଇ ସମ୍ପୂର୍ଣ୍ଣ ମାମଲାର ଗଭୀର ତଦନ୍ତ କରୁଛି ସିବିଆଇ।

### ସନ୍ୟାସୀଙ୍କ...

ଏସିପି ମଧ୍ୟ ସେ ପୁରୁଣା। ସେହି ପୁରୁଣା ଅଫିସର ଏପଟସେପଟ ହେଉଛନ୍ତି। ବିଜେଡି ଅମଳରେ ଗାଦିମାଡ଼ି ବସିଥିବା ଅଫିସର ଏବେ ବି ପାୱାର ଟିକେ ପାଇଁ କମିଶନରେଟ ପୁଲିସରେ ରହିଛନ୍ତି। ସେମାନଙ୍କ ବଦଳି କଥା ଉଠିଲେ ଶଙ୍ଖ ମାର୍କା ଅଫିସର ବିରୋଧ କରୁଛନ୍ତି। ଯେଉଁଥିପାଇଁ ଦକ୍ଷ ଅଫିସରଙ୍କୁ ସଠିକ ସ୍ଥାନରେ ପୋଷ୍ଟିଂ ମିଳୁନି। ତେଣୁ ଖୁବଶୀଘ୍ର କମିଶନରେଟ ପୁଲିସରେ ଆମୂଳଚୂଳ ପରିବର୍ତ୍ତନ ନହେଲେ କୌଣସି ପ୍ରକାର ସୁଫଳ ମିଳିବ ନାହିଁ ବୋଲି ନିଜ ନାଁ ଗୋପନ ରଖି କହିଛନ୍ତି ଜଣୈକ ବରିଷ୍ଠ ପୁଲିସ ଅଧିକାରୀ।

### ସନ୍ୟାସୀଙ୍କ ପାଇଁ...

ଅଫିସରମାନେ ବସୁଥିଲେ। ହେଲେ ସନ୍ୟାସୀଙ୍କ ପାଇଁ ଛାତି ଦେଖାଇଥିବାରୁ ବିଜେଡି ତାଙ୍କୁ ପୁରସ୍କାର ଆକାରରେ ଏହି ପଦବୀ ଦେଇଥିଲା। ସାଙ୍ଗଠନିକ ସମ୍ପାଦକ କିନ୍ତୁ ଏତିକିରେ ସୀମିତ ନ ରହି ତାଙ୍କୁ ପରବର୍ତ୍ତୀ ସମୟରେ ଝାରସୁଗୁଡା ଜିଲ୍ଲାପାଳ ପଦବୀରେ ବସାଇ ସେଠାରେ ବିଜେପିକୁ ନିପାତ କରିବା କାମରେ ଲଗାଇଥିଲେ।

ତାହା କିନ୍ତୁ ଭାରତର ନିର୍ବାଚନ କମିଶନଙ୍କ ନଜରକୁ ଆସିବା ପରେ ଶ୍ରୀ ସାମଲଙ୍କୁ ସେଠାରୁ ବିଦା କରିଥିଲେ। ଏହାପରେ ବିଜେଡି ସରକାର ତାଙ୍କୁ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ପଦରେ ବସାଇଛନ୍ତି। ଅବସର ପାଖେଇ ଆସୁଥିବାବେଳେ ତାଙ୍କୁ ସୂଚନା କମିଶନର ପଦବୀରେ ବସାଇବାକୁ ଜୋରଦାର ଲବି ଚାଲିଛି। ଏହି ଲବି ପଛରେ କୁଆଡ଼େ ସନ୍ୟାସୀ ଓ ବିଜେଡିର ସାଙ୍ଗଠନିକ ସମ୍ପାଦକ ଥିବା କୁହାଯାଉଛି।

ହେଲେ ବିଜେପିକୁ ପାଣି ପିଆଇଥିବା ଏହି ଅଫିସରଙ୍କୁ ସୂଚନା କମିଶନର କରିବା ଫାଇଲ୍‌ରେ ବିଜେପି ସରକାରର ମୁଖ୍ୟମନ୍ତ୍ରୀ ମୋହର ମାରୁଛନ୍ତି କି ନାହିଁ, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

### ଏସ୍‌ସିବିରେ...

ସରକାର ୪୦ ପ୍ରତିଶତ ଅର୍ଥ ବିନିଯୋଗ କରିବେ। କଟକ ଏସ୍‌ସିବି ମେଡିକାଲ୍‌ରେ ଏହି ଟ୍ରମା ସେଣ୍ଟର ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ଗତବର୍ଷ ଜୁଲାଇ ୨ ତାରିଖରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡାଙ୍କ ନିକଟକୁ ପତ୍ର ଲେଖି ଅନୁରୋଧ କରିଥିଲେ।

କେନ୍ଦ୍ର ସରକାର ଏହାକୁ ନୀତିଗତ ଅନୁମୋଦନ ଦେବା ପରେ ଏବେ ଏହା ରାଜ୍ୟ ସରକାରଙ୍କ ଅନୁମୋଦନ ମଧ୍ୟ ହାସଲ କରିଛି। ଏହାପରେ ଏହାର ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରାଯିବ ଓ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆଯିବ।

# ବିଦ୍ୟାଳୟ ସମ୍ମୁଖ ପାଲଟିଛି ଆବର୍ଜନାକୁଣ୍ଡ

### କୁହୁଡିର ଭ୍ରମ ସୃଷ୍ଟି କରୁଛି ଧୂଳି ଓ ଧୂଆଁ ପ୍ରଦୂଷଣରେ ଅସ୍ତବ୍ୟସ୍ତ ଛାତ୍ରଛାତ୍ରୀଙ୍କ ଜୀବନ



**ବୋରିଗୁମ୍ମା, ୩ା୨ (ସଂଚାର ବ୍ୟୁରୋ) :** ବିଗତ ସରକାରଙ୍କ ସମୟରେ ସହର ତଥା ସର୍ବପୁରାତନ ଦାସିରୀ ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ୫ -ଟି ଅଧିନକୁ ନେଇ ସୌନ୍ଦର୍ଯ୍ୟ ବୃଦ୍ଧି ତଥା ବିଦ୍ୟାଳୟରେ ଶିକ୍ଷାର ମାନବୃଦ୍ଧି ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚକରି ସୁନ୍ଦର ସୁସ୍ଥ ପରିବେଶ ତିଆରି କରିଛନ୍ତି। ହେଲେ ଦୁଃଖର କଥା ସେ ସବୁର ରକ୍ଷଣ ବେକ୍ଷଣ ଅଭାବ ଯୋଗୁଁ ନଷ୍ଟ ହେବାକୁ ବସିଲାଣି। ତାର ଜ୍ୱଳନ୍ତ ଉଦାହରଣ ଦେଖାଯାଉଛି କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ସଦର ମୋହକୁମା ସ୍ଥିତ ଦାସିରି ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସମ୍ମୁଖଭାଗ, ସତେ ଅବା ମା ଛେଉଣ୍ଡ ଶିଶୁ ପରି ପଡ଼ିରହିଛି। ସହରରେ ବାହାରୁଥିବା ସମସ୍ତ ଆବର୍ଜନା ବିଦ୍ୟାଳୟ ସମ୍ମୁଖରେ ପଡିରହୁଥିବାରୁ ଦୁର୍ଗନ୍ଧମୟ ପରିବେଶକୁ ନେଇ ଚିନ୍ତାରେ ଛାତ୍ରଛାତ୍ରୀ ଓ ଅଭିଭାବକ। ଆବର୍ଜନାରୁ ବାହାରୁଥିବା ଧୂଳି, ଧୂଆଁରେ ବିଦ୍ୟାଳୟ ସମ୍ମୁଖରେ କୁହୁଡିର ଭ୍ରମ ସୃଷ୍ଟି କରୁଛି। ଏହାର ପ୍ରଭାବ ସିଧାସଳଖ ଛାତ୍ରଛାତ୍ରୀଙ୍କ ଉପରେ ପଡୁଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଲେଣି। ଭାରତ ସରକାରଙ୍କ ସ୍ୱଚ୍ଛ ଭାରତ ମିଶନରେ କରିଥିବା ସମସ୍ତ ନିୟମକୁ ଫୁ କରି ଚାଲିଛି ବ୍ଲକ ପ୍ରଶାସନ। ସେପଟେ ଏହାକୁ ରୋକିବାକୁ ବ୍ଲକ ପ୍ରଶାସନ ବିହିତ ପଦେକ୍ଷେପ ନେବାପାଇଁ ସହରବାସୀ, ବୁଦ୍ଧିଜୀବୀ ଓ ଅବିଭାବକ ଦାବି ଜଣାଇଛନ୍ତି।

# ପୋଲ କାର୍ଯ୍ୟରେ ବାଧକ ସାଜିଛି ୧୧ କେଭି ବିଦ୍ୟୁତ୍ ତାର



### ବିଭାଗର ଦାୟିତ୍ୱହୀନତା ପାଇଁ ଅକାରଣରେ ଚାଲିଯାଇପାରେ ନିରୀହ ଶ୍ରମିକଙ୍କ ଜୀବନ

**ନାଉଗାଁ, ୩ା୨ (ସଂଚାର ବ୍ୟୁରୋ) :** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଗଙ୍ଗଦା ହାଟ ବିଜୁ ପଟ୍ଟନାୟକ ଛକ ନିକଟରେ ଗତ ଜାନୁୟାରୀ ମାସରେ ଏକ ପୋଲ ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ତତ୍କାଳୀନ ବିଧାୟକ ଦ୍ୱାରା ଶିଳାନ୍ୟାସ କରାଯାଇଥିଲା । କିନ୍ତୁ ଏବେ ଅଦ୍ୟାବଧି ପୋଲର ୬୦ ଭାଗ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଆଉ ୪୦ ଭାଗ କାର୍ଯ୍ୟ ସରିବା ପାଇଁ କାର୍ଯ୍ୟରେ ବାଧକ ସାଜିଛି ନାଉଗାଁ ବିଦ୍ୟୁତ୍ ବିଭାଗର ୧୧ କେଭି ବିଦ୍ୟୁତ୍ ତାର। ଖାଲି ସେତିକି ନୁହେଁ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟରୁ ପତ୍ର ସଂଖ୍ୟା ୧୬୪ ତାରିଖ ୨.୦୭.୨୪ ମସିହାରୁ ମ୍ୟାନେଜର ଟିପିସିଓଡିଏଲ୍ ଜଗତସିଂହପୁରକୁ ଅବଗତ କରାଯାଇଥିଲେ ମଧ୍ୟ ଆଜିଯାଏ କାର୍ଯ୍ୟ କରାଯାଇ ପାରିଲା ନାହିଁ। ରାତି ପାହିଲେ ଶହ ଶହ ଶ୍ରମିକ ସେଠି କାର୍ଯ୍ୟ କରୁଛନ୍ତି ଯଦି ବିଦ୍ୟୁତ୍ ବିଭାଗର ଏହିପରି ମନମାନି କାର୍ଯ୍ୟ ଚାଲେ ତେବେ ଧନଜୀବନ କ୍ଷୟକ୍ଷତି ହେବାର ଯଥେଷ୍ଟ ଆଶଙ୍କା ରହିଛି। ତେବେ ତୁରନ୍ତ ବିଦ୍ୟୁତ୍ ବିଭାଗର ଉପରିସ୍ଥ ଅଧିକାରୀମାନେ ଦୃଷ୍ଟି ଦେବାପାଇଁ ଦାବି ହେଉଛି।

# ଅଗ୍ନିକାଣ୍ଡରେ ଜଳିଗଲା ୧୩ ବ୍ୟବସାୟୀଙ୍କ ଦୋକାନ



### ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ, ସରକାରୀ ସହାୟତା ଦାବି

**କୋଣାର୍କ, ୩ା୨ (ସଂଚାର ବ୍ୟୁରୋ) :** ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସୂର୍ଯ୍ୟ ମନ୍ଦିର ମୁଖ୍ୟ ରାସ୍ତାର ବାମ ପାର୍ଶ୍ୱରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଏଟିଏମ ଠାରୁ ପର୍ଯ୍ୟଟନ ଉନ୍ନୟନ ନିଗମ ଦ୍ୱାରା ପରିଚାଳିତ ଗୀତାଞ୍ଜଳି ରେଷ୍ଟୁରାଣ୍ଟ ପର୍ଯ୍ୟନ୍ତ ଥିବା ୧୩ଜଣ ବ୍ୟବସାୟୀଙ୍କ ଦୋକାନରେ ରବିବାର ରାତ୍ର ୧ଘ ୩୦ ମିନିଟ ସମୟରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଜଣାପଡ଼ିଛି। କୋଣାର୍କ ସୂର୍ଯ୍ୟ ମନ୍ଦିର ମୁଖ୍ୟ ରାସ୍ତାର ବାମପଟେ ଅସ୍ଥାୟୀ ହସ୍ତଶିଳ୍ପ ସାମଗ୍ରୀ ଓ ଅନ୍ୟାନ୍ୟ ଦୋକାନ କରି କୋଣାର୍କ ଅଞ୍ଚଳର ଅଶୋକ ବେହୁରା, ଦିଲ୍ଲିପ ସେଠୀ, ଦୀପିକ ମାଣିକ, ମାଧବ ବେହେରା, ବିଜୟ କୁମାର ସେଠୀ, ସୌମ୍ୟ ରଞ୍ଜନ ଲେଙ୍କା, ମୁନା କାଣ୍ଡି, ଜଗନ ପ୍ରସାଦ ନାୟକ, ଚନ୍ଦନ ପ୍ରସାଦ ନାୟକ, ଶିବନାଥ ମଲ୍ଲିକ, ଚିତ୍ରସେନ ସାହୁ, ପ୍ରଫୁଲ୍ଲ କୁମାର ବିଶ୍ୱାଳ ଓ ମଧୁସୂଦନ ମାଣିକ ପ୍ରମୁଖ ୧୩ ଜଣ ବ୍ୟବସାୟୀଙ୍କ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଅଗ୍ନିକାଣ୍ଡରେ ପୋଡି ପାଉଁଶ ହୋଇଯାଇଛି। ଖବର ପାଇ ଚମ୍ପାହର ଅଗ୍ନିଶମ ସେବା କେନ୍ଦ୍ରର ଅଧିକାରୀ ତୁଷାର ପରିଜାଙ୍କ ନେତୃତ୍ୱରେ ୨୬ଜଣ ଆଗ୍ନିକ ଓ ୨୦ ଜଣ ଲାଇଫଗାର୍ଡ ନେଇ ଗଠିତ ଟିମ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ଅଗ୍ନିକାଣ୍ଡରେ ବ୍ୟବସାୟୀ ମାନଙ୍କ ହସ୍ତଶିଳ୍ପ ସାମଗ୍ରୀ ସହ ଅନ୍ୟ ଦୋକାନ ମାନଙ୍କର ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି। ଏହି ଅଗ୍ନିକାଣ୍ଡର ଉଚ୍ଚ ସ୍ତରୀୟ ତଦନ୍ତ ତୁରନ୍ତ ସହ କ୍ଷତିଗ୍ରସ୍ତ ବ୍ୟବସାୟୀ ମାନଙ୍କୁ ସରକାରୀ ସହାୟତା ପ୍ରଦାନ କରିବା ପାଇଁ ଦାବି କରାଇଛି।

### ବ୍ରହ୍ମପୁର ବିଜେଡିରେ ଅସଲ ବନାମ୍ ଆମଦାନୀ ଫାଇଟ୍

# ରୁଦ୍ଧଦ୍ୱାର ବୈଠକରେ ମନ୍ତ୍ର ଦେବେ କି ସଞ୍ଜୟ ?

**ବ୍ରହ୍ମପୁର, ୩ା୨ (ସଂଚାର ବ୍ୟୁରୋ) :** ବ୍ରହ୍ମପୁର ବିଜେଡିରେ ଦୁଇ ଗୋଷ୍ଠୀଙ୍କ ଭିତରେ କଳିକୁ ନେଇ ନାନା ଚର୍ଚ୍ଚା ହେଉଛି। ସହରର ଦୁଇ ପୂର୍ବତନ ବିଧାୟକଙ୍କ ଗୋଷ୍ଠୀଙ୍କ ମଧ୍ୟରେ ନେତୃତ୍ୱ ପାଇଁ କଡା ଟକ୍କର ଲାଗିଥିବା କୁହାଯାଉଛି। ଯଦିଓ ଏ ସଂକ୍ରାନ୍ତରେ ଦଳର ସ୍ଥାନୀୟ ତୁଙ୍ଗ ନେତା ମୁହଁ ଖୋଲୁନାହାଁନ୍ତି, କିନ୍ତୁ ଚିତ୍ର ସ୍ପଷ୍ଟ ହୋଇଯାଉଛି। ନିକଟରେ ମହାନଗର ନିଗମ କାଉନସିଲ୍ ବୈଠକରେ ଦୁଇ ବିଜେଡି କର୍ପୋରେଟର ଗୋଷ୍ଠୀଙ୍କ ମଧ୍ୟରେ ବିବାଦକୁ ସାରା ରାଜ୍ୟ ଦେଖିଥିଲା। ଏହା ପରଠୁ ବ୍ରହ୍ମପୁର ଶଙ୍ଖ ଶିବିରରେ ଅସନ୍ତୋଷ ଜାରି ରହିଥିବା ଜଣାପଡିଥିଲା। ତେବେ କୁହୁଳୁ ଥିବା କନ୍ଦଳକୁ ନେଇ ଆଲୋଚନା କିନ୍ତୁ ଭିନ୍ନ ହେଉଛି।

ସ୍ଥାନୀୟ ପଲିଟିକାଲ କରିଡ଼ରରେ ହେଉଥିବା ଚର୍ଚ୍ଚା ପ୍ରକାରେ, ଗଂଜାମ ବିଜେଡିରେ ଆମଦାନୀ ନେତାଙ୍କ ଏଣ୍ଟ୍ରି ପରଠୁ ହିଁ ଦଳରେ ବିବାଦ ମୁଣ୍ଡ ଟେକିଥିଲା। ୨୦୧୯ ନିର୍ବାଚନ ପୂର୍ବରୁ ସ୍ଥାନୀୟ କଂଗ୍ରେସ ଶିବିର ଛାଡି ବିଜେଡିରେ ଦୁଇ ହେବିୱେଟ ନେତା ଏବଂ ତାଙ୍କ ସମର୍ଥକ ଗୋଷ୍ଠୀ ସାମିଲ ହୋଇଥିଲେ। ଯାହାକୁ ଏଠିକାର ପୁରୁଖା ଶଙ୍ଖ ନେତା ସହ୍ୟ କରିପାରିନଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ବ୍ରହ୍ମପୁର ବିଧାନସଭା ଆସନ ପାଇଁ ପୁରୁଖାଙ୍କ ଟିକେଟ୍ କାଟି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଆମଦାନୀଙ୍କ ଉପରେ ଭରସା କରି ଟିକେଟ୍ ଦେବା ସହ ସଫଳ ହୋଇଥିଲେ। ଏହାକୁ ଅସଲ ବିଜେଡି ନେତା ଏବଂ ତାଙ୍କ ଗୋଷ୍ଠୀ ସହଜରେ ଗ୍ରହଣ କରିପାରିନଥିଲେ। ୨୦୨୪ ସାଧାରଣ ନିର୍ବାଚନରେ ଆମଦାନୀ ନେତାଙ୍କୁ ବାହାର ନିର୍ବାଚନ ମଣ୍ଡଳୀ ପଠାଇ ବ୍ରହ୍ମପୁରରୁ ଟିକେଟ୍ ହାତେଇବାରେ ପୁଣି ଅସଲ ନେତା ଜଣକ ସଫଳ ହୋଇ ମାଷ୍ଟରଷ୍ଟ୍ରୋକ୍ ଖେଳିଥିବା କୁହାଯାଇଥିଲା। ସେବେଠାରୁ ଉଭୟ ଅସଲ ଏବଂ ଆମଦାନୀ ବିଜେଡି ନେତାଙ୍କ ମଧ୍ୟରେ କଳି ଆରମ୍ଭ ହୋଇଥିଲା। ସେହିପରି ଗତ ପୌର ନିର୍ବାଚନରେ ଯଦିଓ ବିଜେଡି ବାଜି ମାରି ବିଇଏମସିକୁ ନିଜ ଦଖଲକୁ ନେଲା, ସେତେବେଳେ ବି ଦୁଇ ହେବିୱେଟ୍ ନେତାଙ୍କ ମଧ୍ୟରେ ଟିକେଟ୍ ଝଡ ଲାଗି ରହିଥିଲା। ଏବଂ ଆମଦାନୀଙ୍କୁ ଝଟକା ଦେଇ ଅସଲ ନେତା ଜଣକ ଏହି ଲଢେଇରେ ବାଜି ମାରିଥିଲେ।



ସମ୍ପ୍ରତି, ସ୍ଥାନୀୟ ଶଙ୍ଖ କ୍ୟାମ୍ପରେ ଅନ୍ତଃକନ୍ଦଳ ଲାଗି ରହିଥିବା ବେଳେ ବିଇଏମସିରେ ଅଚଳାବସ୍ଥା ଲାଗି ରହିଥିବା ଦେଖାଦେଇଥିଲା। ଏଥିରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ଏବେ ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା ବ୍ରହ୍ମପୁର ଗସ୍ତରେ ଆସି ରୁଦ୍ଧଦ୍ୱାର ବୈଠକ କରିବେ ବୋଲି ସୂଚନା ମିଳିଛି। ତାଙ୍କୁ ଜିଲ୍ଲାର ୪ ନିର୍ବାଚନ ମଣ୍ଡଳୀର ସଂଗଠନ ଦାୟିତ୍ୱ ଦିଆଯାଇଛି। ଏଥିରେ ବ୍ରହ୍ମପୁର ଅନ୍ତର୍ଭୁକ୍ତ ଥିବାରୁ ସ୍ଥାନୀୟ ଉଭୟ ନେତା ଓ ସମର୍ଥିତ ଗୋଷ୍ଠୀଙ୍କୁ ଡାକି ଟିଉସନ୍ କରିବେ ବୋଲି ଜଣାପଡିଛି। ତେବେ ଦୁଇ ତୁଙ୍ଗ ନେତାଙ୍କ ମଧ୍ୟରେ ଇଣ୍ଟରନାଲ୍ ଫାଇଟ୍‌ର କୌଣସି ନିଷ୍କର୍ଷ ବାହାରି ପାରୁଛି କି ନାହିଁ ତାହା ବୈଠକ ପରେ ହିଁ ସ୍ପଷ୍ଟ ହେବ।

# ଫେରାର୍ ହାଇୱା ଚାଳକ ଗିରଫ



**ବାଲିଅନ୍ତା, ୩ା୨ (ସଂଚାର ବ୍ୟୁରୋ):** ହାଇୱା ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ମାମଲାରେ ବାଲିଅନ୍ତା ପୋଲିସ ଚାଳକ ନିଆଳି ଥାନା ଅଧୀନ ନୂଆଗାଁର ହାଇୱା ଚାଳକ ନାରାୟଣ ସେନାପତି(୨୪) କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ଦୁର୍ଘଟଣା ଘଟାଇଥିବା ହାଇୱାକୁ ଜବତ କରିଛି। ଗତକାଲି ସକାଳ ପ୍ରାୟ ୯ଟା ସମୟରେ ପୀତବାସ ପଣ୍ଡା (୭୪)ନିକଟସ୍ଥ ବଜାରକୁ ଜଳଖିଆ ଆଣିବା ଲାଗି ଯାଉଥିବା ବେଳେ ହାଇୱା ଚାଳକ ଜଣଙ୍କ ବେପୁରୁଆ ଭାବେ ଗାଡି ଚାଳନା କରି ତାଙ୍କୁ ଧକ୍କା ଦେଇଥିଲେ ଫଳରେ ଘଟଣାସ୍ଥଳରେ ପୀତବାସଙ୍କ ମୃତ୍ୟୁ ଘଟିଥିଲା। ଏନେଇ ପ୍ରଶାନ୍ତ କୁମାର ସାମନ୍ତରାୟ ଶଶୁରଙ୍କ ମୃତ ପୀତବାସ ପଣ୍ଡା ମୃତ୍ୟୁ ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

## ବେଆଇନ୍ ବାଲିଚାଲାଣ ବେଳେ ୨ହାଇୱା ଓ ୧ ଟ୍ରକ୍ ଜବତ: ୩ ଚାଳକ ଗିରଫ

**ସାଲେପୁର, ୩ା୨ (ସଂଚାର ବ୍ୟୁରୋ) :** ବିରୂପା ନଦୀରୁ ବେଆଇନ୍ ଭାବେ ବାଲି ଉଠାଇ ବାହାର ଅଞ୍ଚଳକୁ ଚାଲାଣ କରୁଥିବା ସମୟରେ ସାଲେପୁର ପୁଲିସ ୨ଟି ହାଇୱା ଓ ଏକ ଟ୍ରକ୍‌କୁ ଜବତ କରିଥିବା ବେଳେ ୩ଜଣ ଚାଳକଙ୍କୁ ଗିରଫ କରିଥିବା ଜଣାଯାଇଛି। ଗତକାଲି ବିଳମ୍ବିତ ରାତ୍ରିରେ ବିରୂପା ନଦୀରୁ ବାଲି ଉଠାଇ ୨ଟି ହାଇୱା ଓ ଏକ ଟ୍ରକ୍‌ଯୋଗେ ବାହାର ଅଞ୍ଚଳକୁ ଚାଲାଣ ହେଉଥିବାବେଳେ ସାଲେପୁର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡ଼ିଗୁଡ଼ିକୁ ଜବତ କରିବା ସହ ଗାଡ଼ିଚାଳକ ପୁରୀ କଣାସ ଅଞ୍ଚଳର ନବଘନ ବେହେରା, ମହାଜନପୁର ଅଞ୍ଚଳର ପୀତବାସ ଦାସ, ଟାଙ୍ଗୀ ନିମେଇସାପୁର ଅଞ୍ଚଳର ନିରଂଜନ ରାଉତଙ୍କୁ ଗିରଫ କରିବା ସହ କେସ୍ ନଂ-୩୩/୨୫ରେ ସାଲେପୁର ଥାନାରେ ଏକ ମାମଲା ରୁଜୁ କରିଥିବା ଜଣାଯାଇଛି।

# ଆଇଏମ୍‌ଏମ୍‌ଏସ୍‌ଏଚ୍ କ୍ୟାମ୍ପସ-୨ ପୁରସ୍କୃତ

### ଇଟି ନାଓ ଇଣ୍ଡଷ୍ଟ୍ରି ଆଇକନ୍ସ ସମ୍ମାନ-୨୦୨୫

**ଭୁବନେଶ୍ୱର, ୩ା୨ (ସଂଚାର ବ୍ୟୁରୋ) :** ଇଟି ନାଓ ଇଣ୍ଡଷ୍ଟ୍ରି ଆଇକନ୍ସ -୨୦୨୫ ଇଷ୍ଟ ଚାପ୍ଟରର ପ୍ରଥମ ସଂସ୍କରଣର ସମ୍ମାନ ପ୍ରଦାନ ଉତ୍ସବରେ ସମ୍ ଅଲ୍ଟିମେଟ୍ ମେଡିକେୟାରକୁ ପୂର୍ବ ଭାରତର ଶ୍ରେଷ୍ଠ କର୍ପୋରେଟ ହସ୍ପିଟାଲ୍ ଭାବେ ସମ୍ମାନିତ କରାଯାଇଛି। କୋଲକାତା ଠାରେ ଗତ ଶୁକ୍ରବାର ଦିନ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଟାଇମ୍ସ ନେଟୱାର୍କ ଡିଜିଟାଲ୍‌ର ପ୍ରେସିଡେଂଟ ଓ ସିଓଓ ରୋହିତ ଚଢ଼ା ସମ୍ମମ୍‌ର ସିଇଓ ଡକ୍ଟର ଶ୍ୱେତପଦ୍ମା ଦାଶଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି।




ଏହି ଉତ୍ସବରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ (ଆଇଏମ୍‌ଏମ୍‌ଏସ୍‌ଏଚ୍) କ୍ୟାମ୍ପସ-୨ ଫୁଲନଖରାକୁ ଓଡ଼ିଶାର ଶ୍ରେଷ୍ଠ ମଲ୍ଟିସ୍ପେଶିଆଲିଟି ହସ୍ପିଟାଲ ଭାବେ ସମ୍ମାନିତ କରାଯାଇଥିବା ବେଳେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ କ୍ୟାମ୍ପସ ୩ ଶୀତଳାପଲ୍ଲୀ (ବ୍ରହ୍ମପୁର)କୁ ଓଡ଼ିଶାର ଶ୍ରେଷ୍ଠ ମଲ୍ଟିସ୍ପେଶିଆଲିଟି ଇମର୍ଜିଂ ହସ୍ପିଟାଲ୍ ଭାବେ ମନୋନୀତ କରାଯାଇ ସମ୍ମାନ ପ୍ରଦାନ କରାଯାଇଛି।

ସେହିପରି ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ ଭୁବନେଶ୍ୱରର କାର୍ଡିଓଲୋଜି, ଅଙ୍କୋଲୋଜି, ନ୍ୟୁରୋଲୋଜି, ଗ୍ୟାଷ୍ଟ୍ରୋଏନ୍‌ଟେରୋଲୋଜି, ହେମାଟୋଲୋଜି ଏବଂ ନେଫ୍ରୋଲୋଜି ବିଭାଗକୁ ସେହି କ୍ୟାଟେଗୋରୀରେ ଓଡ଼ିଶାର ଶ୍ରେଷ୍ଠ ବିଭାଗ ଭାବେ ମାନ୍ୟତା ପ୍ରଦାନ କରାଯାଇଛି।

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପକ୍ଷରୁ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ଭୁବନେଶ୍ୱରର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର, ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ କ୍ୟାମ୍ପସ ୨ ଫୁଲନଖରାର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ରାଜେଶ କୁମାର ଲେଙ୍କା ଏବଂ ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଶୁଭଦର୍ଶିନୀ ମିଶ୍ର ଏହି ସମ୍ମାନ ଗ୍ରହଣ କରିଥିଲେ।

ଏହି ଅବସରରେ ସୁମା ରିୟଲ୍ ମିଡିଆ ପ୍ରାଇଭେଟ ଲିମିଟେଡ୍‌ର ଓଡ଼ିଆ ସମ୍ବାଦପତ୍ର 'ପ୍ରମେୟ'କୁ ଓଡ଼ିଶାର ଏକ ନମ୍ବର ସମ୍ବାଦପତ୍ର ଭାବେ ସମ୍ମାନିତ କରାଯାଇଥିଲା। ସୁମା ରିୟଲ୍ ମିଡିଆ ପ୍ରାଇଭେଟ ଲିମିଟେଡ୍‌ର ଗ୍ରୁପ୍ ଡାଇରେକ୍ଟର (ସେଲ୍ସ ଆଣ୍ଡ ମାର୍କେଟିଂ) ହିମାଂଶୁ ଭୂଷଣ ହୋତା ଏହି ସମ୍ମାନ ଗ୍ରହଣ କରିଥିଲେ। ଟାଇମ୍ସ ଗ୍ରୁପ୍ ପକ୍ଷରୁ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ସମ୍ମାନିତ ଅତିଥି ଯୋଗ ଦେଇଥିବା ବେଳେ ଭାରତୀୟ ଅଭିନେତ୍ରୀ ତଥା ପ୍ରଯୋଜିକା ଋତୁପର୍ଣ୍ଣା ସେନ୍‌ଗୁପ୍ତା ଚକ୍ରବର୍ତୀ ମଧ୍ୟ ସାମିଲ ହୋଇଥିଲେ।

# ଶ୍ରୀ ଅନ୍ନ ଯୋଜନାରେ ମହାଘୋଟାଲା

### ● ଚାଷ ନଥିବା ଚାଷୀ ଅଧିକ ● ମିଳିମିଶି ସରକାରଙ୍କୁ ଲୁଟୁଛନ୍ତି କର୍ମଚାରୀ ଓ ଏନଜିଓ



**ନୟାଗଡ଼, ୩ା୨ (ସଂଚାର ବ୍ୟୁରୋ) :** ନୟାଗଡ଼ ଜିଲ୍ଲାରେ ଶ୍ରୀ ଅନ୍ନ ଯୋଜନାରେ ମହା ଘୋଟଲା କରାଯାଇଛି । ଚାଷ ନକରି ଚାଷୀଙ୍କ ତାଲିକା ପ୍ରସ୍ତୁତ କରାଯାଇ ସରକାରଙ୍କୁ ଭୁଆଁ ବୁଲାଯାଉଛି। ମିଳତ ଭଗରେ ସରକାରଙ୍କୁ ଲୁଟୁଛନ୍ତି କର୍ମଚାରୀ ଓ ଏନଜିଓ। ଯାହାର ସାଂଘାତିକ ରହସ୍ୟ ଖୋଲିଛି ସୂଚନା ଅଧିକାର ବଳରେ ମିଳିଥିବା ତଥ୍ୟ ।

ତଥ୍ୟ ଅନୁସାରେ ଚାଷୀ ପ୍ରବଳ, ଚାଷ ଦୁର୍ବଳ ବୋଲି ଜଣାପଡ଼ିଛି। ମାଣ୍ଡିଆ ଚାଷ କରୁଥିବା ଚାଷୀଙ୍କୁ ସରକାରଙ୍କ ପକ୍ଷରୁ ଶ୍ରୀ ପ୍ରଣାଳୀରେ ଚାଷ କଲେ ହେକ୍ଟର ପିଛା ପ୍ରଥମ ବର୍ଷ ୧୦ ହଜାର ଟଙ୍କା ସହାୟତା ମିଳୁଛି । ପରବର୍ଷଠାରୁ ଏହି ଚାଷୀଙ୍କୁ ୭ ହଜାର ୫ ଶହ ଟଙ୍କା ପ୍ରଦାନ କରାଯାଉଛି । ଧାଡ଼ି ଅନୁସାରେ ମାଣ୍ଡିଆ ରୋପଣ କଲେ ଚାଷୀଙ୍କୁ ପ୍ରଥମ ବର୍ଷ ହେକ୍ଟର ପିଛା ୭ ହଜାର ୫ ଶହ ଟଙ୍କା ଏବଂ ପରବର୍ଷଠାରୁ ୫ ହଜାର ଟଙ୍କା ସହାୟତା ମିଳୁଛି । ମାଣ୍ଡିଆ ବିକ୍ରି କରିବା ପାଇଁ ସରକାରଙ୍କ ପକ୍ଷରୁ ମଣ୍ଡି ବ୍ୟବସ୍ଥା କରାଯାଇଛି। ନୟାଗଡ଼ ଜିଲ୍ଲାର ୫ଟି ବ୍ଲକରେ ଶ୍ରୀ ଅନ୍ନ ଅଭିଯାନ କାର୍ଯ୍ୟକାରୀ ହେଉଥିବା ବେଳେ ଦାୟିତ୍ୱ ନେଇଥିବା ଠିକାସଂସ୍ଥା ଗୁଡ଼ିକ କାଗଜପତ୍ର କରି ନକଲି ଚାଷୀ ପ୍ରସ୍ତୁତ କରିଥିବା ଜଣାପଡ଼ିଛି ।

ଚାଷୀଙ୍କ ତାଲିକାକୁ ଅନୁଧ୍ୟାନ କରିବାରେ ସାଂଘାତିକ କେଳେଙ୍କାରୀ ସାମ୍ନାକୁ ଆସିଛି। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ ନିଗମ ନାମକ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିବା ବେଳେ ଉକ୍ତ ବ୍ଲକରେ ଚଳିତ ଖରିଫ୍ ଋତୁରେ ୭୭୧ ଜଣ ଚାଷୀ ଚାଷ କରିଥିବା ଦର୍ଶାଇ ବ୍ୟାପକ କେଳେଙ୍କାରୀ କରିଛି। ଉକ୍ତ ବ୍ଲକ ଶାସନ ପଞ୍ଚାୟତ ଟିକିରିପଡ଼ା ଗ୍ରାମରେ ୬୦ରୁ ଊର୍ଦ୍ଧ୍ୱ ଚାଷୀ ଚାଷ କରିଥିବା ସୂଚନା ମିଳିଥିବା ବେଳେ ବାସ୍ତବରେ ଉକ୍ତ ଗ୍ରାମର ପ୍ରକାଶ ଚନ୍ଦ୍ର ମହାନ୍ତିଙ୍କୁ ବାଦ ଦେଲେ ଅନ୍ୟ କୌଣସି ଚାଷୀ ମାଣ୍ଡିଆ ଚାଷ କରିନଥିବା ଦେଖାଯାଇଛି । ସେହିଭଳି ଭାବେ ନୂଆଗାଁ ବ୍ଲକରେ ହାମସ୍ ନାମକ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିବା ବେଳେ ଉକ୍ତ ସଂସ୍ଥା ମଧ୍ୟ ଜାଲ ଚାଷୀ ତାଲିକା ପ୍ରସ୍ତୁତ କରି ସରକାରଙ୍କୁ ଭୁଆଁ ବୁଲାଉଛି। ଉକ୍ତ ବ୍ଲକର ମଧୁବନ ଗାଁର କିଛି ଚାଷୀ ଚାଷ କରିଥିବା ବେଳେ ଅନେକ ଚାଷୀ ଚାଷ ନକରି ମିଛ ପଞ୍ଜିକରଣ କରିଥିବା ଜଣାପଡ଼ିଛି । ଓଡ଼ଗାଁ ବ୍ଲକରେ ସବୁଠାରୁ ଅଧିକ ଜାଲିଆତି ହୋଇଥିବା ଜଣାପଡ଼ିଛି। ଇ ଇକୋ ସଲ୍ୟୁସନ୍ ପ୍ରାଇଭେଟ ଲିମିଟେଡ୍ ନାମକ ସଂସ୍ଥା ଦାୟିତ୍ୱ ନେଇଥିବା ବେଳେ ବିନା ଚାଷରେ ମାଣ୍ଡିଆ ଉତ୍ପାଦନ କରିବା ଘଟଣା ନଜରକୁ ଆସିଛି। ଗଣିଆ ବ୍ଲକରେ ଜିୟୁସି ନାମକ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିବା ବେଳେ ସେଠାରେ ମଧ୍ୟ କାଗଜପତ୍ରରେ ମାଣ୍ଡିଆ ଚାଷ ହୋଇଥିବା ଜଣାପଡ଼ିଛି। ଗଣିଆ ବ୍ଲକ ଛାମୁଣ୍ଡିଆ ଗ୍ରାମରେ ୫୦ ଜଣ ଚାଷୀଙ୍କ ନାମ ତାଲିକାରେ ରହିଥିବା ହାତ ଗଣିତି ଚାଷୀ ଚାଷ କରିଥିବା ଜଣାପଡ଼ିଛି । ସେହିଭଳି ଭାବେ ରାଜିଙ୍ଗ ଗ୍ରାମର ୮ ଜଣ ଚାଷୀଙ୍କ ମଧ୍ୟରୁ ୪ ଜଣ ଚଳିତ ବର୍ଷ ଆଦୌ ଚାଷ କରିନଥିବା ଜଣାପଡ଼ିଛି । ଓଡ଼ଗାଁ ବ୍ଲକର ଭାଡ଼ିକିଳା ଗାଁକୁ ଅନୁଧ୍ୟାନ ବେଳେ ଗୋଟିଏ ହେଲେ ଜମିରେ ମାଣ୍ଡିଆ ଚାଷ ହୋଇନଥିବା ଗ୍ରାମବାସୀ କହିଛନ୍ତି । ଏହି ଗାଁର ୫୦ ଜଣ ଚାଷୀଙ୍କ ନାମରେ ପଞ୍ଜିକରଣ କରାଯାଇଛି । ଏହି ଚାଷୀମାନଙ୍କ ମଧ୍ୟରୁ ଅନେକ ବଢ଼େଇ ସମ୍ପ୍ରଦାୟର ଏବଂ ସେମାନେ କାଠ କାମ କରୁଥିବା ଜଣାପଡ଼ିଛି। ଦଶପଲ୍ଲା ବ୍ଲକରେ ମଧ୍ୟ ନିର୍ମାଣ ଠିକାସଂସ୍ଥା ଭୃତ୍ତ ଚାଷୀଙ୍କ ନାଁରେ ତାଲିକା ପ୍ରସ୍ତୁତ କରି ସରକାରକୁ ଭୁଆଁ ବୁଲାଉଥିବା ଜଣାପଡ଼ିଛି ।

# ବିବାହ ଶୋଭାଯାତ୍ରାରେ ଛାତିଥରା ଡିଜେ ସାଉଣ୍ଡ୍

**କାକଟପୁର/ଅସ୍ତରଙ୍ଗ, ୩ା୨ (ସଂଚାର ବ୍ୟୁରୋ):** ବିବାହ ଋତୁ ଚାଲିଥିବା ବେଳେ ବାଜା, ବାଣ, ରୋଷଣିରେ କମ୍ପୁଛି ଗାଁରୁ ବଜାର। ଘାତକ ସାଜୁଥିବା ଏହି କାନ ଫଟା ଶବ୍ଦ ପାଇଁ ସତେ ଯେମିତି କୌଣସି ନିୟମ ନାହିଁ। ପ୍ରଦୂଷଣ ବିଭାଗର କେହି ଅଧିକାରୀ ବା କର୍ମଚାରୀ ନଥିବା ବେଳେ ପୁଲିସ ନିକଟରେ ଡାକବାଜି ଯନ୍ତ୍ରର ତୀବ୍ରତା ମାପିବା ଡେସିବଲ୍ ଯନ୍ତ୍ର ନଥିବାରୁ ତାହାକୁ ରୋକିବା ସମ୍ଭବପର ହେଉନି।



ଅସ୍ତରଙ୍ଗ ବଜାର ସମେତ ବିଭିନ୍ନ ଗାଁରେ ଟାଟା ଏସ୍ ଗାଡ଼ିରୁ ଆରମ୍ଭକରି ୪୦୭ ପର୍ଯ୍ୟନ୍ତ ଗାଡ଼ିର ଆଗପଛ ସବୁଠି ଏକାଧିକ ସାଉଣ୍ଡ୍ ବକ୍ସ, ଜେନେରେଟର୍, ପାଣି ଫୋଟକା ଓ ଜଳ ସିଞ୍ଚନ ବ୍ୟବସ୍ଥା ସହ ଷ୍ଟିଲ୍ ରେଲିଂରେ ରଙ୍ଗୀନ ଆଲୁଅ ଲଗାଇ ପଟୁଆରରେ ସାମିଲ କରାଯାଉଛି। ଗାଡି ରାସ୍ତାରେ ଗଡିବା ମାତ୍ରେ ବୈଧ ପଞ୍ଜୀକରଣ ନମ୍ବର, ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର, ଫିଟ୍‌ନେସ୍ ସାର୍ଟିଫିକେଟ୍ ଆଦି ରହିବା ବାଧ୍ୟତାମୂଳକ। ହେଲେ ଅସ୍ତରଙ୍ଗ ବ୍ଲକ ଅଂଚଳରେ ବୁଲୁଥିବା ଅଧିକାଂଶ ଡିଜେ ଗାଡି ଚାଳକ ବା ମାଲିକଙ୍କ ନିକଟରେ ଏହି ସବୁ ପ୍ରମାଣପତ୍ର ନଥିବା ଅଭିଯୋଗ ହେଉଛି। ଏହା ସହ ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ଡିଜେ ଗାଡିକୁ ଛାଡି ଭୁବନେଶ୍ୱର, ନିମାପଡା, ପିପିଲି, କଟକ, ନିଆଳି, ଜଗତସିଂହପୁର ଅଞ୍ଚଳ ଡିଜେ ଗାଡି ଅତ୍ୟଧିକ ମାତ୍ରାରେ ସାଉଣ୍ଡ ଆଣି ବିନା ଅନୁମତିରେ ବଜାଉଛନ୍ତି। ତଥାପି ପ୍ରଶାସନିକ ସ୍ତରରେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣରେ ନିରବତା ଅସନ୍ତୋଷର କାରଣ ସାଜୁଛି।

> **ପୁଲିସକୁ ମିଳୁନି ଶବ୍ଦ ମାପକ ଯନ୍ତ୍ର**
>
> **ବିନାନୁମତିରେ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗାଁରେ କାନଫଟା ଶବ୍ଦ**
>
> **ହାତଗୁଞ୍ଜା କାରବାର ଅଭିଯୋଗ**

ପ୍ରଦୂଷଣ ନିୟନ୍ତ୍ରଣ କଟକଣା ଉଲଂଘନକାରୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଜିଲ୍ଲାପାଳ, ଏସ୍‌ପି, ଉପଖଣ୍ଡୀୟ ଅଧିକାରୀଙ୍କୁ କ୍ଷମତା ଦିଆଯାଇଛି। ସେହିପରି ପୂଜା ମଣ୍ଡପ, ବିସର୍ଜନ ଉତ୍ସବ ଓ ବିବାହ ଶୋଭାଯାତ୍ରାରେ ସାଉଣ୍ଡ ବକ୍ସ ବଜାଇବା ପାଇଁ ପ୍ରଶାସନିକ ଅନୁମତି ବାଧ୍ୟତାମୂଳକ। ଶବ୍ଦର ତୀବ୍ରତା ୬୫ ଡେସିବଲରୁ ଅଧିକ ହେବନାହିଁ ବୋଲି ପ୍ରଦତ୍ତ ଅନୁମତିରେ ସ୍ପଷ୍ଟ ଉଲ୍ଲେଖ ରହୁଛି। ଉଲଂଘନ ହେଲେ ଜରିମାନା ସହ ବୈଦ୍ୟୁତିକ ଉପକରଣ ଜବତ ବ୍ୟବସ୍ଥା ରହିଛି। ବିବାହ ଶୋଭାଯାତ୍ରାରେ ଡିଜେ କାନଫଟା ଶବ୍ଦ ଶୁଣିଲେ ନିୟମ କିଭଳି କାର୍ଯ୍ୟକାରୀ ହେଉଛି ତାହା ପ୍ରଶ୍ନବାଚୀ ହେଉଛି। ସୁପ୍ରିମ୍‌କୋର୍ଟ ଓ ହାଇକୋର୍ଟ ପକ୍ଷରୁ ଅତୀତରେ ଅନେକ ନିର୍ଦ୍ଦେଶ ଏହି ମର୍ମରେ ଜାରି ହୋଇଥିଲେ ହେଁ ତାହା ସଠିକ୍ ଭାବେ କାର୍ଯ୍ୟକାରୀ କରାଯାଉନଥିବାରୁ ଶବ୍ଦ ପ୍ରଦୂଷଣ ବିପଦ ବୃଦ୍ଧି ପାଉଛି। ଡିଜେ ସାଉଣ୍ଡ୍ ସମସ୍ତଙ୍କୁ ବ୍ୟତିବ୍ୟସ୍ତ କରୁଥିବାରୁ ଆଗାମୀ ଦିନରେ ଏହାର ନିରାକରଣ ଦିଗରେ ପଦକ୍ଷେପ ନିଆଯିବା ଜରୁରୀ ବୋଲି ବୁଦ୍ଧିଜୀବୀ ଦାବୀ କରିଛନ୍ତି।

# ସ୍ୱସ୍ତିକ ଫିଲ୍ମ ଷ୍ଟୁଡିଓରେ ଖୋଲିଲା ଦୁଇଟି ଅତ୍ୟାଧୁନିକ ୟୁନିଟ

**ଭୁବନେଶ୍ୱର, ୩ା୨ (ସଂଚାର ବ୍ୟୁରୋ) :** ଫିଲ୍ମ ତଥା ସିରିୟଲ ସୁଟିଂ ପାଇଁ ଉଦିଷ୍ଟ ରାଜ୍ୟର ଅଗ୍ରଣୀ ଷ୍ଟୁଡ଼ିଓ ସ୍ୱସ୍ତିକ ଷ୍ଟୁଡିଓ ଦୀର୍ଘ ୧ ବର୍ଷ ଧରି ଫିଲ୍ମ ନିର୍ମାତାଙ୍କ ଚାହିଦା ପୂରଣ କରି ଆସିଛି। ଆଜି ତାର ପ୍ରଥମ ବାର୍ଷିକୀ ପାଳନ ସହିତ ଏଥିରେ ଦୁଇଟି ନୂଆ ୟୁନିଟ ଖୋଲିଛି । ଆଗରୁ ଏଥିରେ ହାଜତ, ଥାନା, କୋର୍ଟ ରୁମ, ମେଡିକାଲ, ହୋଟେଲ କରିଡର, ପୁରୁଣା କାଳିଆ ଜମିଦାର ଘର, ଅଫିସ ରୁମ ଆଦି ରହିଥିବା ବେଳେ ସେଥିରେ ଯୋଡି ହେଇଛି ବାଇଜି କୋଠି, କର୍ପୋରେଟ ଅଫିସ, ଶିଳ୍ପପତିଙ୍କ ଘର, ଓକିଲଙ୍କ ଚାମ୍ବର ଓ ସିଇଓ ପ୍ରକୋଷ୍ଠ । ଓଡ଼ିଆ ପ୍ରଯୋଜକଙ୍କୁ ଆଉ ସାମାନ୍ୟ ଆବଶ୍ୟକତା ପାଇଁ ହାଇଦ୍ରାବାଦ କି ଚେନ୍ନାଇ ଯିବାକୁ ପଡିବ ନାହିଁ। କାରଣ ସେମାନଙ୍କର ଚାହିଦା ପୂରଣ କରିବ ସ୍ୱସ୍ତିକ ଷ୍ଟଡ଼ିଓର ଅତ୍ୟାଧୁନିକ ଓ ସୁଦୃଶ୍ୟ ସେଟ ସବୁ।




ଏହି ଦୁଇଟି ଅତ୍ୟାଧୁନିକ ଓ ସୁଦୃଶ୍ୟ ୟୁନିଟକୁ ଉନ୍ମୋଚନ କରିଥିଲେ ଜାତୀୟ ତଥା ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀତମ ଦାସ, ଡ. ରଜନୀରଞ୍ଜନ, ପ୍ରମୋଦ ସ୍ୱାଇଁ, କୌଶିକ ଦାସ, ଶ୍ରୀଧର ମାର୍ଥା, ମମତା ପାଇକରାୟ, ପ୍ରୀତମ ସାହୁ, ସଞ୍ଜୟ ନାୟକ(ନିର୍ଦ୍ଦେଶକ), ସଞ୍ଜୟ ନାୟକ (ପ୍ରଯୋଜକ), ଭୁବନେଶ୍ୱର ବ୍ଲକ ଅଧକ୍ଷା ନିରୁପମା ସାହୁ, ରଞ୍ଜନ ମିଶ୍ର, ନବାଗତ ଆଦିତ୍ୟ, ବିଦୁ ସାର, ଦିଲୀପ ସ୍ୱାଇଁ, ଶୈଳେନ୍ଦ୍ର, ଗୌରୀ ଶଙ୍କର ପଣ୍ଡା, ଅତୀଶ ରାଉତ, ଚିନ୍ମୟ ସାହୁ, ରାଜେନ୍ଦ୍ର ସାମର୍ଥା, ଧିରେନ୍ ପଟ୍ଟନାୟକ, ମଳୟ ମହାପାତ୍ର, କୁନାଲ ପଟ୍ଟନାୟକ, ସୁକୁମାର ମଣି, ବିରଞ୍ଚି ନାରାୟଣ ମହାସୂପକାର, ଅମରେଶ ଜେନା, ଦେବୀ ପ୍ରସାଦ ନନ୍ଦ,କେକେ ସାହୁ, ଜିତେଶ ପରିଡା, ମନୁ ଦ୍ୱିବେଦୀ, ହିମାଦ୍ରୀ ତନୟ ଦାସ, ସନ୍ତୋଷ ପଣ୍ଡା, ଏଲିନା ଦାସ ପ୍ରମୁଖ ଚଳଚ୍ଚିତ୍ର ଜଗତ ସହ ସମ୍ପୃକ୍ତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ।

ରାଜ୍ୟର ଏହି ଅଗ୍ରଣୀ ଷ୍ଟୁଡିଓଟି ଭୁବନେଶ୍ୱର ସହରର ମଧ୍ୟଭାଗରେ ହୋଇ ଥିବାରୁ ଯାତାୟାତ ଖର୍ଚ୍ଚ ମଧ୍ୟ ସୀମିତ ରହିବା ସହ ପ୍ରଯୋଜନା ସଂସ୍ଥା ମାନଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଏହାକୁ ନବୀକରଣ କରାଯିବ ବୋଲି କହିଛନ୍ତି ପ୍ରତିଷ୍ଠାତା ସଂଗ୍ରାମ କେଶରୀ ପାଇକରାୟ । କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଡ.ଶ୍ରୀନିବାସ ଘଟୁଆରୀ।

# କଟ୍‌ନୀ ଛଟନୀ ଯାଞ୍ଚ୍ ପାଇଁ ଛଦ୍ମବେଶରେ ପହଞ୍ଚିଲେ ଜିଲ୍ଲାପାଳ

## ଧାନ ମଣ୍ଡିରେ ଅନିୟମିତତା ଦେଖି ଜାରିକଲେ ନୋଟିସ୍



ଭଦ୍ରକ,୩।୨(ସଂଚାର ବ୍ୟୁରୋ): ସାମ୍ପ୍ରତିକ ସମୟରେ ରାଜ୍ୟ ସରକାର ଚାଷୀଙ୍କୁ ସେମାନଙ୍କ ଧାନର ସଠିକ୍ ମୂଲ୍ୟ ଦେବା ସକାଶେ ବିଭିନ୍ନ ସ୍ଥାନରେ ମଣ୍ଡି ଖୋଲିବା ସହ ସେସବୁର ଉପଯୁକ୍ତ ପରିଚାଳନା ସକାଶେ ବ୍ୟାପକ ପଦକ୍ଷେପ ନେଇଛନ୍ତି। ଚାଷୀମାନେ ଯେପରି ସେମାନଙ୍କ ଧାନର ସଠିକ୍ ମୂଲ୍ୟ ପାଇବେ ଓ କଟନୀଛଟନୀ ପରି ସମସ୍ୟାରେ ଯେପରି ଘାଣ୍ଟି ନ ହେବେ, ସେଥିସକାଶେ ମଣ୍ଡିରେ ସ୍ୱତନ୍ତ୍ର କର୍ମଚାରୀମାନଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇଛି। ସରକାରଙ୍କ ଏହି ଚିନ୍ତାଧାରାର ସଠିକ୍ ରୂପାୟନ କରିଛନ୍ତି ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ। ସିଧାସଳଖ ମଣ୍ଡିରେ ନ ପହଞ୍ଚି ସେଠାକାର ଅସଲ ସ୍ଥିତି ପରଖିବା ସକାଶେ ଛଦ୍ମବେଶରେ ପହଞ୍ଚିଥିଲେ। ସ୍ୱାଭାବିକ ପରିପାଟୀରେ ନ ଯାଇ ଶ୍ରୀ ରାଉତରାୟ କଳା ରଙ୍ଗର ହାଫ୍ ପ୍ୟାଣ୍ଟ ଓ ଟି-ଶାର୍ଟ ସହ ମୁହଁରେ ମାସ୍କ ଓ ମୁଣ୍ଡରେ ଟୋପି ଲଗାଇ ଧାନମଣ୍ଡିରେ ପହଞ୍ଚିଲେ। ଏଥିସହ ସେ ଜଣେ ସାଧାରଣ ଲୋକଙ୍କ ପରି ବେକରେ ଏକ ଧଳା ରଙ୍ଗର ଗାମୁଛା ମଧ୍ୟ ପକାଇଥିଲେ। ତେଣୁ ତାଙ୍କୁ ଜିଲ୍ଲାପାଳ ବୋଲି କେହି ବି ଚିହ୍ନିପାରି ନଥିଲେ। ତେବେ ଧାନମଣ୍ଡିରେ ପହଞ୍ଚିବା ପରେ ସେଠାରେ ନିଜ ଆଖିରେ ଅନିୟମିତତା ହେଉଥିବା ଦେଖିବା ସହ ତୁରନ୍ତ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ନୋଟିସ୍ ଜାରି କରିବା ଭଳି ଏକ ଚର୍ଚ୍ଚିତ ଘଟଣା ଦେଖିବାକୁ ମିଳିଛି।

ଧାମନଗର ବ୍ଲକ ଅଧୀନସ୍ଥ କଟସାହି ମଣ୍ଡିରେ ଜିଲ୍ଲାପାଳ ଛଦ୍ମବେଶରେ ପହଞ୍ଚିବା ପରେ ସେଠାରେ ତାଙ୍କୁ କେହି ବି ଚିହ୍ନିପାରି ନଥିଲେ। ବଜାରଠାରୁ ବେଶ୍ କିଛି ଦୂରରେ ସେ ତାଙ୍କ ଗାଡ଼ି ମଧ୍ୟ ରଖିଥିଲେ। ଦୀର୍ଘ ସମୟ ଧରି ଜିଲ୍ଲାପାଳ ମାର୍କେଟରେ ବି ବୁଲିଥିଲେ। ମଣ୍ଡିରେ ଧାନ ପକାଇ ଅପେକ୍ଷାରତ ଥିବା ଚାଷୀଙ୍କୁ ଧାନ ବିଷୟରେ ପଚାରିଥିଲେ। ମଣ୍ଡିରେ ପହଞ୍ଚି ଅନ୍ୟ ଏକ ଚାଷୀଙ୍କ ନାଁରେ ସେ ଟୋକନ ନେବା ସହ ଆସନ୍ତାକାଲି ଧାନ ଆଣିବେ ବୋଲି ଦାୟିତ୍ୱରେ ଥିବା ସମବାୟ ସମ୍ପାଦକଙ୍କୁ କହିଥିଲେ। ତେବେ ଏହି ସମୟରେ ଜିଲ୍ଲାପାଳ ନିଜ ଆଖିରେ ଦେଖିଥିଲେ ଯେ ଧାନମଣ୍ଡିରେ କିପରି ଭାବେ ଚାଷୀମାନେ କଟ୍‌ନୀ ଛଟନୀର ଶିକାର ହେଉଛନ୍ତି। ସମ୍ପାଦକ ତାଙ୍କୁ ଜଣେ ସାଧାରଣ ଚାଷୀ ଭାବି ଧାନ ଆଣିଲେ ତାଙ୍କୁ ପ୍ରାୟ ୮ କିଲୋ ପର୍ଯ୍ୟନ୍ତ କଟନି ଛଟନି ବାବଦରେ ଦେବାକୁ ହେବ ବୋଲି କହିଥିଲେ। ଏସବୁ ଦେଖି ସଙ୍ଗେ ସଙ୍ଗେ ଜିଲ୍ଲାପାଳ ନିଜର ପରିଚୟ ଦେବା ସହ ଉକ୍ତ ସମ୍ପାଦକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଏହା ଦେଖି ସେଠାରେ ମହଜୁଦ ଥିବା ଲୋକମାନେ ତାଜୁବ୍ ହୋଇଯାଇଥିଲେ। ବାସ୍ତବରେ ଧାନଚାଷୀଙ୍କ ଦୁଃଖ ବୁଝି ଜିଲ୍ଲାପାଳ ନେଇଥିବା ପଦକ୍ଷେପକୁ ସମସ୍ତେ ତାରିଫ୍ କରିବା ସହ ଅନ୍ୟାନ୍ୟ ଜିଲ୍ଲାରେ ମଧ୍ୟ ଦାୟିତ୍ୱରେ ଥିବା ଜିଲ୍ଲାପାଳମାନେ ସମାନ ପଦକ୍ଷେପ ନେବାକୁ ମତ ଦେଇଥିଲେ। ଏହି ନୋଟିସ୍ ଜାରି ପରେ ଉକ୍ତ ପାକ୍ସ ସମ୍ପାଦକଙ୍କୁ ନିଲମ୍ବନ ପରି କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ପଡ଼ିପାରେ ବୋଲି ଆଲୋଚନା ହେଉଛି।

## କଲବଲ କରିବ ତାତି ଓ ଘନକୁହୁଡ଼ି




ଭୁବନେଶ୍ୱର,୩।୨ (ସଂଚାର ବ୍ୟୁରୋ): ଫେବୃଆରୀ ଆରମ୍ଭରୁ ଡରାଇଲାଣି ତାତି । ବଢ଼ିଲା ଦିନ ସହ ରାତିର ତାପମାତ୍ରା । ଦିନର ତାପମାତ୍ରା ସ୍ୱାଭାବିକ ଠାରୁ ୫ରୁ ୬ ଡିଗ୍ରୀ ବଢ଼ିଥିବା ବେଳେ ରାତିର ତାପମାତ୍ରା ସ୍ୱାଭାବିକ ଠାରୁ ୩ ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇଛି । ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଏହିଭଳି ପାଣିପାଗ ରହିବା ନେଇ ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର । ବିଶେଷ କରି ଉପକୂଳ ଓଡ଼ିଶା ସମେତ ପଶ୍ଚିମ ଓଡିଶାର ଜିଲ୍ଲା ଗୁଡିକରେ ତାପମାତ୍ରା ବୃଦ୍ଧି ପାଇବ । ସମ୍ବଲପୁର, ଝାରସୁଗୁଡା, ବଲାଙ୍ଗୀର, ବରଗଡ଼, ସୋନପୁର, କଳାହାଣ୍ଡି, ଗଜପତି, ନୂଆପଡା, ଅନୁଗୋଳ, ଢେଙ୍କାନାଳ ସମେତ ରାଜଧାନୀ ଭୁବନେଶ୍ୱରର ତାପମାତ୍ରା ବି ଅହେତୁକ ଭାବରେ ବୃଦ୍ଧି ପାଇବ । ବର୍ତ୍ତମାନ ରାଜ୍ୟରେ ମେଘମୁକ୍ତ ଆକାଶ ସହ ସୂର୍ଯ୍ୟଙ୍କ ଟାଣ କିରଣ ପାଇଁ ପାରଦ ଉପର ମୁହାଁ ହୋଇଛି ବୋଲି ପାଣିପାଗ କେନ୍ଦ୍ର କହିଛି।

## ଛାତ୍ରଙ୍କୁ ଅଣଛାତ୍ରଙ୍କ ଛୁରାମାଡ଼

ଜୟପୁର,୩।୨(ସଂଚାର ବ୍ୟୁରୋ): ଜନୈକ ଛାତ୍ରଙ୍କୁ କେତେକ ଅଣଛାତ୍ର ଛୁରୀ ଭୁଷିଦେବା ଫଳରେ ସେ ଗୁରୁତର ଭାବେ ଆହତ ହୋଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ଜୟପୁରସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗୁରୁତର ଛାତ୍ର ଜଣଙ୍କ ହେଲେ ରାମଚନ୍ଦ୍ର ମାଡ଼ୀ ଓ ସେ ଜୟପୁର ବିକ୍ରମଦେବ କଲେଜର ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ର ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ରାମଚନ୍ଦ୍ର ଓ ତାଙ୍କର ଜଣେ ସାଙ୍ଗ ସରସ୍ୱତୀ ମୂର୍ତ୍ତୀ ବିସର୍ଜନ ସାରି କଲେଜକୁ ଫେରୁଥିଲେ। ତେବେ ଏହି ସମୟରେ ଜଣେ ଅଣଛାତ୍ର ରାମଚନ୍ଦ୍ରଙ୍କଠାରୁ ତାଙ୍କ ମୋବାଇଲ ଛଡ଼ାଇନେବାକୁ ଉଦ୍ୟମ କରିଥିଲା। ଏହାକୁ ରାମଚନ୍ଦ୍ର ଓ ତାଙ୍କ ସାଙ୍ଗ ବିରୋଧ କରିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପରେ ସମ୍ପୃକ୍ତ ଅଣଛାତ୍ର ଜଣଙ୍କ ସ୍ଥାନୀୟ ଅଞ୍ଚଳର କେତେକ ପିଲାଙ୍କୁ ଡାକିଥିଲା। ସେମାନେ ରାମଚନ୍ଦ୍ରଙ୍କ ସହ ବଚସା କରିବା ପରେ ଶେଷରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ସେମାନେ ରାମଚନ୍ଦ୍ରଙ୍କ ପେଟରେ ଛୁରୀ ଭୁଷି ଦେବାରୁ ସେ ଗୁରୁତର ଭାବେ ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା ପରେ ରାମଚନ୍ଦ୍ରଙ୍କୁ ଅଧିକ ଚିକିତ୍ସା ପାଇଁ କୋରାପୁଟ ଜିଲ୍ଲା ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଏହି ଘଟଣା ସମ୍ପର୍କରେ ପୁଲିସ୍ ଖବର ପାଇବା ପରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ଅନ୍ତେବାସୀଙ୍କୁ ନିର୍ଯାତନା ମାମଲା
## ଦୁଇଦିନିଆ ରିମାଣ୍ଡରେ ଗଲେ 'ସମର୍ଥ' ସମ୍ପାଦକ



ସମ୍ବଲପୁର,୩।୨(ସଂଚାର ବ୍ୟୁରୋ): ଗତ ସପ୍ତାହରେ ସମ୍ବଲପୁରର 'ସମର୍ଥ' ଅନୁଷ୍ଠାନରେ ମାନସିକ ଅନଗ୍ରସର ମହିଳାଙ୍କୁ ନିର୍ଯାତନା ଦିଆଯିବା ନେଇ ଭିଡିଓ ସାମ୍ନାକୁ ଆସିବା ପରେ ଏହାର ସମ୍ପାଦକ ହରିଶ୍ଚନ୍ଦ୍ର ଦାସ ଓ ଜନୈକା ସହାୟିକାଙ୍କୁ ପୁଲିସ୍ ଗିରଫ କରିଥିଲା। ଆଜି ଶ୍ରୀ ଦାସଙ୍କଠାରୁ ଅଧିକ ତଥ୍ୟ ହାସଲ କରିବା ସକାଶେ ମଣ୍ଡଳ କାରାଗାରରୁ ଦୁଇଦିନିଆ ରିମାଣ୍ଡରେ ନିଆଯାଇଛି। ଯେହେତୁ ଅଭିଯୁକ୍ତ ଶ୍ରୀ ଦାସଙ୍କ ନାଁରେ ଦୁଷ୍କର୍ମ ମାମଲା ରହିଛି, ତେଣୁ ପ୍ରଥମେ ତାଙ୍କର ମେଡିକାଲ ଯାଞ୍ଚ୍ କରାଯିବ। ଏଥିସହ ରିମାଣ୍ଡ ସମୟରେ ୬ ଜଣ ଅନ୍ତେବାସୀଙ୍କ ମୃତ୍ୟୁ ସମ୍ପର୍କରେ ମଧ୍ୟ ତାଙ୍କୁ ପଚରାଉଚରା କରାଯିବ। ଉକ୍ତ ଘଟଣାରେ ଆଉ କାହାର ସମ୍ପୃକ୍ତି ରହିଛି, ସେନେଇ ମଧ୍ୟ ପୁଲିସ୍ ଖୋଳତାଡ଼ କରିବ। ୨ ଦିନ ରିମାଣ୍ଡ ଅବଧି ମଧ୍ୟରେ ବିଭିନ୍ନ ଦିଗରେ ପଚରାଉଚରା କରି ପୁଲିସ୍ ତାଙ୍କଠାରୁ ଅଧିକ ତଥ୍ୟ ହାସଲ ପାଇଁ ଉଦ୍ୟମ କରିବ। ଅଦ୍ୟାବଧି ଯେଉଁ ଯେଉଁ ତଥ୍ୟ ସାମ୍ନାକୁ ଆସିଛି ଓ ରିମାଣ୍ଡ୍ ସମୟରେ ଶ୍ରୀ ଦାସଙ୍କଠାରୁ ଯାହାସବୁ ତଥ୍ୟ ମିଳିବ, ତା' ଉପରେ ସବିଶେଷ ଯାଞ୍ଚ୍ ହେବ ବୋଲି ଅତିରିକ୍ତ ଏସପି ଅଜୟ ମିଶ୍ର କହିଛନ୍ତି। ଅପରପକ୍ଷରେ ସମସ୍ତ ଅନ୍ତେବାସୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ପରେ 'ସମର୍ଥ' ଅନୁଷ୍ଠାନକୁ ସିଲ କରିଦିଆଯାଇଛି।

### ଡାକ୍ତର ଦମ୍ପତିଙ୍କ ବାହାଘରରେ ଚୋରି
## ବରଯାତ୍ରୀ ବେଶରେ ଆସି ଲୁଟିନେଲେ ୧୦ ଲକ୍ଷର ସୁନାଗହଣା

ଭୁବନେଶ୍ୱର,୩।୨(ସଂଚାର ବ୍ୟୁରୋ): ରାଜଧାନୀ ଭୁବନେଶ୍ୱରରେ ଦିନକୁ ଦିନ ଚୋର ତସ୍କରଙ୍କ ଆତଙ୍କ ବଢ଼ିଚାଲିଛି। ଲୁଟେରାମାନେ ଦିନକୁ ଦିନ ସେମାନଙ୍କ ଚୋରି କରିବାର ତରିକା ବଦଳାଇ ସ୍ମାର୍ଟ ସିଟିର ପ୍ରତିପତ୍ତିଶାଳୀମାନଙ୍କୁ ଲୁଟିବାରେ ସକ୍ଷମ ହେଉଛନ୍ତି। ପୂର୍ବରୁ ସାଧାରଣତଃ ଘରର କବାଟ ଭାଙ୍ଗି, କାନ୍ଥ ତାଡି ଲୁଟେରାମାନେ ଲୁଟ କରୁଥିଲେ। କିନ୍ତୁ ଏବେ ସ୍ମାର୍ଟ ସିଟିର ସ୍ମାର୍ଟ ଲୋକଙ୍କୁ ଚକ୍‌ମା ଦେବା ସକାଶେ ଲୁଟେରାମାନେ ହାଇଟେକ୍ ଫର୍ମୁଲା ଆପଣାଉଛନ୍ତି। ଶେଷରେ ସମସ୍ତଙ୍କ ଆଖିରେ ଶୁଖୁଆ କଣ୍ଟା ଗୋଞ୍ଜି ସେମାନେ ନିଜର କାରନାମାରେ ସଫଳ ହେଉଛନ୍ତି। ଏହିପରି ଢଙ୍ଗରେ ଗତକାଲି ରାଜଧାନୀର ଏକ ତାରକା ହୋଟେଲ୍‌ରେ ଦୁଇ ଜଣ ଯୁବକ ଅତି ଚତୁରତାର ସହ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା ଲୁଟିନେବାରେ ସକ୍ଷମ ହୋଇଛନ୍ତି। ମିଳିଥିବା ସୂଚନାନୁସାରେ, ଭୁବନେଶ୍ୱରର ଏକ ତାରକା ହୋଟେଲରେ ବିବାହ ଚାଲିଥିଲା। ଦୁଇ ଜଣ ଡାକ୍ତର ପରସ୍ପରକୁ ସେମାନଙ୍କ ଜୀବନସାଥୀ ଭାବେ ବିବାହ ବେଦୀରେ ମନ୍ତ୍ରପାଠ ମାଧ୍ୟମରେ ଆପଣାଇଥିଲେ। କିନ୍ତୁ ଏହା ପୂର୍ବରୁ ବରଯାତ୍ରୀଙ୍କ ସହ ବିବାହ ବେଦୀ ନିକଟରେ ପହଞ୍ଚିଯାଇଥିଲେ ଦୁଇ ଜଣ ଲୁଟେରା। ସେମାନେ ବେଶ୍ ଚକାଚକ୍ ପୋଷାକରେ ଥିଲେ, ତେଣୁ କାହାର ସନ୍ଦେହ କରିବାର କୌଣସି କାରଣ ବି ନ ଥିଲା। କିନ୍ତୁ ବିବାହ ବେଦୀରେ ହାତଗଣ୍ଠି ପଡ଼ିସାରିବା ପରେ ବନ୍ଦାଣ ପର୍ବ ହୋଇଥିଲା। ଏହି ବନ୍ଦାଣ ପର୍ବରେ ନବଦମ୍ପତିଙ୍କ ସମ୍ପର୍କୀୟମାନେ ବେଶ୍ ଦାମିକିଆ ଉପହାର ଦେଇଥିଲେ। ତେବେ ସମସ୍ତଙ୍କ ଅଲକ୍ଷ୍ୟରେ ଦୁଇ ଲୁଟେରା ସବୁକିଛି ନେଇ ଆଖିପିଛୁଳାକେ ସେଠାରୁ ଫେରାର୍ ହୋଇଯାଇଥିଲେ। ସେଥିରେ ଥିଲା ସୁନା, ହୀରାର ଗହଣା ଓ ଅଢ଼େଇ ଲକ୍ଷରୁ ଊର୍ଦ୍ଧ୍ୱ ନଗଦ ଟଙ୍କା। ତେବେ ସିସିଟିଭିରେ ଉକ୍ତ ଦୁଇ ଲୁଟେରାଙ୍କ କଳାକାର୍‌ନାମାର ସମସ୍ତ ଚିତ୍ର ଉପଲବ୍ଧ ରହିଛି। ଏ ସମ୍ପର୍କରେ ସୂଚନା ପାଇବା ପରେ ସ୍ଥାନୀୟ ମୈତ୍ରୀ ବିହାର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ଫୁଟେଜ୍ ଆଧାରରେ ପୁଲିସ୍ ତଦନ୍ତ ଚାଲୁ ରଖିଥିଲେ ହେଁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ କାହାରିକୁ ବି ଗିରଫ କରିପାରି ନ ଥିବା ଜଣାପଡ଼ିଛି।

### ଏଫଆଇଏଚ୍ ପ୍ରୋ ଲିଗ୍: ଐତିହାସିକ ନିଷ୍ପତ୍ତି ନେଲା ହକି ଇଣ୍ଡିଆ
## ମାଗଣା ମ୍ୟାଚ୍ ଦେଖିବେ ଦର୍ଶକ

ଭୁବନେଶ୍ୱର,୩।୨ (ସଂଚାର ବ୍ୟୁରୋ): ରାଜଧାନୀ ଭୁବନେଶ୍ୱର ସ୍ଥିତ କଳିଙ୍ଗ ହକି ଷ୍ଟାଡିୟମରେ ଆୟୋଜିତ ହେବାକୁ ଯାଉଛି ପୁରୁଷ ଏବଂ ମହିଳା ଏଫଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ୍ । ଏହା ଫେବୃଆରୀ ୧୫ ରୁ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ଅବସରରେ ଷ୍ଟାଡିୟମରେ ପ୍ରବେଶ ପାଇଁ ସମସ୍ତ ପ୍ରଶଂସକଙ୍କ ପାଇଁ ମାଗଣା ମିଳିବ ଟିକେଟ୍ । ଏନେଇ ହକି ଇଣ୍ଡିଆ ପକ୍ଷରୁ ଆଜି ଘୋଷଣା ହୋଇଛି । ହକି ଇଣ୍ଡିଆର ଏହି ପଦକ୍ଷେପ କ୍ରୀଡ଼ାକୁ ପ୍ରୋତ୍ସାହିତ କରିବା ପାଇଁ ନିଆଯାଇଛି । ଭର୍ଚୁଆଲ୍ ଟିକେଟ୍ ପାଇବା ପାଇଁ ପ୍ରଶଂସକମାନେ www.ticketgenie.in ମାଧ୍ୟମରେ ସେମାନଙ୍କର ବିବରଣୀ ପ୍ରବେଶ କରି ସହଜରେ ସେମାନଙ୍କର ଟିକେଟ୍ ସୁରକ୍ଷିତ କରିପାରିବେ । ଏଫଆଇଏଚ୍ ପ୍ରୋ ଲିଗ୍ ୨୦୨୪-୨୫ର ଭୁବନେଶ୍ୱର ପର୍ଯ୍ୟାୟରେ ଇଂଲଣ୍ଡ, ସ୍ପେନ୍, ଜର୍ମାନୀ, ଆୟର୍ଲାଣ୍ଡ ଏବଂ ଭାରତର ଶ୍ରେଷ୍ଠ ପୁରୁଷ ଦଳ ଅଂଶଗ୍ରହଣ କରିବେ। ସେହିପରି ଜର୍ମାନୀ, ଇଂଲଣ୍ଡ, ନେଦରଲ୍ୟାଣ୍ଡ, ସ୍ପେନ୍ ଏବଂ ଭାରତର ମହିଳା ଦଳ ମଧ୍ୟ ଅଂଶଗ୍ରହଣ କରିବେ । ଟୁର୍ଣ୍ଣାମେଣ୍ଟର ଏହି ପର୍ଯ୍ୟାୟରେ ପ୍ରତ୍ୟେକ ଦଳ ପରସ୍ପର ସହିତ ଦୁଇଥର ମୁହାଁମୁହିଁ ହେବେ । ଭାରତୀୟ ମହିଳା ହକି ଦଳ ଫେବୃଆରୀ ୧୫ରେ ଇଂଲଣ୍ଡ ବିପକ୍ଷରେ ଏକ ମ୍ୟାଚ୍ ସହିତ ସେମାନଙ୍କର ଏଫଆଇଏଚ୍ ପ୍ରୋ ଲିଗ୍ ୨୦୨୪-୨୫ ଅଭିଯାନ ଆରମ୍ଭ କରିବ, ତା'ପରେ ସେହି ଦିନ ପୁରୁଷ ଦଳ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍ ରେ ସ୍ପେନ୍ ସହିତ ମୁକାବିଲା କରିବ । ହକି ଇଣ୍ଡିଆର ମହାସଚିବ ଭୋଳା ନାଥ ସିଂହ କହିଛନ୍ତି, "ଆମେ ଏଫଆଇଏଚ୍ ପ୍ରୋ ଲିଗର ଏହି ସଂସ୍କରଣକୁ ପୂର୍ବ ଅପେକ୍ଷା ଅଧିକ ସୁଗମ କରିବାକୁ ନେଇ ବହୁତ ଖୁସି ।

## ନାବାଳିକାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ, ଯୁବକ ଗିରଫ

ବନ୍ଧୁ ସାଜିଲା ବଇରୀ



ଭୁବନେଶ୍ୱର,୩।୨(ସଂଚାର ବ୍ୟୁରୋ): ମାଲକାନଗିରିର ଜଣେ ଇଞ୍ଜିନିୟରିଂ ଛାତ୍ର ପ୍ରଥମେ ଫେସବୁକ ବନ୍ଧୁ ହୋଇ ଜନୈକା ନାବାଳିକାଙ୍କୁ ପ୍ରେମ ଫାଶରେ ପକାଇବା ସହ ବିବାହ ପ୍ରଲୋଭନ ଦେଇ ତାଙ୍କ ସହ ସମ୍ପର୍କ ନିବିଡ଼ କରିଥିଲେ। ପରେ ସୁଯୋଗ ଦେଖି ସେ ଉକ୍ତ ନାବାଳିକାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ କରିଦେଇଥିଲା। ଏବେ ଏହି ଘଟଣାରେ ଉକ୍ତ ଯୁବକ ଜଣଙ୍କ ଗିରଫ ହୋଇଛି।

ପ୍ରକାଶ ଯେ, କଲେଜରେ ପଢୁଥିବା ଜଣେ ୧୬ ବର୍ଷୀୟା ନାବାଳିକାଙ୍କ ଫେସବୁକକୁ ଗତ ୨୦୧୯ରେ ମୟୂରଭଞ୍ଜ ଜିଲ୍ଲା ଅଞ୍ଚଳର ଇଞ୍ଜିନିୟରିଂ ପଢୁଥିବା ସଞ୍ଜୀବ ତରାଇ ନାମକ ଜଣେ ଯୁବକ ଫ୍ରେଣ୍ଡ ରିକ୍ୟୁଏଷ୍ଟ ପଠାଇଥିଲା। ପରେ ଉଭୟଙ୍କ ମଧ୍ୟରେ ସୁସମ୍ପର୍କ ଗଢ଼ି ଉଠିଥିଲା। ଗତ ୨୦୨୦ରେ ସଞ୍ଜୀବ ମାଲକାନଗିରି ବୁଲିବାକୁ ଆସି ନାବାଳିକାଙ୍କୁ ନିକଟସ୍ଥ ମିଲିକେଶ୍ୱର ମନ୍ଦିରକୁ ଡାକି ବିବାହ କରିବାର ପ୍ରଲୋଭନ ଦେଖାଇ ନାବାଳିକାଙ୍କ ସହ ସମ୍ପର୍କ ସ୍ଥାପନ କରିଥିଲେ। ପରେ ଉଭୟଙ୍କ ମଧ୍ୟରେ ମୋବାଇଲରେ ଭିଡିଓ କଲ ମାଧ୍ୟମରେ କଥାବାର୍ତ୍ତା ଆରମ୍ଭ ହୋଇଯାଇଥିଲା। ଏହି ଭିଡିଓ କଲରେ ଉକ୍ତ ଯୁବକ ଜଣଙ୍କ ନାବାଳିକାଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଉଠେଇ ରଖିଥିଲେ। କୌଣସି କାରଣରୁ ସମ୍ପୃକ୍ତ ଯୁବକ ଜଣଙ୍କ ୨୦୨୧ରେ ଉକ୍ତ ନାବାଳିକାଙ୍କୁ ସେହି ଫଟୋ ପଠାଇ ବ୍ଲାକ ମେଲିଙ୍ଗ କରିବା ଆରମ୍ଭ କରିଦେଇଥିଲା। ପରେ ନାବାଳିକା ଜଣଙ୍କ ଯୁବକଙ୍କଠୁ ଦୁରେଇଯିବାରୁ ଯୁବକ ଜଣଙ୍କ ଯୁବତୀଙ୍କ ଫଟୋକୁ ନାବାଳିକାଙ୍କ ପରିବାର ଲୋକଙ୍କ ନିକଟକୁ ପଠାଇଥିଲେ।

ଏ ସମ୍ପର୍କରେ ପରିବାର ଲୋକେ ଜାଣିବା ପରେ ମାଲକାନଗିରି ଥାନାରେ ଏନେଇ ଏତଲା ଦେଇଥିଲେ। ମାଲକାନଗିରି ଏସ୍‌ପି ବିନୋଦ ପାଟିଲଙ୍କ ନିର୍ଦ୍ଦେଶ କ୍ରମେ ଏସଡିପିଓ ସଚିନ ପାଟିଲ ଓ ମାଲକାନଗିରି ଥାନାଧିକାରୀ ରିଗନ କିଣ୍ଡୋଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସବଇନ୍ସପେକ୍ଟର ସର୍ବେଶ୍ୱର ଭୋଇ ଖୋଜାଖୋଜି ଆରମ୍ଭ କରିଦେଇଥିଲେ। ପରେ ଯୁବକ ଜଣଙ୍କ ବାଲେଶ୍ୱରଠାରେ ଲୁଚିଥିବା ଖବର ପାଇ ମାଲକାନଗିରି ପୁଲିସ ଟିମ୍ ସେଠାକୁ ଯାଇ ଅଭିଯୁକ୍ତ ଯୁବକ ସଞ୍ଜୀବକୁ ଗିରଫ କରି ମାଲକାନଗିରିକୁ ଆଣିଥିଲେ। ତା' ମୋବାଇଲ ଯାଞ୍ଚ୍ କରିବାରୁ ସେଥିରୁ ସମସ୍ତ ଅଶ୍ଳୀଳ ଫଟୋ ସହ ବିଭିନ୍ନ ଭିଡିଓ ବାହାରିଥିଲା, ଯାହାକୁ ପୁଲିସ୍ ଜବତ କରିଛି। ଗିରଫ ପରେ ସଞ୍ଜୀବକୁ କୋର୍ଟ ଚାଲାଣ କରାଯାଇଥିବା ପୁଲିସ୍ ସୂଚନା ଦେଇଛି।

# ସାଧୁସନ୍ଥଙ୍କ ସମାଗମରେ ଚଳଚଞ୍ଚଳ ଖଣ୍ଡଗିରି






ଭୁବନେଶ୍ୱର,୩।୨ (ସଂଚାର ବ୍ୟୁରୋ): ଆସନ୍ତା ୪ ତାରିଖରୁ ଆରମ୍ଭ ହେବ ପ୍ରସିଦ୍ଧ ଖଣ୍ଡଗିରି କୁମ୍ଭମେଳା। ଏଥିସହ ୫ରୁ ସ୍ଥାନୀୟ ପାଲ୍ଲିକାଠାରେ ଐତିହ୍ୟ, ସଂସ୍କୃତିର ଗାଥା ପ୍ରଦର୍ଶନ ସହ ମନୋରଞ୍ଜନ କରିବ ଐରଖାରବେଳ ମହୋତ୍ସବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିବାବେଳେ ଐତିହ୍ୟ ଖଣ୍ଡଗିରି ଓ ଉଦୟଗିରି ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି। ଇତିମଧ୍ୟରେ ଖଣ୍ଡଗିରିରେ ନାଗା ସାଧୁଙ୍କ ସମେତ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାଧୁସନ୍ଥଙ୍କ ସମାଗମ ଦେଖିବାକୁ ମିଳୁଛି। ପାହାଡ଼ ପାଦଦେଶରେ ଯଜ୍ଞକୁଣ୍ଡ ତିଆରି କରି ସେ ଶୁଭ ମୁହୂର୍ତ୍ତକୁ ଅପେକ୍ଷା କରି ରହିଥିବାବେଳେ ସାଧାରଣ ଲୋକେ ସାଧୁସନ୍ଥଙ୍କ ଆଶୀର୍ବାଦ ପାଇଁ ଏବେଠୁ ଭିଡ଼ ଲଗାଇଲେଣି। ଅନ୍ୟପକ୍ଷରେ ଏଥର ପ୍ରଥମଥର ଖଣ୍ଡଗିରି ପାହାଡ ଉପରକୁ ଯିବା ପାଇଁ ଟିକେଟ୍‌ର ବ୍ୟବସ୍ଥା କରାଯାଇଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରତିବର୍ଷ ୬ଟି ଯାତ୍ରା କମିଟି ପକ୍ଷରୁ ଯାତ୍ରା ଆୟୋଜନ ହେଉଥିବାବେଳେ ଚଳିତ ବର୍ଷ ୭ଟି କମିଟି ଦାୟିତ୍ୱ ନେଉଛନ୍ତି। ତେବେ ୬ଟି ପେଣ୍ଡାଲରେ ୧୨ଟି ଅପେରା ପାର୍ଟି ନାଟକ ପରିବେଷଣ କରିବେ ବୋଲି ନିଷ୍ପତ୍ତି ହୋଇଥିଲା। ତେବେ ଶେଷ ମୁହୂର୍ତ୍ତରେ କଳିଙ୍ଗ ଗଣନାଟ୍ୟ ନିଜ ନାଟକ 'ବାଜିବ ସାହାନାଇ ଚୋରି ପାଇଁ' ମଞ୍ଚସ୍ଥ କରିବ। ଏଥିସହ ଏହି ନାଟ୍ୟ ସଂସ୍ଥା 'କଳିଙ୍ଗ ସାଂସ୍କୃତିକ ପରିଷଦ' ନାମରେ କମିଟି ଗଢ଼ି ଏହି ନାଟକକୁ ୪ଦିନ ପରିବେଷଣ କରିବ। ଖଣ୍ଡଗିରି କୁମ୍ଭ ମେଳା ସହ ପଞ୍ଚ ଐତିହ୍ୟ କୁଣ୍ଡର ମହାତ୍ମ୍ୟ ଜଡିତ ରହିଥିବା କୁହାଯାଇଥାଏ। ତାହା ହେଲା ରାଧା କୁଣ୍ଡ, ଶ୍ୟାମ କୁଣ୍ଡ, ଲଳିତା କୁଣ୍ଡ, ଗୁପ୍ତ ଗଙ୍ଗା ଓ ଆକାଶ ଗଙ୍ଗା । ଏଥର ମଧ୍ୟ ଏସବୁ ଐତିହ୍ୟ କୁଣ୍ଡକୁ ପ୍ରଶାସନ ପକ୍ଷରୁ ଅଣଦେଖା କରାଯାଇଛି। ଖଣ୍ଡଗିରିର ପାହାଡର ଶୀର୍ଷରେ ଥିବା ଆକାଶ ଗଙ୍ଗା ସବୁଠାରୁ ଅଧିକ ଅପରିଷ୍କାର ସହ ଅନାବନା ଅଳିଆ ଆବର୍ଜନାରେ ପୂର୍ଣ୍ଣ ରହିଛି। ସାଧୁସନ୍ଥଙ୍କ ପୂଜାର୍ଚ୍ଚନା ଓ ହୋମଯଜ୍ଞରେ ଗୁପ୍ତଗଙ୍ଗାର ପବିତ୍ର ଜଳ ଆବଶ୍ୟକ ରହିଥାଏ। କୁମ୍ଭମେଳା ଅବସରରେ ସାଧୁସନ୍ଥ ଏହି ଗୁମ୍ଫା ନିକଟରେ ଜପତପ କରୁଥିଲେ। କିନ୍ତୁ ବର୍ତ୍ତମାନ ଏହି ସ୍ଥାନଗୁଡିକ ଅତ୍ୟଧିକ ଅପରିଷ୍କାର ହୋଇଥିବାରୁ ସାଧୁସନ୍ଥ ଓ ସାଧାରଣ ଲୋକେ ସେଠାକୁ ଯାଇପାରୁ ନାହାନ୍ତି।

## ଅଦାଲତ ନିର୍ଦ୍ଦେଶ ପାଳନରେ ମନ୍ଥରତା
# ଅବମାନନାକାରୀ ତାଲିକାରେ ସର୍ବାଧିକ ସରକାରୀ ଅଧିକାରୀ



ଭୁବନେଶ୍ୱର,୩।୨: ଅଦାଲତ ଅବମାନନା ମାମଲାର ଚାପ ହ୍ରାସ ପାଇଁ ମୁଖ୍ୟ ଶାସନ ସଚିବଙ୍କୁ ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ଏବଂ ତଦନୁଯାୟୀ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିବା ସତ୍ତ୍ୱେ ଅଧିକାଂଶ ସ୍ଥଳରେ କ୍ଷେତ୍ର ଦପ୍ତରଗୁଡ଼ିକର ନକାରାତ୍ମକ ମନୋଭାବ ଯୋଗୁ ଏ କ୍ଷେତ୍ରରେ ସ୍ଥିତି ସୁଧୁରିପାରୁନାହିଁ। ଏବେ ଓଡ଼ିଶାରେ ପ୍ରାୟ ୧୧ ହଜାର ଅଦାଲତ ଅବମାନନା ମାମଲା ବିଚାର ପ୍ରତୀକ୍ଷାରେ ଥିବାବେଳେ ସେଥିରୁ ଅଧିକାଂଶରେ ସରକାରୀ ଅଫିସରମାନେ ବ୍ୟକ୍ତିଗତ ଭାବେ ଅଦାଲତ ଅବମାନନାକାରୀ ପ୍ରତିପକ୍ଷ ରହିଛନ୍ତି।

ଆଇନ୍ ଅଦାଲତଙ୍କ ନିର୍ଦ୍ଦେଶନାମା ଓ ରାୟର ପ୍ରତିପାଳନ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କରାଯିବା କଥା । ବିଧିବିଶେଷଜ୍ଞମାନେ କହୁଛନ୍ତି ଯେ ଯଦି କୌଣସି ସ୍ଥଳରେ ଆଇନ୍ ଅଦାଲତଙ୍କ ନିର୍ଦ୍ଦେଶ ପାଳନ କରିବାରେ ଅସୁବିଧା ଥାଏ ତେବେ ସେ କ୍ଷେତ୍ରରେ କର୍ତ୍ତୃପକ୍ଷ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଉଚ୍ଚ ଫୋରମ୍‌ରେ ଅପିଲ କରିପାରିବେ। ନିର୍ଦ୍ଦେଶ ପ୍ରତିପାଳନ ପାଇଁ ଅଧିକ ସମୟ ଆବଶ୍ୟକ ପଡୁଥିଲେ ଯୁକ୍ତିଯୁକ୍ତ କାରଣ ଦର୍ଶାଇ ନିର୍ଦ୍ଧାରିତ ଫୋରମ୍‌ରେ ଆବେଦନ କରିପାରିବେ । କିନ୍ତୁ ସଂଖ୍ୟାଧିକ କ୍ଷେତ୍ରରେ କର୍ତ୍ତୃପକ୍ଷ ଉପର ଫୋରମ୍‌କୁ ଅପିଲରେ ଯାଉନାହାନ୍ତି କିମ୍ବା ଆଇନ୍ ଅଦାଲତଙ୍କ ନିର୍ଦ୍ଦେଶନାମାର ପ୍ରତିପାଳନ କରୁନାହାନ୍ତି। ଏଭଳି ସ୍ଥିତିରେ ବାଧ୍ୟ ହୋଇ ଆବେଦନକାରୀମାନେ ସରକାରୀ କର୍ତ୍ତୃପକ୍ଷଙ୍କ ବିରୋଧରେ ବ୍ୟକ୍ତିଗତ ନାମରେ ଅଦାଲତ ଅବମାନନା ମାମଲା ରୁଜୁ କରିବାକୁ ବାଧ୍ୟ ହେଉଛନ୍ତି। କେତେକ କ୍ଷେତ୍ରରେ ହାଇକୋର୍ଟ ଅଧିକ ସମୟ ମଞ୍ଜୁର କରୁଥିଲେ ବି ତା'ର ପ୍ରତିପାଳନ ହେଉନଥିବା ଘେନି ଅଭିଯୋଗମାନ ଆସୁଛି।

ବର୍ଷ ବର୍ଷ ଧରି ଏଭଳି ସମସ୍ୟା ଲାଗିରହୁଥିବାରୁ ଅଦାଲତ ଅବମାନନା ମାମଲା ସଂଖ୍ୟା ବଢ଼ିବା ସଙ୍ଗେ ସଙ୍ଗେ ଅଧିକାରୀମାନଙ୍କୁ ବ୍ୟକ୍ତିଗତ ଭାବେ କୋର୍ଟରେ ହାଜର ହେବାକୁ ପଡୁଛି। ଏଭଳି ସ୍ଥିତିକୁ ଆଖି ଆଗରେ ରଖି କିଛିମାସ ତଳେ ହାଇକୋର୍ଟର ମୁଖ୍ୟ ବିଚାରପତି ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେବା ସହିତ ପ୍ରତି ସପ୍ତାହରେ ବରିଷ୍ଠ ଅଧିକାରୀଙ୍କୁ ଏ ସଂକ୍ରାନ୍ତରେ ରିପୋର୍ଟ କରିବା ଲାଗି ପଠାଇବାକୁ ମଧ୍ୟ କହିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଇବା ପରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ସମସ୍ତ ବିଭାଗ, ବିଭାଗୀୟ ମୁଖ୍ୟ ଦପ୍ତର, ଜିଲ୍ଲାସ୍ତରୀୟ ଓ ଅନ୍ୟ କ୍ଷେତ୍ର କାର୍ଯ୍ୟାଳୟଗୁଡ଼ିକୁ ଜଣାଇ ଦିଆଯାଇଥିଲା। ତଦନୁଯାୟୀ କେତେକ ବିଭାଗରେ ମଧ୍ୟ ନିୟମିତ ବ୍ୟବଧାନରେ ଏ ସଂକ୍ରାନ୍ତରେ ସମୀକ୍ଷା ବୈଠକମାନ କରାଯାଉଥିଲା। କେବଳ ସେତିକି ନୁହେଁ ଅଦାଲତ ଅବମାନନା ମାମଲା ଭଳି ସ୍ପର୍ଶକାତର ମାମଲା ପ୍ରସଙ୍ଗରେ ଅଧିକାରୀମାନଙ୍କୁ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀରେ ମଧ୍ୟ ତାଲିମ ଦିଆଯିବାର ବ୍ୟବସ୍ଥା କରାଯାଇଥିଲା।

ସାଧାରଣ ପ୍ରଶାସନ ବିଭାଗ ପକ୍ଷଭୁକ୍ତ ଥିବା ମାମଲାଗୁଡ଼ିକ ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲେ । ଗୋଟିଏ ନିଯୁକ୍ତି ମାମଲାରେ ଆବେଦନକାରୀଙ୍କୁ ଲକ୍ଷେ ଟଙ୍କାର କ୍ଷତିପୂରଣ ସହ ତାଙ୍କୁ ପିଛିଲା ତାରିଖରୁ ନିଯୁକ୍ତି ଦେବା ସଙ୍ଗେ ସଙ୍ଗେ ତାଙ୍କ କନିଷ୍ଠମାନେ ଯେଉଁ ହାରରେ ବେତନ ପାଉଛନ୍ତି, ସେହି ହାରରେ ତାଙ୍କ ବେତନ ନିର୍ଦ୍ଧାରଣ କରିବା ପାଇଁ ସାଧାରଣ ପ୍ରଶାସନ ବିଭାଗ ପତ୍ର ଲେଖିଥିଲେ । କିନ୍ତୁ ସାଧାରଣ ପ୍ରଶାସନ ବିଭାଗର ଏହି ଚିଠିକୁ ଅଣଦେଖା କରି ଏବେ ଜିଲ୍ଲା ପ୍ରଶାସନ ରାଜସ୍ୱ ବିଭାଗରୁ ସ୍ପଷ୍ଟୀକରଣ ଲୋଡ଼ିଛନ୍ତି। ଏଭଳି ସ୍ଥିତିରେ ମୁଖ୍ୟ ଶାସନ ସଚିବ ପକ୍ଷଭୁକ୍ତ ଥିବା ଉକ୍ତ ମାମଲାରେ ଅଦାଲତଙ୍କ ନିର୍ଦ୍ଦେଶ ମୁତାବକ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଅନୁପାଳନ ରିପୋର୍ଟ ଦାଖଲ କରାଯାଇପାରୁନାହିଁ। ଅନ୍ୟ ଜଣେ ଶାରୀରିକ ଭିନ୍ନକ୍ଷମ ଅବସରପ୍ରାପ୍ତ ମହିଳା କର୍ମଚାରୀଙ୍କ ପେନ୍‌ସନ୍ ବ୍ୟାପାରରେ ସ୍ୱାସ୍ଥ୍ୟ ସଚିବଙ୍କୁ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ କ୍ଷେତ୍ର ଦପ୍ତରର ନକାରାତ୍ମକ ମନୋଭାବ ଯୋଗୁ ଚାପି ହୋଇ ରହିଥିବା ଅଭିଯୋଗ ହେଉଛି। ଜଣେ ବରିଷ୍ଠ ସରକାରୀ ଅଧିକାରୀ କହିଛନ୍ତି ଯେ ଯେଉଁ କର୍ମଚାରୀ ଓ ଅଧିକାରୀମାନେ ଏଭଳି କ୍ଷେତ୍ରରେ ବିଳମ୍ବ ଘଟାଉଛନ୍ତି, ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଲାଗି କର୍ତ୍ତୃପକ୍ଷ ଚିନ୍ତା କରୁଛନ୍ତି। (ତଥ୍ୟ)

## ବିଧାନସଭା ସଚିବ ଦାୟିତ୍ୱ ନେଲେ ସତ୍ୟବ୍ରତ

ଭୁବନେଶ୍ୱର,୩।୨(ସଂଚାର ବ୍ୟୁରୋ): ଓଡ଼ିଶା ବିଧାନସଭାର ସଚିବ ଭାବେ ଆଜି କାର୍ଯ୍ୟରେ ଯୋଗଦେଲେ ବରିଷ୍ଠ ଆଇଏଏସ ଅଫିସର ସତ୍ୟବ୍ରତ ରାଉତ। ୨୦୧୩ ବ୍ୟାଚର ଏହି ବରିଷ୍ଠ



ପ୍ରଶାସନିକ ଅଧିକାରୀ ଏହ । ପୂର୍ବରୁ ପୂର୍ତ୍ତ ବିଭାଗର ଅତିରିକ୍ତ ସଚିବ ଭାବେ ଗୁରୁ ଦାୟିତ୍ୱ ତୁଲାଉଥିଲେ। ପୂର୍ବତନ ସଚିବ ଦାଶରଥୀ ଶତପଥୀଙ୍କ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସତ୍ୟବ୍ରତ ରାଉତ ପ୍ରଶାସନିକ ସ୍ତରରେ ଜଣେ ସୁନାମଧନ୍ୟ ଅଫିସର। ତାଙ୍କର କାର୍ଯ୍ୟ ଶୈଳୀ ଓ ଦକ୍ଷତା ପାଇଁ ଯେତେବେଳେ ଯେଉଁ ବିଭାଗରେ କାର୍ଯ୍ୟ କରିଛନ୍ତି ସେଠି ପ୍ରଶଂସିତ ହୋଇଛନ୍ତି। ପୂର୍ତ୍ତ ବିଭାଗରେ ଅତିରିକ୍ତ ସଚିବ ଭାବେ ଯୋଗ ଦେବା ପୂର୍ବରୁ ସେ ଅର୍ଥ ବିଭାଗରେ ବହୁ ବର୍ଷ ଧରି ଦାୟିତ୍ୱ ତୁଲାଇ ଆସୁଥିଲେ।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






# ଆଜିର ସୁନା ଦର

ଆଜି ଭାରତୀୟ ବଜାରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୭୭ ହଜାର ୦୫୦ ଟଙ୍କା ହୋଇଥିବା ବେଳେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୮୪ ହଜାର ୦୫୦ ଟଙ୍କା ରହିଛି। ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୭, ୦୫୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୮୪ ,୦୫୦ ଟଙ୍କା ରହିଛି। ଭାରତରେ ଆଜି ସୁନା ଦର ୨୪ କ୍ୟାରେଟ ୧୦ ଗ୍ରାମରେ ୪୪୦ ଟଙ୍କା ଏବଂ ୨୨ କ୍ୟାରେଟ ୧୦ ଗ୍ରାମରେ ୪୦୦ ଟଙ୍କା ୨୪ ଘଣ୍ଟାରେ କମିଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୭,୦୫୦ ଟଙ୍କା ଓ ୮୪,୦୫୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୭, ୨୦୦ ଟଙ୍କା ଓ ୮୪, ୨୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୭,୦୫୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୪, ୦୫୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୭,୦୫୦ ଟଙ୍କା ଓ ୮୪,୦୫୦ ଟଙ୍କା ରହିଛି। ଅନ୍ୟ ପଟେ ରୁପା ଦର କେଜି ପ୍ରତି ୯୯,୫୦୦ ହଜାର ଟଙ୍କା ହୋଇଛି।

# ମାର୍କେଟରେ ରୟାଲ୍ ଏନଫିଲ୍ଡ ବାଇକର ଚାହିଦା ବେଶ ଅଧିକ




**ନୂଆଦିଲ୍ଲୀ, ୩।୨:** ରୟାଲ୍ ଏନଫିଲ୍ଡ ବାଇକ୍ ଭାରତୀୟ ବଜାରରେ ବେଶ୍ ଲୋକପ୍ରିୟ। ଏହି ବ୍ରିଟିଶ ବ୍ରାଣ୍ଡର ମୋଟରସାଇକେଲର ଚାହିଦା ବଜାରରେ କ୍ରମାଗତ ଭାବେ ବୃଦ୍ଧି ପାଉଛି। ରୟାଲ୍ ଏନଫିଲ୍ଡ ହଣ୍ଟର୍ ୩୫୦ ଏହାର ସେଲ୍ ସହିତ ଏକ ନୂତନ ମାଇଲଷ୍ଟୋନ୍ ହାସଲ କରିଛି। ଏହି ବାଇକର ପାଞ୍ଚ ଲକ୍ଷରୁ ଅଧିକ ୟୁନିଟ୍ ବିକ୍ରି ହୋଇସାରିଛି। ଅଗଷ୍ଟ ୨୦୨୨ରେ ହଣ୍ଟର୍ ୩୫୦ ଭାରତୀୟ ବଜାରରେ ପ୍ରବେଶ କରିଥିଲା। ଫେବୃଆରୀ ୨୦୨୩ ସୁଦ୍ଧା, ଏହି ମୋଟରସାଇକେଲର ଏକ ଲକ୍ଷ ୟୁନିଟ୍ ବିକ୍ରି ହୋଇଗଲା। ଆଗାମୀ ୫ ମାସରେ ଆଉ ଏକ ଲକ୍ଷ ୟୁନିଟ୍ ବିକ୍ରି ହୋଇଥିଲା। ଭଲ ସେଲ୍ ହେତୁ ରୟାଲ୍ ଏନଫିଲ୍ଡର ଏହି ବାଇକ୍ ବ୍ରାଣ୍ଡର ସବୁଠାରୁ ଲୋକପ୍ରିୟ ମୋଟରସାଇକେଲରେ ପରିଣତ ହୋଇଛି। ବ୍ରାଣ୍ଡର ସବୁଠାରୁ ସୁଲଭ ମୋଟରସାଇକେଲ ମଧ୍ୟରୁ ରୟାଲ୍ ଏନଫିଲ୍ଡ ହଣ୍ଟର୍ ୩୫୦ ଅନ୍ୟତମ। ଏହି ବାଇକ୍ ର ଏକ୍ସ ଶୋ'ରୁମ୍ ମୂଲ୍ୟ ୧. ୫ ଲକ୍ଷରୁ ଆରମ୍ଭ ହୋଇ ୧. ୭୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଯାଏ। ଭାରତ ବ୍ୟତୀତ ବ୍ରିଟିଶ ଅଟୋମେକର୍ସର ଏହି ବାଇକ୍ ଇଣ୍ଡୋନେସିଆ, ଜାପାନ, କୋରିଆ, ଥାଇଲ୍ୟାଣ୍ଡ, ଫ୍ରାନ୍ସ, ଜର୍ମାନୀ, ଇଟାଲୀ ଏବଂ ୟୁକେ ସମେତ ଅନେକ ଦେଶରେ ବିକ୍ରି ହୁଏ। ଏହା ବ୍ୟତୀତ ମେକ୍ସିକୋ, ଅଷ୍ଟ୍ରେଲିଆ ଏବଂ ବ୍ରାଜିଲରେ ମଧ୍ୟ ଏହି ବାଇକର ଚାହିଦା ବେଶ ଅଧିକ ରହିଛି। ଏହି ରୟାଲ୍ ଏନଫିଲ୍ଡ ମୋଟରସାଇକେଲରେ ୩୪୯ସିସି, ସିଙ୍ଗଲ୍ ସିଲିଣ୍ଡର, ୪-ଷ୍ଟ୍ରୋକ, ଏୟାର-ଅଏଲ କୁଲ୍ଡ ଇଞ୍ଜିନ ଅଛି। ଯାହା ସହିତ ଫୁଏଲ୍ ଇଞ୍ଜେକ୍ସନ ସିଷ୍ଟମ ମଧ୍ୟ ସଂଲଗ୍ନ ହୋଇଛି। ହଣ୍ଟର୍ ୩୫୦ ରେ ସ୍ଥାପିତ ଏହି ଇଞ୍ଜିନ୍ ୬,୧୦୦ ଆରପିଏମରେ ୨୦.୨ ବିଏଚପି ପାୱାର ପ୍ରଦାନ କରେ ଏବଂ ୪,୦୦୦ ଆରପିଏମରେ ୨୭ ଏନଏମ ଟର୍କ ଜେନେରେଟ କରେ। ବାଇକରେ ସ୍ଥାପିତ ଇଞ୍ଜିନ୍ ସହିତ ଏକ ୫-ସ୍ପିଡ୍ ଗିଅର ବକ୍ସ ମଧ୍ୟ ଉପଲବ୍ଧ। ଏହି ରୟାଲ୍ ଏନଫିଲ୍ଡ ମୋଟରସାଇକେଲର ଏଆରଏଆଇ ସାର୍ଟିଫିକେଟ୍ ମାଇଲେଜ୍ ହେଉଛି ୩୬.୨ କିଲୋମିଟର। ଏହି ବାଇକ୍ ୧୩ ଲିଟର ଫୁଏଲ୍ କାପାସିଟି ସହିତ ଆସିଥାଏ। ଯାହାଫଳରେ ଟ୍ୟାଙ୍କ ଭରିବା ପରେ ଏହାକୁ ସହଜରେ ୪୬୮ କିଲୋମିଟର ଦୂରତା ପର୍ଯ୍ୟନ୍ତ ଚଲାଯାଇପାରିବ।

# ବେଆଇନ ସୁନା ଆମଦାନି ବାଟ ବନ୍ଦ

## ୟୁଏଇ ଚୁକ୍ତିର ଅପବ୍ୟବହାର ହେଉଥିଲା




**ନୂଆଦିଲ୍ଲୀ, ୩।୨:** ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ) ସହ ଭାରତ ସରକାର ସ୍ୱାକ୍ଷର କରିଥିବା ବ୍ୟାପକ ଅର୍ଥନୈତିକ ସହଯୋଗିତା ଚୁକ୍ତି (ସିଇପିଏ)ର ଅପବ୍ୟବହାର କରି ବ୍ୟାପକ ସୁନା ଆମଦାନି ହେଉଥିଲା। ସେହି ବେଆଇନ ପ୍ରକ୍ରିୟାକୁ ରୋକିବା ଲାଗି ବଜେଟ୍‌ରେ ପଦକ୍ଷେପ ଘୋଷଣା କରାଯାଇଛି। ପ୍ଲାଟିନମ୍ ମିଶ୍ରଧାତୁ ନାଁରେ ୟୁଏଇରୁ ସୁନା ଭାରତକୁ ଆସୁଥିଲା। ଏଥର ବଜେଟ୍‌ରେ ପ୍ଲାଟିନମ୍ ମିଶ୍ରଧାତୁ ପାଇଁ ଏକ ସ୍ୱତନ୍ତ୍ର ହାର୍ମୋନାଇଜଡ୍ ସିଷ୍ଟମ (ଏଚ୍‌ଏସ୍) କୋଡ୍ ଲାଗୁ କରାଯାଇଛି। ପାଲାଡିୟମ୍, ରୁଥେନିୟମ, ରୋଡିୟମ୍ ଓ ଇରିଡିଅମ୍‌କୁ ବାଦ ଦେଇ ଅନ୍ୟ କୌଣସି ଧାତବ ପଦାର୍ଥକୁ ପ୍ଲାଟିନମ୍ ସହ ମିଶ୍ରଣ କରାଯାଇପାରିବ ନାହିଁ ବୋଲି ସେଥିରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି। ହାର୍ମୋନାଇଜଡ୍ ସିଷ୍ଟମ୍ କୋଡ୍ ହେଉଛି ଏକ ସଂଖ୍ୟାଭିତ୍ତିକ ମାନକ ଯାହାକୁ ଅନ୍ତର୍ଜାତୀୟ ସ୍ତରରେ କାରବାର କରାଯାଉଥିବା ଉତ୍ପାଦର ବର୍ଗୀକରଣ ଲାଗି ବ୍ୟବହାର କରାଯାଉଛି। ବିଶ୍ୱର ୨୦୦ରୁ ଅଧିକ ଦେଶ ସେହି ବ୍ୟବସ୍ଥା ଗ୍ରହଣ କରିଛନ୍ତି। ସେହି ଆଧାରରେ ସୀମା ଶୁଳ୍କ ବିଭାଗ ସେଗୁଡ଼ିକର ଅନୁଶୀଳନ କରିଥାନ୍ତି। ୟୁଏଇ ସହ ଭାରତର ହୋଇଥିବା ଚୁକ୍ତି ଅନୁଯାୟୀ ଆଲୟ ଆମଦାନି ଉପରେ ୧ ପ୍ରତିଶତ ଟିକସ ଲାଗୁ କରାଯାଇଥିଲା। ଏହାର ଫାଇଦା ଉଠାଇବା ଲାଗି ଆମଦାନିକାରୀମାନେ ପ୍ଲାଟିନମ୍ ଆଲୟ ନାମରେ ସୁନା ଆମଦାନି କରୁଥିଲେ। ସେମାନେ ଯେଉଁ ମିଶ୍ରଧାତୁ ଆଣୁଥିଲେ ସେଥିରେ ମାତ୍ର ୨ ପ୍ରତିଶତ ପ୍ଲାଟିନମ୍ ଓ ୯୮ ପ୍ରତିଶତ ସୁନା ରହୁଥିଲା। ସୁନା ଆମଦାନି ଉପରେ ଭାରତ ୫ ପ୍ରତିଶତ ଟିକସ ଲଗାଇଥିବା ବେଳେ ୟୁଏଇ ବାଟ ଦେଇ ଆସୁଥିବା ସୁନା ଉପରେ ମାତ୍ର ୧ ପ୍ରତିଶତ ଟିକସ ଲାଗୁଥିଲା। ବଜେଟ୍‌ରେ କରାଯାଇଥିବା ଘୋଷଣା ଅନୁସାରେ ଯେଉଁ ପ୍ଲାଟିନମ୍ ମିଶ୍ରଧାତୁରେ ୯୦-୯୫ ପ୍ରତିଶତ ପାଖାପାଖି ସୁନା ଥିବ ତାହା ଆମଦାନି କରାଯାଇପାରିବ ନାହିଁ।

୨୦୨୨ ମେ'ରେ ଭାରତ-ୟୁଏଇ ବାଣିଜ୍ୟ ଚୁକ୍ତି ଲାଗୁ ହେବା ପରଠାରୁ ୨୪ ହଜାର କୋଟି ଟଙ୍କାର ପ୍ଲାଟିନମ୍ ମିଶ୍ରଧାତୁ ଭାରତକୁ ଅଣାଯାଇଛି। କମ୍ ଟିକସ ଦେବା ଲାଗି ଆମଦାନିକାରୀମାନେ ପ୍ଲାଟିନମ୍ ନାଁରେ ସୁନା ହିଁ ଆଣୁଥିଲେ।

# ଟ୍ରମ୍ପ ପ୍ରହାରରୁ ବର୍ତ୍ତିଗଲା ଭାରତ

- ଚୀନ୍, ମେକ୍ସିକୋ, କାନାଡା ଉପରେ ଚଢ଼ା ଶୁଳ୍କ
- ପାଲଟା ଶୁଳ୍କ ଲଗାଇଲା କାନାଡା

**ୱାସିଂଟନ, ୩।୨:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିର୍ବାଚନ ପ୍ରତିଶ୍ରୁତି ରକ୍ଷା କରି ବିଭିନ୍ନ ଦେଶ ଉପରେ ଚଢ଼ା ଶୁଳ୍କ ଲଗାଇବା ଆରମ୍ଭ କରିଛନ୍ତି। ସେ ଚୀନ୍, ମେକ୍ସିକୋ ଓ କାନାଡା ଉପରେ ଶୁଳ୍କ ବଢ଼ାଇଛନ୍ତି। ମେକ୍ସିକୋ ଓ କାନାଡା ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଯାଇଥିବା ବେଳେ କାନାଡା ଉପରେ ୧୦ ପ୍ରତିଶତ ଶୁଳ୍କ ଲଗାଯାଇଛି। ଏହି ନିଷ୍ପତ୍ତି ଫେବୃଆରି ୧ରୁ ଲାଗୁ କରାଯାଇଛି। ଶୁଳ୍କକୁ ନେଇ ଅନେକ ଥର ସମାଲୋଚନା କରିଥିବା ଟ୍ରମ୍ପଙ୍କ ଏହି ପ୍ରହାରରୁ ଭାରତ ବର୍ତ୍ତିଯାଇଛି। ତେବେ ଚଳିତ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆମେରିକା ଗସ୍ତ କାର୍ଯ୍ୟକ୍ରମ ରହିଛି। ସେହି ସମୟରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାରକୁ ନେଇ ମୁଲଚାଲ ହୋଇପାରେ ବୋଲି କୁହାଯାଉଛି। ଯେଉଁ ଦେଶଗୁଡ଼ିକ ସହ ଆମେରିକାର ବାଣିଜ୍ୟ ନିଅଣ୍ଟ ରହିଛି, ସେମାନଙ୍କ ଉପରେ ଉଚ୍ଚା ଶୁଳ୍କ ଲାଗୁ ହୋଇଛି। ଅର୍ଥାତ ଏହି ସବୁ ଦେଶ ଆମେରିକାକୁ ଅଧିକ ଜିନିଷ ପଠାଉଥିବା ବେଳେ ସେଠାରୁ କମ୍ ଜିନିଷ କିଣୁଛନ୍ତି। ଚୀନ୍ ସହ ଆମେରିକାର ବାଣିଜ୍ୟ ନିଅଣ୍ଟ ୩୦.୨ ପ୍ରତିଶତ, ମେକ୍ସିକୋ ସହ ୧୯ ପ୍ରତିଶତ ଓ କାନାଡା ସହ ୧୪ ପ୍ରତିଶତ ରହିଛି। ଏଥିପ୍ରତି ଭାରତ ଅବଦାନ ମାତ୍ର ୩.୨ ପ୍ରତିଶତ ଥିବାରୁ ଏହା ପ୍ରତି ବର୍ତ୍ତମାନ କୌଣସି ବିପଦ ନାହିଁ। ଅନ୍ୟ ପକ୍ଷରେ ଆମେରିକା ଉପରେ କାନାଡ଼ା ମଧ୍ୟ ଶୁଳ୍କ ବଢ଼ାଇଛି। ଆମେରିକାରୁ ଆମଦାନୀ ହେଉଥିବା ବିଅର ଓ ୱାଇନ ଠାରୁ ଆରମ୍ଭ କରି, ଫଳ ଜୁସ୍, ପନିପରିବା, ପର୍‌ଫ୍ୟୁମ, ପୋଷାକ, ଜୋତା, ଗୃହୋପକରଣ ଏବଂ କ୍ରୀଡ଼ା ସାମଗ୍ରୀ ଉପରେ କାନାଡା ୨୫ ପ୍ରତିଶତ ଶୁଳ୍କ ଲଗାଇଛି। କାନାଡ଼ାବାସୀଙ୍କ ପାଇଁ ଛିଡ଼ା ହେବା କ୍ଷେତ୍ରରେ ସେ ପଛକୁ ହଟିବେ ନାହିଁ ବୋଲି ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ କହିଛନ୍ତି।



# ଆଜିର ପେଟ୍ରୋଲ, ଡିଜେଲ ଦର

ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ। ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ ଏବଂ ଅନ୍ୟାନ୍ୟ ଜିନିଷ ଯୋଡିବା ପରେ ଏହାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୁଏ। ବୈଦେଶିକ ମୂଲ୍ୟ ସହିତ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ମୂଲ୍ୟ ଉପରେ ନିର୍ଭର କରି ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ପ୍ରତିଦିନ ବଦଳିଥାଏ। ତେବେ ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ବୃଦ୍ଧି ପାଇ ୧୦୦. ୯୭ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୫୫ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି।

# ହାର୍ଲି ଭଳି ବାଇକ୍ ଶସ୍ତା ହେବ, ଆମଦାନି ଶୁଳ୍କ ହ୍ରାସ



**ନୂଆଦିଲ୍ଲୀ, ୩।୨:** ହାର୍ଲି ଡେଭିଡ୍‌ସନ୍ ଭଳି ବିଦେଶରୁ ଆମଦାନି ହେଉଥିବା ଦାମୀ ବାଇକ୍ ଦେଶରେ ଖୁବ୍‌ଶୀଘ୍ର କମ୍ ଦାମ୍‌ରେ ମିଳିବ। ଗତକାଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବଜେଟ୍‌ରେ ୧୬୦୦ ସିସିରୁ ଅଧିକ କ୍ଷମତାର ବାଇକ୍ ଉପରୁ ଆମଦାନି ଶୁଳ୍କ ହ୍ରାସ କରିଛନ୍ତି। ଫଳରେ ସେହି ବାଇକ୍‌ଗୁଡ଼ିକ ପୂର୍ବାପେକ୍ଷା କମ୍ ଦାମ୍‌ରେ ଉପଲବ୍ଧ ହୋଇପାରିବ। ଆମେରିକାରେ ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଶାସନ ଆରମ୍ଭ ହୋଇଯାଇଥିବାରୁ ଆଗୁଆ ପଦକ୍ଷେପ ସ୍ୱରୂପ ଭାରତ ହାର୍ଲି ଡେଭିଡ୍‌ସନ୍ ଭଳି କମ୍ପାନି ଯେଭଳି ଲାଭବାନ ହେବେ ସେଥିପାଇଁ ଆମଦାନି ଶୁଳ୍କ କମ୍ କରିଥିବା ଚର୍ଚ୍ଚା ହେଉଛି। କମ୍ପ୍ଲିଟ୍ ବିଲ୍ଟ ଇନ୍ (ସିବିୟୁ) ଭାବେ ଆମଦାନି କରାଯାଉଥିବା ୧୬୦୦ ସିସିରୁ ଅଧିକ ଶକ୍ତିଶାଳୀ ବାଇକ୍ ଉପରୁ ଆମଦାନି ଶୁଳ୍କକୁ ୫୦ ପ୍ରତିଶତରୁ ୪୦ ପ୍ରତିଶତକୁ ହ୍ରାସ କରାଯାଇଛି।

ଏହି ଧରଣର ବାଇକ୍ ହାର୍ଲି ଡେଭିଡ୍‌ସନ୍ ଅଧିକ ତିଆରି କରିଥାଏ। ତେଣୁ ତାହାକୁ ଦୃଷ୍ଟିରେ ରଖି ଏହି ଘୋଷଣା ହୋଇଥିବା ଆଲୋଚନା ହେଉଛି। କେନ୍ଦ୍ର ସରକାର ସେମି ନକ୍‌ଡ ଡାଉନ୍ (ଏସ୍‌କେଡି) ବାଇକ୍ ଉପରୁ ଆମଦାନି ଶୁଳ୍କକୁ ମଧ୍ୟ ୨୫ ପ୍ରତିଶତରୁ ୨୦ ପ୍ରତିଶତକୁ ହ୍ରାସ କରିଛନ୍ତି। କମ୍ପ୍ଲିଟ୍ ନକ୍‌ଡ ଡାଉନ୍ ମୋଟରସାଇକଲ୍‌ର ଆମଦାନି ଶୁଳ୍କ ୧୫ ପ୍ରତିଶତରୁ ୧୦ ପ୍ରତିଶତକୁ ହ୍ରାସ ପାଇଛି। ଯେଉଁ ଦେଶଗୁଡ଼ିକ ଆମେରିକୀୟ ଉତ୍ପାଦ ଉପରେ ଅଧିକ ଟିକସ ଲଗାଇଛନ୍ତି, ସେମାନଙ୍କ ଉପରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଅଧିକ ଟିକସ କଷୁଛନ୍ତି। ତାଙ୍କ ରୋଷରୁ ବର୍ତ୍ତିବା ଲାଗି ସରକାର ଆଗୁଆ ଟିକସ କମ୍ କରିଥାଇପାରନ୍ତି। ଗତବର୍ଷ ଡିସେମ୍ବରରେ ସେ କହିଥିଲେ ଯେ ଭାରତ ଅତ୍ୟଧିକ ଟିକସ ଲଗାଉଛନ୍ତି। ଯଦି ସେମାନେ ଆମଠୁ ଟିକସ ଅସୁଲ କରିବେ, ତେବେ ଆମେ ବି ସେମାନଙ୍କ ଉତ୍ପାଦ ଉପରେ ଚଢ଼ା ଟିକସ ଲଗାଇବୁ। ଗତ ବର୍ଷ ଆମେରିକା ଥିଲା ଭାରତର ସର୍ବବୃହତ ବ୍ୟବସାୟ ସହଯୋଗୀ।



# 'ସଲିଟାୟାର ୱାନ୍'ର ଶୁଭାରମ୍ଭ

**ନୂଆଦିଲ୍ଲୀ,୩।୨:** ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡ୍‌ସର ନୂତନ କଲେକ୍ସନ 'ସଲିଟାୟାର ୱାନ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଯାହା ପ୍ରାକୃତିକ ହୀରାକୁ ନେଇ ଏକ ଉତ୍କୃଷ୍ଟ କଲେକ୍ସନ୍ ହୋଇଥିଲାବେଳେ ପ୍ରତ୍ୟେକଟି ଅନ୍ତର୍ଜାତୀୟ ପରୀକ୍ଷାଗାର ଦ୍ୱାରା ଏହା ପ୍ରମାଣିତ ହୋଇଛି। ଏପରିକି ବଲିଉଡ୍ ଆଇକନ୍ ଏବଂ ବ୍ରାଣ୍ଡ ଆମ୍ବାସାଡର ଆଲିଆ ଭଟ୍ଟଙ୍କୁ ନେଇ ଏକ ନୂତନ ଟିଭିସ ଏବଂ ସଲିଟାୟାର ଜୀବନର ମୂଲ୍ୟବାନ ମୁହୂର୍ତ୍ତଗୁଡ଼ିକୁ ସ୍ମୃତିବହୁଳ କରିବା ପାଇଁ ଉଦ୍ଦିଷ୍ଟ ହୋଇଛି, ରତ୍ନ ପାଇଁ ପ୍ରତ୍ୟେକ ମହିଳା ଭଲ ପାଇବାକୁ ଏହା ପ୍ରତିଫଳିତ କରିଛି। ସେହିଭଳି ଆଲିଆ ଭଟ୍ଟଙ୍କ ଅଭିନୀତ ଏକ ମନମୋହକ ଚଳଚ୍ଚିତ୍ର ସହିତ ଆରମ୍ଭ ହୁଏ, ଯାହା ସୁନ୍ଦର ଭାବେ ଜଡିତ ୩ଟି ପ୍ରେମ କାହାଣୀକୁ ଜୀବନ୍ତ କରିଥାଏ। ଏହି ଅବସରରେ ମାଲାବାର ଗ୍ରୁପର ଅଧ୍ୟକ୍ଷ ଏମ୍‌ପି ଅହମ୍ମଦ କହିଛନ୍ତି, ସଲିଟାୟାର ୱାନ୍ କେବଳ ଏକ କଲେକ୍ସନ୍ ନୁହେଁ ବରଂ କିଛି ଅଧିକ। ଏହା କାଳଜୟୀ ସୌନ୍ଦର୍ଯ୍ୟ ଏବଂ ପ୍ରେମ ଶକ୍ତିର ଏକ ଉତ୍ସ। ଏହି ଅଭିଯାନ ମହିଳାମାନେ ସଲିଟାୟାର ସହିତ ଅଂଶୀଦାର କରୁଥିବା ଗଭୀର ଭାବପ୍ରବଣ ସମ୍ପର୍କକୁ କଏଦ କରିଛି। ଯାହା ସୌନ୍ଦର୍ଯ୍ୟ ଏବଂ ସ୍ଥାୟୀ ମୁହୂର୍ତ୍ତ ଉଭୟକୁ ପ୍ରତୀକ କରିଥାଏ।

# ବଜାରରେ କିଆର ଅଲ୍ ନ୍ୟୁ 'ସିରୋସ'




**ଭୁବନେଶ୍ୱର,୩।୨:** କିଆ ଇଣ୍ଡିଆର ବହୁ ପ୍ରତୀକ୍ଷିତ ମଡେଲ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ କିଆର 'ଅଲ୍ ନ୍ୟୁ ସିରୋସ' ବୈପ୍ଳବାମତ୍ତିକ ଏସୟୁଭି ନିକଟରେ ଅନାବରଣ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତି ପ୍ରାପ୍ତ ଡିଲର ଗୁଗୁନାନୀ କିଆର ପଟିଆ ଶୋ'ରୁମ୍‌ରେ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ଗୁଗନାନୀ କିଆର ସିଇଓ ମହେଶ ଝୁନ୍‌ଝୁନ୍‌ଓ୍ୱାଲା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଅନାବରଣ ସହ ବଜାର ପ୍ରବେଶ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁଗନାନୀ କିଆର ଡିଜିଏମ ସନ୍ତୋଷ ଭୂୟାଁ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଅଲ୍ ନ୍ୟୁ ସିରୋସରେ ଅତି ସୁନ୍ଦର ଭାବେ ଦୃଶ୍ୟମାନ ଦୁଇଟି ପ୍ୟାନେଲ ଯୁକ୍ତ ସନରୁଫ ସହିତ ୨ସ୍ତରୀୟ ଏଡିଏଏସ ଏବଂ ୧୬ଟି ସ୍ୱୟଂଚାଳିତ ସୁରକ୍ଷା ବୈଶିଷ୍ଟ୍ୟ ସାମିଲ ରହିଛି। ଏଥିସହିତ ୨୦ଟି ଉଚ୍ଚ ମାନର ସୁରକ୍ଷା ପ୍ୟାକେଜ ଓ ଫିଚର ସହିତ ସମସ୍ତ ପ୍ରକାରର ଅତ୍ୟାଧୁନିକ ସୁବିଧା ଅନ୍ତର୍ଭୁକ୍ତ ରହିଛି। ସେହିଭଳି ୨ଟି ଭାରିଆଣ୍ଟ (ଉଭୟ ପେଟ୍ରୋଲ ଏବଂ ଡିଜେଲ) ରେ ଉପଲବ୍ଧ ଏହି ମଡେଲ ୮ଟି ଆକର୍ଷଣୀୟ ରଙ୍ଗ ଏବଂ ପ୍ରାରମ୍ଭିକ ମୂଲ୍ୟ ୮,୯୯,୯୦୦ ଟଙ୍କାରୁ ଆରମ୍ଭ ହେଉଛି। ଏ ସମ୍ପର୍କରେ ଗୁଗୁନାନୀ କିଆର ଏମ୍‌ଡି ରାଜନ ଗୁଗନାନୀ କହିଥିଲେ, ସୁଲଭ ମୂଲ୍ୟରେ ସମସ୍ତ ପ୍ରକାରର ସୁବିଧା ବ୍ୟବସ୍ଥା ସହିତ ଡ୍ୟୁଆଲ ମୋଡର ଗାଡି ଗ୍ରାହକ ପାଇପାରିବେ। ଏପରିକି ଗ୍ରାହକଙ୍କ ପକେଟକୁ ସୁହାଇଲା ଭଳି ଏହି ମଡେଲ ଆଶାୟୀ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିବ ବୋଲି ସେ କହିଛନ୍ତି।

# ସାରା ବିଶ୍ୱରେ ସେଲ୍ ହେଉଛି ହିରୋ ବାଇକ୍ସ ଏବଂ ସ୍କୁଟର

## ମାତ୍ର ୩୧ ଦିନରେ ୪ ଲକ୍ଷରୁ ଅଧିକ ସେଲ୍

**ନୂଆଦିଲ୍ଲୀ, ୩।୨:** ଭାରତରେ ଟୁ-ହୁଇଲର ଗାଡ଼ିର ଡିମାଣ୍ଡ ବେସ୍ ଅଧିକ ରହିଛି। ଟୁ-ହୁଇଲର୍ସ ମେକର କମ୍ପାନୀ ହିରୋ ମୋଟୋକର୍ପ ଚଳିତ ବର୍ଷ ଆରମ୍ଭରେ ଭଲ ସେଲ୍ କରିଛି। କମ୍ପାନୀ ଜାନୁଆରୀ ୨୦୨୫ ରେ ମୋଟ୍ ୪ ଲକ୍ଷ ୪୨ ହଜାର ୮୭୩ ୟୁନିଟ୍ସର ସେଲ୍ କରିଛି। ଗତ ବର୍ଷ ତୁଳନାରେ ଏହା ୨.୧୪% ବୃଦ୍ଧି ହୋଇଛି। ଭାରତୀୟ ବଜାରକୁ ଦେଖିବାକୁ ଗଲେ ହିରୋ ସେଲରେ ୪୦% ରୁ ଅଧିକ ଦେଖିବାକୁ ମିଳିଛି। ଟୁ-ହୁଇଲର ମେକର ହିରୋ ମୋଟୋକର୍ପ ଅନେକ ନୂଆ ଟୁ-ହୁଇଲର ଗାଷି ମଧ୍ୟ ଲଞ୍ଚ କରିଛି, ଯେଉଁଥିରେ କେବଳ ମୋଟରସାଇକେଲ ନୁହେଁ ସ୍କୁଟର ମଧ୍ୟ ସାମିଲ ଅଛି। ଏହି ନୂଆ ମଡେଲଗୁଡିକରେ ଏକ୍ସଟ୍ରିମ ୨୫୦ ଆର, ଏକ୍ସପଲ୍‌ସ ୨୧୦, ଡେଷ୍ଟିନି ୧୨୫, ଏକ୍ସମୋ ୧୨୫ 125 ଏବଂ ଅନ୍ୟାନ୍ୟ ସ୍କୁଟର ରହିଛି। ଏହି ନୂଆ ମଡେଲଗୁଡିକ ହେତୁ ହିରୋ ମୋଟୋକର୍ପ ବହୁତ ସଫଳତା ପାଇଛି।




ଗତ ମାସରେ କମ୍ପାନୀ ସମୁଦାୟ ୪ ଲକ୍ଷ ୨ ହଜାର ୮୭୩ ୟୁନିଟ୍ ସେଲ୍ କରିଥିଲା। ଯଦି ଗତ ବର୍ଷ ଜାନୁଆରୀ ବିଷୟରେ କୁହାଯାଏ ତେବେ ୪ ଲକ୍ଷ ୩୩ ହଜାର ୫୯୮ ୟୁନିଟ୍ ଥିଲା। ଏପରି ଭାବରେ କମ୍ପାନୀ ବର୍ଷର ପ୍ରାରମ୍ଭିକ ମାସରେ ମୋଟ୍ ୯ ହଜାର ୨୭୫ ୟୁନିଟ୍ ଅଧିକ ସେଲକ କରିଛି। ଭାରତୀୟ ବଜାରରେ କମ୍ପାନୀ ମୋଟ୍ ୪ ଲକ୍ଷ ୧୨ ହଜାର ୩୭୮ ୟୁନିଟ୍ସ ସେଲ୍ ହୋଇଛି, ଯାହା ଡିସେମ୍ବର ୨୦୨୪ ତୁଳନାରେ ୪୦.୧୯% ଅଧିକ ରହିଛି। ଏହା ବ୍ୟତୀତ କମ୍ପାନୀ ୩୦ ହଜାର ୪୯୫ ୟୁନିଟ୍ ଏକ୍ସପୋର୍ଟ କରିଛି ଯାହା ୧୪୦.୮୦% କୁ ବୃଦ୍ଧି ପାଇଛି। ଏହାର ଅର୍ଥ ହେଉଛି ହିରୋ ମୋଟୋକର୍ପ ବାଇକ୍ ଏବଂ ସ୍କୁଟର ଅଧିକ ପପୁଲାର ହୋଇଛି। ହିରୋ ମୋଟୋକର୍ପ ଅଧିକାଂଶ ସେଲ୍ ମୋଟରସାଇକେଲ ମାଧ୍ୟମରେ ହୋଇଥାଏ। ଏହି ସେଲର ୯୦.୩୯% ମୋଟରସାଇକେଲ ଅଛି। ଜାନୁଆରୀ ୨୦୨୫ ରେ ମୋଟ୍ ୪ ଲକ୍ଷ ୨୯୩ ୟୁନିଟ୍ ସେଲ୍ ହୋଇଥିଲା, ଯାହା ଗତ ବର୍ଷ ସୁଳନାରେ ସାମାନ୍ୟ ହ୍ରାସ ପାଇଛି। ସ୍କୁଟରରେ ବହୁତ ମାତ୍ରାରେ ସେଲ ହେବାର ଦେଖିବାକୁ ମିଳିଛି। ଜାନୁଆରୀ ୨୦୨୫ ରେ ୪୨ ହଜାର ୫୮୦ ୟୁନିଟ୍ ସେଲ୍ ହୋଇଛି, ଯାହା ଗତ ବର୍ଷ ଜାନୁଆରୀ ତୁଳନାରେ ୩୪.୯୯କ୍% ଅଧିକ ରହିଛି।

## ସଭାପତିଙ୍କୁ ୩ ମଣ୍ଡଳ ବିଜେପି କର୍ମକର୍ତ୍ତା ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା



**ଭବାନୀପାଟଣା, ୩।୨ (ସଂଚାର ବ୍ୟୁରୋ):** ଭାରତୀୟ ଜନତା ପାର୍ଟି ପକ୍ଷରୁ ନବ ନିର୍ବାଚିତ କଳାହାଣ୍ଡି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଢ଼ ଶନିବାର ନିର୍ବାଚିତ ହେବା ପରେ କୋକସରା ବ୍ଲକ ଗସ୍ତ ରେ ଆସିଥିବା ବେଳେ ମୋଟେର ମଣ୍ଡଳ ପକ୍ଷରୁ ମୋଟେର ଠାରେ ଜିଲ୍ଲା ସଭାପତି ଓ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ ଙ୍କ ମୋଟେର ମଣ୍ଡଳ ସଭାପତି ଧର୍ମବ୍ରତ ପଣ୍ଡା, ସମ୍ପାଦକ ଉଜାଲା କେତକୀ, ରାଧେଶ୍ୟାମ ଗୋପାଳ, ସୁଜିତ ସିଂ ରାଜପୁତ, ପୁରୁଷୋତ୍ତମ ରାଜପୁତ, ନାରିନେତ୍ରୀ କୁନ୍ତୀ ପାଲ, ପ୍ରତିମା ପୁଝାରି ଉପସ୍ଥିତ ରହି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। କୋକସରା ମଣ୍ଡଳ ବିଜେପି କାର୍ଯ୍ୟାଳୟ ଠାରେ ମଣ୍ଡଳ ସଭାପତି ବସନ୍ତ ନାଗ, ସମ୍ପାଦକ ତ୍ରିନାଥ ଶବର,ଜିଲ୍ଲା ପ୍ରତିନିଧି ଦୁର୍ଗା ପ୍ରଧାନୀ, ବ୍ଲକ ସମ୍ପାଦକ ମନୋଜ ନାଏକ, ଦୈତାରି ବାରିକ,ଗଣେଶ ନନ୍ଦ, ସୁଶିଲ ପାଢ଼ୀ, ମୁକୁନ୍ଦ ପଟ୍ଟନାୟକ, ନରେନ୍ଦ୍ର ପ୍ରଧାନୀ, ରଞ୍ଜିତ ପୋଢ଼, ଧର୍ମାନନ୍ଦ ନେଗି, ନରେଶ ଗୁପ୍ତା,କ୍ଷୀରସିନ୍ଧୁ ନେଗି, ଶାରଳା ପ୍ରଧାନୀ,ପଞ୍ଚାନନ ବେଶ୍ରା ଓ ଅନ୍ୟମାନେ ଉପସ୍ଥିତ ରହି ଜିଲ୍ଲା ସଭାପତି ଓ ଧର୍ମଗଡ଼ ବିଧାୟକ ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ଜିଲ୍ଲା ସଭାପତି ଦଳୀୟ କର୍ମକର୍ତ୍ତା ଙ୍କୁ କୃତଜ୍ଞତା ଜଣାଇବା ସହ ସମସ୍ତେ ମିଳିମିଶି କେନ୍ଦ୍ର ମୋଦି ସରକାର ଙ୍କ ବିକଶିତ ଭାରତ ଓ ରାଜ୍ୟ ମୋହନ ସରକାର ଙ୍କ ବିକଶିତ ଓଡ଼ିଶାର ସ୍ୱପ୍ନ କୁ ସାକାର କରିବା ପାଇଁ ତୃଣମୂଳ ସ୍ତରରୁ ଲୋକଙ୍କ ସହ ଜଡିତ ହୋଇ ସରକାର ଙ୍କ ଲୋକାଭିମୁଖୀ ଯୋଜନା କୁ ତଳ ସ୍ତର ର ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ପରାମର୍ଶ ଦେଇଥିଲେ।

# ଦିନରାତି ଲୁଟ ହେଉଛି ବାଲି

**କାକଟପୁର /ଅସ୍ତରଙ୍ଗ, ୩।୨ (ସଂଚାର ବ୍ୟୁରୋ):** ଦେବୀ ନଦୀ ପାର୍ଶ୍ୱ ତାଳଦା ନିକଟରେ ଲଘୁ ଖଣିଜ ବିଭାଗର ଚଢ଼ାଉ କରି ସୋମବାର ମଧ୍ୟାହ୍ନରେ ୨ଟି ଟ୍ରାକ୍ଟର ଗାଡି ଜବତ କରାଯାଇଛି।ବାଲି ଚାଲାଣ ଗାଡ଼ିରେ କାଗଜପତ୍ର ଠିକ ନଥିବାରୁ ଗାଡିକୁ ଜବତ କରି ଅସ୍ତରଙ୍ଗ ପୁଲିସ ଥାନାରେ ଜିମା ଦିଆଯାଇଛି। ଜରିମାନା ପୈଠ ନ କଲେ ଗାଡିକୁ ଅଦାଲତ ଚାଲାଣ କରାଯିବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। ଏଠାରେ ସୂଚନା ଯୋଗ୍ୟ କିଛି ଦିନ ହେବ ଦେବୀ ନଦୀ ପାର୍ଶ୍ୱ ତାଳଦା ନିକଟରୁ କିଛି ବାଲିମାଫିଆ ବେଆଇନି ଭାବେ ବାଲି ଚୋରା ଚାଲାଣ କରୁଛନ୍ତି। ଏମିତିକି ରାତି ହେଉ କି ଦିନ ପ୍ରଶାସନ ଆଖିରେ ଧୂଳି ଦେଇ ଟ୍ରକ, ହାଇୱା, ଟ୍ରାକ୍ଟର ମାଧ୍ୟମରେ ବାଲି ଚାଲାଣ କରୁଛନ୍ତି। ଯାହାକି ଅସ୍ତରଙ୍ଗ ତହସିଲ ଅଞ୍ଚଳରେ ବ୍ୟାପକ ଭାବରେ ବାଲି ଲଘୁଖଣିଜ ଚୋରା ଚାଲାଣ ହେଉଥିବା ଦେଖିବାକୁ ମିଳିଛି। ବିଶେଷ ସୂତ୍ରରୁ ଖବର ପାଇଁ ପୁରୀ

- **ଖଣି ବିଭାଗର ଚଢ଼ାଉ, ଥାନାରେ ଟ୍ରାକ୍ଟର ଅଟକ**
- **ସନ୍ଦେହ ସୃଷ୍ଟି କରିଛି ଗୋଟିଏ ଗାଡ଼ିର ୨ଟି ନମ୍ବର**



ଲଘୁ ଖଣିଜ ବିଭାଗ ଅଧିକାରୀ ସମୀର ମିଶ୍ର ଙ୍କ ନେତୃତ୍ୱ ରେ ୩ ଜଣିଆ ଟିମ୍ ସହ ଅସ୍ତରଙ୍ଗ ପୁଲିସ ବାଲି ଉଠାଣ ସ୍ଥାନରେ ପହଂଞ୍ଚି ୨ଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛନ୍ତି। କିନ୍ତୁ ଟ୍ରାକ୍ଟର ନମ୍ବର କୁ ନେଇ ରହସ୍ୟ ସୃଷ୍ଟି ହୋଇଛି। ଟ୍ରାକ୍ଟର ଆଗରେ ଲାଗିଥିବା ନମ୍ବର -ଓଡି -୦୨-ଏ -୦୦୧୨ ଓ ପଛରେ ଟ୍ରାକ୍ଟର ଡାଲା ଥିବା ନମ୍ବର ଓଡି -୦୨-ଏ ଜି -୩୭୧୩ରହିଛି, ଅନ୍ୟ ଏକ ଗାଡ଼ିରେ ଓ ଡି ୧୩ ଜି ୦୦୩୭, ଡାଲା ନମ୍ବର ଓ ଆର ୧୩ଜି ୦୦୩୮ରହିଛି। ଉକ୍ତ ୨ ଟି ଗାଡି ଅସ୍ତରଙ୍ଗ ଥାନାରେ ଅଟକ ରହିଛି। କିନ୍ତୁ ଏଠାରେ ପ୍ରଶ୍ନ ଖଣିଜ ବିଭାଗ ତଥା ପ୍ରଶାସନ ବଡ଼ ଗାଡିକୁ ଛାଡି ଲୋକଦେଖାଣିଆ ୨ଟି ଟ୍ରାକ୍ଟର କୁ ଜବତ କରିଛନ୍ତି। ଏ ସମ୍ପର୍କରେ ଜିଲ୍ଲା ଖଣି ବିଭାଗ ଅଧିକାରୀ ସମୀର ମିଶ୍ର କହିଛନ୍ତି ଷ୍ଟାଫ କମ୍ ଥିବାରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ହୋଇପାରୁନି, ଆଗକୁ ଏହି ବାଲି ଚାଲାଣ ଉପରେ ନଜର ରହିଛି ବଡ଼ ଧରଣର କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ।ଚୋରା ବାଲି ବେପାର ପାଇଁ ମାଫିଆ ମାନେ ଗାଡି ଦ୍ରୁତ ଗତିରେ ଯାତାୟାତ କରି ସ୍ଥାନୀୟ ଲୋକଙ୍କ ପାଇଁ ବଡ଼ ସମସ୍ୟା ସୃଷ୍ଟି କରିଛନ୍ତି।

## ଘନ କୁହୁଡି ଯୋଗୁଁ ଓଲଟିଲା ପରିବା ଗାଡି

**ଢେଙ୍କାନାଳ,୩।୨(ସଂଚାର ବ୍ୟୁରୋ):** ଘନ କୁହୁଡ଼ି ପାଇଁ ଓଲଟିଲା ପରିବା ଗାଡ଼ି। ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବିଜାଡିହ ନିକଟରେ ଓଲଟି ପଡିଛି ଟ୍ରକ। ଘନ କୁହୁଡି ପାଇଁ ଆଜି ସକାଳୁ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡିଛି। କଟକରୁ ବିଭିନ୍ନ ପନିପରିବା ବୋଝେଇ କରି କାମାକ୍ଷାନଗର ସାପ୍ତାହିକ ହାଟକୁ ଆସୁଥିବା ବେଳେ ଓଲଟି ପଡିଛି। ଗାଡ଼ିରେ ଲୋକଙ୍କର କିଛି ହୋଇନଥିବା ବେଳେ ରାସ୍ତାରେ ଗଡୁଛି ପରିବା । ସେପଟେ କୁହୁଡ଼ି ଯୋଗୁଁ ବଢୁଛି ଦୁର୍ଘଟଣା। ବାଲେଶ୍ୱର ଜିଲ୍ଲାରେ ବସ୍ତା ଅଞ୍ଚଳରେ କଣ୍ଟେନର ଦୁର୍ଘଟଣାଗ୍ରସ୍ତ ହୋଇଛି । କଣ୍ଟେନରକୁ ପଛପଟୁ ଧକ୍କା ଦେଇଛି ଆଉ ଏକ କଣ୍ଟେନର। କ୍ୟାବିନରେ ଚାପି ହୋଇ ଡ୍ରାଇଭର ଗୁରୁତର ହୋଇଛନ୍ତି । ଜଳେଶ୍ୱର ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ଦ୍ୱାରା ଡ୍ରାଇଭରଙ୍କୁ ଉଦ୍ଧାର କରିବା ପାଇଁ ଚେଷ୍ଟା ଜାରି ରହିଛି। ୬୦ ନମ୍ବର ଜାତୀୟ ରାଜପଥ ଆମ୍ବଳିଅଠା ବାଇପାସ୍ ନିକଟରେ ଏହି ଦୁର୍ଘଟଣା ଘଟିଛି ।



## ପ୍ରାଥମିକ ବିଦ୍ୟାଳୟ ଖୋଲିବା ପାଇଁ ଦାବିପତ୍ର



**ମାର୍ଥାପୁର,୩।୨(ସଂଚାର ବ୍ୟୁରୋ):** ତୁରନ୍ତ ମାର୍ଥାପୁର ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଆସନ୍ତା ଶିକ୍ଷା ବର୍ଷରୁ ଖୋଲି ନାମ ଲେଖା ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳଙ୍କୁ ବିଦ୍ୟାଳୟ ସୁରକ୍ଷା କମିଟିର ଅଭିଭାବକମାନେ ଆଜି ପୂର୍ବାହ୍ନରେ ପୁନର୍ବାର ଦାବି ପତ୍ର ପ୍ରଦାନ କରିଛନ୍ତି। ଦୀର୍ଘ ଦିନ ଧରି ସରକାରୀ ପ୍ରାଥମିକ ବିଦ୍ୟାଳୟ, ମାର୍ଥାପୁର ବନ୍ଦ ହୋଇଛି ଓ କର୍ତ୍ତୃପକ୍ଷଙ୍କୁ ବାରମ୍ବାର କହିବା ସତ୍ୱେ କୌଣସି ପଦକ୍ଷେପ ନନେଇ, ଏକ ଗ୍ରାମୀଣ ଅଦାଲତ କରିବେ ବୋଲି ପ୍ରଶାସନ ନିଷ୍ପତ୍ତି ହୋଇଛି । ଯାହାକୁ ଉକ୍ତ ଗ୍ରାମର ଅଭିଭାବକ ମାନେ ବିରୋଧ କରିଥିଲେ ଓ ସେହି ମର୍ମରେ ଆଜି ଦାବିପତ୍ର ପ୍ରଦାନ କରିଥିଲେ । ଏହା ପରେ ଗ୍ରାମବାସୀମାନେ ବାରଙ୍ଗ ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କୁ ମଧ୍ୟ ସାକ୍ଷାତ କରି ଦାବିପତ୍ରର ଏକ କପି ପ୍ରଦାନ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଏହା ପୂର୍ବରୁ ଅନେକବାର ବାରଙ୍ଗ ବିଡିଓ ଏବଂ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଗ୍ରାମବାସୀମାନେ ଆନ୍ଦୋଳନ ଜରିଆରେ ଦାବିପତ୍ର ପ୍ରଦାନ କରିଛନ୍ତି ଆଜିର ଦାବିପତ୍ର ପ୍ରଦାନ ପରେ ବାରଙ୍ଗ ତହସିଲଦାର ମାର୍ଥାପୁର ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଯାଇ ଆନ୍ଦୋଳନକାରୀ ଅଭିଭାବକମାନଙ୍କୁ ସାକ୍ଷାତ କରିଥିଲେ । ଅଭିଭାବକମାନଙ୍କ ପକ୍ଷରୁ ଆଗାମୀ ମାର୍ଥାପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ଖୋଲିବା ଦାବିରେ ଆନ୍ଦୋଳନ ଜାରି ରହିବ ବୋଲି କର୍ତ୍ତୃପକ୍ଷଙ୍କୁ ଚେତାବନୀ ଦିଆଯାଇଛି । ଆଜିର ଏହି କାର୍ଯ୍ୟକ୍ରମରେ ମାର୍ଥାପୁର ସରକାରୀ ବିଦ୍ୟାଳୟ ସୁରକ୍ଷା କମିଟି ପକ୍ଷରୁ ମମତା ବେହେରା, ମଞ୍ଜୁଲତା ବିଶ୍ୱାଳ, କୁନିଲତା ନାୟକ, ପୁଷ୍ପଲତା ପାଇଟାଲ, ରଶ୍ମିତା ପାଇଟାଲ, ଅମ୍ବିକା ବିଶ୍ୱାଳ, ସମିତା ଓଝା, ସୌଦାମିନୀ ପାଇଟାଲ, ବିଦ୍ୟାଳୟ ସୁରକ୍ଷା କମିଟି କଟକ ଜିଲ୍ଲା ସଂଯୋଜକ ଇଶା ଧର ଓ ବାରଙ୍ଗ ବ୍ଲକ ସଂଯୋଜକ ରାଜେଶ ରାଉତଙ୍କ ସମେତ ବହୁ ଅଭିଭାବକ ଉପସ୍ଥିତ ଥିଲେ ।

## ବ୍ଲୁ କ୍ଲବ୍ସ ଲିଗ୍ ଫୁଟବଲ୍: ଗନ୍ଧଲପଦା ଓ ଯୋଡ଼ା ଚାମ୍ପିଅନ୍




**ଯୋଡା,୩।୨(ସଂଚାର ବ୍ୟୁରୋ):** ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ (ଟିଏସ୍ଏଫ୍) ଦ୍ୱାରା ସମର୍ଥିତ ସର୍ବଭାରତୀୟ ଫୁଟବଲ୍ ମହାସଂଘ (ଏଆଇଏଫ୍ଏଫ୍) ବ୍ଲୁ କ୍ଲବ୍ସ ଲିଗ୍ର ଦ୍ୱିତୀୟ ସିଜନ୍ ର ଗ୍ରାଣ୍ଡ୍ ଫାଇନାଲ, ଯୋଡ଼ାର କେନ୍ଦ୍ରୀୟ ପଡ଼ିଆଠାରେ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଚିତ୍ତାକର୍ଷକ ପ୍ରତିଯୋଗୀତା ରେ ଉତ୍କର୍ଷ ଖେଳ ପ୍ରଦର୍ଶନ କରି ୧୦ ବର୍ଷରୁ କମ୍, ୧୨ ବର୍ଷରୁ କମ୍ ଓ ୧୪ ବର୍ଷରୁ କମ୍ ବାଳକ ବର୍ଗରେ ଗନ୍ଧଲପଦା ଟିମ ଚାମ୍ପିଅନ୍ ହୋଇଛି। ଯୋରିବଓର ଟିମ ପ୍ରଥମ ଦୁଇଟିରେ ଉପ ବିଜେତା ହୋଇଥିବା ବେଳେ, ୧୪ ବର୍ଷରୁ କମ୍ ବର୍ଗରେ କଳମଙ୍ଗ ଦ୍ୱିତୀୟ ସ୍ଥାନ ହାସଲ କରିଛି। ୧୪ବର୍ଷରୁ କମ୍ ବାଳିକା ବର୍ଗରେ ଯୋଡ଼ା ଚାମ୍ପିଅନ୍ ହୋଇଥିବା ବେଳେ, ଯୋରିବଓର ଉପ ବିଜେତା ହୋଇଛି। ଏହି ଲିଗ୍ରେ କଳମଙ୍ଗ, ଗନ୍ଧଲପଦା, ବେଣୁଆପାଣି, ଯୋରିବଓର, ବିଛାକୁଣ୍ଡି ବାଳକ, ବିଛାକୁଣ୍ଡିର ବାଳିକା, ଆଜାଦ ବସ୍ତି ଓ ଯୋଡ଼ା ଭଳି ୮ଟି ସ୍ଥାନର ୨୧୦ ଫୁଟବଲ ଖେଳାଳି ଅଂଶଗ୍ରହଣ କରିଥିଲେ। ଏକ ପ୍ରତିଦ୍ୱନ୍ଦ୍ୱିତାମୂଳକ ପରିବେଶରେ ଖେଳ ଅନୁଷ୍ଠିତ ହୋଇଥିଲା।

## ଅନ୍ନପୂର୍ଣ୍ଣା ସରକାରୀ ନୋଡାଲ ଉପ୍ରା ବିଦ୍ୟାଳୟରେ ନିପୁଣ ଓଡିଶା ମେଳା

**ଦଶରଥପୁର,୩।୨(ସଂଚାର ବ୍ୟୁରୋ):** ଦଶରଥପୁର ବ୍ଲକ ଥାଲକୁଡ଼ି ପଞ୍ଚାୟତସ୍ତ ଧନୀପୁର ଅନ୍ନପୂର୍ଣ୍ଣା ସରକାରୀ ନୋଡାଲ ଉପ୍ରା ବିଦ୍ୟାଳୟ ପରିସରରେ ଅନ୍ନପୂର୍ଣ୍ଣା ନୋଡାଲ କ୍ଲଷ୍ଟର ସ୍ତରୀୟ ନିପୁଣ ଓଡିଶା ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସଂଯୁକ୍ତା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିଥିଭାବେ ମଙ୍ଗଳପୁର ପଞ୍ଚାୟତର ସମିତିସଭ୍ୟା ସରିତା ପଣ୍ଡା, ଥାଲକୁଡ଼ି ପଞ୍ଚାୟତର ସମିତିସଭ୍ୟା ଅର୍ଚ୍ଚନା ଦାସ, ଅନ୍ନପୂର୍ଣ୍ଣା ନୋଡାଲ କ୍ଲଷ୍ଟରର ସିଆରସିସି ଗୌତମ ବେହେରା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅମରେଶ ଦାସ, ମଙ୍ଗଳପୁର ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ସାହୁ, ସହକାରୀ ଶିକ୍ଷକ ବିଜୟ କୁମାର ସାହୁ ପ୍ରମୁଖ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ ନିପୁଣ ଓଡିଶା ମେଳା କାର୍ଯ୍ୟକ୍ରମର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ।

## ସୋସାଇଟି ଧାନ କାଟିବାକୁ ନେଇ ଚାଷୀଙ୍କ ରାସ୍ତାରୋକ

**ବାସୁଦେବପୁର,୩।୨(ସଂଚାର ବ୍ୟୁରୋ):** ସୋସାଇଟି ଧାନ କାଟିବାକୁ ନେଇ ରାସ୍ତା ରୋକ କଲେ ଚାଷୀ। ଏପରି ଘଟଣା ଦେଖିବାକୁ ମିଳିଛି ବାସୁଦେବପୁର ଅଂଚଳରେ । ନିର୍ବାଚନ ସମୟରେ ଘୋଷଣା କରିଥିଲେ ଚାଷୀଙ୍କର ଧାନ ସରକାର ତାଙ୍କ ପାଖରୁ ୩୧୦୦ ଟଙ୍କାରେ କିଣିବେ । ହେଲେ ସରକାର କହିଥିବା କଥା ରଖିଲେ । ଯେତେବେଳେ ମଣ୍ଡି ଖୋଲିଲା, ଚାଷୀ ଧାନ ଆଣି ଅଧିକ ପଇସା ପାଇବା ଆଶାରେ ମଣ୍ଡିରେ ଧାନ ଦେବା ବେଳକୁ ଦେଖା ଦେଲା ବିବାଦ । ଚାଷୀ ଠାରୁ ମିଲର ୧୦ରୁ ୧୧ପରସେଣ୍ଟ ଧାନ କାଟି ନେଉଥିବାରୁ ଦେଖା ଦେଇଛି । ଏହାକୁ ନେଇ ଚାଷୀ ଆଜି ରାଜରାସ୍ତାକୁ ଓହ୍ଲାଇଛି । ଆଜି ଶହ ଶହ ଚାଷୀ ଏକତ୍ରୀତ ହୋଇ ବିଭିନ୍ନ ସ୍ଥାନରେ ରାସ୍ତାରୋକ କରିଛି । ତାଙ୍କୁ ସମର୍ଥନ କରି ରାସ୍ତାରେ ବସିଛନ୍ତି କଂଗ୍ରେସ କର୍ମୀ ଓ ସରପଞ୍ଚ। ରାସ୍ତାରୋକ ହେବା ଫଳରେ ରାସ୍ତାରେ ସହସହ ଗାଡି ଅଟକି ରହିଛି । ଫଳରେ ଦୂର ଦୁରାନ୍ତକୁ ଯିବାକୁ ଥିବା ଯାତ୍ରୀମାନେ ରାସ୍ତାରେ ଅଟକି ରହିଛନ୍ତି । ତୁରନ୍ତ ସରକାର ଏହିପ୍ରତି ଦୃଷ୍ଟି ଦେଇ ଚାଷୀଙ୍କ ଦାବି କଟନୀ ଛଟଣିକୁ ବନ୍ଦ କରାଯାଉ। ଫଳରେ ଚାଷୀମାନେ ନିଜର ଧାନକୁ ସୁଚାରୁ ରୂପେ ମଣ୍ଡିରେ ଦେଇ ପାରିବେ।ସରକାର କଟନୀ ଛଟଣି ନ କରିବାକୁ କହିଥିବା ବେଳେ କାହା ସ୍ୱାର୍ଥରେ ମିଲର ଧାନ କାଟୁଚି। ତୁରନ୍ତ ଏଥି ପ୍ରତି ଦୃଷ୍ଟି ଦେଇ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହିତ ଧାନ ନ କାଟିବାକୁ ଦାବି କରିଛନ୍ତି ଚାଷୀ ।




## ଓଡିଶା ଡିପ୍ଲୋମା କଂଟ୍ରାକ୍ଟର ଆସୋସିଏସନ ତରଫରୁ ଦାବିପତ୍ର

**ସୋନପୁର,୩।୨(ସଂଚାର ବ୍ୟୁରୋ):** ସୋନପୁର ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର ସୁବର୍ଣ୍ଣପୁର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀମତୀ ଅନ୍ୟା ଦାସ ଓ ଆରକ୍ଷୀ ଅଧିକ୍ଷକ ରାମପ୍ରସାଦ ସାହୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣ ଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଶୁଣିଥିଲେ ଏଥିରେ ଓଡିଶା ଡିପ୍ଲୋମା କଣ୍ଟ୍ରାକ୍ଟର ସଙ୍ଘ ସୋନପୁର ଜିଲ୍ଲା ତରଫରୁ ଅନେକ ସମସ୍ୟା ଅଭିଯୋଗ ଜଣେଇଥିଲ ଯୋଉ ପିଲାମାନେ ଡିପ୍ଲୋମା ପାଠ ପଢ଼ି ଚାକିରୀ ପାଇ ନ ଥିବେ ଏବଂ ଯଦି ସେମାନେ ଲାଇସେନ୍ସ କରିଥିବେ ଇଞ୍ଜିନିୟରିଙ୍ଗ ଡିପ୍ଲୋମା ହୋଲଡର ଏବି କ୍ଲାସ ଲାଇସେନ୍ସ ପ୍ରାପ୍ତ ଠିକାଦାର ଙ୍କୁ ଆୱାର୍ଡ ପ୍ରଦ୍ଧତିରେ ପ୍ରତେକ ବର୍ଷର ଜାନୁୟାରୀ ଠାରୁ ମାର୍ଚ୍ଚ ମଧ୍ୟରେ ଟେଣ୍ଡର ନ ଡାକି ସିଧାସଳଖ ଭାବେ ଏ ଶ୍ରେଣୀ କଣ୍ଟ୍ରାକ୍ଟର ଙ୍କୁ ପାଞ୍ଚ ଲକ୍ଷ ଭିତରେ ତିନୋଟି କାର୍ଯ୍ୟ ଏବଂ ବି ଶ୍ରେଣୀ ଲାଇସେନ୍ସ ପ୍ରାପ୍ତ କଣ୍ଟ୍ରାକ୍ଟର ଙ୍କୁ ପାଞ୍ଚ ଲକ୍ଷ ଭିତରେ ୨ ଟି କାର୍ଯ୍ୟ ଦେବା ପାଇଁ ସରକାର ଙ୍କ ନିୟମ ଅଛି ତେଣୁ ସରକାରଙ୍କ ନିୟମ ମାନି ସରକାର ଙ୍କ ନିୟମ ଅନୁଯାଇ ପିଲା ମାନଙ୍କୁ ତାଙ୍କର ରୋଜଗାର ପାଇଁ ଠିକା କାର୍ଯ୍ୟ ଦିଆଯାଉ ବୋଲି ସଙ୍ଘ ତରଫରୁ ଦାବି ପତ୍ର ଦେଇଥିଲେ ।

## କଣ୍ଟେନରକୁ ପଛରୁ ଧକ୍କା ଦେଲା କଣ୍ଟେନର

**ବାଲେଶ୍ୱର,୩।୨(ସଂଚାର ବ୍ୟୁରୋ):** ବାଲେଶ୍ୱର ଜଳେଶ୍ୱର ଥାନା ୬୦ ନମ୍ବର ଜାତୀୟ ରାଜପଥ ଆମ୍ବଳିଅଠା ବାଇପାସ୍ ନିକଟରେ ଦୁର୍ଘଟଣା । କଣ୍ଟେନରକୁ ପଛ ପଟୁ ଧକ୍କା ଦେଇଥିଲା କଣ୍ଟେନର । ଗାଡି ଭିତରେ ଚାପି ହୋଇଥିଲେ ଡ୍ରାଇଭର । ଦୁଇ ଘଣ୍ଟା ପରେ ଉଦ୍ଧାର କଲା ଅଗ୍ନିଶମ ବାହିନୀ । ଗ୍ୟାସ କଟରରେ କାଟି ଡ୍ରାଇଭରଙ୍କୁ ଉଦ୍ଧାର କରାଯାଇଛି । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, କ୍ୟାବିନ ଭିତରେ ଡ୍ରାଇଭର ଚାପି ହୋଇ ରହିଯାଇଥିଲେ। ଜଳେଶ୍ୱର ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗ୍ୟାସ କଟର ଦ୍ୱାରା କାଟି ଡ୍ରାଇଭରକୁ ଉଦ୍ଧାର କରିଥିଲେ। ଘନ କୁହୁଡ଼ି ଯୋଗୁଁ ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି। ଜଳେଶ୍ୱର ପୋଲିସ ଗାଡି ଦୁଇଟି ଜବତ କରି ଘଟଣାର ତଦନ୍ତ କରୁଛି ।



## ଯୁଗ୍ମ ଅଭିଯୋଗ ଶୁଣାଣୀ: ୭୬ ଅଭିଯୋଗ ଦାଖଲ

**ରାୟଗଡା,୩।୨(ସଂଚାର ବ୍ୟୁରୋ):** ଆଜି ରାୟଗଡା ଜିଲ୍ଲା ପ୍ରଶାସନ ତରଫରୁ ରାୟଗଡ ଜିଲ୍ଲା ସଦର ମହକୁମାସ୍ଥିତ ଜିଲ୍ଲାପରିଷଦ ସଦଭାବନା ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପାଟାୱରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣି ଶିବିରରେ,ଆରୋକ୍ଷୀ ଅଧିକ୍ଷକ ସୁଶ୍ରୀ ସ୍ୱାତୀ ଏସ କୁମାର,ପ୍ରକଳ୍ପ ପ୍ରଶାସକ ସମ୍ପନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ରାୟଗଡ, ଶ୍ରୀ ଚନ୍ଦ୍ର କାନ୍ତ ମାଝୀ, ଗ୍ରାମୀୟ ଜଳାଯୋଗାଣ ସଂସ୍ଥାର ନିର୍ବାହୀ ଯନ୍ତ୍ରୀ ଇଂ ଗୋପାଳ ନାୟକ, ବିଡିଓ ରାୟଗଡ, ଶ୍ରୀ ସୁଜିତ କୁମାରୀ ମିଶ୍ର, ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ । ଆଜି ମୋଟ ୭୬ଟି ଅଭିଯୋଗ ଆସିଥିଲା ସେଥି ମଧ୍ୟରୁ ୬୫ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୧୧ଗୋଟି ଗ୍ରାମ ବାସୀ ମାନଙ୍କର ସାମୂହିକ ଅଭିଯୋଗ ଥିଲା । ଜିଲ୍ଲାପାଳ ୧୦ଜଣଙ୍କୁ ଚିକିତ୍ସା ସେବା ପାଇଁ ୮୨ ହଜାର ଟଙ୍କା ମୁଖ୍ୟମନ୍ତ୍ରୀ ସହାୟତା କୋଷରୁ ପ୍ରଦାନ କରିଥିଲେ। ଏହି ଅଭିଯୋଗ ଶିବିରରେ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ଃ ବସନ୍ତ ନାୟକ,ନୂତନ ଭାବେ ଯୋଗଦାନ କରିଥିବା ଜିଲ୍ଲା ଶିକ୍ଷା ଅଧିକାରୀ, ରାମ ନାହାକ, ତହସିଲଦାର ରାୟଗଡ,ପ୍ରିୟଦର୍ଶନୀ ସ୍ୱାଇଁ,ଜିଲ୍ଲା ମଙ୍ଗଳ ଅଧିକାରୀ,ମଳୟ ଚିନାରୀ,ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଦୟାନିଧି ରାଉତ ନିର୍ବାହୀ ଯନ୍ତ୍ରୀ ରାସ୍ତା ଓ କୋଠାବାଡି, ନିର୍ବାହୀ ଯନ୍ତ୍ରୀ ଗ୍ରାମ୍ୟ ଉନ୍ନୟନ, ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଜଳଯୋଗାଣ,ଶ୍ରୀ ଗୋପାଳ ନାୟକ,ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ମିନତୀ ଦେଓ,ଜିଲ୍ଲା ଜରୁରୀକାଳୀନ ଅଧିକାରୀ, ଚିନ୍ମୟ ମହାନନ୍ଦ,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରାୟଗଡ ଶ୍ରୀମତୀ ପୁଷ୍ପାଞ୍ଜଳି ଦୀକ୍ଷିତ, ସହକାରୀ ଜିଲ୍ଲାପାଳ ସସ୍ମିତା ପଟ୍ଟନାୟକ, ଆଞ୍ଚଳିକ ପରିବହନ ଅଧିକାରୀ ଶିବଶଙ୍କର ଚୌଧୁରୀ, ଜିଲ୍ଲାକ୍ରୀଡା ଅଧିକାରୀ,ଶେଖ ଅଲେନୁର,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ,ସୁଶ୍ରୀ ବିଚିତ୍ରା ସେଠୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ,ଶ୍ରୀକାନ୍ତ ପାଣିଗ୍ରାହୀ, ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ

## ମରଣଯନ୍ତା ପାଲଟିଛି ମୁଖ୍ୟ ରାସ୍ତା, ବନ୍ଦ ପାଳନ

**ସୁବର୍ଣ୍ଣପୁର,୩।୨(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବିନିକା ସହରର ରାସ୍ତା ପାଇଁ ବିନିକା ବନ୍ଦ । ରାସ୍ତା ଅବସ୍ଥା ନ କହିଲେ ଭଲ ରାସ୍ତା ପାଇଁ ଘଟୁଛି ଦୁର୍ଘଟଣା ବିଭିନ୍ନ ସମୟ ରୋ ବାରମ୍ବାର ଦାବି ସତ୍ୱେ ଶୁଣୁନାହିଁ ପ୍ରଶାସନ। ମୁଖ୍ୟ ରାସ୍ତା ବର୍ତ୍ତମାନ ପାଲଟିଛି ମରଣ ଯନ୍ତା । ଏହାର ପ୍ରତିବାଦ ରେ ଆଜି ଆଠ ଘଣ୍ଟିଆ ବିନିକା ସହର ବନ୍ଦ ଡାକରା ଦିଆଯାଇଛି। ସଚେତନ ନାଗରିକ ମଞ୍ଚ ପକ୍ଷରୁ ଆଠ ଘଣ୍ଟିଆ ବିନିକା ବନ୍ଦ ପାଳନ କରାଯାଉଛି। ସକାଳ ୬ ଟା ରୁ ଅପରାହ୍ନ ୨ ଟା ପର୍ଯ୍ୟନ୍ତ ଏହି ବନ୍ଦ ପାଳନ କରାଯାଉଛି । ସ୍କୁଲ, କଲେଜ, ସରକାରୀ କାର୍ଯ୍ୟାଳୟ, ଡାକଘର, ବ୍ୟାଙ୍କ ସମେତ ବ୍ୟବସାୟିକ ଅନୁଷ୍ଠାନ ବନ୍ଦ ରହିଛି । ଗାଡିମୋଟର ବନ୍ଦ ରହିଥିବା ଯୋଗୁଁ ବିନିକା ସୋନପୁର ଓ ବିନିକା ରାମପୁର ମୁଖ୍ୟ ରାସ୍ତା ରେ ଶହ ଶହ ଗାଡିମୋଟର ଅଟକି ରହିଛି। କେବଳ ଜରୁରୀ ସେବାକୁ ଏହି ବନ୍ଦ ଡାକରା ରୁ ବାଦ ଦିଆଯାଇଛି । ଶାନ୍ତି ଶୃଙ୍ଖଳା ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି । ବିନିକା ସହର ର ମୁଖ୍ୟ ଛକ ରେ ଆନ୍ଦୋଳନକାରୀ ମାନେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି ।



# ଖଣି ଖନନକୁ ବିରୋଧ, ବିସ୍ଥାପିତଙ୍କୁ କ୍ଷତିପୂରଣ ଦାବିରେ ଧାରଣା ଜାରି

### ଅନୁଧ୍ୟାନ ପାଇଁ ଘଟଣାସ୍ଥଳ ପହଞ୍ଚିଲେ ଜିଲ୍ଲା ପ୍ରଶାସନର

**କଳାହାଣ୍ଡି, ୩।୨(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକର ସୂର୍ଯ୍ୟଗଡ଼, କନରଫାସ ଓ ଦୂରମୂଷି ଆଦି ଅଞ୍ଚଳରେ ଗତ ସପ୍ତାହ ଧରି ଏକ କମ୍ପାନୀ ପକ୍ଷରୁ ବ୍ଲାଷ୍ଟିଙ୍ଗ କରି ଖଣି ଖନନ କରାଯାଉଥିଲା। ଯାହାକୁ ବିରୋଧ କରିଛନ୍ତି ସ୍ଥାନୀୟ ଜନସାଧାରଣ ଓ ଜନପ୍ରତିନିଧି। ବିସ୍ଥାପିତ ଲୋକଙ୍କୁ ପ୍ରଥମେ କମ୍ପାନୀ କ୍ଷତିପୂରଣ ଦେଉ ବୋଲି ଦାବିକରି ଗତ ୩ ଦିନ ହେଲା ସ୍ଥାନୀୟ ଲୋକେ ଏହି ଖଣି ଖନନକୁ ବନ୍ଦ କରିବା ସହ ପ୍ରତିବାଦ କରିଛନ୍ତି। ଫଳରେ ଅନୁଧ୍ୟାନ ପାଇଁ ଶନିବାର ଘଟଣାସ୍ଥଳକୁ ଜିଲା ପ୍ରଶାସନ ପକ୍ଷରୁ ଭବାନୀପାଟଣା ଉପଜିଲାପାଳ ପ୍ରଭାତ ପରିଡା, ଥୁଆମୂଳ ରାମପୁର ତହସିଲଦାର ନିରୋଜ କୁମାର ଭଦ୍ରା ପ୍ରମୁଖ ଘଟଣାସ୍ଥଳକୁ ଯାଇ ବିସ୍ଥାପିତ ଲୋକଙ୍କୁ ବୁଝାସୁଝା କରିଥିଲେ। କମ୍ପାନୀ ପ୍ରତିଶ୍ରୁତି ଦେଇଥିବା କ୍ଷତି ପୂରଣ ପ୍ରଦାନ କରା ନ ଗଲା ଯାଏ ଏହି ଆନ୍ଦୋଳନ ଚାଲିବ ବୋଲି ବିସ୍ଥାପିତମାନେ ପ୍ରକାଶ କରିଥିଲେ। ଫଳରେ ଅଧିକାରୀମାନେ ଘଟଣାସ୍ଥଳରୁ ନିରାଶ ହୋଇ ଫେରିଥିଲେ। ପ୍ରକାଶ ଯେ, ଖଣି ଖନନ ପୂର୍ବରୁ କମ୍ପାନୀ ପକ୍ଷରୁ ଲୋକଙ୍କୁ କ୍ଷତିପୂରଣ ଦିଆ ଯିବା ନେଇ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଲୋକଙ୍କୁ କ୍ଷତି ପୂରଣ ଏଯାଏ ମିଳି ନ ଥିବା ବେଳେ ହାଇକୋର୍ଟ ନିର୍ଦ୍ଦେଶକୁ ମଧ୍ୟ କମ୍ପାନୀ ବେଖାତିର କରିଛି। କମ୍ପାନୀ ସହିତ ଖଣି ଖନନ ପାଇଁ ରାୟଗଡ଼ା ଜିଲାପାଳ, ଓଡ଼ିଶା ଖଣି ନିଗମର ବୁଝାମଣା ଚୁକ୍ତିପତ୍ର ସ୍ୱାକ୍ଷର ହୋଇଛି। କଳାହାଣ୍ଡି ଜିଲାର ୩ଟି ଗାଁରେ ଖଣି ଖନନ ଚୁକ୍ତିପତ୍ରରେ କଳାହାଣ୍ଡି ପରିବର୍ତ୍ତେ ରାୟଗଡ଼ା ଜିଲାପାଳ ଖଣିଖନନ ପାଇଁ ଅନୁମତି ଦେବା ଘଟଣା ତଦନ୍ତ ସାପେକ୍ଷ। କଳାହାଣ୍ଡି ଓ ରାୟଗଡ଼ା ଜିଲାସ୍ଥିତ ବଫଳାମାଳି ବକ୍ସାଇଟ ବ୍ଲକ ଖନନ ନିମନ୍ତେ ରାଜ୍ୟ ସରକାର ୧୯୯୭ ମସିହା ଜୁନ ୧୦ରେ ଓଡ଼ିଶା ଖଣି ନିଗମ ଲିମିଟେଡକୁ ଖଣି ପଟ୍ଟା ପ୍ରଦାନ କରିଥିଲେ। ୧୯୯୮ ମସିହା ଜଙ୍ଗଲ ଜମିପଟ୍ଟା ଫେବୃଆରି ୧୭ରେ ଏହି ଖଣି ପଟ୍ଟା ରେଜିଷ୍ଟ୍ରେସନ ସମ୍ପାଦିତ ହୋଇଥିଲା। ଏଥିରେ ୧୦୦% ରପ୍ତାନିଭିତ୍ତିକ ଶିଳ୍ପ ପ୍ରତିଷ୍ଠା ସର୍ତ୍ତେ ଅନୁଯାୟୀ ୨୦୦୦ ମସିହା ଜୁନ ୨୬ରେ କମ୍ପାନୀକୁ ଖଣିପଟ୍ଟା ହସ୍ତାନ୍ତର କରିଥିଲେ। ଏହି ରେଜିଷ୍ଟ୍ରେସନରେ ରାୟଗଡ଼ା ଜିଲାପାଳ, ଉତ୍କଳ ଆଲୁମିନା କମ୍ପାନୀ ଓ ଓଡ଼ିଶା ଖଣି ନିଗମ ମଧ୍ୟରେ ସ୍ୱାକ୍ଷର ହୋଇଥିଲା। କିନ୍ତୁ କଳାହାଣ୍ଡି ଜିଲାର ଥୁଆମୂଳ ରାମପୁର ବ୍ଲକର ସୂର୍ଯ୍ୟଗଡ଼, କନାରପାସ ଓ ଦୂର୍ମୁଷି ଅଞ୍ଚଳରେ ଖଣି ଖନନ ହେଉଥିବାବେଳେ କଳାହାଣ୍ଡି ଜିଲାପାଳଙ୍କୁ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରାଯାଇ ନ ଥିଲା। ସମସ୍ତ ଏଗ୍ରିମେଣ୍ଟ ଶେଷ ହେବା ପରେ କେବଳ ଖଣି ଖନନ ନିମନ୍ତେ କଳାହାଣ୍ଡି ଜିଲାପାଳ ୨୦୦୪ ଅକ୍ଟୋବର ୫ରେ ସରଫେସ ରାଇଟ ପ୍ରଦାନ କରିଥିଲେ। ରାୟଗଡ଼ା ଜିଲାର ଖଣି ଖନନ ନେଇ ବିସ୍ଥାପିତ ହୋଇଥିବା ଲୋକେ କ୍ଷତିପୂରଣ ପାଇ ସାରିଛନ୍ତି। କିନ୍ତୁ କଳାହାଣ୍ଡି ଜିଲାର କନାରପାସ, ସୂର୍ଯ୍ୟଗଡ଼ ଓ ଦୂର୍ମୁଷି ଗ୍ରାମର ଲୋକେ କ୍ଷତିପୂରଣ ପାଇନାହାନ୍ତି ଓ ବର୍ଷବର୍ଷ ଧରି ଖଣି ଖନନ କରି ବିସ୍ଥାପିତ ହୋଇଥିବା ଲୋକଙ୍କୁ ରାୟଗଡ଼ା ଜିଲାପାଳ ନା' କଳାହାଣ୍ଡି ଜିଲାପାଳଙ୍କ ଜରିଆରେ କ୍ଷତିପୂରଣ ପ୍ରଦାନ କରାଯିବ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇପାରୁ ନାହିଁ ।



## ତରଭା ପୁଲିସକୁ ସଫଳତା: ୩ ଡକାୟତ ଗିରଫ




**ସୁବର୍ଣ୍ଣପୁର,୩।୨(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଓ ବଲାଙ୍ଗୀର ଜିଲ୍ଲା ସୀମାନ୍ତ ଏବଂ ମେଣ୍ଡା ଆଉଟ ପୋଷ୍ଟ ଅଞ୍ଚଳରେ ଡକାୟତ ମାନଙ୍କର ଉତ୍ପାତ ଓ ଲୁଟ ତରାଜ ନେଇ ଅଞ୍ଚଳ ବାସୀ କିଛିଦିନ ହେଲା ବେଶ ଭୟଭୀତ ଥିଲେ। ଏବେ ମେଣ୍ଡା ପୋଲିସ ଡକାୟତ ଦଳକୁ ଧରିବାରେ ସଫଳ ହେବା ପରେ ଏ ନେଇ ସ୍ଥାନୀୟ ଅଞ୍ଚଳରେ ପୋଲିସର ଦକ୍ଷତା ବୃଦ୍ଧି ପାଇବା ସହ ଜନସାଧାରଣରେ ପୋଲିସ ପ୍ରଶଂସା ର ପାତ୍ର ହୋଇଛି। ଏହି ଡକାୟତି ଅଭିଯୋଗରେ ପୋଲିସ ୩ ଡକାୟତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ଆଜି ତରଭା ଥାନା ଆଇଆଇସି ଅନିତା କିଡୋ ଏକ ସାମ୍ବାଦିକ ସମିଳନୀ ରେ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ ଗତ ୩୧ ତାରିଖ ରାତି ପ୍ରାୟ ୮.୩୦ ସମୟରେ କେକଟପାଲି ପ୍ରାଥମିକ ବିଦ୍ୟାଳୟ ପାଖରେ ୩ ଜଣ ଡକାୟତ ଭୁଜାଲି ଦେଖାଇ ହତ୍ୟା ଧକମ ଦେଇ ୨୦ ହଜାର ଟଙ୍କା ଏବଂ ଭିଭୋ-୧୯୨୦ ମୋବାଇଲ ଲୁଟି ନେଇଥିବା ପୃଥ୍ୱୀରାଜ ସୁନା ମେଣ୍ଡା ଆଉଟ ପୋଷ୍ଟରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ କୁ ଭିତ୍ତି କରି ତରଭା ଥାନା ଆଇଆଇସି ଅନିତା କିଡୋଙ୍କ ନିର୍ଦ୍ଦେଶ ମତେ ମେଣ୍ଡା ଆଉଟ ପୋଷ୍ଟର ଏସଆଇ ରବୀନ୍ଦ୍ର ସାହୁ ଓ ତାଙ୍କ ଦଳ ଉକ୍ତ ଅଞ୍ଚଳରେ ଚଢ଼ାଉ ଜାରି ରଖିବା ସହ ଡକାୟତି ଅଭିଯୋଗରେ ଅଭିଯୁକ୍ତ ସୁବର୍ଣ୍ଣପୁର ଜିଲ୍ଲା ତରଭା ଥାନା ପୁଆ ପଞ୍ଚାୟତ ଅନ୍ତର୍ଗତ ଟକର୍ଲା ଗ୍ରାମର ଜିତେନ୍ ବିଶି (୨୧) ନେପାଳ କୁଦେଇ(୩୦) ଏବଂ ବଲାଙ୍ଗୀର ଜିଲ୍ଲା ପୁଇଁତଲା ଥାନା ଅନ୍ତର୍ଗତ ଗଣ୍ଡକ୍ଷବାହାଲ ଗ୍ରାମର ବିନୋଦ ମେସୁଆ (୨୯) କୁ ଗିରଫ କରିବା ସହ ଅଭିଯୁକ୍ତଙ୍କ ଠାରୁ ମୋବାଇଲ, ନଗଦ ୬୪୦୦ ଟଙ୍କା, ମଟର ସାଇକେଲ ଓଡି- ୩୧ଇ ୭୭୦୫ ଓ ଗୋଟିଏ ଭୁଜାଲି ଜବତ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ସୂଚନା ଦେଇଛନ୍ତି।